# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, May 9/2023 | Page 16 | ₹ 7.00

୪୯ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 163 | ମୂଲ୍ୟ ₹୭/-




**ଦୀପଗ୍ରେସ୍ ଉପଅଧିନାୟିକା**

ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ପାଇଁ ଓଡ଼ିଶା ଡିଫେଣ୍ଡର ଦୀପଗ୍ରେସ୍ ଏକ୍କା ଉପଅଧିନାୟିକା ମନୋନୀତ ହୋଇଛନ୍ତି।

୧୪

୧୩

**ଶେହନାଜଙ୍କ ସହ ଡେଟିଂ ଗୁଜବ**

ବିଗ୍‌ବସ୍ ଫେମ୍ ତଥା ଅଭିନେତ୍ରୀ ଶେହନାଜ ଗିଲ୍‌ଙ୍କ ସହ ଡେଟିଂ ଖବର ଗୁଜବ ନେଇ ଅଭିନେତା ତଥା ଡ୍ୟାନ୍ସର ରାଘବ ଜୁଏଲ ଏକ ସାକ୍ଷାତ୍କାରରେ କହିଛନ୍ତି।





ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଚାଲିଥିବା ୧୫ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ସୋମବାର ୫ମ ରଜନୀରେ ଭୁବନେଶ୍ୱରର ପଞ୍ଚମ ବେଦ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଚାଖି ଖୁଣ୍ଟିଆ'ର ଏକ ଦୃଶ୍ୟ। (ଫଟୋ: ସମୀର)

# ଚିଲିକାକୁ ଉଜାଡୁଛି ଚିଙ୍ଗୁଡ଼ି ଲୋଭ

**ମୁଷ୍ଟିମେୟ ଲୋକଙ୍କ ଚିଙ୍ଗୁଡ଼ି ବ୍ୟବସାୟ ସ୍ୱାର୍ଥ ଏସିଆ ମହାଦେଶର ସର୍ବବୃହତ୍ ଲୁଣି ହ୍ରଦ ଚିଲିକାର ଜୈବବିବିଧତାକୁ ନଷ୍ଟ କରିବାରେ ଲାଗିଛି। ବେଆଇନ ଚିଙ୍ଗୁଡ଼ି ଘେରି ପକ୍ଷୀଙ୍କ ଜୀବନ ନେଉଛି। ଆର୍ଦ୍ରଭୂମିର ସୁରକ୍ଷା, ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ, ଜବରଦଖଲ ରୋକିବା ପାଇଁ ଓଡ଼ିଶା ହାଇକୋର୍ଟ ୨୦୨୨ ଅକ୍ଟୋବରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ଅଦ୍ୟାବଧି ଚିଲିକାକୁ ସୁରକ୍ଷା ଦେଇପାରି ନାହିଁ। ଏପରି କି ଡ୍ରୋନ୍ ସର୍ଭେ ଲାଗି ଦେଇଥିବା ନିର୍ଦ୍ଦେଶ ମଧ୍ୟ ପାଳନ ହେଉନାହିଁ।**



ପ୍ରଭାତ ପାଣିଗ୍ରାହୀ

ଖୋର୍ଦ୍ଧା ଅଫିସ୍, ୮।୫

ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ସମାଗମ ସାଙ୍ଗକୁ ଚିଲିକାର ନୈସର୍ଗିକ ପରିବେଶ ପର୍ଯ୍ୟଟକଙ୍କୁ ବିଭୋର କରିଥାଏ। ହେଲେ ଜବରଦଖଲ ଏବଂ ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁ ଏଠାକାର ଜୈବବିବିଧତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ୨୦୨୨ ଅକ୍ଟୋବରରେ ଚିଲିକା ଓ ଭିତରକନିକା ଆର୍ଦ୍ରଭୂମିର ପରିବେଶ ସଂରକ୍ଷଣ ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଚିଲିକା ଏବଂ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରି ମୁକ୍ତ ଲାଗି ଆକାଶମାର୍ଗରୁ ଯାଞ୍ଚ ଓ ତଦାରଖ ପାଇଁ ଡ୍ରୋନ୍ ଟେକ୍ନୋଲୋଜିକୁ ଆପଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଗଞ୍ଜାମ ଜିଲାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡ୍ରୋନ୍ ସର୍ଭେଲାନ୍ସ ଦ୍ୱାରା ଚିଙ୍ଗୁଡ଼ି ଘେରି ସହ ଜଡ଼ିତ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ଡ୍ରୋନ୍ ନିରୀକ୍ଷଣ ପାଇଁ ଅଧିକ ଖର୍ଚ୍ଚ ହେବାକୁ ଥିବାରୁ ଏଥିନିମନ୍ତେ ଅଧିକ ପାଣ୍ଠି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇବେ ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା ସେତେବେଳେ କହିଥିଲେ। ମତ୍ସ୍ୟଜୀବୀଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ସୁକାନ୍ତ ଦଳେଇ ଚିଲିକାରେ ଚାଲିଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉପରେ ଏକ ଭିଡିଓ କ୍ଲିପ୍ ହାଇକୋର୍ଟଙ୍କୁ ଦେଖାଇଥିଲେ। କୃଷ୍ଣପ୍ରସାଦ ତହସିଲ ଅଧୀନରେ ଥିବା ୨ ହଜାର ଏକରରୁ ଅଧିକ ଅଞ୍ଚଳରେ କିପରି ଭାବେ ବେଆଇନ ଘେରି ପୁନର୍ବାର ଗଢ଼ିଉଠିଛି ଏବଂ ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ନେଇ ଅବଗତ କରାଇଥିଲେ। ଏପରି କି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ☞ପୃଷ୍ଠା-୪

# ୧୦ରେ ବାତ୍ୟା ରୂପ ନେବ ଅବପାତ

- 'ମୋଚା'ର ବେଗ ଘଣ୍ଟା ପ୍ରତି ୨୦୦ କି.ମି. ହୋଇପାରେ
- ତାମିଲନାଡୁ, ଆନ୍ଧ୍ର ଉପକୂଳମୁହାଁ ହୋଇପାରେ
- ୧୪ ସକାଳେ ସ୍ଥଳଭାଗ ଛୁଇଁବା ସମ୍ଭାବନା

ଭୁବନେଶ୍ୱର,୮।୫(ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ସୋମବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ମଙ୍ଗଳବାର ଏହା ଆହୁରି ଅଧିକ ଘନୀଭୂତ ହୋଇ ଡିପ୍ରେସନ(ଅବପାତ)ରେ ପରିଣତ ହେବ। ୧୦ ତାରିଖ ସୁଦ୍ଧା ଏହା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ୧୧ ତାରିଖରେ ବାତ୍ୟା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।

ବାତ୍ୟା 'ମୋଚା' ୧୨ ତାରିଖ ପରେ ଉଗ୍ର ରୂପ ଧାରଣ କରିବ। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଜଳଭାଗର ତାପମାତ୍ରା ୩୨ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ପାଣି ଗରମ ରହୁଥିବାରୁ ସାମୁଦ୍ରିକ ଝଡ଼ ଅଧିକ ଶକ୍ତିଶାଳୀ ହେବା ଆଶଙ୍କା ରହିଛି। ଏପରିକି ସ୍ଥଳଭାଗମୁହାଁ ହେଲା ବେଳକୁ ଏହାର ବେଗ ଘଣ୍ଟା ପ୍ରତି ୨୦୦ କି.ମି.କୁ ଟପିଯିବା ନେଇ ଆକଳନ କରାଯାଉଛି। ଲଘୁଚାପ ଉତ୍ତର ଦିଗ ଦେଇ ଗତି କରୁଥିବାବେଳେ ୧୨ ତାରିଖରେ ବାତ୍ୟାର ଗତିପଥ ପରିବର୍ତ୍ତନ ହୋଇ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରିପାରେ। ସେତେବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ଟପି ଯିବା ନେଇ ପୂର୍ବାନୁମାନ କରାଯାଇଛି। ବାତ୍ୟା ଯଦି ଏହି ଦିଗରେ ଗତି କରେ, ତେବେ ଏହା ତାମିଲନାଡୁ ଏବଂ ଆନ୍ଧ୍ର ଉପକୂଳମୁହାଁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ବାତ୍ୟା ଆନ୍ଧ୍ର କିମ୍ବା ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ବାତ୍ୟା କେଉଁଠୁ ଗତିପଥ ବଦଳାଇବ, ତାହା ଉପରେ ରହିଛି ନଜର। ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ହୋଇଯିବ। ବାତ୍ୟା ଭୟଙ୍କର ରୂପ ଧାରଣ କରି ୧୩ ତାରିଖ ରାତି କିମ୍ବା ୧୪ ତାରିଖ ☞ପୃଷ୍ଠା-୪

# ଶ୍ରୀମନ୍ଦିର ମାମଲା ବନ୍ଦ କଲେ ସୁପ୍ରିମ୍‌କୋର୍ଟ

**ଆବେଦନକାରୀ ଚାହିଁଲେ ହାଇକୋର୍ଟ ଯାଇପାରିବେ**



ନୂଆଦିଲ୍ଲୀ, ୮।୫

ପାଖାପାଖି ୫ ବର୍ଷ ଓ ୨୬ଟି ସିଟିଂ ପରେ ସୁପ୍ରିମକୋର୍ଟ ସୋମବାର ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତ ମାମଲାକୁ ବନ୍ଦ କରି ଦେଇଛନ୍ତି। ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ କରାଯାଇଥିଲା। ସେଥିରେ ଦ୍ୱାଦଶ ଶତାବ୍ଦୀର ଏହି ଧର୍ମପୀଠର ଉତ୍ତମ ପରିଚାଳନା ଲାଗି ନିର୍ଦ୍ଦେଶ ଦେବା ସକାଶେ ଆବେଦନକାରୀ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ।

ନଭେମ୍ବର ୨୦୧୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ରାୟ ଆଧାରରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସତ୍ୟପାଠ ଏବଂ ମୃଣାଳିନୀ ପାଢ଼ୀଙ୍କ ତରଫରୁ କରାଯାଇଥିବା ପିଆଇଏଲ୍ ଓ ଅନ୍ୟମାନଙ୍କ ପକ୍ଷରୁ ଦିଆଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ଏମ. ଆର୍. ଶାହା ଓ ବିଚାରପତି ସି.ଟି. ରବିକୁମାର ଶ୍ରୀମନ୍ଦିର ସଂକ୍ରାନ୍ତ ମାମଲାକୁ ବନ୍ଦ କରିଦେଇଛନ୍ତି। ସୁପ୍ରିମକୋର୍ଟ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଯଦି କେହି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ଅନୁପାଳନ କରାଯାଇ ନାହିଁ ବୋଲି ଭାବୁଥାଆନ୍ତି, ତେବେ ସେ ଏ ସମ୍ବନ୍ଧରେ ଓଡ଼ିଶା ହାଇକୋର୍ଟରେ ☞ପୃଷ୍ଠା-୪

**ଘଟଣାକ୍ରମ**

- ୭ ଜୁନ୍, ୨୦୧୮: ସୁପ୍ରିମ୍‌କୋର୍ଟରେ ମୃଣାଳିନୀ ପାଢ଼ୀଙ୍କ ଆବେଦନ
- ୮ ଜୁନ୍, ୨୦୧୮: ସୁପ୍ରିମ୍‌କୋର୍ଟଙ୍କ ପ୍ରଥମ ଅନ୍ତରୀଣ ନିର୍ଦ୍ଦେଶରେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ଏକ ରିପୋର୍ଟ ଦେବା ଲାଗି ପୁରୀ ଜିଲା ଜଜ୍‌ଙ୍କୁ କହିଥିଲେ। ଏଥିସହିତ ସର୍ବୋଚ୍ଚ ନ୍ୟାୟାଳୟ ସିନିୟର ଆଡ୍‌ଭୋକେଟ୍ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ କୋର୍ଟ କାର୍ଯ୍ୟରେ ସହାୟତା କରିବା ଲାଗି ଆମିକସ କ୍ୟୁରି ନିଯୁକ୍ତ କରିଥିଲେ।
- ୨୬ ଜୁନ୍, ୨୦୧୮: ପୁରୀ ଜିଲା ଜଜ୍ ମନ୍ଦିରରେ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ ପ୍ରସ୍ତାବ ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିଥିଲେ।
- ୫ ଜୁଲାଇ, ୨୦୧୮: ସୁପ୍ରିମ୍‌କୋର୍ଟ ପୁରୀ ଜିଲା ଜଜ୍‌ଙ୍କ ରିପୋର୍ଟକୁ ରେକର୍ଡ କରିବା ସହ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ଲାଗି ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।
- ୩୦ ନଭେମ୍ବର, ୨୦୧୮: ସିନିୟର ଆଡ୍‌ଭୋକେଟ୍ ଗୋପାଳ ସୁବ୍ରମଣ୍ୟମ୍ ତାଙ୍କ ଦାୟିତ୍ୱରୁ ଓହରି ଯାଇଥିଲେ।
- ୯ ଜାନୁୟାରୀ, ୨୦୧୯: ସୁପ୍ରିମ୍‌କୋର୍ଟ ସିନିୟର ଆଡ୍‌ଭୋକେଟ୍ ରଣଜିତ୍ କୁମାରଙ୍କୁ ଆମିକସ କ୍ୟୁରି ଓ ତାଙ୍କୁ ସହାୟତା କରିବା ଲାଗି ପ୍ରିୟା ହିଙ୍ଗୋରାନୀଙ୍କୁ ନିଯୁକ୍ତ କରିଥିଲେ।
- ଫେବୃୟାରୀ, ୨୦୧୯: ରଣଜିତ୍ କୁମାର ଓ ପ୍ରିୟା ହିଙ୍ଗୋରାନୀ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ।
- ମାର୍ଚ୍ଚ,୨୦୧୯: ରଣଜିତ୍ କୁମାର ନିରୀକ୍ଷଣ ରିପୋର୍ଟ ପ୍ରଦାନ କରିଥିଲେ।
- ୪ ନଭେମ୍ବର, ୨୦୧୯: ସୁପ୍ରିମ୍‌କୋର୍ଟ ଏହି ମାମଲାରେ ରାୟ ଦେଇଥିଲେ।

ଏପ୍ରିଲ, ୨୦୨୩: ମନ୍ଦିର ପରିଚାଳନା କମିଟି ଓ ରାଜ୍ୟ ସରକାର କାର୍ଯ୍ୟାନ୍ୱୟନ ରିପୋର୍ଟ ପ୍ରଦାନ କରିଥିଲେ।

- ୮ ମେ, ୨୦୨୩: ଶ୍ରୀମନ୍ଦିର ସଂକ୍ରାନ୍ତ ମାମଲାର ଅନ୍ତ ଘଟାଇଲେ ସୁପ୍ରିମ୍‌କୋର୍ଟ।

# ଝାରସୁଗୁଡ଼ା ଉପନିର୍ବାଚନ ପ୍ରଚାର ସରିଲା

**ସବୁ ବୁଥ୍‌ରେ ହେବ ୱେବ୍‌କାଷ୍ଟିଂ**

ଭୁବନେଶ୍ୱର,୮।୫(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୧୦ ତାରିଖ ସକାଳ ୭ଟାରୁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ମୋଟ୍ ୨୫୩ ବୁଥ୍‌ରେ ୨ ଲକ୍ଷ ୨୧ ହଜାର ୭୧୯ଜଣ ଭୋଟର ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସୋମବାର ସନ୍ଧ୍ୟା ୬ଟାରୁ ୧୦ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ 'ଡ୍ରାଏ ଡେ' ଘୋଷଣା କରାଯିବା ସହ ନିର୍ବାଚନମଣ୍ଡଳୀର ବିଭିନ୍ନ ଗେଷ୍ଟ ହାଉସ୍, ହୋଟେଲ, କମ୍ୟୁନିଟି ହଲ୍ ଆଦିରେ ଚେକିଂ ଜୋରଦାର କରାଯାଉଛି।

ରାଜ୍ୟମୁଖ୍ୟନିର୍ବାଚନଅଧିକାରୀ(ସିଇଓ)ନିକୁଞ୍ଜବିହାରୀ ଧଳ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନର ଭୋଟ ଗ୍ରହଣ ନିମନ୍ତେ ସମସ୍ତ ପ୍ରସ୍ତୁତି ☞ପୃଷ୍ଠା-୪






# ଘର ଉପରେ ଖସିଲା ମିଗ୍-୨୧ ବିମାନ: ୩ ମୃତ

ଜୟପୁର, ୮।୫: ରାଜସ୍ଥାନର ହନୁମାନଗଡ଼ର ରାଟି ରାମଙ୍କ ଘର ଉପରେ ସୋମବାର ବାୟୁସେନାର ମିଗ୍-୨୧ ଯୁଦ୍ଧ ବିମାନ ଖସିପଡ଼ିଛି। ଦୁର୍ଘଟଣାରେ ରାଟି ରାମଙ୍କ ସ୍ତ୍ରୀଙ୍କ ସମେତ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ୩ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବିମାନଟି ରୋଟିନ୍ ଏକ୍ସରସାଇଜ୍ ପାଇଁ ଶରତଗଡ଼ ଏୟାରବେସ୍‌ରୁ ଟେକ୍‌ଅଫ୍ କରିଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନ ଖସିପଡ଼ିଥିବା ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ଏକ ହେଲିକପ୍ଟର ସହଯୋଗରେ ଆହତ ପାଇଲଟଙ୍କୁ ସକୌଶଳେ ଦୁର୍ଘଟଣାଗ୍ରସ୍ତ ଯୁଦ୍ଧ ବିମାନରୁ ଉଦ୍ଧାର କରାଯାଇଛି। ଘଟଣାର ଯାଞ୍ଚ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

# ୧୧ ବର୍ଷରେ ଦୁଇ ଇଞ୍ଜିନିୟରିଂ ଡିଗ୍ରୀ

## ଆଇନ୍‌ଷ୍ଟାଇନ୍‌ଙ୍କଠାରୁ ଆଧାରାଙ୍କ ଆଇକ୍ୟୁ ଅଧିକ

ମେକ୍ସିକୋ ସିଟି, ୮।୫

ଅଦମ୍ୟ ଇଚ୍ଛାଶକ୍ତି ବଳରେ ସବୁ ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ମେକ୍ସିକୋର ୧୧ ବର୍ଷୀୟା ଆଧାରା ପେରେଜ୍ ସାନ୍‌ଚେଜ୍। ଅଟିଷ୍ଟିକ୍ ହେବା ସତ୍ତ୍ୱେ ଆଧାରା ଖୁବ୍ ଜ୍ଞାନୀ। ତାଙ୍କ ଆଇକ୍ୟୁ (ଇଣ୍ଟେଲିଜେନ୍ସ କୋସେଣ୍ଟ) ୧୬୨ ରହିଛି। ପ୍ରକାଶିତ ରିପୋର୍ଟ ଅନୁସାରେ, ଆଧାରାଙ୍କ ଆଇକ୍ୟୁ ନୋବେଲ ପୁରସ୍କାର ବିଜେତା ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କଠାରୁ ମଧ୍ୟ ଅଧିକ। ମେକ୍ସିକୋର ସିଏନ୍‌ସିଆଇ ୟୁନିଭର୍ସିଟିରେ ସିଷ୍ଟମ ଇଞ୍ଜିନିୟରିଂରେ ଆଧାରା ସ୍ନାତକ ହାସଲ କରିଛନ୍ତି। ଏହାଛଡ଼ା ଟେକ୍ନୋଲୋଜିକାଲ ୟୁନିଭର୍ସିଟିଅଫ୍ ମେକ୍ସିକୋରେ ଇଣ୍ଡଷ୍ଟ୍ରିଆଲାଇଜିଂ



ଆଧାରା ପେରେଜ୍ ସାନ୍‌ଚେଜ୍

ଇଞ୍ଜିନିୟରିଂରେ ମଧ୍ୟ ସେ ଡିଗ୍ରୀ କରିଛନ୍ତି। ବଡ଼ ହୋଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ରେ ଜ୍ୟୋତିର୍ବିଜ୍ଞାନୀ ଭାବେ କାର୍ଯ୍ୟ କରିବା ତାଙ୍କ ସ୍ୱପ୍ନ। ବର୍ତ୍ତମାନ ଆଧାରା ମେକ୍ସିକୋ ସ୍ପେସ୍ ଏଜେନ୍ସିରେ କାମ କରୁଛନ୍ତି।

ଅଟିଷ୍ଟିକ୍ ହେବା ଯୋଗୁ ସ୍କୁଲରେ ପଢ଼ିବା ସମୟରେ ସହପାଠୀମାନେ ଆଧାରାଙ୍କୁ ଥଟ୍ଟା କରୁଥିଲେ। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ଆଧାରା ମାତ୍ର ୫ ବର୍ଷ ବୟସରେ ପ୍ରାଇମେରି ସ୍କୁଲ ପାଠପଢ଼ା ଶେଷ କରିଥିଲେ। ଅଟିଷ୍ଟିକ୍ ପାଇଁ ୩ ବର୍ଷ ବୟସରେ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା, ଯାହାପରେ ସେ ଧୀରେ ଧୀରେ କଥା କହିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମିଳିଲେ କିଣିବେ**

**କରାଚୀରେ ଭାରତୀୟ ବନ୍ଦୀଙ୍କ ମୃତ୍ୟୁ**

ସଦିଚ୍ଛାମୂଳକ ପଦକ୍ଷେପ ସ୍ୱରୂପ ପାକିସ୍ତାନୀ କର୍ତ୍ତୃପକ୍ଷ ଆସନ୍ତା ଶୁକ୍ରବାର ୧୯୯ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଜେଲରୁ ମୁକ୍ତ କରିବା ଆଶା କରାଯାଉଛି। ପାକିସ୍ତାନ ଜଳରାଶିରେ ମାଛ ଧରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା। ମୁକ୍ତ ହେବାକୁ ଥିବା ଜୁଲଫିକର ନାମକ ଜଣେ ଭାରତୀୟ ବନ୍ଦୀଙ୍କର କରାଚୀ ହସ୍ପିଟାଲରେ ଶନିବାର ମୃତ୍ୟୁ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଜୁଲ୍‌ଫିକରଙ୍କୁ ଜ୍ୱର ହେବା ସହ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଗତ ସପ୍ତାହରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ନିକଟରେ ୩ ଦିନରେ ଦୁଇଟି ବିସ୍ଫୋରଣ ଘଟିବା ପରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାପିଡ୍ ଆକ୍ସନ ଫୋର୍ସର ଯବାନମାନେ ସୋମବାର ହେରିଟେଜ୍ ଷ୍ଟ୍ରିଟ୍‌ରେ ଫ୍ଲାଗ୍ ମାର୍ଚ୍ଚ କରୁଛନ୍ତି।

## ସ୍ୱର୍ଣ୍ଣ ମନ୍ଦିର ନିକଟରେ ପୁଣି ବିସ୍ଫୋରଣ

**ଅମୃତସର, ୮।୫**

ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର ନିକଟରେ ସୋମବାର ସକାଳେ ପୁଣି ବିସ୍ଫୋରଣ ଘଟି ଜଣେ ଆହତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଉଦ୍ଦେଶ୍ୟମୂଳକ ଭାବେ କୌଣସି ବ୍ୟକ୍ତି ଏପରି କରିଥିବା ସନ୍ଦେହ କରାଯାଉଥିବାବେଳେ ଆତଙ୍କବାଦୀ ଦିଗକୁ ଦୃଷ୍ଟିରେ ରଖି ଘଟଣାର ତଦନ୍ତ ଚାଲିଛି। ଗତ ତିନିଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏହାପୂର୍ବରୁ ୬ ତାରିଖରେ ମନ୍ଦିର ପାଖରେ ବିସ୍ଫୋରଣ ଘଟି ୬ ଜଣ ଆହତ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଥିବା କେତେକ ଘରର ଝରକା କାଚ ଭାଙ୍ଗିଯାଇଥିଲା। ଦୁଇଟିଯାକ ବିସ୍ଫୋରଣ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଥିବା ଅମୃତସର ପୋଲିସ କମିଶନର ନୌନିହାଲ ସିଂ କହିଛନ୍ତି।

# କେନ୍ଦ୍ର, ବିହାର ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୮।୫ (ପି.ଟି.)**

୧୯୯୪ରେ ବିହାର ଗୋପାଳଗଞ୍ଜ ଜିଲାପାଳ ଜି. କ୍ରିଷ୍ଣୟାଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କୁ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତ କରିଦିଆଯାଇଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ଓ ବିହାର ସରକାରଙ୍କୁ ଏନେଇ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜେ.କେ. ମାହେଶ୍ୱରୀଙ୍କ ଖଣ୍ଡପୀଠ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ବିହାର ସରକାର ଏବଂ ଆନନ୍ଦ ମୋହନଙ୍କୁ ନୋଟିସ ଜାରି କରିଛନ୍ତି। ମୃତ ଜିଲାପାଳଙ୍କ ସ୍ତ୍ରୀ ଉମା କ୍ରିଷ୍ଣୟାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରା ଉପସ୍ଥିତ ରହି ଦଣ୍ଡ ଅବଧି ପୂରଣ ହେବା ପୂର୍ବରୁ ହତ୍ୟାକାରୀଙ୍କୁ ମୁକ୍ତ କରିଦିଆଯିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

**ଆନନ୍ଦ ମୋହନଙ୍କୁ ଜେଲରୁ ମୁକ୍ତ କରାଯିବାକୁ ଚାଲେଞ୍ଜ**



ସୂଚନାଯୋଗ୍ୟ, ବିହାର ସରକାର ଜେଲ ନିୟମାବଳୀରେ ସଂଶୋଧନ କରି ଗ୍ୟାଙ୍ଗଷ୍ଟରରୁ ରାଜନେତା ଆନନ୍ଦ ମୋହନଙ୍କୁ ଏପ୍ରିଲ ୨୭ରେ ସହର୍ଷା ଜେଲରୁ ମୁକ୍ତ କରିଦେଇଥିଲେ। ମୃତ୍ୟୁଦଣ୍ଡର ବିକଳ୍ପ ଭାବେ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଉଛି। ଏହା ୧୪ ବର୍ଷରେ ଶେଷ ହେଉଥିବା ଯନ୍ତ୍ରବତ୍ ବ୍ୟାଖ୍ୟା କରାଯାଇ ପାରିବ ନାହିଁ ବୋଲି ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ।

**ସଂକ୍ଷେପରେ**

## ପେରୁ ସୁନା ଖଣିରେ ନିଆଁ ଲାଗି ୨୭ ମୃତ

**ୟାନାକୁଇହୁଆ, ୮।୫:** ସଦର୍ନ ପେରୁ ଆରେକିପାରେ ଥିବା ଏକ ସୁନା ଖଣିରେ ରବିବାର ଅଗ୍ନିକାଣ୍ଡ ଘଟି ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଖଣିରେ ଶର୍ଟସର୍କିଟ୍ ଯୋଗୁ ବିସ୍ଫୋରଣ ହେବା ଫଳରେ ନିଆଁ ଲାଗିଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଖଣିରେ ୧୦୦ ମିଟର ଗଭୀର ତଳେ ଥିବା ଟନେଲରେ ଲୋକେ କାର୍ଯ୍ୟ କରୁଥିବା ସମୟରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଲୋକଙ୍କୁ ଉଦ୍ଧାର କରିଥିଲା।

## ଟେକ୍ସାସ୍ ଗୁଳିକାଣ୍ଡ ମୃତକଙ୍କ ମଧ୍ୟରେ ଭାରତୀୟ ଇଞ୍ଜିନିୟର

**ହ୍ୟୁଷ୍ଟନ, ୮।୫ (ପି.ଟି.):** ଆମେରିକାର ଟେକ୍ସାସ ରାଜ୍ୟ ଅନ୍ତର୍ଗତ ଡଲ୍ଲାସରେ ବନ୍ଧୁକଧାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୯ ଜଣଙ୍କ ମଧ୍ୟରେ ଜଣେ ଭାରତୀୟ ଇଞ୍ଜିନିୟର ରହିଛନ୍ତି। ଐଶ୍ୱର୍ଯ୍ୟା ଥାଟିକୋଣ୍ଡା ତାଙ୍କ ବନ୍ଧୁଙ୍କ ସହ ଶପିଂ କରୁଥିବାବେଳେ ଆଲେନ ପ୍ରିମିୟମ ଆଉଟ୍‌ଲେଟ୍ସରେ ବନ୍ଧୁକଧାରୀ ମୌରିସିଓ ଗାର୍ସିଆ ଗୁଳି ଚଳାଇଥିଲେ। ପୋଲିସ ଗୁଳିରେ ଗାର୍ସିଆ ନିହତ ହେବା ପୂର୍ବରୁ ୮ ଜଣଙ୍କୁ ହତ୍ୟା କରିଥିଲେ। ଐଶ୍ୱର୍ଯ୍ୟା ପର୍‌ଫେକ୍ଟ ଜେନେରାଲ କଣ୍ଟ୍ରାକ୍ଟରସ୍ ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।



ଐଶ୍ୱର୍ଯ୍ୟା ଥାଟିକୋଣ୍ଡା

## ଇରାନରେ ୨ ଜଣଙ୍କୁ ଫାଶୀ

**ଦୁବାଇ, ୮।୫ :** ପ୍ରଫେଟ୍ ମହମ୍ମଦଙ୍କୁ ଅପମାନିତ କରିବା ସହ ନାସ୍ତିକତାର ପ୍ରସାର କରାଇବା ଓ କୋରାନ ପୋଡ଼ି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ୨ ଜଣଙ୍କୁ ଇରାନ ସୋମବାର ଫାଶୀ ଦେଇଛି। ଈଶ୍ୱର ନିନ୍ଦା ମାମଲାରେ ଏହା ବିରଳ ମୃତ୍ୟୁଦଣ୍ଡ। ମୃତ୍ୟୁଦଣ୍ଡ ପ୍ରଦାନରେ ଇରାନ ସର୍ବାଗ୍ରେ ରହିଛି। ଓସ୍ଲୋସ୍ଥିତ ଇରାନ ମାନବାଧିକାର ସଂଗଠନର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆରମ୍ଭରୁ ଇତିମଧ୍ୟରେ ସେଠାରେ ଅନ୍ୟୂନ ୨୦୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଗଲାଣି। ତେବେ ଈଶ୍ୱର ନିନ୍ଦା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବା ବିରଳ। ପୂର୍ବରୁ ଏଭଳି ମାମଲାରେ କର୍ତ୍ତୃପକ୍ଷ ଦଣ୍ଡ କୋହଳ କରିଥିଲେ। ସୋମବାର ସକାଳେ କେନ୍ଦ୍ରୀୟ ଇରାନର ଆରାକ ଜେଲ୍‌ରେ ୟୁସେଫ୍ ମେହରାଦ ଏବଂ ସାଦ୍ରୋଲା ଫଜେଲି ଜାରେଙ୍କୁ ଫାଶୀ ଦିଆଯାଇଛି। 'କ୍ରିଟିକ୍ ଅଫ୍ ସୁପରଷ୍ଟିଶନ ଆଣ୍ଡ ରିଲିଜିଅନ୍' ନାମକ ଟେଲିଗ୍ରାମ ମେସେଜ୍ ଆପ୍‌ରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ୨୦୨୦ ମେ'ରେ ଗିରଫ କରାଯାଇ ଜେଲରେ ରଖାଯାଇଥିଲା।

## କୁନୋ ଜାତୀୟ ଉଦ୍ୟାନରେ ଆଉ ୫ ଚିତାଙ୍କୁ ଅବାଧ ବିଚରଣ ପାଇଁ ଛଡ଼ାଯିବ

**ନୂଆଦିଲ୍ଲୀ, ୮।୫ (ପି.ଟି.):** ବର୍ଷାଋତୁ ପୂର୍ବରୁ ୫ ଚିତାଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମୁକ୍ତ ବିଚରଣ ଲାଗି ଛାଡ଼ିଦିଆଯିବ। ସେମାନଙ୍କୁ ନାମିବ୍ୟାରୁ ଅଣାଯିବା ପରେ ସ୍ଥାନୀୟ ବାତାବରଣ ସହ ଖାପ ଖୁଆଇବା ପାଇଁ ଅନୁକୂଳନ କ୍ୟାମ୍ପ୍‌ରେ ରଖାଯାଇଥିଲା। ପ୍ରୋଜେକ୍ଟ ଚିତାର ବର୍ତ୍ତମାନର ସ୍ଥିତି ସମୀକ୍ଷା ପରେ ବିଶେଷଜ୍ଞ ଟିମ୍ ସେମାନଙ୍କୁ ମୁକ୍ତ ବିଚରଣ ଲାଗି ଛାଡ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ମଣିପୁର ହିଂସା**

# ସୁରକ୍ଷା ବଢ଼ାଅ, କ୍ଷତିଗ୍ରସ୍ତଙ୍କୁ ଥଇଥାନ କର

**ନୂଆଦିଲ୍ଲୀ, ୮।୫ (ପି.ଟି.)**

ମଣିପୁର ହିଂସାରେ ଧନଜୀବନ ନଷ୍ଟକୁ ନେଇ ସୁପ୍ରିମକୋର୍ଟ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ସୁରକ୍ଷା ବଢ଼ାଇବା ସହ ହିଂସା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଦୁଇ ଦିନରେ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ କୌଣସି ହିଂସାକାଣ୍ଡ ଘଟି ନ ଥିବା କେନ୍ଦ୍ର ସରକାର ଅଦାଲତଙ୍କୁ ଅବଗତ କରାଇଥିଲେ। ତେବେ ହିଂସା ପରବର୍ତ୍ତୀ ମାନବୀୟ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ହିଂସା କ୍ଷତିଗ୍ରସ୍ତମାନଙ୍କ ଲାଗି ରିଲିଫ କ୍ୟାମ୍ପ୍ ବ୍ୟବସ୍ଥା କରିବାକୁ କହିଥିଲେ। ସେଠାରେ ଆଶ୍ରୟ ନେଉଥିବା ଲୋକମାନଙ୍କୁ ଖାଦ୍ୟ, ରାଶନ, ଔଷଧ ଆଦି ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ହିଂସାକାଣ୍ଡବେଳେ ଯେଉଁମାନେ ବିସ୍ଥାପିତ ହୋଇଛନ୍ତି, ସେମାନଙ୍କୁ ଥଇଥାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ଧାର୍ମିକ ସ୍ଥାନର ସୁରକ୍ଷା ଦିଗରେ ପର୍ଯ୍ୟାପ୍ତ ଉଦ୍ୟମ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।



ମଣିପୁର ହିଂସା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକେ ଆସାମର ଚାଚର ଜିଲାରେ ଏକ ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଛନ୍ତି।

କେନ୍ଦ୍ର ଓ ମଣିପୁର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ହିଂସା ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଥିଲେ। ହିଂସାଗ୍ରସ୍ତ ଅଞ୍ଚଳରେ ୫୨ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ସମେତ ସେନା ଓ ଆସାମ ରାଇଫଲ୍ସ କଣ୍ଟିଜେଣ୍ଟ ନିୟୋଜିତ ହୋଇଥିବା ସେ କହିଥିଲେ। ବିଶୃଙ୍ଖଳିତ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯିବା ସହ ଶାନ୍ତି ବୈଠକ ଆୟୋଜନ କରାଯାଇଥିବା ସେ ଖଣ୍ଡପୀଠଙ୍କୁ ଜଣାଇଥିଲେ।

**କେନ୍ଦ୍ର ଓ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ରାଜ୍ୟ ସରକାରଙ୍କ ସୁରକ୍ଷା ଉପଦେଷ୍ଟା ଭାବେ ଜଣେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ କେନ୍ଦ୍ରକୁ ଡେପୁଟେଶନରେ ଯାଇଥିବା ଜଣେ ବରିଷ୍ଠ ପଦାଧିକାରୀଙ୍କୁ ମଣିପୁରର ମୁଖ୍ୟ ଶାସନ ସଚିବ ଭାବେ ରବିବାର ଅବସ୍ଥାପିତ କରାଯାଇଛି। ରାଜ୍ୟ ସ୍ଥିତି ଉପରେ ନଜର ରଖିବା ଲାଗି ହେଲିକପ୍ଟର ଓ ଡ୍ରୋନ୍ ବ୍ୟବହାର କରାଯାଉଛି। ଗତ ଦୁଇଦିନରେ କୌଣସି ହିଂସା ଘଟି ନ ଥିବାବେଳେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଛି। ରବିବାର ଓ ସୋମବାର କର୍ଫ୍ୟୁ କିଛି ଘଣ୍ଟା ପାଇଁ କୋହଳ କରାଯାଇଥିଲା। ଅଦାଲତ ମେହେଟ୍ଟାଙ୍କ ଜବାବ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ମେ' ୧୭କୁ ଧାର୍ଯ୍ୟ କରିବା ସହ ସଂଶୋଧିତ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଇମ୍ଫାଲ ଉପତ୍ୟକାରେ ରହୁଥିବା ମେଇତି ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନକୁ ବିରୋଧ କରି ଆଦିବାସୀମାନେ ଚଳାଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ହିଂସାପ୍ରବଣ ଅଞ୍ଚଳରୁ ୨୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇ ମିଲିଟାରୀ ଗାରିସନ ଏବଂ ରିଲିଫ୍ କ୍ୟାମ୍ପ୍‌ରେ ରଖାଯାଇଛି। ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ଲାଗି ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଭାଜପା ବିଧାୟକ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ହିଂସାକାଣ୍ଡର ଏସ୍‌ଆଇଟି ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ଏକ ଆଦିବାସୀ ସଂଗଠନ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲା।

## ମଣିପୁର ହିଂସାରେ ୬୦ ମୃତ, ୧,୭୦୦ ଗୃହଦାହ

**୫ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ଇମ୍ଫାଲ, ୮।୫ (ପି.ଟି.):** ମଣିପୁର ହିଂସାରେ ୬୦ ଜଣଙ୍କ ଜୀବନ ଯାଇଥିବାବେଳେ ୨୩୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଘଟିଥିବା ଏହି ଜାତିଆଣ ହିଂସାରେ ମନ୍ଦିର, ଚର୍ଚ୍ଚ ସମେତ ୧,୭୦୦ ଗୃହଦାହ ହୋଇଥିବା ମୁଖ୍ୟମନ୍ତ୍ରୀ ଏନ୍, ବୀରେନ ସିଂ ସୋମବାର କହିଛନ୍ତି। ହିଂସାକାଣ୍ଡରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ସେହିପରି ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୨୫,୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସେହିପରି ଯେଉଁମାନଙ୍କ ଗୃହଦାହ ହୋଇଛି ସେମାନଙ୍କୁ ସରକାର ୨ ଲକ୍ଷ ଟଙ୍କା ଦେବା ସହ ଘର ତିଆରି କରିଦେବେ। ଯଥାଶୀଘ୍ର ଶାନ୍ତି ଫେରାଇ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ହିଂସା ପ୍ରଭାବିତ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ରିଲିଫ କ୍ୟାମ୍ପ୍‌ରେ ଆଶ୍ରୟ ନେଇଛନ୍ତି। ଦଙ୍ଗା ବେଳେ ସୁରକ୍ଷା କର୍ମୀଙ୍କଠାରୁ ୧,୦୪୧ ବନ୍ଧୁକ ଲୁଟ୍ ହୋଇଥିବାବେଳେ ସେଥିରୁ ୨୧୪ଟି ଉଦ୍ଧାର ହୋଇଛି।

# ପଶ୍ଚିମବଙ୍ଗରେ 'ଦି କେରଳା ଷ୍ଟୋରି' ବ୍ୟାନ୍

**କୋଲକାତା, ୮।୫**

ବିବାଦୀୟ ହିନ୍ଦୀ ଫିଲ୍ମ 'ଦି କେରଳା ଷ୍ଟୋରି'କୁ ସୋମବାର ପଶ୍ଚିମବଙ୍ଗରେ ବ୍ୟାନ୍ ଘୋଷଣା କରାଯାଇଛି। ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘୋଷଣା କରିଛନ୍ତି। ଫିଲ୍ମକୁ ନେଇ ରାଜ୍ୟରେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମମତା କହିଛନ୍ତି, ରାଜ୍ୟରେ ଶାନ୍ତି ରକ୍ଷା ମୁଖ୍ୟ ଉଦ୍ଦେଶ୍ୟ। କଶ୍ମୀର ଫାଇଲ୍ସ ଫିଲ୍ମ ଭଳି ପଶ୍ଚିମବଙ୍ଗକୁ ନେଇ ଭାଜପା ଏକ ଫିଲ୍ମ ନିର୍ମାଣ କରିବା ଲାଗି ଅର୍ଥ ଯୋଗାଉଛି। 'ଦି କେରଳା ଷ୍ଟୋରି'କୁ ବ୍ୟାନ୍ କରିବା ପରେ ରାଜ୍ୟର ସବୁ ସିନେମାଘରେ ଫିଲ୍ମର ପ୍ରସାରଣ ବନ୍ଦ କାର୍ଯ୍ୟର ତଦାରଖ କରିବା ଲାଗି ମମତା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଫିଲ୍ମ ନିର୍ଦ୍ଦେଶକ ଭିପୁଲ ଶାହ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଅନେକ ରାଜ୍ୟରେ ଦି କେରଳା ଷ୍ଟୋରିର ପ୍ରସାରଣ ଉପରେ ରୋକ୍ ଲଗାଇ ଦିଆଯାଇଛି। ଏହି ଫିଲ୍ମରେ ଆଦା ଶର୍ମା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। କେରଳରେ ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ଯୁବତୀଙ୍କୁ ଇସ୍‌ଲାମୀୟ ଧର୍ମ ଗ୍ରହଣ କରେଇ ସେମାନଙ୍କୁ ଆଫଗାନିସ୍ତାନ, ୟେମେନ, ସିରିଆ ପଠାଇ ଦିଆଯାଉଥିବା ଫିଲ୍ମରେ ଦର୍ଶାଯାଇଛି।



## ଟିକେଟ ବୁକିଂ ବନ୍ଦ ରଖିବାକୁ ଗୋ ଫାଷ୍ଟକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୮।୫**

ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତୁରନ୍ତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଟିକେଟ ବୁକିଂ ଏବଂ ବିକ୍ରି ବନ୍ଦ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗୋ ଫାଷ୍ଟକୁ ସୋମବାର ନିର୍ଦ୍ଦେଶ ଦେଇଛି। ସୁରକ୍ଷିତ ବିମାନ ସେବା ଯୋଗାଇବାରେ ବିଫଳ ହୋଇଥିବା ଉକ୍ତ ଏୟାରଲାଇନ୍ସକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ପଠାଇଛି। ନୋଟିସର ଜବାବକୁ ଅନୁଧ୍ୟାନ କରି ଗୋ ଫାଷ୍ଟର ଲାଇସେନ୍ସ ରଦ୍ଦ କରାଯିବ କି ନାହିଁ ତାହା ଉପରେ ଡିଜିସିଏ ନିଷ୍ପତ୍ତି ନେବ। ଗତ ୩ ତାରିଖରୁ ଗୋ ଫାଷ୍ଟ ଏହାର ବିମାନ ସେବା ବନ୍ଦ ରଖିଛି।

## ଡୋଭାଲଙ୍କୁ ଭେଟିଲେ ଆମେରିକା ଏନ୍‌ଏସ୍‌ଏ

**ନୂଆଦିଲ୍ଲୀ, ୮।୫**

ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ ରବିବାର ସାଉଦି ଆରବରେ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲଙ୍କୁ ଭେଟି ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମିଟ୍ ଅବସରରେ ଦୁଇ ନେତା ପରସ୍ପରକୁ ଭେଟିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀରେ ଭାରତ-ଆମେରିକା ଆଇସିଇଟି (ଇନିସିଏଟିଭ୍ ଅନ୍ କ୍ରିଟିକାଲ ଆଣ୍ଡ ଏମର୍ଜିଂ ଟେକ୍‌ନୋଲୋଜି) ଶୁଭାରମ୍ଭ କରାଯିବା ପରେ ଡୋଭାଲ ଏବଂ ସୁଲିଭାନଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ। ସାଉଦି ଆରବ ଗସ୍ତରେ ଥିବା ସୁଲିଭାନ ସେଠାର ପ୍ରଧାନମନ୍ତ୍ରୀ ଓ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ, ୟୁଏଇ ଜାତୀୟ ସୁରକ୍ଷା ଉପଦେଷ୍ଟା ଶେଖ୍ ତାହନୁନ୍ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କୁ ସାକ୍ଷାତ କରିଥିଲେ।



ଅଜିତ ଡୋଭାଲଙ୍କ ସହ ଜେକ୍ ସୁଲିଭାନ।

# ୨.୭ କୋଟି ଯାତ୍ରୀ ଟ୍ରେନ୍ ଯାତ୍ରାରୁ ବଞ୍ଚିତ

**ନୂଆଦିଲ୍ଲୀ, ୮।୫ (ପି.ଟି.)**

୨୦୨୨-୨୩ ଆର୍ଥିକ ବର୍ଷରେ ୨.୭ କୋଟିରୁ ଊର୍ଦ୍ଧ୍ୱ ଯାତ୍ରୀ ଟ୍ରେନ୍ ଟିକେଟ କିଣି ମଧ୍ୟ ଯାତ୍ରା କରିବାରୁ ବଞ୍ଚିତ ହୋଇଛନ୍ତି। ପ୍ରତୀକ୍ଷା ତାଲିକାରେ ରହିବା କାରଣରୁ ସେମାନେ ଟ୍ରେନ୍ ଯାତ୍ରା କରିପାରି ନ ଥିବା ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ଜଣାପଡ଼ିଛି। ଦେଶର ବ୍ୟସ୍ତବହୁଳ ରୁଟ୍‌ରେ ଆବଶ୍ୟକ ସଂଖ୍ୟକ ଟ୍ରେନ୍‌ର ଅଭାବ ରହିଥିବା ଏଥିରୁ ସ୍ପଷ୍ଟ ହୋଇଛି। ମଧ୍ୟପ୍ରଦେଶର ଚନ୍ଦ୍ରଶେଖର ଗୌରଙ୍କ ଆର୍‌ଟିଆଇ ଆବେଦନ ଉପରେ ରେଲୱେ ବୋର୍ଡ ଉପରୋକ୍ତ ତଥ୍ୟ ଦେଇଛି। ବୋର୍ଡ ସୂଚନା ଅନୁଯାୟୀ ୨୦୨୨-୨୩ରେ ୨.୭୨ କୋଟି ଯାତ୍ରୀ ଟ୍ରେନ୍‌ରେ ଯିବାକୁ ଥିବାବେଳେ ସେମାନେ ୱେଟଲିଷ୍ଟେଡ୍ ଥିବାରୁ ତାହା ସ୍ୱତଃ ବାତିଲ ହୋଇଯାଇଥିଲା। ଗତ ଆର୍ଥିକ ବର୍ଷରେ ଟ୍ରେନ ଯାତ୍ରାରୁ ବଞ୍ଚିତ ଯାତ୍ରୀଙ୍କ ସଂଖ୍ୟା ୧.୬୫ କୋଟି ଥିଲା। ପାସେଞ୍ଜର ନେମ୍ ରେକର୍ଡ (ପିଏନ୍‌ଆର୍) ନମ୍ବର ବାତିଲ ପରେ ଯାତ୍ରୀଙ୍କୁ ସେମାନଙ୍କ ଭଡ଼ା ଫେରାଇ ଦିଆଯାଇଥିଲା। ଚାହିଦା ମୁତାବକ ଟ୍ରେନ୍ ଯୋଗାଇଦେବା ପାଇଁ ରେଲୱେ ଉଦ୍ୟମ ଚଳାଇଥିବା କହିଛି।

# କର୍ନାଟକରେ ପ୍ରଚାର ଶେଷ: ବୁଧବାର ଭୋଟ

**ବେଙ୍ଗାଲୁରୁ, ୮।୫ (ପି.ଟି.)**

କର୍ନାଟକର ୨୨୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ବୁଧବାର ମତଦାନ ହେବାକୁ ଥିବାବେଳେ ସୋମବାର ଅପରାହ୍ନରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ସବୁ ଦଳ ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଥିଲା। ବୁଧବାର ଭୋଟରମାନେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କେତେକ ଜନମତ ସର୍ଭେ ଅନୁଯାୟୀ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ ଜୋର୍‌ଦାର ଟକ୍କର ହେବାକୁ ଯାଉଥିବାବେଳେ କିଙ୍ଗ୍ ମେକର ଭୂମିକା ନେବାକୁ ଜେଡିଏସ୍ ଆଶା ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାରରୁ ଭାଜପା ଲାଭ ଉଠାଇବା ନେଇ ଆଶାବାଦୀ ରହିଛି। କଂଗ୍ରେସ ଆଗରେ ରହିବ ବୋଲି କେତେକ ଜନମତ ସର୍ଭେରେ ପ୍ରକାଶ ପାଇଥିବାବେଳେ ଶେଷ ପର୍ଯ୍ୟାୟରେ ମୋଦି ପ୍ରଚାରକୁ ଓହ୍ଲାଇ ୨୦ରୁ ଊର୍ଦ୍ଧ୍ୱ ରାଲିରେ ସାମିଲ ହୋଇଥିଲେ। ବେଙ୍ଗାଲୁରୁରେ କ୍ରମାଗତ ଦୁଇଦିନ ଧରି ମେଗା ରୋଡ୍‌ଶୋ' ହୋଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଏକାଧିକ ନିର୍ବାଚନୀ ସଭାରେ ଯୋଗଦେଇ କଂଗ୍ରେସକୁ ଟାର୍ଗେଟ କରିଥିଲେ। ମୋଦି, ଶାହାଙ୍କ ପ୍ରଚାର ଭାଜପା ମନୋବଳ ବଢ଼ାଇଥିଲେ ମଧ୍ୟ ଏହା ଭୋଟ ହାତେଇବାରେ କେତେଦୂର ସଫଳ ହେବ ତାହା ଫଳାଫଳରୁ ଜଣାପଡ଼ିବ। ଭାଜପା ପୁଣିଥରେ କ୍ଷମତାକୁ ଫେରିବା ନେଇ ଆଶାବାଦୀ ଥିବାବେଳେ ଶାସକ ବିରୋଧୀ ହାୱାରୁ କଂଗ୍ରେସ ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛି।



ପ୍ରଚାର ଶେଷ ଦିନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବେଙ୍ଗାଲୁରୁରେ ରୋଡ୍ ଶୋ କରୁଛନ୍ତି।




# ଜାମଦାରେ ୯୦୦ କୋଟିର ଇସ୍ପାତ ଶିଳ୍ପ

- ୨୮୪୦.୭୩ କୋଟିର ୧୧ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ
- ସୃଷ୍ଟି ହେବ ୩୭୨୧ ନିଯୁକ୍ତି ସୁଯୋଗ
- ରାୟଗଡ଼ାରେ ଉତ୍କଳ ଆଲୁମିନା, ସମ୍ବଲପୁରରେ ହିଣ୍ଡାଲ୍‌କୋ ପ୍ଲାଣ୍ଟର ହେବ ସମ୍ପ୍ରସାରଣ

ଭୁବନେଶ୍ୱର,୮ା୫(ବ୍ୟୁରୋ)

ରାଜ୍ୟ ସରକାର ୨୮୪୦.୭୩ କୋଟି ଟଙ୍କାର ୧୧ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୭୨୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେଥିରୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଯୋଗ ଦେଇ ରାଜ୍ୟରେ ପୁଞ୍ଜିନିବେଶ ପ୍ରସ୍ତାବ ଦେଇଥିବା ୯ଟି କମ୍ପାନୀ ରହିଛି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ର ୧୧୭ତମ ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ବୈଠକରେ ୮୯୬.୯୮ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆର୍.ସି.ଆର୍. ଷ୍ଟିଲ ୱାର୍କସ ପ୍ରାଇଭେଟ ଲିମିଟେଡ୍‌ର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏଥିରେ ମୟୂରଭଞ୍ଜର ଜାମଦାଠାରେ ଏକ ଇସ୍ପାତ କାରଖାନା ସ୍ଥାପନ କରାଯିବା ସହ ରାଜ୍ୟରେ ପ୍ରାୟ ୭୫୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏରେ ଆଲୁମିନିୟମ ଓ ଆଲୁମିନିୟମ ଉପରେ ନିର୍ଭରଶୀଳ ଇସ୍ପାତ ଏବଂ ଇସ୍ପାତ ସହ ସଂଯୁକ୍ତ ଶିଳ୍ପ, ରାସାୟନିକ ଓ ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ୟାକେଜିଂ, ବୟନ ଓ ପୋଷାକ, ପର୍ଯ୍ୟଟନ ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଥିବା ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ବଲାଙ୍ଗୀର, ଗଞ୍ଜାମ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଉକ୍ତ ପ୍ରକଳ୍ପ ପ୍ରତିଷ୍ଠା କରାଯିବ।

ରାୟଗଡ଼ା ଜିଲାରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ଏବଂ ସମ୍ବଲପୁରର ଲାପଙ୍ଗାସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସମ୍ପ୍ରସାରଣ ପ୍ରସ୍ତାବକୁ କମିଟି ଅନୁମୋଦନ କରିଛି। ଏଥିରେ ପ୍ରାୟ ୧୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏଥିରେ ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗଞ୍ଜାମ ଜିଲାର ଚିଲିକା ହ୍ରଦସ୍ଥିତ ସୋମାଲୋ ଦ୍ୱୀପରେ ୨୨୮.୪୫ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଟ ପ୍ରତିଷ୍ଠା ପାଇଁ ମହିନ୍ଦ୍ରା ହେଲିଡେଜ୍ ଆଣ୍ଡ ରିସର୍ଟସ୍ ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପ୍ରସ୍ତାବକୁ ମଧ୍ୟ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁଏ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ରସାୟନ କ୍ଷେତ୍ରରେ ଆୟନ ଏକ୍ସଚେଞ୍ଜ (ଇଣ୍ଡିଆ) ଲିମିଟେଡ୍‌ର ଏକ ପ୍ରକଳ୍ପକୁ କମିଟି ମଞ୍ଜୁରୀ ଦେଇଛି। କମ୍ପାନୀ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ୩୦୩ କୋଟି ଟଙ୍କା ବିନିଯୋଗରେ ୨୫,୦୦୦ ମେଟ୍ରିକ୍ ଟନ୍ ଜଳ ବିଶୋଧନ କେମିକାଲ୍ ଏବଂ ୩୦,୦୦୦ ମେଟ୍ରିକ୍ ଟନ୍ ମନୋମର୍ ଓ ପଲିମର୍ସ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ୧୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ। ବୟନ ଓ ପୋଷାକ କ୍ଷେତ୍ରରେ ଇଣ୍ଡିଆନ୍ ଷ୍ଟିଚେସ ପ୍ରାଇଭେଟ୍ ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଫେବ୍ରିକ୍ ପ୍ରୋସେସିଂ ପ୍ଲାଣ୍ଟ ଖୋର୍ଦ୍ଧାରେ ସ୍ଥାପନ କରିବ। ଏଥିରେ ରାଜ୍ୟର ୧୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତାଜ୍ ସାଟସ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାରେ ଏକ ଫୁଡ୍ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରାଯିବ। ଏହି ପ୍ରକଳ୍ପରେ ୫୧ କୋଟି ଟଙ୍କା ବିନିଯୋଗ ହେବା ସହିତ ୨୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରୋମ୍‌କୋ ଆଲୁମିନେଟ୍ସ ପକ୍ଷରୁ ବଲାଙ୍ଗୀରରେ ୫୪ କୋଟି ଟଙ୍କା ବ୍ୟୟରେ ୧୨ ମେଗାୱାଟ୍‌ର ଏକ ସୋଲାର ପ୍ଲାଣ୍ଟ ହେବ।

# ପ୍ରତିଭା ରାୟ, ସୀତାକାନ୍ତ ମହାପାତ୍ର, ଶ୍ରୀନିବାସ ଉଦ୍‌ଗାତାଙ୍କୁ 'ଅତିବଡ଼ୀ ପୁରସ୍କାର'


ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କଠାରୁ 'ଅତିବଡ଼ୀ ପୁରସ୍କାର' ଗ୍ରହଣ କରିବା ଅବସରରେ ସୀତାକାନ୍ତ ମହାପାତ୍ର, ପ୍ରତିଭା ରାୟ ଓ ଶ୍ରୀନିବାସ ଉଦ୍‌ଗାତା (ମଝି ବାମରୁ)। ଉପସ୍ଥିତ ଅଛନ୍ତି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।

ଭୁବନେଶ୍ୱର,୮ା୫(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ୩ ବର୍ଷ ପାଇଁ ପ୍ରଦାନ କରାଯାଇଛି। ଏଥିସହ ୪୪ଜଣଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୨୦୨୧ ବର୍ଷ ପାଇଁ ପଦ୍ମଭୂଷଣ ପ୍ରତିଭା ରାୟ, ୨୦୨୨ ବର୍ଷ ପାଇଁ ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ଓ ୨୦୨୩ ବର୍ଷ ପାଇଁ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ମର୍ଯ୍ୟାଦାଜନକ 'ଅତିବଡ଼ୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉପଢୌକନ ଓ ପୁସ୍ତକ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା।

ପୁରସ୍କାର ଗ୍ରହଣ କରି ଡ. ରାୟ କହିଛନ୍ତି, ପୁରସ୍କାର ପାଇ ଉଲ୍ଲସିତ ହେବା ଅପେକ୍ଷା ଅଧିକ ଆପ୍ଳୁତ ହୋଇଛି। ସାରା ବିଶ୍ୱରେ ସୃଷ୍ଟି ବିଦ୍ୟାର ମୂଳ ଉତ୍ସ ହେଉଛି ଆଧ୍ୟାତ୍ମ ଚିନ୍ତନ, ସେ ବିଜ୍ଞାନ ହେଉ କି ସାହିତ୍ୟ। ଜଗନ୍ନାଥ ଦାସଙ୍କ ଭାଗବତକୁ ଲୋକେ କେବଳ ଜ୍ଞାନ ଓ ଆନନ୍ଦ ପାଇଁ ପଢି ନ ଥାନ୍ତି, ବରଂ ଜୀବନରେ ଅନିବାର୍ଯ୍ୟ ଅନିଶ୍ଚିତତା, ବିପନ୍ନତା ମଧ୍ୟରେ ଆଧ୍ୟାତ୍ମିକ ନିଶ୍ଚଳତା ଓ ନିରାପତ୍ତା ମନୋଭାବ ପାଇଁ, ଏମିତିକି ମୃତ୍ୟୁ ସମୟରେ ମଧ୍ୟ ଆମେ ଏହାକୁ ପଢ଼ିଥାଉ। ଭାଷାକୁ ବୁଦ୍ଧିମନ୍ତ କରିବା ପାଇଁ ଲେଖକଙ୍କ ସହ ପାଠକ, ସାହିତ୍ୟିକ ଅନୁଷ୍ଠାନ, ସରକାର ସମସ୍ତେ ଚେଷ୍ଟା କରିବା ଉଚିତ। ମୂଳ ସଂସ୍କୃତି ସହ ଆମକୁ ଜଡ଼ିତ ରହିବାକୁ ହେବ। ଭୁଲିଯିବା ନାହିଁ ଯେ, ଆମେ ଜଣେ ଓଡ଼ିଆ। ସେହିପରି ଡ. ମହାପାତ୍ର ହାଇସ୍କୁଲ ପିଲାଙ୍କ ପାଇଁ ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସଙ୍କ ସମ୍ପର୍କରେ ଛୋଟ ପୁସ୍ତକଟିଏ ଏକାଡେମୀ ଦ୍ୱାରା ପ୍ରକାଶ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଓଡ଼ିଆ ସାହିତ୍ୟ ଆମ ପାଇଁ ବଡ଼। ଏହାର ପ୍ରଚାର ପ୍ରସାର ଲାଗି ସମସ୍ତେ ଚେଷ୍ଟା କରିବା ଉଚିତ। ଭାଗବତ ଟୁଙ୍ଗି ବନ୍ଦ ହେବାକୁ ଲାଗିଲାଣି। ତେଣୁ ପ୍ରତ୍ୟେକ ଘରେ, ବିଦ୍ୟାଳୟରେ ଭାଗବତ ପହଞ୍ଚିପାରିଲେ ବହୁତ ଭଲ ହେବ ବୋଲି ସେ ମତ ରଖିଥିଲେ। ଡ. ଉଦ୍‌ଗାତା କହିଛନ୍ତି, ସାହିତ୍ୟ ଏକ ସାଧନା, ଏହା ବିଳାସ ନୁହେଁ। ସାହିତ୍ୟ ଓ ସାହିତ୍ୟିକଙ୍କ ବଡ଼ ଶତ୍ରୁ ହେଉଛି ଆଳସ୍ୟ। ୧୦୦ ଭାଗ ନ ପଢିଲେ ୫ ଭାଗ ଲେଖିପାରିବେ ନାହିଁ। ଅଧ୍ୟୟନ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଉତ୍ସବକୁ ଉଦ୍‌ଘାଟନ କରି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ସାହିତ୍ୟ ଆମ ଜୀବନର ବଡ଼ ଅଙ୍ଗ। ସାହିତ୍ୟ ବିନା ସମାଜ ବୁଦ୍ଧିମନ୍ତ ହୋଇପାରେନି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, କିଛି କାରଣ ପାଇଁ ୩ ବର୍ଷ ଧରି ପୁରସ୍କାର ଦିଆଯାଇପାରି ନ ଥିଲା। ଆସନ୍ତା ବର୍ଷଠାରୁ ସବୁ ପୁରସ୍କାର କିଭଳି ସୁଚାରୁରୂପେ ଠିକ୍ ସମୟରେ ପ୍ରଦାନ କରାଯିବ ସେ ନେଇ ବିଭାଗ ଚେଷ୍ଟିତ ରହିବ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଛନ୍ତି, ସମସ୍ତଙ୍କ ମିଳିତ ଉଦ୍ୟମ ରହିଲେ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ସମ୍ଭବ। ଏକାଡେମୀ ସଭାପତି ତଥା ସଭା ମୁଖ୍ୟ ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ବୟସ ଆଧାରରେ ନୁହେଁ, ଓଡ଼ିଆ ଭାଷାକୁ ସାମଗ୍ରିକ ଅବଦାନ ପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ଆଗକୁ ଏକାଡେମୀ କ୍ୟାଲେଣ୍ଡର କରିବାକୁ ଯୋଜନା କରିଛୁ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସାହିତ୍ୟିକଙ୍କ ସୃଷ୍ଟି ଅମୂଲ୍ୟ। ଅର୍ଥରାଶି ଏକ ପ୍ରୋତ୍ସାହନ ମାତ୍ର। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ଓ ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩ ବର୍ଷ ପାଇଁ ୪୪ଜଣଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା

୨୦୨୧ ବର୍ଷ ପାଇଁ ୧୫ଜଣ ସାରସ୍ୱତ ସାଧିକାସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଡ. ଚିତ୍ତରଞ୍ଜନ ମହାନ୍ତି, ବିପିନ ବିହାରୀ ମହାନ୍ତି, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ଜୟକୃଷ୍ଣ ସାମଲ, ପୁଷ୍ପାଞ୍ଜଳି ପଟ୍ଟନାୟକ, ସତ୍ୟବାଦୀ ବଳିଆରସିଂହ, ଯଦୁନାଥ ଜେନା, ରବି ସ୍ୱାଇଁ, ଫକୀର ମୋହନ ସାହୁ, ଗିରିଜା ମଞ୍ଜରୀ ପାଢ଼ୀ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଡ. ରମାକାନ୍ତ ରାଉତ, ବ୍ରଜେନ୍ଦ୍ର ନାଥ ଗିରି, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଡ. ବୈଜୟନ୍ତ ମିଶ୍ର। ସେହିଭଳି ୨୦୨୨ ବର୍ଷ ପାଇଁ ୧୫ଜଣ ସାରସ୍ୱତ ସାଧିକାସାଧକ ହେଲେ ଭାସ୍କର ଜେନା, ଡ. ଲିଙ୍ଗରାଜ ରଥ, ଡ. ଶରତ କୁମାର ବିଶ୍ୱାଳ, କାଳିନ୍ଦୀ ଚରଣ ଜେନା, ତୁଳସୀ ଜୈନ, ରମାକାନ୍ତ ଜେନା, ବ୍ରଜ ନାୟକ, ରମାରମଣ ପାଢ଼ୀ, ଅମେୟ ବିକ୍ରମ ନନ୍ଦନ ଭୂୟାଁ, ସୃଷ୍ଟିଧର ପରିଡ଼ା, ସବିତା ମହାନ୍ତି, ଡ. ବୀଣାପାଣି ପ୍ରଧାନ, ଡ. ଦିବାକର ମାନସିଂହ, ଇଂ.ଗଗନ ବିହାରୀ ଛାଟୋଇ ଓ ଡ. ଦ୍ୱାରିକାନାଥ ନାୟକ। ୨୦୨୩ ବର୍ଷ ପାଇଁ ୧୪ଜଣ ହେଲେ ଡ. ପ୍ରଭାତ ନଳିନୀ ମହାପାତ୍ର, ଶରତ ଚନ୍ଦ୍ର ରଥ, ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ତ୍ରିନାଥ ପଟ୍ଟନାୟକ, ଅବନୀ କୁମାର ପ୍ରଧାନ, ଡ. ସୁବାସ ଚନ୍ଦ୍ର ମହାପାତ୍ର, ଡ. ନୀଳମଣି ପରିଡ଼ା, ଡ. ରମେଶ ଚନ୍ଦ୍ର ପାଣି, ରାଧୁ ମିଶ୍ର, ଶଶଧର ମହନୀ, ଡ. ସୁଚେତା ରାଉତ, କାଳୀଚରଣ ଦାସ, ନାରାୟଣ ଚୌଧୁରୀ ଓ ସରୋଜିନୀ ଇନ୍ଦ୍ରସିଂହ। ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି।

# ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

**ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୬ ସଦସ୍ୟ ପଦ ଖାଲି ମାମଲା**

**ସବୁ ସଦସ୍ୟ ନିଯୁକ୍ତ ହୋଇଥିବା ନେଇ ସରକାର ସତ୍ୟପାଠ ଦାଖଲ କଲେ**

କଟକ ଅଫିସ,୮ା୫

ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ଖାଲି ଥିବା ସମସ୍ତ ୬ଟି ସଦସ୍ୟ ପଦବୀ ରାଜ୍ୟ ସରକାର ଗତ ଏପ୍ରିଲ ୨୮ରେ ପୂରଣ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧ ତାରିଖରେ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ସୋମବାର ଏହି ସତ୍ୟପାଠକୁ ଗ୍ରହଣ କରି ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୨୦୨୨ ନଭେମ୍ବର ୨୧ରୁ ୬ଟି ସଦସ୍ୟ ପଦ ଖାଲି ପଡ଼ିଥିଲା। ଏହାଦ୍ୱାରା ପ୍ରାୟ ୫,୬୦୦ ମାମଲା ଆୟୋଗ ନିକଟରେ ପଡ଼ି ରହି ଫଇସଲା ହୋଇପାରୁନାହିଁ। ଏହି ପଦବୀଗୁଡ଼ିକ ଖାଲି ପଡ଼ିବାର ୩ ମାସ ମଧ୍ୟରେ ପୂରଣ ହେବାର ନିୟମ ରହିଛି। ତୁରନ୍ତ ସମସ୍ତ ସଦସ୍ୟ ପଦ ପୂରଣ ହେବାର ଆବଶ୍ୟକତା ଥିବା ଦର୍ଶାଇ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲାରେ ଦାଏର କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଆବାହକ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଗତ ମାର୍ଚ୍ଚ ୧୬ରେ ମାମଲାର ଶୁଣାଣିବେଳେ ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ସଦସ୍ୟ ପଦଗୁଡ଼ିକ ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କଥା ନ ହେବାରୁ ନାବାଳିକାଙ୍କ ତଣ୍ଟି କାଟିଦେଲେ


ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଘଟଣାର ତଦନ୍ତ କରୁଛି।

- ଅନୁଗୋଳରେ ଯୁବକଙ୍କ ଜଘନ୍ୟ କାଣ୍ଡ
- ଘରେ ପଶି ହତ୍ୟା ପରେ ବାଇକ୍‌ରେ ଫେରାର

ଅନୁଗୋଳ ଅଫିସ, ୮ା୫

ବର୍ଷେ ହେଲା ନାବାଳିକାଙ୍କୁ ଜାଣିଥିଲେ ଯୁବକ। ଫୋନରେ କଥା ମଧ୍ୟ ହେଉଥିଲେ। ହେଲେ ୩ ମାସ ହେଲା ବାର୍ତ୍ତାଳାପ ବନ୍ଦ କରିଦେଇଥିଲେ ନାବାଳିକା। ଆଉ ଏହାକୁ ନେଇ ଯୁବକ ଜଣକ ରାଗରେ ଏପରି ରକ୍ତମୁଖା ହୋଇଉଠିଥିଲେ ଯେ ଘରେ ପଶି ୧୩ ବର୍ଷୀୟା ନାବାଳିକାଙ୍କ ତଣ୍ଟି କାଟି ଜୀବନ ନେଇଗଲେ। ଅନୁଗୋଳ ସଦର ଥାନା କୁଇଓ ଅଞ୍ଚଳରେ ସୋମବାର ଜଣେ ଯୁବକଙ୍କ ଏପରି ଜଘନ୍ୟ କାଣ୍ଡ ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୨୩୪/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ରଞ୍ଜନ ବେହେରାଙ୍କୁ ଧରିବାକୁ ତନାଘନା ଚଳାଇଛି।

ନାବାଳିକାଙ୍କ ପୈତୃକ ଘର ତାଳଚେର ବ୍ଲକ ଡଆଁରା ଅଞ୍ଚଳରେ। ଏକ ମାସ ହେଲା ତାଙ୍କ ପରିବାର ଅନୁଗୋଳ ସଦର ଥାନା କୁଇଓରେ ଘର କରି ରହୁଥିଲେ। ନାବାଳିକାଙ୍କ ସହ ବର୍ଷେ ହେଲା ଅଭିଯୁକ୍ତ ରଞ୍ଜନଙ୍କ ପରିଚୟ ଥିଲା। ଏପରି କି ଦୁହେଁ ଫୋନରେ କଥା ମଧ୍ୟ ହେଉଥିଲେ। ହେଲେ ୩ ମାସ ହେଲା ନାବାଳିକା ରଞ୍ଜନଙ୍କ ସହ ଆଉ କଥା ହେଉ ନ ଥିଲେ। ଏହାକୁ ନେଇ ରାଗ ରଖିଥିବା ରଞ୍ଜନ ସୋମବାର ପୂର୍ବାହ୍ନ ୮ଟା ୩୦ରେ ଏକ ବାଇକ୍‌ରେ କୁଇଓ ଆସିଥିଲେ। ନାବାଳିକାଙ୍କ ଘର ସମ୍ମୁଖରେ ଗାଡ଼ି ରଖି ଘର ଭିତରକୁ ଧସେଇ ପସିଥିଲେ। ନାବାଳିକାଙ୍କ ମା' ବିରୋଧ କରିବାରୁ ତାଙ୍କୁ ଧକ୍କା ମାରି କବାଟ ବନ୍ଦ କରିଦେଇଥିଲେ। ଏହାପରେ ନାବାଳିକାଙ୍କ ରୁମ୍ ଭିତରକୁ ପଶିଯାଇ ଏକ ଧାରୁଆ ଛୁରିରେ ତଣ୍ଟି କାଟି ଛାତ ଉପର ଦେଇ ଖସି ଚାଲିଯାଇଥିଲେ। ତୁରନ୍ତ ନାବାଳିକାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ହତ୍ୟାକାଣ୍ଡ ପରେ କୁଇଓ ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ସଦର ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସନ୍ଧ୍ୟାରେ ହତ୍ୟାକାଣ୍ଡସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତଙ୍କ ମା' ଓ ଭାଇଙ୍କୁ ଥାନାକୁ ଉଠାଇ ଆଣି ରଞ୍ଜନଙ୍କ ସମ୍ପର୍କରେ ତଥ୍ୟ ପାଇବା ପାଇଁ ଉଦ୍ୟମ କରୁଛି। ଥାନା ଅଧିକାରୀ ରାଉତ କହିଛନ୍ତି, ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

# ପୂର୍ବ ଶତ୍ରୁତା: ପୂର୍ବତନ ସମିତିସଭ୍ୟଙ୍କୁ ହତ୍ୟା

କାମାକ୍ଷାନଗର/ଭୁବନ, ୮ା୫(ଡି.ଏନ୍.ଏ.)


ମୃତ ସର୍ବେଶ୍ୱର ରାଉତ।

ରାଜନୈତିକ କନ୍ଦଳ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦିଘି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ରାଉତ (୫୫)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକଙ୍କ ପୁଅ ସୁଜିତ ରାଉତଙ୍କ ଅଭିଯୋଗକ୍ରମେ କାମାକ୍ଷାନଗର ଥାନାରେ ଏ ନେଇ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କିଛିଦିନର ଅନ୍ତରାଳରେ ଜିଲାରେ ଏଭଳି ହତ୍ୟାକାଣ୍ଡ ଆଲୋଡ଼ନ ସୃଷ୍ଟି କରିଛି।

ସୁଜିତଙ୍କ କହିବା କଥା, ୨୦୧୭ ନିର୍ବାଚନରେ ବାପା ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ଗ୍ରାମର ପୂର୍ବତନ ସଭାପତି ମଧ୍ୟ ଥିଲେ। ଗ୍ରାମ ସଭାପତି ଥିବା ସମୟରେ ଗାଁର ମାୟାଧର ସ୍ୱାଇଁଙ୍କ ପୁଅ ଅଜୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରୁଥିଲେ। ହତ୍ୟା ଧମକ ମଧ୍ୟ ଦେଇଆସୁଥିଲେ। ଘରଠାରୁ ୨ କିଲୋମିଟର ଦୂର ନଦୀକୂଳ କାଜୁ ବଗିଚାରେ କାର୍ଯ୍ୟରତ ଜଗୁଆଳିଙ୍କ ଭଲମନ୍ଦ ବୁଝି ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବାପା ବାଇକ୍‌ରେ ଘରକୁ ଫେରୁଥିଲେ। ପୂର୍ବ ଯୋଜନା ଅନୁଯାୟୀ ଅଜୟ ଏବଂ ତାଙ୍କ ସମ୍ପର୍କୀୟମାନେ ଜାମୁନାଳିଆ ନିକଟ ରାସ୍ତାରେ ବାପାଙ୍କୁ ଘେରିଯାଇ ଠେଙ୍ଗା, ଟାଙ୍ଗିଆ, ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ରାତି ପ୍ରାୟ ୧୦ଟା ୫୫ରେ ବାପାଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଫୋନ୍ ଆସିଥିଲା। ଜଣେ ବନ୍ଧୁଙ୍କ ସହ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଅଜୟ ସ୍ୱାଇଁ, ତାଙ୍କ ପୁଅ ପବିତ୍ର ସ୍ୱାଇଁ, ବାପା ମାୟାଧର ସ୍ୱାଇଁ, ସୁରପ୍ରତାପପୁର ଗ୍ରାମର ଅଜୟଙ୍କ ସମ୍ପର୍କୀୟ ତୋଫାନ ମହାନ୍ତି, କୁନା ମହାନ୍ତି, ସରୋଜ ମହାନ୍ତି, ଲକ୍ଷ୍ମଣ ସାହୁ, ଶ୍ରୀକାନ୍ତ ସାମଲ, ଚିତ୍ତରଞ୍ଜନ ସାହୁ, ଭଜମନ ସାମଲ, ସୁଜାତା ସାହୁ, କାର୍ତ୍ତିକେଶ୍ୱର ମଲ୍ଲିକ ସଂଘବଦ୍ଧ ଭାବେ ଆକ୍ରମଣ କରି ହାଣି ପକାଇଥିବା କହିଥିଲେ। ଏକ ଘରୋଇ ଗାଡ଼ିରେ ବାପାଙ୍କୁ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପଟେ ପୋଲିସ ହତ୍ୟାକାଣ୍ଡ ସ୍ଥଳ ଏବଂ ମେଡିକାଲରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ କୁହନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏହି ଘଟଣାରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ବିବାଦ ଚର୍ଚ୍ଚା

୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥନରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ସର୍ବେଶ୍ୱର। ତେବେ ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ଭୁବନ ବ୍ଲକ ରାଜନୀତିରେ ତାଙ୍କର ବେଶ୍ ପତିଆରା ଥିଲା। ନିର୍ବାଚନରେ ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡି ହାତେଇଥିବାବେଳେ ଏଥିରେ ସର୍ବେଶ୍ୱରଙ୍କ ରଣନୀତି କାମ ଦେଇଥିଲା। ହେଲେ ଭାଜପାରୁ ଆସି ବିଜେଡିରେ ସାମିଲ ହେବା ଏବଂ କମ୍ ସମୟ ମଧ୍ୟରେ ବ୍ଲକ ରାଜନୀତିରେ ପ୍ରଭାବ ବିସ୍ତାର କରିବା ଅନେକଙ୍କ ଚକ୍ଷୁଶୂଳ ହୋଇଥିଲା। ଶାସକ ଦଳର କେତେଜଣ ନେତା ଯେଉଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପୋଖରୀ ଖନନ କାର୍ଯ୍ୟ କରୁଥିଲେ, ତାହାକୁ ସର୍ବେଶ୍ୱର ବିରୋଧ କରି ଆସୁଥିଲେ। ଏହାକୁ ନେଇ ଗତ ଦିନରେ ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ ତୀବ୍ର ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ଗାଁରେ ବୈଠକ କରି ଏହାର ସମାଧାନ କରାଯାଉଥିଲା। ତେବେ ବିବାଦ ଯଦିଓ ଥାନାକୁ ଆସି ନ ଥିଲା, ତଥାପି ସର୍ବେଶ୍ୱରଙ୍କୁ ରାସ୍ତାରୁ ହଟାଇବା ପାଇଁ ବିରୋଧୀ ଗୋଷ୍ଠୀ ସୁଯୋଗ ଖୋଜୁଥିଲେ। ପତିଆରା ଲଢ଼େଇ ଏବଂ ପୂର୍ବ ଶତ୍ରୁତା ସର୍ବେଶ୍ୱର ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।



## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥାର ସନ୍ଧି;**
**କାଉ ଧାନ ଖାଏ ବୋହୂକୁ ବାନ୍ଧି ।**

ଏପରି କିଛି କଥା ଅଛି, ଯାହା କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ । ଅନ୍ୟାୟରେ ବା ଅଯଥାରେ ଅନ୍ୟକୁ ଅଭିଯୁକ୍ତ କରି ଫାଇଦା ହାସଲ କରୁଥିବା ବ୍ୟକ୍ତି ସାଧାରଣତଃ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବା ବେଳେ ତାଙ୍କ ପ୍ରତି ଏପରି କଟୁକ୍ତି ପ୍ରକାଶ କରାଯାଇଛି ।

**କବାଟରେ ସରୁ କଣା;**
**ମତେ ରୁରୁନାହିଁ ନବାତ ପଣା,**
**ଦୁରୁ ଥାଇ ତୁଣ୍ଡ ଶୁଣା ।**

କିଏ ଆସୁଛନ୍ତି ଜାଣିବାକୁ କବାଟରେ ସରୁ ବା ଛୋଟିଆ କଣା । ବାହାରୁ କିଏ ଆସିବାର ଦେଖିଲେ ଦେହ ଖରାପ, ଖାଲି ପଣା ପିଇ ରହୁଥିବା ନେଇ ମିଛ ଅଭିନୟ । ହୁସିଆର ତଥା ଛଳନାମୟ ବ୍ୟକ୍ତିଙ୍କ ଏପରି ସିଆଣିଆ ମତିଗତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ମନ୍ତବ୍ୟ

"ଭାରତ ସବୁବେଳେ ସତ୍ୟ, ନ୍ୟାୟ ଏବଂ ମାନବତାକୁ ସମର୍ଥନ କରିଆସୁଛି। ଦେଶ ସୁରକ୍ଷା କ୍ଷେତ୍ରରେ ବାୟୁସେନା ଶକ୍ତ କାନ୍ଥ ଭଳି ଛିଡ଼ା ହୋଇଛି।

- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

**ପ୍ରଥମ ପୃଷ୍ଠାରୁ...**

## ଚିଲିକାକୁ ଉଜାଡୁଛି...

ଭର୍ଚୁଆଲ୍ ଶୁଣାଣିରେ ଭାଗ ନେଇ ସିଡିଏ ଟିମ୍ କ୍ରମାଗତ ଭାବେ ଏହା ଉପରେ ନଜର ରଖିବ । ଏପରି କି ପୁନଃ ଯେପରି ବେଆଇନ ଘେରି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ଏହାର ଶୁଣାଣି କରି ବେଆଇନ ଭାବେ ଚାଲିଥିବା ଘେରି ଉଚ୍ଛେଦ ଏବଂ ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଅଧିକ ଫୋର୍ସ ମୁତୟନ ଲାଗି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ଆରକ୍ଷୀ ଅଧୀକ୍ଷକ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଅଦ୍ୟାବଧି ସେପରି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବାରୁ ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ସୂଚନାନୁଯାୟୀ, ଚିଲିକା ହ୍ରଦକୁ ରାମ୍‌ସାର୍ ସାଇଟ୍ ମାନ୍ୟତା ମିଳିବା ପରେ ତାହାକୁ ଘେରିମୁକ୍ତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ହାଇକୋର୍ଟ ମଧ୍ୟ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସକାଶେ ଆଦେଶ ଦେଇଥିଲେ । ତେବେ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍‌ଭାବେ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହେଉଛି । ଏବେ ବି ଚିଲିକାରେ ଶହ ଶହ ଏକର ବେଆଇନ ଚିଙ୍ଗୁଡ଼ିଘେରି ରହିଛି । ଚଳିତ ବର୍ଷ ଜାନୁୟାରୀରେ ଚିଲିକାରେ ପକ୍ଷୀ ଗଣନା ଚାଲିଥିବାବେଳେ ସାତପଡ଼ା ରେଞ୍ଜ୍ ଅଞ୍ଚଳରେ ଗଣନାକାରୀ ଟିମ୍ ଏକ ଚିଙ୍ଗୁଡ଼ିଘେରି ଦେଖିବାକୁ ପାଇଥିଲେ । ଘେରି ଜାଲରେ ପାଣିକୁଆ ସମେତ ଅନ୍ୟାନ୍ୟ ପକ୍ଷୀ ଫସି ରହିଥିଲେ । ସେହିପରି ଅନ୍ୟ ଏକ ଟିମ୍ ପକ୍ଷୀ ଗଣନା କରୁଥିବା ବେଳେ ମାଣିକପାଟଣା ନିକଟରେ ଏକ ଚିଙ୍ଗୁଡ଼ିଘେରି ଭିତରେ ପାଣିକୁଆ ମାଛ ଖାଇବା ଆଶାରେ ପଶିଯିବା ପରେ ଆଉ ବାହାରି ନ ପାରି ଜାଲରେ ଛନ୍ଦି ହୋଇଯାଇଥିଲା । ପରେ ଟିମ୍ ସଦସ୍ୟ ପାଣିକୁଆକୁ ଉଦ୍ଧାର କରିଥିଲେ । ତେବେ ଚିଲିକାରେ ଏହା ନୂଆ କଥା ନୁହଁ । ଚିଲିକାରେ ୫୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ପକ୍ଷୀ ବର୍ଷସାରା ରହୁଛନ୍ତି । ଖାଦ୍ୟ ଅନ୍ୱେଷଣ ବେଳେ ଜାଲରେ ଫସି ପ୍ରାଣ ହରାଉଥିବା ଜଣାପଡ଼ିଛି । ଚିଲିକା ହ୍ରଦର ସାତପଡ଼ା ଅଞ୍ଚଳ ଇରାୱାଡ଼ି ଡଲ୍‌ଫିନ ପାଇଁ ଜଣାଶୁଣା । ଯଦିଓ ଚିଲିକାରେ ଡଲ୍‌ଫିନ ରହିବା ପାଇଁ ସ୍ଥାନାଭାବ ନାହିଁ, ତେବେ ସିଡିଏ, ବନ ବିଭାଗର ଉଦାସୀନତା, ଦ୍ରୁତଗତିରେ ମାତ୍ରାଧିକ ଡଙ୍ଗା ଚଳପ୍ରଚଳ ଏବଂ ଘେରି ପାଇଁ ଡଲ୍‌ଫିନ୍‌ର ବାସସ୍ଥାନ ବିଶେଷ ଭାବେ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ରହିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲାର ଟାଙ୍ଗୀ, ଚିଲିକା, ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରି ରହିଛି । ହେଲେ ବେଆଇନ ଘେରି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଯେତିକି ଉଚ୍ଛେଦ ହେଉଛି ପୁଣି ସେତିକି ଧୀରେ ଧୀରେ ବଢ଼ିଚାଲିଥିବା ଦେଖିବାକୁ ମିଳୁଛି । ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ଏଥିଯୋଗୁ ଚିଲିକା ଧୀରେ ଧୀରେ ଅସ୍ତିତ୍ୱ ହରାଇବା ଆଶଙ୍କା ପ୍ରକାଶ ପାଉଛି ।

### ସେମାନେ ଯାହା କହନ୍ତି...

■ ତିନିଦଶନ୍ଧି ଧରି ଚିଲିକା ଘେରିମୁକ୍ତ ଲାଗି ଚାଲିଥିବା ପ୍ରକ୍ରିୟା ଏବେ ବି ଜାରି ରହିଛି । ତେବେ ସବୁ ଚେଷ୍ଟା ସତ୍ତ୍ୱେ ଚିଲିକା ଘେରିମୁକ୍ତ ହୋଇପାରୁନାହିଁ । କାହା ଇଙ୍ଗିତ, ଛତ୍ରଛାୟା ତଳେ ଏସବୁ ଚାଲିଛି ବୋଲି ଲୋକଙ୍କ ମଧ୍ୟରେ ସନ୍ଦେହ ଜାତ ହେଉଛି । ବେଆଇନ ଚିଙ୍ଗୁଡ଼ି ଘେରି, ନଳଘାସ, ରାଜଦଳ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି । ଯେଉଁମାନେ ଚିଲିକାରେ ବିପଦ ସୃଷ୍ଟି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

**- ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ**

■ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବେଆଇନ ଘେରି ଉଚ୍ଛେଦ କରାଯାଇଛି । ଚିଲିକାରେ କେହି ଘେରି କଲେ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଚିଲିକା ତହସିଲଦାର କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ୍ୟ ଦେଇଛନ୍ତି । ଏଥିସହିତ ଚିଲିକାରେ ପାଟ୍ରୋଲିଂ କରାଯାଉଛି । ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି । ଏଥିଲାଗି ଜନସାଧାରଣ ସହଯୋଗର ହାତ ବଢ଼ାଇବା ଉଚିତ ।

**- ଦୀପ୍ତିରଞ୍ଜନ ସେଠୀ, ଖୋର୍ଦ୍ଧା ଉପଜିଲାପାଳ**

## ୧୦ରେ ବାତ୍ୟା ରୂପ...

ସକାଳେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ୧୨ ତାରିଖ ପରେ ବାତ୍ୟା ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବା ସମ୍ଭାବନା ରହିଛି । ବାତ୍ୟାର ଗତିପଥ ବଦଳି ବାଂଲାଦେଶ ଓ ମ୍ୟାନ୍‌ମାର ମୁହାଁ ହେବା ସମ୍ଭାବନା ରହିଛି । ବାତ୍ୟା ବାଂଲାଦେଶ, ମ୍ୟାନ୍‌ମାର ଉପକୂଳ ଛୁଇଁପାରେ ବୋଲି ସେ କହିଛନ୍ତି । ୧୨ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି । ଯେଉଁମାନେ ସମୁଦ୍ରରେ ଅଛନ୍ତି, ତୁରନ୍ତ କୂଳକୁ ଫେରି ଆସିବାକୁ କୁହାଯାଇଛି । ବର୍ତ୍ତମାନ ସ୍ଥିତିରେ ଓଡ଼ିଶା ପାଇଁ କିଛି ସତର୍କ ସୂଚନା ନାହିଁ । ତେବେ ଏହା ପଶ୍ଚିମବଙ୍ଗ ଉପକୂଳର କେତେ ନିକଟ ହେଉଛି, ତା' ଉପରେ ଆମେ ଧ୍ୟାନ ରଖିଛୁ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି ।

### ୧୪ ସହର ପାରଦ ୪୦ ଡିଗ୍ରୀ ଟପିଲା

କିଛି ଦିନ ଥଣ୍ଡା ପରିବେଶ ପରେ ସୋମବାର ପୁଣି ରାଜ୍ୟରେ ତାତି ବଢ଼ିଛି । ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସହରରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଛି । ୧୪ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୬, ସମ୍ବଲପୁର ୪୧.୬, ରାଉରକେଲା ୪୧.୪, ଅନୁଗୋଳ ୪୧.୧, ସୁନ୍ଦରଗଡ଼ ୪୧, ତାଳଚେର ୪୦.୮, ବଲାଙ୍ଗୀର ୪୦.୫, ଜଗତ୍‌ସିଂହପୁର ୪୦.୫, ଚାନ୍ଦବାଲି ୪୦.୨, ଟିଟିଲାଗଡ଼ ୪୦, ସୋନପୁର ୪୦, ନୟାଗଡ଼ ୪୦ ଏବଂ କେନ୍ଦ୍ରାପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୦.୬, ହୀରାକୁଦରେ ୩୯.୬, ଚାନ୍ଦବାଲିରେ ୩୮.୨, ଭୁବନେଶ୍ୱରରେ ୩୭.୪, କେନ୍ଦୁଝରରେ ୩୬, ବାଲେଶ୍ୱରରେ ୩୪.୬, ପୁରୀରେ ୩୪.୪, ଗୋପାଳପୁରରେ ୩୩.୮ ଓ ପାରାଦୀପରେ ୩୩.୪ ଡିଗ୍ରୀ ରେକର୍ଡ କରାଯାଇଛି ।

# ୪ ଜିଲାର ୩୩୫ ରୂପାନ୍ତରିତ ସ୍କୁଲର ଲୋକାର୍ପଣ





**ଭୁବନେଶ୍ୱର, ୮।୫(ବ୍ୟୁରୋ)**

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ଶେଷ ଦିନରେ ୪ ଜିଲାର ୩୩୫ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକାର୍ପିତ କରିଛନ୍ତି । ଏଥିରେ କଟକ ଜିଲାର ୯୮ ହାଇସ୍କୁଲ, କଳାହାଣ୍ଡି ଜିଲାର ୧୧୫, ମାଲକାନଗିରି ଜିଲାର ୪୯ ଏବଂ ଯାଜପୁର ଜିଲାର ୭୩ ହାଇସ୍କୁଲ ଅନ୍ତର୍ଭୁକ୍ତ । ଏହାଦ୍ୱାରା ୩ୟ ପର୍ଯ୍ୟାୟରେ ସମୁଦାୟ ୨୧୫୧ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍କୁଲ ରୂପାନ୍ତର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି । ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନାଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଟେକ୍ନୋଲୋଜିର ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି । ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ । ଏସବୁ କାମରେ ପ୍ରତି ସ୍ତରରେ ସ୍ୱଚ୍ଛତା ବା ଟ୍ରାନ୍ସପାରେନ୍ସି ରକ୍ଷା କରାଯାଇଛି । ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରାଯାଇ କାମ କରାଯାଉଛି । ଭିଜନ ଡକ୍ୟୁମେଣ୍ଟଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟ ପାଇଁ ହେଉଥିବା ଖର୍ଚ୍ଚ ସମ୍ପର୍କରେ ସମସ୍ତେ ସବୁ ବିଷୟରେ ଜାଣନ୍ତି । ସ୍ୱଚ୍ଛତା ହେଉଛି ୫-ଟିର ସବୁଠାରୁ ବଡ଼ ଶକ୍ତି । କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ହେଉଛି ଟେକ୍ନୋଲୋଜିର ଯୁଗ । ଜୀବନର ସବୁ କ୍ଷେତ୍ରକୁ ଟେକ୍ନୋଲୋଜି ପ୍ରଭାବିତ କରୁଛି । ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ । ଏହାଦ୍ୱାରା ସେମାନେ ଆଧୁନିକ ଯୁଗରେ ସବୁ କ୍ଷେତ୍ରରେ ଆଗରେ ରହିପାରିବେ । ୫-ଟି ସ୍କୁଲଗୁଡିକରେ ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି । ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡ଼ିଶାର ଗୌରବ ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଳାହାଣ୍ଡିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମାଲକାନଗିରିରେ ଜିଲା ପରିଷଦ ସଭାପତି ଶାମାରୀ ଟାଙ୍ଗୁଲୁ ଓ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରମୁଖ ସେମାନଙ୍କ ମତାମତ ରଖି କହିଛନ୍ତି, ସ୍କୁଲ ରୂପାନ୍ତର ଦ୍ୱାରା ପିଲାମାନଙ୍କ ସ୍ୱପ୍ନରେ ଡେଣା ଲାଗିଛି । ଶିକ୍ଷା ହିଁ ସବୁ ସମସ୍ୟାର ସମାଧାନ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଛନ୍ତି । ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି । ମୁଖ୍ୟ ଶାସନ ସଚିବ ପି.କେ. ଜେନା, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

# ଆରମ୍ଭ ହେଲା ଓଜେଇଇ

## ପ୍ରଥମ ଦିନରେ ଲାଟେରାଲ ଟେକ୍ ଡିପ୍ଲୋମା ପ୍ରବେଶିକା ପରୀକ୍ଷା ଦେଲେ ୧୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା(ଓଜେଇଇ) ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି । ପ୍ରଥମଦିନ ଲାଟେରାଲ ଟେକ୍ ଡିପ୍ଲୋମା ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ମୋଟ ୧୭ ହଜାର ୭୬୩ ପିଲା ପଞ୍ଜୀକରଣ କରିଥିବାବେଳେ ୧୨ହଜାର ୫୯୩ଜଣ ପରୀକ୍ଷା ଦେଇଛନ୍ତି । ମଙ୍ଗଳବାର ମଧ୍ୟ ୩ଟି ପର୍ଯ୍ୟାୟରେ ଏମ୍‌ସିଏ, ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଓ ଏମ୍‌ଟେକ୍ ଆଇଟି ପ୍ରବେଶିକା କରାଯିବ । ଏଥିରେ ପରୀକ୍ଷାଦେବା ଲାଗି ୮ ହଜାର ୮୪୧ ପିଲା ପଞ୍ଜୀକରଣ କରିଛନ୍ତି ।

୨୩ଟି ବୈଷୟିକ ଶିକ୍ଷାରେ ନାମଲେଖା ଲାଗି ଚଳିତବର୍ଷ ମୋଟ ୫୫ହଜାର ୯୭୯ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ବିଫାର୍ମା ଲାଗି ୧୩୮୧୩, ଇଣ୍ଟିଗ୍ରେଟେଡ ଏମ୍‌ବିଏ ଲାଗି ୧୩୭୨, ଏମ୍‌ଫାର୍ମା ୧୧୮୭, ଏମ୍‌ବିଏ ଲାଗି ୯୩୦୫, ଏମ୍‌ସିଏ ଆଣ୍ଡ୍ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଲାଗି ୮୮୪୧ଜଣ ଆବେଦନ କରିଥିବାବେଳେ ଏମ୍‌ଟେକରେ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଲାଗି ସର୍ବନିମ୍ନ ୨ଜଣ ଆବେଦନ କରିଥିବା ଜଣାପଡିଛି । ତେବେ ପ୍ରମୁଖ ୧୧ଟି ବିଷୟ ଯଥା ଏଣ୍ଟିଗ୍ରେଟେଡ୍ ଏମବିଏ, ଲାଟେରାଲ ଏଣ୍ଟ୍ରି-ବିଟେକ, ଲାଟେରାଲ ଏଣ୍ଟି-ବିଏସ୍‌ସି, ଲାଟେରାଲ ଏଣ୍ଟ୍ରି- ବିଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍‌ଟେକ୍, ଏମ୍‌ଫାର୍ମା, ଏମ୍‌ପ୍ଲାନ, ଏମ୍‌ଆର୍କି, ବି କାଟ ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇଛି ।

## ଶ୍ରୀମନ୍ଦିର ମାମଲା ବନ୍ଦ...

ଆବେଦନ କରିପାରିବେ । ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିଭଳି କାର୍ଯ୍ୟକାରୀ କରାଯାଇଛି ତାହାକୁ ତଦାରଖ କରିବା ଲାଗି ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା କରାଯାଇଥିବା ନିର୍ଦ୍ଦେଶ ଅନୁପାଳନ ସଂକ୍ରାନ୍ତୀୟ ସତ୍ୟପାଠକୁ ବିଚାର କରାଯାଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି ।

ଶୁଣାଣି ବେଳେ ଆମିକସ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ରଣଜିତ୍ କୁମାର ଶ୍ରୀମନ୍ଦିର ପରିଚାଳନା କମିଟିର ସତ୍ୟପାଠ ଉପରେ ଆଶଙ୍କା ବ୍ୟକ୍ତ କରିଥିଲେ । ସେ କହିଥିଲେ, ପରିଚାଳନା କମିଟି ବଡ଼ ପ୍ରତିଶ୍ରୁତି ଦେଇଥିଲା । ତେଣୁ ସେଠାରେ କିଭଳି ସବୁ କାର୍ଯ୍ୟ ହୋଇଛି ଓ ବାସ୍ତବ ସ୍ଥିତି କିପରି ରହିଛି, ତାହାକୁ ଅନୁଧ୍ୟାନ କରିବା ସକାଶେ ତାଙ୍କୁ ଓ ଅନ୍ୟତମ ଆଇନଜୀବୀ ପ୍ରିୟା ହିଙ୍ଗୋରାନିଙ୍କୁ ପୁରୀ ପରିଦର୍ଶନ କରିବା ଲାଗି ଅନୁମତି ଦିଆଯାଉ ବୋଲି କୁମାର ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପତ୍ତିର ପଞ୍ଜା ଓ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଥିଲେ । କିନ୍ତୁ ଖଣ୍ଡପୀଠ ସେହି ସମ୍ପର୍କରେ କୌଣସି ମତ ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ଖଣ୍ଡପୀଠ କହିଥିଲେ, ''ତାହା ଏକ ସମସ୍ୟା । ରତ୍ନଭଣ୍ଡାର ଖୋଲିବା କଷ୍ଟକର । ତାହାକୁ ଆମେ ଗ୍ରହଣ କରି ନିଆଁ ସହିତ ଖେଳିବାକୁ ଚାହୁଁନାହୁଁ । ଯଦି ତାହାକୁ ଖୋଲାଯାଏ କାଳେ କ'ଣ ଘଟିପାରେ । ତେଣୁ ସେହି ଆଡ଼କୁ ଆମେ ଯିବାକୁ ଚାହୁଁନାହୁଁ । ସେହି ବିଷୟର ଏକ ଅଂଶ ହେବାକୁ ଆମର ଇଚ୍ଛା ନାହିଁ । ଯାହାକିଛି ଭଲ ଚାଲିଛି, ତାହା କିଭଳି ଆହୁରି ଉତ୍ତମ ହେବ ଆଶା କରୁଛୁ ''।

ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମନ୍ଦିରରେ ଦର୍ଶନାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଓ ସେମାନେ ମନ୍ଦିର ସେବକଙ୍କ ଦ୍ୱାରା ହଇରାଣହରକତ ହେଉଥିବା ଅଭିଯୋଗ ଆଣି ମୃଣାଳିନୀ ପାଢ଼ୀ ୨୦୧୮ ଜୁନ୍‌ରେ ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଖଲ କରିଥିଲେ । ସେତେବେଳେ ଆବେଦନକାରୀ ଦର୍ଶାଇଥିଲେ ଯେ, ସମ୍ପୃକ୍ତ ଅଞ୍ଚଳର ପରିବେଶ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ । ଏଥିସହିତ ମନ୍ଦିରର କିଛି ଅଞ୍ଚଳରେ ଜବରଦଖଲ ହୋଇଛି । ମନ୍ଦିର ପରିଚାଳନାରେ ଘୋର ଅବ୍ୟବସ୍ଥା ରହିଛି । ନୀତିକାନ୍ତିକୁ ବ୍ୟବସାୟୀକରଣ କରିଦିଆଯାଇଛି । ଶ୍ରଦ୍ଧାଳୁମାନେ କିପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥିଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଆଇଏଲ୍‌ରେ ଦର୍ଶାଇଥିଲେ ।

ସୁପ୍ରିମକୋର୍ଟ ନଭେମ୍ବର ୨୦୧୯ରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇବା, ସମ୍ପତ୍ତି ପରିଚାଳନା, ଶ୍ରୀଜଗନ୍ନାଥଙ୍କ ଦୁର୍ମୂଲ୍ୟ ଦ୍ରବ୍ୟର ରକ୍ଷଣାବେକ୍ଷଣ କରିବା ସଂକ୍ରାନ୍ତରେ ୨୩ ପ୍ରକାରର ନିର୍ଦ୍ଦେଶ ଦେଇଥିଲେ । ଏହାକୁ ପାଳନ କରିବା ଲାଗି ମନ୍ଦିର ପ୍ରଶାସକ ଓ ମୁଖ୍ୟ ପ୍ରଶାସକଙ୍କ ସମେତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇ କୁହାଯାଇଥିଲା ଯେ, ଶ୍ରଦ୍ଧାଳୁ ବା ତୀର୍ଥଯାତ୍ରୀଙ୍କ ଦର୍ଶନକୁ ବ୍ୟବସ୍ଥିତ କରିବା ଓ ସେଠାରେ ଯେଭଳି କୌଣସି ଗଣ୍ଡଗୋଳ ନ ହୁଏ ତାହା ସୁନିଶ୍ଚିତ କରିବା ଲାଗି ବିଶେଷଜ୍ଞଙ୍କ ସହାୟତାରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବା ଦରକାର ।

ଚଳିତବର୍ଷ ଏପ୍ରିଲରେ ମନ୍ଦିର ପରିଚାଳନା କମିଟି ୨୦୧୯ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ସବୁକିଛି ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ କରି ଏକ କାର୍ଯ୍ୟାନ୍ୱୟନ ରିପୋର୍ଟ ପ୍ରଦାନ କରିଥିଲା । ଶ୍ରୀମନ୍ଦିରର ୬୦,୦୦୦ ଏକର ଜମି ରହିଛି ଓ ସେଥିମଧ୍ୟରୁ ୩୮,୦୬୧ ଏକରର ସ୍ୱତ୍ୱାଧିକାର ମିଳିସାରିଛି । ରୋଷଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ନିଆଯାଇଛି । ନୀତିକାନ୍ତିର ଉତ୍ତମ ପରିଚାଳନା ସକାଶେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଅନ୍ୟ ପଣ୍ଡିତମାନଙ୍କ ସହ ପରାମର୍ଶ କରାଯାଇଛି । ମନ୍ଦିର କମ୍ପ୍ଲେକ୍ସରେ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଶୌଚାଳୟ ସ୍ଥାପନ କରାଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ମଧ୍ୟ କରାଯାଇଛି । ସେବାୟତ ପିଲାମାନଙ୍କ ପାଠପଢ଼ା ପାଇଁ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସ୍ଥାପନା ଲାଗି ୩୨ ଏକର ଜମି ଚିହ୍ନଟ କରାଯାଇଛି । ସେଥିପାଇଁ ମୁମ୍ବାଇସ୍ଥିତ ଜିଡି ବିର୍ଲା ମେଡିକାଲ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ।

୨୦୧୮ରେ ଶ୍ରୀମନ୍ଦିର ଦ୍ୱାର ଖୋଲିବାରେ ବିଳମ୍ବ କରିଥିବା ଅଭିଯୋଗରେ ପ୍ରାଥମିକ ତଦନ୍ତ ପରେ ୫ ଜଣ ସେବାୟତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ସେବାୟତଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି ବୋଲି କମିଟି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି ।

## ୧୧ ବର୍ଷରେ ଦ୍ୱାଇ...

ଆରମ୍ଭ କରିଥିଲେ । ସାଙ୍ଗମାନଙ୍କ ଥଟ୍ଟା ଇଙ୍ଗିତକୁ କେନ୍ଦ୍ର କରି ତାଙ୍କୁ ୩ଥର ସ୍କୁଲ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଅବସାଦ ଯୋଗୁ ଆଧାରା କିଛିଦିନ ନିଜକୁ ରୁମ୍‌ରେ ବନ୍ଦ କରି ରଖିଥିଲେ । ପରେ ମା' ନାଲେଲି ସାଞ୍ଚେଜ୍ ତାଙ୍କୁ ଜଣେ ଥେରାପିଷ୍ଟଙ୍କ ନିକଟକୁ ନେଇଥିଲେ, ଯାହାପରେ ଆଧାରାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା । ସେ ପ୍ରଖର ବୁଦ୍ଧିମତ୍ତା ସମ୍ପନ୍ନ ବୋଲି ଥେରାପି ଜରିଆରେ ଡାକ୍ତର ଜାଣିବାକୁ ପାଇଥିଲେ । ଧୀରେ ଧୀରେ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ବଢ଼ିବାକୁ ଲାଗିଥିଲା । ମାତ୍ର ୬ ବର୍ଷ ବୟସରେ ସେ ହାଇସ୍କୁଲ ପାଠପଢ଼ା ଶେଷ କରିବାକୁ ସକ୍ଷମ ହୋଇଥିଲେ । ଏପ୍ରିଲରେ ମାରି କ୍ଲେର୍ ମେକ୍ସିକୋ ମାଗାଜିନ୍‌ର କଭର୍‌ରେ ଆଧାରାଙ୍କ ଫଟୋ ଛପାଯାଇଛି ।

ଭିଜା ହୋଇ ନ ପାରିବାରୁ ଆଧାରା ୟୁନିଭର୍ସିଟି ଅଫ୍ ଆରିଜୋନାରେ ପାଠ ପଢ଼ିବାର ଇଚ୍ଛାକୁ ପୂରା କରିପାରି ନ ଥିବା କହିଛନ୍ତି । ୟଙ୍ଗ ସାଇଣ୍ଟିଷ୍ଟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କରାଯାଉଥିବା ଜି-ଟେଷ୍ଟସ୍‌ରେ ଆଧାରା ଅଂଶଗ୍ରହଣ କରିଛନ୍ତି । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାବେଳକୁ ତାଙ୍କୁ ୧୭ ବର୍ଷ ହୋଇଯାଇଥିବାବେଳେ ବିଶ୍ୱରେ ପ୍ରଥମ ଅଟିଷ୍ଟିକ୍ ଭାବେ ଆଧାରା ମହାକାଶରେ ଉଡ଼ିବାର ସୁଯୋଗ ପାଇବେ ।

## ଝାରସୁଗୁଡ଼ା ଉପନିର୍ବାଚନ...

ଶେଷ ହୋଇଛି । ପୋଲିଂ ପାର୍ଟି ସଦସ୍ୟମାନେ ନିଜ ନିଜ ବୁଥ୍‌କୁ ଯାଇଛନ୍ତି । ୪୦ଟି ବୁଥ୍ ମଡେଲ ବୁଥ ଓ ୨୬ଟି ବୁଥକୁ ପିଙ୍କ୍ ବୁଥ୍ କରାଯାଇଛି । ପ୍ରତ୍ୟେକ ବୁଥ୍‌ରେ ୪ ଜଣ ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୨୪ଟି ଟିମ (୯୬ଜଣ ପୋଲିଂ ଅଫିସର)କୁ ରିଜର୍ଭ ରଖାଯାଇଛି । ନିର୍ବାଚନମଣ୍ଡଳୀର ୧୯୭ଟି ସ୍ଥାନରେ ମୋଟ ୨୫୩ଟି ବୁଥ୍ ରହିଛି, ଯେଉଁଥିରୁ ୧୧୬ଟି ବୁଥ୍‌କୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି । ସମସ୍ତ ବୁଥ୍‌ରେ ୱେବ୍‌କାଷ୍ଟିଂର ବ୍ୟବସ୍ଥା ହୋଇଛି । ୬୯ଟି ମାଇକ୍ରୋ ଅବଜରଭର ମୁତୟନ ହୋଇଛନ୍ତି । ଆଇନଶୃଙ୍ଖଳା ଦାୟିତ୍ୱରେ ମୋଟ ୧୫୫ଜଣ ପୁଲିସ ଅଫିସର, ୧୭ ପ୍ଲାଟୁନ ପୋଲିସ ଫୋର୍ସ, ୩୨୩ ଜଣ ହାବିଲଦାର, କନ୍‌ଷ୍ଟେବଲ ଓ ୨୦୫ଜଣ ହୋମ୍‌ଗାର୍ଡଙ୍କୁ ମିଶାଇ ମୋଟ ୧୮୧୪ଜଣ ପୁଲିସ କର୍ମୀଙ୍କ ସମେତ ୭ କମ୍ପାନୀ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ଏହି କେନ୍ଦ୍ରୀୟ ଫୋର୍ସ ୧୪୪ଟି ବୁଥ୍ ଦାୟିତ୍ୱରେ ରହିବେ । ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ବାହାରର କୌଣସି ରାଜନୀତିକ ଦଳର ସଦସ୍ୟ, ଷ୍ଟାର ପ୍ରଚାରକ, ପ୍ରାର୍ଥୀ ଯିଏ ସ୍ଥାନୀୟ ଭୋଟର ହୋଇ ନ ଥିବେ, ତାଙ୍କୁ ସମ୍ପୃକ୍ତ ଅଞ୍ଚଳ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲାପାଳ, ଏସ୍‌ପି ଓ ରିଟର୍ନିଂ ଅଫିସରଙ୍କୁ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି ।

ଭୋଟଗ୍ରହଣ ଦିନ ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ କେହି ଏକ୍‌ଜିଟ୍ ପୋଲ କରିପାରିବେ ନାହିଁ । ଏହା କଲେ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୨୬(କ)ଅନୁସାରେ ଉଭୟ ଜେଲ ଓ ଜରିମାନାର ବ୍ୟବସ୍ଥା ରହିଛି । ସେହିପରି ଭୋଟଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ୪୮ଘଣ୍ଟା ମଧ୍ୟରେ କୌଣସି ପ୍ରକାରର ଓପିନିଅନ ପୋଲ୍ କିମ୍ବା ସର୍ଭେ ଉପରେ ମଧ୍ୟ କମିଶନ କଟକଣା ଜାରି କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଭାଇ, ବନ୍ଧୁ, ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ସାହାଯ୍ୟରୁ ଅର୍ଥ ପାଇବେ । ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି । କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ବୃଷ** - ଗତକାଲିଠାରୁ ସ୍ଥିର କରିଥିବା ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ । ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ । ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି । ସତ୍‌ସଙ୍ଗ ଓ ବନ୍ଧୁମିଳନ କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି ।

**ମିଥୁନ** - ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ ରଖିବ । ବହୁ ଦିନରୁ ଚେଷ୍ଟା କରି ମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ । ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ । କିନ୍ତୁ ଏହା ସାଙ୍ଗଙ୍କୁ ପାଖରେ ଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ ।

**କର୍କଟ** - ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ । ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସାକରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ । ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ । କଚେରି ମାମଲା,ଜମିଜମା ସମ୍ପର୍କିତ ବିବାଦୀୟ ଘଟଣାରେ ବିଜୟୀ ହେବେ ।

**ସିଂହ** - ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମନ ଭଲ ରହିବ ନାହିଁ । ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ । ସାମାଜିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ନିଜ ପାଇଁ କ୍ଷତିର କାରଣ ହେବ ।

**କନ୍ୟା** - ପ୍ରତ୍ୟେକ କାମ ସମସ୍ୟା ବିଜଡ଼ିତ ସାଙ୍ଗକୁ ବହୁ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ । ବନ୍ଧୁଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ । ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ । ଯାତ୍ରା, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବୃଦ୍ଧି ପାଇପାରେ ।

**ତୁଳା** - ଆଜି ଦିନଟିରେ ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବ ନାହିଁ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ । ସାଙ୍ଗସାଥୀଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଚିତ୍ରା ନକ୍ଷତ୍ରର ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ିଯିବ ।

**ବିଛା** - କର୍ମକ୍ଷେତ୍ରର ଚାପ ବୃଦ୍ଧି କାରଣରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ । ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ । ବିବାଦୀୟ ଘଟଣାରୁ ଦୂରେଇରହିବା ଭଲ ହେବ, ନଚେତ୍ ନିଜେ ସମସ୍ୟା ଭିତରକୁ ଟାଣିହୋଇପାରନ୍ତି । ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ପଡ଼ିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ ।

**ଧନୁ** - ପାରିବାରିକ କଳହ କିମ୍ବା ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବ ନାହିଁ । ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ । ପାଖ ପଡ଼ୋଶୀଙ୍କ ମୁହଁରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ ।

**ମକର** - ବନ୍ଧୁମାନଙ୍କୁ ସୁପରାମର୍ଶ, ଶିକ୍ଷା, ପରୀକ୍ଷା ତଥା ଆନୁଷ୍ଠାନିକ କ୍ଷେତ୍ରରେ କୃତିତ୍ୱରୁ ପ୍ରଶଂସିତ ହେବେ । କିନ୍ତୁ ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡ଼ିବ । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ । ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ।

**କୁମ୍ଭ** - ଆଜିର ଏକାଦଶସ୍ଥ ଚନ୍ଦ୍ର ଭଲ ବଦଳରେ କିଛି ପ୍ରାପ୍ୟଧନକୁ ନେଇ କଳହ ସୃଷ୍ଟି କରାଇବେ । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଆଶଙ୍କାକୁ ଏଡ଼ି ହେବ ନାହିଁ । ଜମିଜମା, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ । ବାଦବିବାଦର ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ ।

**ମୀନ** - ସାମାଜିକ ସ୍ତରରେ ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ । କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ନଚେତ୍ ଅନୁତାପ କରିବାକୁ ପଡ଼ିବ । ଆଲୋଚନା, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ମେ' ୯ ତାରିଖ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ, ବିଶ୍ୱ ଶ୍ୱାସରୋଗ ଦିବସ(ମେ ମାସର ଦ୍ୱିତୀୟ ମଙ୍ଗଳବାର) । ରାଶି ନକ୍ଷତ୍ର: ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮।୩୦ ଗତେ, ଘ.୧୦।୨୬ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୫୬ ଗତେ, ଘ.୦୪।୩୨ ମଧ୍ୟେ ରାହୁକାଳ ।

# ପ୍ରଦୂଷଣ ଜ୍ୱାଳାରେ ୨୦ରୁ ଊର୍ଦ୍ଧ୍ୱ ଗାଁ

**ଶିଳ୍ପ ପ୍ରଦୂଷଣର ଭୟାବହତା ଏବେ ଯାଜପୁର ଜିଲା କଳିଙ୍ଗନଗରବାସୀଙ୍କୁ କବଳିତ କରିଛି। ଶିଳ୍ପ କାରଖାନା ଘେରରେ ରହି କାଳ କାଟୁଥିବା ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ବାୟୁ ଓ ଜଳ ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷାକ୍ତ ହୋଇଛି। ସ୍ୱଚ୍ଛ ପାଣି ଟୋପାଏ ପାଇବା ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଭଳି ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।**

■ ପାଣି ଦେହରେ ଲାଗିଲେ କୁଣ୍ଡେଇ ହେଉଛି
■ ଗଛ ମରିଯାଉଛି

**ଯାଜପୁର ଅଫିସ,୮।୫**

କଳିଙ୍ଗନଗର ଶିଳ୍ପାଞ୍ଚଳର କେତେକ କାରଖାନା ଏବଂ ସୁକିନ୍ଦା ଖଣି ଅଞ୍ଚଳରୁ ନିଷ୍କାସିତ ବର୍ଜ୍ୟଜଳ ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତାରେ ମିଶୁଛି। ଏହି ନଦୀ ଜଳରେ ମାରାତ୍ମକ ସାୟନାଇଡ୍ ଓ ଫେନୋଲିକ କମ୍ପାଉଣ୍ଡ (କୋଇଲାଯୁକ୍ତ ପଦାର୍ଥ) ପରିମାଣ ଚିନ୍ତାଜନକ ଥିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ହୋଇଥିବା ନମୁନା ଯାଞ୍ଚରୁ ଜଣାପଡ଼ିଛି। କାରଖାନାରୁ ଯେଉଁ ବାଟ ଦେଇ ଏହି ବର୍ଜ୍ୟଜଳ ପ୍ରବାହିତ ହେଉଛି ସେହି ଅଞ୍ଚଳରେ ଜୀବନଯାପନ ପ୍ରଭାବିତ ହେବା ସହିତ ଚାଷ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଆସୁଛି। ଏସ୍‌ପିସିବି ବେଳେବେଳେ ଜଳ ନମୁନା ପରୀକ୍ଷା କରି କାରଖାନାର ବର୍ଜ୍ୟଜଳ ସେତେଟା ବିଷାକ୍ତ ନୁହେଁ ବୋଲି ପ୍ରମାଣିତ କରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା, ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ଉତ୍ପାଦନକ୍ଷମ ହେବା ପରେ ପ୍ରଦୂଷଣ ଘାତକ ହେବାରେ ଲାଗିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଶିଳ୍ପସଂସ୍ଥାଗୁଡ଼ିକର ହାତବାରିସି ସାଜିଥିବାରୁ ପ୍ରଦୂଷଣ ବିପଜ୍ଜନକ ହେଉଥିବା ସେମାନେ କହୁଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଅରାସାହି ବାସିନ୍ଦା ରାମରାୟ ଲାଗୁରି କୁହନ୍ତି, ତାଙ୍କ ସାହି ନିକଟ ଦେଇ ଏକ ପ୍ରାକୃତିକ ନାଳ ବୋହୁଛି। ସେହି ନାଳରେ ପୂର୍ବରୁ ଗାଧୋଇବା ସହ ଧାନ ଓ ପନିପରିବା ଚାଷ ହେଉଥିଲା। ବର୍ତ୍ତମାନ ସେହି ନାଳରେ କାରଖାନାର ବର୍ଜ୍ୟଜଳ ଛଡ଼ାଯିବା ଯୋଗୁ ବ୍ୟବହାର ଅନୁପଯୋଗୀ ହୋଇଛି। ସେହି ପାଣିରେ ସାବୁନରୁ ଫେଣ ବାହାରୁ ନାହିଁ। ପାଣି ଦେହରେ ଲାଗିଲେ କୁଣ୍ଡେଇ ହେଉଛି। କାଛୁ କୁଣ୍ଡିଆ ରୋଗରେ ପିଲାମାନେ ଆକ୍ରାନ୍ତ ହେଉଛନ୍ତି। ଯେକୌଣସି ଚାଷ କଲେ ଗଛ ମରିଯାଉଛି। କୁଡୁମୀସାହି ବାସିନ୍ଦା ମୌନାବତୀ ପାତ୍ର କୁହନ୍ତି, କୁଡୁମୀସାହି, କଚେରି ଗାଁ, ଟାଙ୍ଗରସାହି ଶିଳ୍ପ କାରଖାନା ପାଚେରି କଡ଼ରେ ରହିଛି। କାରଖାନାର ଧୂଳିଧୂଆଁ ଯୋଗୁ ଶିଶୁ ଓ ବୃଦ୍ଧାବୃଦ୍ଧ ଥଣ୍ଡା, କାଶ, ଜଣ୍ଡିସ, ଚର୍ମରୋଗ ସମେତ ଅଣନିଃଶ୍ୱାସୀ ଲାଗିବା ଭଳି ରୋଗ ହେଉଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଜୀବନହାନି ଆଶଙ୍କା ରହୁଛି। ଟାଙ୍ଗରସାହି ଗ୍ରାମର ପାଣ୍ଡବ ବଦରା କୁହନ୍ତି, ନିକଟସ୍ଥ କାରଖାନାରୁ ବର୍ଜ୍ୟପାଣି ଓ ଦୂଷିତ ବାୟୁ ବାହାରୁଛି। ଗ୍ରାମବାସୀ ପ୍ରଦୂଷଣରେ ଜର୍ଜରିତ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ବି କିଛି ସୁଫଳ ମିଳିପାରୁନାହିଁ।

୨୦୧୭ରୁ କଳିଙ୍ଗନଗର ଶିଳ୍ପାଞ୍ଚଳ, ମାନପୁର ଓ ଯଖପୁରା ନିକଟରେ ପ୍ରତିଷ୍ଠିତ କାରଖାନାଗୁଡ଼ିକ ପ୍ରଦୂଷଣ ନୀତିନିୟମ ମାନୁନାହାନ୍ତି। ଫଳରେ ଶିଳ୍ପାଞ୍ଚଳର ପ୍ରାୟ ୫୦ ହଜାର ଲୋକ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀଜନିତ ରୋଗରେ ପ୍ରାଣ ହରାଇଛନ୍ତି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ହୋଇଥିବା ଅଭିଯୋଗ ଆଧାରରେ ଏନ୍‌ଜିଟିରେ ମାମଲା (୧୯/୨୦୧୯) ରୁଜୁ ହୋଇଛି। ସେହିପରି ବ୍ୟକ୍ତିଗତ ଭାବେ ଅଞ୍ଚଳବାସୀଙ୍କ ପକ୍ଷରୁ କେତେକ ଅଭିଯୋଗ ଇତିମଧ୍ୟରେ ଏନ୍‌ଜିଟିରେ ହୋଇଛି। ସୂଚନାଥାଉ କି, ଏନ୍‌ଜିଟିରେ ମାମଲା ରୁଜୁ ହେବା ଏବଂ ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତିକରି ଯାଜପୁର ଜିଲାପାଳ ୭।୧୧।୨୦୧୯ରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଓ ପ୍ରତିକାର ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ (ପତ୍ର ସଂଖ୍ୟା ୯୪୩୨) ଦେଇଥିଲେ। ଏହାକୁ ଅତି ଗୁରୁତର ଭାବେ ଗ୍ରହଣ କରି ଶିଳ୍ପ କାରଖାନାଗୁଡ଼ିକ ଗାଇଡ୍‌ଲାଇନ୍ ଅନୁସାରେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ସ୍ଥାପନ କରିଛନ୍ତି କି ନାହିଁ ସେ ନେଇ ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ନିର୍ଦ୍ଧାରିତ ପରିବେଶ ମାନଦଣ୍ଡକୁ ମାନୁ ନ ଥିବା କାରଖାନାଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ପତ୍ରରେ ଦର୍ଶାଇଥିଲେ। କିନ୍ତୁ ଏ ସବୁ ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରୁନାହିଁ।

ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଗୁଣାତ୍ମକ ମାନ ପ୍ରତି ଘନମିଟର ପିଛା ୧୧୩ ମାଇକ୍ରୋଗ୍ରାମ ରହିଥିଲା। ତେବେ ଏହି ୨ ବର୍ଷ ମଧ୍ୟରେ ଘନମିଟର ପିଛା ମାଇକ୍ରୋଗ୍ରାମ ପରିମାଣ ବହୁଗୁଣରେ ବୃଦ୍ଧି ହୋଇଥିବା ଅନୁମାନ କରାଯାଉଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା। ଅନ୍ତର୍ଜାତୀୟସ୍ତରରେ ୨୦୧୧ ମସିହାଠାରୁ ଭାରତର ବାୟୁ ପ୍ରଦୂଷଣ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। କଳିଙ୍ଗନଗର ବ୍ୟତୀତ ଓଡ଼ିଶାର ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, ପାରାଦୀପ, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ଅତି ପ୍ରଦୂଷଣ ତାଲିକାରେ ରହିଛି। କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଅତି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା ହେବା ଜିଲାବାସୀଙ୍କ ପାଇଁ ସାଂଘାତିକ ହେବାରେ ଲାଗିଛି। ଏହି ପ୍ରଦୂଷଣ ଆଗାମୀ ଦିନରେ ସାରା ଜିଲାକୁ ଗ୍ରାସ କରିବ ବୋଲି ମତପ୍ରକାଶ ପାଇଛି। ବେଲହୁଁ ପାୱାର ପ୍ଲାଣ୍ଟ, କ୍ରଶର, ଚିମିନି ଭାଟି, ରେଳ ସାଇଡିଂ, ଯାନବାହନ ପ୍ରଦୂଷଣ ଆଦିକୁ ନିୟନ୍ତ୍ରଣ କରା ନ ଗଲେ ଲୋକଙ୍କ ଜୀବନ ଦୁର୍ବିଷହ ହେବା ନିଶ୍ଚିତ ବୋଲି କୁହାଯାଉଛି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ଚାଲିଛି। ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ବିଭାଗ ସର୍ବଦା ତତ୍ପର ରହିଛି ବୋଲି ବେହେରା କହିଛନ୍ତି।

# ପିକ୍‌ଅପ୍ ଓଲଟିଲା, ୩୨ କଳାକାର ଆହତ



ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

■ ସଙ୍କୀର୍ତ୍ତନ କରିବାକୁ ଛତିଶଗଡ଼ ଯାଉଥିଲେ
■ ୫ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର

**ବରଗଡ଼ ଅଫିସ୍,୮।୫:** ବରଗଡ଼ ଜିଲା ଭଟଲି ଥାନା ପିପଲମୁଣ୍ଡା ଛକ ନିକଟରେ ସୋମବାର ଏକ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୨ଜଣ ସଂକୀର୍ତ୍ତନ କଳାକାର ଆହତ ହୋଇଛନ୍ତି। ଆହତମାନେ ଭେଡ଼େନ ଥାନା ଅରେଇଗୁଡ଼ି ଗ୍ରାମର। ଛତିଶଗଡ଼ ରାଜ୍ୟ ବଡ଼ ନୟାପରା ଗ୍ରାମକୁ ସଂକୀର୍ତ୍ତନ ପରିବେଷଣ ପାଇଁ ଯାଉଥିବା ବାଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଆହତଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୫ କଳାକାର ଗୁରୁତର ଅଛନ୍ତି। ସେମାନେ ହେଲେ ନନ୍ଦିଘୋଷ ସାହୁ(୬୨), ଶୁଭମ ଛନ୍ଦ(୨୫), ନିରାକାର ନାଏକ(୪୦), ବାଲି ବାରିକ(୪୦) ଏବଂ ରାଜକୁମାର ପ୍ରଧାନ(୪୨)। ସମସ୍ତ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସୋମବାର ଭେଡ଼େନ ଥାନା ଅରେଇଗୁଡ଼ିର ସଂକୀର୍ତ୍ତନ ଦଳ ଏକ ପିକ୍‌ଅପ୍ (ନଂ.ଓଡ଼ି୧୭ୱାଇ/୯୪୧୨) ଯୋଗେ ଛତିଶଗଡ଼ର ବଡ଼ନୟାପରାକୁ ସଂକୀର୍ତ୍ତନ ପରିବେଷଣ ପାଇଁ ଯାଉଥିଲେ। ସେମାନେ ଭଟଲି-ଅମ୍ବାଭୋନା ରାସ୍ତା ଦେଇ ସେଠାକୁ ଯାଇଥାନ୍ତେ। ମାତ୍ର ଯିବା ବାଟରେ ପିପଲମୁଣ୍ଡା ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଜଣେ ଆହତ କଳାକାର କପିଳ ଛନ୍ଦ କହିଛନ୍ତି, ସେମାନଙ୍କ ଗାଡ଼ି ପିପଲମୁଣ୍ଡା ଛକ ରାସ୍ତା ଅତିକ୍ରମ କରୁଥିବାବେଳେ ଜଣେ ବାଇକ୍ ଆରୋହୀ ଅନ୍ୟ ଜଣେ ମହିଳାଙ୍କୁ ବସାଇ ବିପରୀତ ଦିଗରୁ ଭ୍ୟାନ୍ ସମ୍ମୁଖକୁ ଚାଲିଆସିଥିଲେ। ଫଳରେ ତାଙ୍କୁ ବଞ୍ଚାଇବାକୁ ଗାଡ଼ି ଡ୍ରାଇଭର ହଠାତ୍ ବ୍ରେକ୍ ମାରିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

# ସୋର ଜେଲରୁ ଫେରାର ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

■ ଫେବୃଆରୀରେ ଜେଲ ପାଚେରି ଡେଇଁ ପଳାଇଥିଲେ
■ ଏପ୍ରିଲରେ ଭୁବନେଶ୍ୱରରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି କରିଥିଲେ
■ ସିଆର୍‌ପିସି ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ବାଲେଶ୍ୱର ଜିଲା ସୋର ସବ୍ ଜେଲ୍‌ର ପାଚେରି ଡେଇଁ ଚମ୍ପଟ ମାରିଥିବା ଅଭିଯୁକ୍ତ ସତ୍ୟଜିତ୍ ମଲ୍ଲିକ ଓରଫ ବାବୁନା (୨୧)ଙ୍କୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଡମଣା ଛକରେ ଥିବା 'ସାଇ ଟେଲି ପଏଣ୍ଟ' ମୋବାଇଲ ଦୋକାନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି ଘଟଣାରେ ତାଙ୍କୁ ପୋଲିସ ଖୋଜୁଥିଲା। ସତ୍ୟଜିତ୍‌ଙ୍କ ଘର ଭଦ୍ରକ ଜିଲା କସିଆ ସାମୁଦ୍ରିକ ଥାନା ଅନ୍ତର୍ଗତ ମଲ୍ଲିକସାହି ଗ୍ରାମରେ। ତାଙ୍କଠାରୁ ୨୦ଟି ମୋବାଇଲ, ୫ଟି ସ୍ମାର୍ଟ ୱାଚ୍, ୯ଟି ଚାର୍ଜର, ଗୋଟିଏ ଏୟାରପଡ୍‌କୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ସତ୍ୟଜିତ୍‌ଙ୍କୁ ଖାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସତ୍ୟଜିତ୍ ବାସୁଦେବପୁର ଥାନାର ଏକ ଚୋରି ମାମଲାରେ ଗିରଫ ହୋଇ ସୋର ସବ୍ ଜେଲରେ ଥିଲେ। ଗତ ଫେବୃଆରୀ ୫ରେ ପାଚେରି ଡେଇଁ ଖସି ପଳାଇଥିଲେ। ଏନେଇ ସୋର ଥାନାରେ (ନଂ.୭୬/୨୦୨୩) ରୁଜୁ ହୋଇଥିବା ମାମଲାରେ ସେ ୱାଣ୍ଟେଡ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ସତ୍ୟଜିତ୍ ଜେଲ୍‌ରୁ ଖସି ଆସି ରାଜଧାନୀ ଭୁବନେଶ୍ୱରରେ ଅପରାଧ ସାମ୍ରାଜ୍ୟ ମେଲାଇଥିଲେ। ଏପ୍ରିଲ ୧୩ ବିଳମ୍ବିତ ରାତିରେ ଅଭିଯୁକ୍ତ ସତ୍ୟଜିତ୍ ପ୍ଲାସ ଏବଂ ରେଞ୍ଚି ସାହାଯ୍ୟରେ ଡମଣା ଛକସ୍ଥିତ ଉକ୍ତ ମୋବାଇଲ ଦୋକାନର ଆଜବେଷ୍ଟସ୍ ଓ ସିଲିଙ୍ଗ ଭାଙ୍ଗି ଭିତରେ ପଶିଥିଲେ। ସେଠାରୁ ୨୫ଟି ମୋବାଇଲ ସମେତ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଏପ୍ରିଲ ୧୪ରେ ମାଲିକ ହେମନ୍ତ କୁମାର ସାହୁ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୮୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍‌ରୁ ସତ୍ୟଜିତ୍‌ଙ୍କୁ ପୋଲିସ ଚିହ୍ନଟ କରି ଧରିବାରେ ସକ୍ଷମ ହୋଇଥିଲା। ତେବେ ସତ୍ୟଜିତ୍ ଗତବର୍ଷ ଅଗଷ୍ଟରେ ଡମଣାଛକସ୍ଥିତ ଆଉ ଏକ ମୋବାଇଲ ଦୋକାନରୁ ମଧ୍ୟ ଚୋରିକରି ଗିରଫ ହୋଇଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୧ଟି ମାମଲା ରହିଛି। ଅଭିଯୁକ୍ତ ଜଣକ ଅଭ୍ୟାସଗତ ଭାବେ ଏକାଧିକ ମାମଲାରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୧୯ରୁ ଓଡ଼ିଶା ଆସିବ ମହାନଦୀ ଟ୍ରିବ୍ୟୁନାଲ

**ନୂଆଦିଲ୍ଲୀ,୮।୫:** ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ୧୯ ତାରିଖରୁ ଏହାର ଦ୍ୱିତୀୟ ପର୍ଯ୍ୟାୟ ମହାନଦୀ ଅବବାହିକା ଗସ୍ତ ଓଡ଼ିଶାରେ ଆରମ୍ଭ କରିବ। ଏହି ଗସ୍ତ ମେ' ୨୮ରେ ଶେଷ ହେବ। ଉକ୍ତ ଗସ୍ତ ଅବସରରେ ଟ୍ରିବ୍ୟୁନାଲ ମହାନଦୀ ତ୍ରିକୋଣ ଭୂମିରର ଚିଲିକା ହ୍ରଦ ଏବଂ ହୀରାକୁଦ ଜଳଭଣ୍ଡାର ସହ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିବ। ଟ୍ରିବ୍ୟୁନାଲ ମେ' ୧୦ରେ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବାବେଳେ ଏହାର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର କୋଭିଡ୍ ସଂକ୍ରମିତ ହେବାରୁ ଗସ୍ତକୁ ସ୍ଥଗିତ ରଖାଯାଇଥିଲା। ଗତ ୩ ତାରିଖରେ ଟ୍ରିବ୍ୟୁନାଲ ଛତିଶଗଡ଼ରେ ମହାନଦୀ ବେସିନ୍ ଗସ୍ତ ଶେଷ କରିଥିଲେ। ଏହି ଗସ୍ତ ଦୁଇ ପର୍ଯ୍ୟାୟରେ ଏପ୍ରିଲ ୧୯ରୁ ୨୩ ଏବଂ ୨୯ରୁ ମେ' ୩ ପର୍ଯ୍ୟନ୍ତ ଚାଲିଥିଲା।

# ୧୦୬ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହେବ ଦ୍ୱାଦଶ ଶ୍ରେଣୀ

■ ନିଯୁକ୍ତ ହେବେ ୬୪୨ ଶିକ୍ଷକ, ଓଡ଼ିଆ ଓ ଇଂଲିଶ ବାଧ୍ୟତାମୂଳକ
■ ଉକ୍ତ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରାଥମିକତା

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟର ୧୦୬ ଉଚ୍ଚ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ଖୋଲାଯିବ। ୧୦୦ଟି ଉଚ୍ଚ ବିଦ୍ୟାଳୟରେ କଳା ପାଠ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ୬ଟି ବିଦ୍ୟାଳୟରେ ବିଜ୍ଞାନ ଓ କଳା ପଢ଼ାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭିତ୍ତିଭୂମି ସହ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିପାଇଁ ୬୪୨ଜଣ ଶିକ୍ଷକ ନିଯୁକ୍ତ ହେବେ। ପ୍ରତ୍ୟେକ ବିଦ୍ୟାଳୟରେ କଳା ବିଭାଗ ପାଇଁ ୬ଜଣ ପିଜିଟି ଓ ବିଜ୍ଞାନ ବିଭାଗ ପାଇଁ ୭ଜଣ ପିଜିଟି ଶିକ୍ଷକ ରହିବେ। ନୂଆକରି ଦ୍ୱାଦଶ ଶ୍ରେଣୀ ଆରମ୍ଭ ହେବାକୁ ଥିବା ବିଦ୍ୟାଳୟଗୁଡ଼ିକରେ ଉଭୟ ଓଡ଼ିଆ ଓ ଇଂଲିଶ ଭାଷା ବାଧ୍ୟତାମୂଳକ ରହିବ। ତେବେ ସଂପୃକ୍ତ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ କରାଯିବ। ଉକ୍ତ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରାଥମିକତା ଦିଆଯିବ। ଏନେଇ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଆନୁଷଙ୍ଗିକ ବନ୍ଦୋବସ୍ତ କରିବା ସହ ମାର୍ଗଦର୍ଶିକା ଜାରି କରିଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯିବ। ଦ୍ୱାଦଶ ଶ୍ରେଣୀରେ ୨ଟି ସେକ୍ସନ ଓ ପ୍ରତି ସେକ୍ସନରେ ୬୪ଜଣ ଛାତ୍ରୀଛାତ୍ର ରହିବେ। ସେହିପରି ଦୁଇଟି ପର୍ଯ୍ୟାୟରେ ପାଠପଢ଼ା ହେବ ବୋଲି ସୂଚନା ଦିଆଯାଇଛି।


**राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर**
(परमाणु ऊर्जा विभाग, भारत सरकार के अधीन एक स्वायत्त संस्थान)
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
पो:-जटनी, जिला-खुर्दा, पिन-752050 / PO-Jatni, Dist- Khurda, Pin-752050, वेबसाइट/Website: www. niser.ac.in

**विज्ञापन संख्या/ Advt. No.: FA-Rct./NA/03-2023**

**वैज्ञानिक अधिकारी के लिए विज्ञापन / Advertisement for Scientific Officer**

सेंटर फॉर मेडिकल एंड रेडिएशन फिजिक्स, नाइजर में वैज्ञानिक अधिकारी 'सी' के पद पर भर्ती के लिए भारतीय नागरिकों से आवेदन आमंत्रित किए जाते हैं। / Applications are invited from eligible Indian citizens for recruitment in the position of **'Scientific Officer 'C'** in the Centre for Medical and Radiation Physics, NISER.

| क्र.सं./ S.N | वेतन के साथ पद Positions with Pay | आवश्यक योग्यता और अनुभव / Required Qualification & experience | श्रेणी Category | आयु Age | रिक्तियां Vacancies |
|---|---|---|---|---|---|
| 1 | वैज्ञानिक अधिकारी 'सी' (मेडिकल फिजिक्स) Scientific Officer 'C' (Medical Physics), लेवल / Level - 10 इंडेक्स नंबर / Index No. - 1 मूल वेतन / Basic Pay- 56100/- | **आवश्यक योग्यता :** मेडिकल फिजिक्स में एम.एस.सी. या एम.एस.सी (फिजिक्स) के बाद रेडियोलॉजिकल फिजिक्स में डिप्लोमा के साथ आरएसओ प्रमाण पत्र और एम.एस.सी के बाद रेडियोलॉजिकल गणित / विकिरण डोसिमेट्री और मानकीकरण / विकिरण डिटेक्टरों और इंस्ट्रूमेंटेशन / नैदानिक और विकिरण जीव विज्ञान / परमाणु चिकित्सा / विकिरण चिकित्सा / विकिरण सुरक्षा की चिकित्सा इमेजिंग में 04 साल का अनुभव। / **Essential:** Msc in Medical Physics with RSO certificate or Post-MSc (Physics) Diploma in Radiological Physics with RSO certificate and 04 years post-MSc experience in Radiological mathematics / Radiation dosimetry and standardization / Radiation detectors and instrumentation / clinical and radiation biology / nuclear medicine / medical imaging of Radiation therapy / Radiation safety. | अनारक्षित / Un-reserved | 36 वर्ष / years | 01 (एक/One) |

संक्षेप में उल्लिखित उपरोक्त पात्रता मानदंडों को पूरा करने वाले आवेदकों को केवल ऑनलाइन (**www.niser.ac.in**) आवेदन करना चाहिए। ऑनलाइन आवेदन करने की अंतिम तिथि **22/05/2023** है। विज्ञापन के सभी पहलुओं के पूर्ण विवरण के लिए, उम्मीदवारों से अनुरोध है कि वे एनआईएसईआर वेब साइट (**http://www.niser.ac.in**) पर विज्ञापन का पालन करें।/ Applicants fulfilling the above eligibility criteria mentioned in brief should apply ONLINE (**www.niser.ac.in**) only. The last date for applying online is **22 May, 2023.** For full details of all the aspects of the advertisement, candidates are requested to follow the advertisement at NISER web site (**http://www.niser.ac.in**).

निदेशक / DIRECTOR



See Career Appointment on every Wednesday & Saturday



**Government of Odisha**
**Higher Education Department**
No.N-9

**Timeline for B.Ed., B.H.Ed., M.Ed. Entrance Test- 2023 & e-Admission for the year 2023-24 for Teacher Education Courses**

Timeline for B.Ed., B.H.Ed., M.Ed., e-Admission for the year 2023-24 & Entrance Test-2023 for Teacher Education Colleges under project 'Student Academic Management System (SAMS)' is given below. Any change in the timeline will be published in the newspapers as well as on the website **https://te.samsodisha.gov.in/** Information Brochure-2023 will be available in the said website. Kindly refer the Guideline before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website https://te.samsodisha.gov.in/ | 04.05.2023 (02.00 P.M.) |
| 2 | Last date for applying online CAF through https://te.samsodisha.gov.in/ | 14.05.2023 (11.45 P.M.) |
| 3 | Handing over the CAF details to SSB, Odisha by OCAC | 18.05.2023 |
| 4 | Availability of Hall Ticket in SSB website for downloading | 01.06.2023 to 11.06.2023 |
| 5 | Conduct of Entrance Test-2023 for M.Ed. | 10.06.2023 |
| 6 | Conduct of Entrance Test-2023 for B.Ed., B.H.Ed. | 11.06.2023 |
| 7 | Updation of Graduation / Equivalent marks by the applicant | 08.07.2023 (10.00 A.M.) to 16.07.2023 (11.45 P.M.) |
| 8 | Handing over the entrance marks to OCAC by SSB, Odisha | 15.07.2023 |

**For more details please contact: e-Admission Helpline (Toll-Free) Number 155335 / 1800-345-6770**

**N.B.:** 1. Candidates whose final U.G. results are awaited (not published) can also apply online in the Common Application Form (CAF) to appear in Entrance Test-2023. But they must upload their marks prior to preparation of the "Merit list" within the timeline.
2. Please note that these dates are subject to change and candidates are advised to keep checking the Key Dates of SAMS TE website for updates.

**Sd./- Deputy Director**
**PTC Section**
OIPR-11001/11/0002/2324


# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

**୨ ଦିନରେ ୪ ସଫା**



ଜବତ ମାଓବାଦୀ ସାମଗ୍ରୀ।

**ମାଲକାନଗିରି, ୮।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ସୋମବାର ପୋଲିସ ଏନକାଉଣ୍ଟରରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ମାଡକାମି ଏରା ଓ ପଡିଆମି ଭୀମା। ଏରା ମାଓବାଦୀ ସଙ୍ଗଠନରେ କମାଣ୍ଡର ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୮ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା ବୋଲି ସୁକ୍‌ମା ଏସ୍‌ପି ସୁନିଲ ଶର୍ମା କହିଛନ୍ତି।

ଖବରରୁ ଜଣାପଡିଛି, ସୁକ୍‌ମା ଜିଲା ବେଜି ଥାନା ଅନ୍ତର୍ଗତ ଦନ୍ତେଶପୁରମ ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରିଥିବା ଗୋଇନ୍ଦା ବିଭାଗରୁ ସୂଚନା ମିଳିବା ପରେ ଡିଆର୍‌ଜି, ସିଆର୍‌ପିଏଫ୍ ଏବଂ କୋବ୍ରା ବାଟାଲିୟନ ପକ୍ଷରୁ ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ଯବାନଙ୍କ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଘଟଣାସ୍ଥଳରୁ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଏସ୍‌ପି ଶର୍ମା କହିଛନ୍ତି। ସେହିପରି ରବିବାର ମାଲକାନଗିରି ସୀମାନ୍ତ ଛତିଶଗଡ଼ ଭଦ୍ରାଦ୍ରି କୋଠାଗୁଡେମ୍ ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨ ମାଓବାଦୀ ନିହତ ହୋଇଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
आन्ध्रा Andhra | कार्पोरेशन Corporation

**ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନନ୍ଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନନ୍ଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank**

**ବିକ୍ରୟ ନୋଟିସ**
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

**ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ**
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ରଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ରଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ରଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ରଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ରଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ରଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା– ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ – ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ– ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା ୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | ୨୫।୦୫।୨୦୨୩ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ ମାଟିଆପଡ଼ା | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
– ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

**ତାରିଖ: ୦୮।୦୫।୨୦୨୩, ସ୍ଥାନ: ନୂଆଦିଲ୍ଲୀ** **ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ମେ, ୨୦୨୩

" ଅର୍ଥ ହେଲା ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। **–ଶ୍ରୀମା**



# ମିଳିଲେ କିଣିବେ

ମେ'ପ୍ରଥମ ସପ୍ତାହରେ ସର୍ବିଆର ରାଜଧାନୀ ବେଲ୍‌ଗ୍ରେଡର ଏକ ପ୍ରାଥମିକ ସ୍କୁଲରେ ଜଣେ ୧୩ ବର୍ଷ ବୟସ୍କ ବାଳକର ଆଖିବୁଜା ଗୁଳିଚାଳନା ଯୋଗୁ ୮ଜଣ ଛାତ୍ରଙ୍କ ସମେତ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଥିଲା। ତା' ପରଦିନ ରାଜଧାନୀ ବେଲ୍‌ଗ୍ରେଡର ଦକ୍ଷିଣକୁ ୫୦ କିଲୋମିଟର ଦୂର ମ୍ଲାଡେନୋଭାକ୍‌ରେ ଜଣେ ବନ୍ଧୁକଧାରୀଙ୍କ ଗୁଳିରେ ୮ଜଣ ନିହତ ଓ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଦେଶରେ ବ୍ୟକ୍ତିକୈନ୍ଦ୍ରିକ ଗୁଳିକାଣ୍ଡ ଘଟଣା କାଁ ଭାଁ ଘଟୁଥିବାବେଳେ ଆମେରିକାରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସର୍ବିଆ ଗୁଳିକାଣ୍ଡ ଘଟଣାର ଦୁଇଦିନ ପରେ ମେ'୭ରେ ଆମେରିକାର ଟେକ୍ସାସର ଆଲିଏନ୍ ପ୍ରିମିୟମ୍ ମଲ୍ ଗୁଳିକାଣ୍ଡରେ ୮ ଜଣ ନିହତ ହୋଇଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ବିଶ୍ୱରେ ଆମେରିକୀୟମାନଙ୍କ ପାଖରେ ସବୁଠୁ ଅଧିକ ବନ୍ଧୁକ ଅଛି। ଏହାସହ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟାରେ ମଧ୍ୟ ଆମେରିକା ସବୁଠାରୁ ଆଗରେ ରହିଛି। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ୟୁରୋପର କେତେକ ଦେଶରେ ଏଭଳି ଗୁଳିକାଣ୍ଡ ଭୟାବହତା ବି ଅନେକ ସମୟରେ ଦେଖିବାକୁ ମିଳିଥାଏ। ତଥାପି ଆମେରିକା ସହ ତୁଳନା କଲେ ତାହା ନଗଣ୍ୟ ମନେହୁଏ। ଆମେରିକାରେ ୧୦୦ ଜଣଙ୍କ ପାଖରେ ୧୨୦ ବନ୍ଧୁକ ଅଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏଠାରେ ମାସ୍ ଶୁଟିଂ ବା ଗଣଗୁଳିକାଣ୍ଡ ଏବଂ ବନ୍ଧୁକଜନିତ ଘରୋଇ ହିଂସା ବିଶ୍ୱରେ ସର୍ବାଧିକ । ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ(ସିଡିସି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ,୨୦୨୧ରେ ବନ୍ଧୁକଜନିତ ହିଂସାରେ ୪୮,୮୩୦ ଜଣଙ୍କ ମୃତ୍ୟୁ ଘଟିଛି। ଏହାର କାରଣ ଖୋଜିବସିଲେ ପ୍ରଥମେ ମନକୁ ଆସେ ଆମେରିକୀୟମାନଙ୍କ ମନରେ ଥିବା ଭୟ ଏବଂ ଅସୁରକ୍ଷିତ ମନୋଭାବ। କର୍ପୋରେଟ ସଂସ୍କୃତିରେ ଗଢ଼ିଉଠିଥିବା ଏହି ଦେଶରେ ଅନେକ ପରିବାର ଆମେରିକାର ବସ୍ତୁବାଦୀ ସ୍ୱପ୍ନ ପୂରଣ କରିବାକୁ ଯାଇ ଆରାମଦାୟକ ଜୀବନ ହାସଲ କରିପାରିଲେ। ବାହାର ଦେଶରୁ ପ୍ରବାସୀମାନେ ମଧ୍ୟ ଆମେରିକୀୟ ସ୍ୱପ୍ନକୁ ହାସଲ କରିବା ଲାଗି ସେହି ଦେଶକୁ ଧାଇଁଲେ। ଏହିସବୁ ସୁଖ ହାସଲ କରିବା ପରେ ମନରେ ପଶିଲା ଭୟ ଓ ଅସୁରକ୍ଷିତ ମନୋଭାବ । ଥିଲା ଓ ନ ଥିଲାବାଲାଙ୍କ ପାର୍ଥକ୍ୟ ମଧ୍ୟ ଚିନ୍ତା ବଢାଇଲା। ଏସବୁ ଯୋଗୁ ସାଧାରଣ ଆମେରିକୀୟଙ୍କ ମନରେ ନିଜ ସୁରକ୍ଷା ନିଜ ହାତକୁ ନେବା କଥା ବସା ବାନ୍ଧିଲା। କାଓବୟ ସଂସ୍କୃତିରୁ ବନ୍ଧୁକ ଧରିବା ଏକ ଆଭିଜାତ୍ୟର ପ୍ରତୀକ ଭାବେ ଉଭା ହୋଇଥିବା ସେହି ଦେଶରେ ସାଧାରଣ ନାଗରିକଙ୍କୁ ବନ୍ଧୁକ ରଖିବାର ସାମ୍ବିଧାନିକ ଅଧିକାର ମିଳିଲା। ଏହି ଅଧିକାରକୁ ଏବେ ମଧ୍ୟ ଅଧିକାଂଶ ଆମେରିକୀୟ ଛାଡ଼ିବାକୁ ଚାହାନ୍ତି ନାହିଁ। ଗୋଟିଏ ପଟେ ବନ୍ଧୁକ ସଂସ୍କୃତିର ନକାରାତ୍ମକ ଦିଗକୁ ସମାଲୋଚନା କରିବାକୁ ଆଗେଇ ଆସୁଥିବା ନାଗରିକ ଅନ୍ୟପଟେ ବ୍ୟକ୍ତିଗତ ସ୍ତରରେ ବନ୍ଧୁକ ଦେଇଦେବା ଲାଗି ନାରାଜ। ଏହି ସ୍ଥିତିକୁ ବଳବତ୍ତର କରି ରଖିଛି ବନ୍ଧୁକ ନିର୍ମାତାଙ୍କ ଲବି। ଦଶନ୍ଧି ଧରି ବନ୍ଧୁକ ନିର୍ମାତାମାନେ ବିଭିନ୍ନ ବାଟରେ ବନ୍ଧୁକ ମାଲିକାନା ଅଧିକାରର ବାର୍ତ୍ତାକୁ ପ୍ରଚାର କରି ଆସୁଛନ୍ତି। ବ୍ୟକ୍ତିଗତ ସୁରକ୍ଷା ପାଇଁ ବନ୍ଧୁକ ନିହାତି ଜରୁରୀ ବୋଲି ଅଧିକାଂଶ ଆମେରିକୀୟ ନାଗରିକ ଭାବିବା ପଛରେ ରହିଛି ବନ୍ଧୁକ ନିର୍ମାତାଙ୍କର ଅନବରତ ଅଦୃଶ୍ୟ ବାର୍ତ୍ତା। ଏଥିସହ ବିପୁଳ ଅର୍ଥ ଖର୍ଚ୍ଚ କରାଯାଏ ସିନେଟର ଏବଂ ଅନ୍ୟସବୁ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ମନ ଜିଣିବାକୁ , ଯାହାଫଳରେ ବନ୍ଧୁକ ନିୟନ୍ତ୍ରଣ ଦିଗରେ ସବୁ ଆଇନର ବାଟ ବନ୍ଦ ହୋଇଯାଏ। ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପ୍ ଅତ୍ୟଧିକ ମାତ୍ରାରେ ବନ୍ଧୁକ ରଖିବା ଅଧିକାର ସପକ୍ଷରେ ଥିବାବେଳେ ଡେମୋକ୍ରାଟ ଜୋ ବାଇଡେନ ବନ୍ଧୁକ ନିୟନ୍ତ୍ରଣ ସପକ୍ଷବାଦୀ ବୋଲି ଜଣାଥିଲା। ବାଇଡେନ୍ ନିର୍ବାଚନ ପୂର୍ବରୁ କହିଥିଲେ, ସେ ଜିତିଲେ ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିବେ। ତେବେ ବାସ୍ତବ କ୍ଷେତ୍ରରେ ଏହା କରିବା ପାଇଁ ତାଙ୍କ ବାଟରେ ଅନେକ ବାଧା ସୃଷ୍ଟି ହେଉଛି। ଆଇନଗତ ଓ ସାମ୍ବିଧାନିକ ପଦ୍ଧତି ଜଟିଳ ଥିବା ସହ ଲୋକଙ୍କ ସମର୍ଥନ ମଧ୍ୟ ଏ ଦିଗରେ ମିଳୁନାହିଁ।

ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା, ଆମେରିକାରେ ମଦ କିଣିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସର କଟକଣା ଥିବାବେଳେ ବନ୍ଧୁକ କିଣିବା ପାଇଁ ସେଭଳି କୌଣସି ବାଧା ନାହିଁ। ଅଳ୍ପ ବୟସର ଯୁବତୀଯୁବକମାନେ ମଦ ବୋତଲଟିଏ କିଣିବା ଆଗରୁ ପରିଚୟପତ୍ର ଦେଖାଇବାକୁ ବାଧ୍ୟ। ଅଥଚ ସେମାନେ ଯେ କୌଣସି ସାଧାରଣ ବଡ଼ ଗ୍ରୋସେରି ମଲ୍‌ରୁ ବିନା ଦ୍ୱନ୍ଦ୍ୱରେ ବନ୍ଧୁକ କିଣିପାରିବେ। ଏଦିଗରେ ବନ୍ଧୁକ କିଣିବା ଲାଗି ବୟସ ସୀମା ଲାଗୁ କରିବା ପାଇଁ ଗତ ବର୍ଷ ଆମେରିକାରେ ଆଇନ ଅଣାଯିବାର ପ୍ରୟାସ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଆମେରିକାରେ ଅତ୍ୟଧିକ ବନ୍ଧୁକ ହିଂସାକୁ ଦେଖି କାନାଡା ଏକ କଡ଼ା ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିଛି। ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଅନୁଯାୟୀ, ଏହା ଅନେକ ଜୀବନ ରକ୍ଷା କରିପାରିବ। ବାସ୍ତବରେ ଦେଖିଲେ, ବନ୍ଧୁକ ମାଲିକାନା ଉପରେ ନିୟନ୍ତ୍ରଣ ହିଁ ଏକମାତ୍ର ବାଟ ବୋଲି ମନେହେଉଛି। କାରଣ, ବନ୍ଧୁକ ଖୋଲାରେ ମିଳିଲେ ଲୋକେ କିଣିବେ ଏବଂ କିଣିଲେ ହିଁ ବ୍ୟବହାର କରିବେ। ପ୍ରତ୍ୟେକ ଦିନ ଲୋକଙ୍କର ବିଶେଷକରି ଯୁବତୀଯୁବକଙ୍କର ପ୍ରାଣହାନି ଘଟୁଥିବାବେଳେ ଆମେରିକା ଏହି ସଙ୍କଟକୁ ଆୟତ୍ତ କରିବା ପାଇଁ ଅସହାୟ। ମନେହୁଏ ଯେପରି ପୁଞ୍ଜିବାଦ ଉପରେ ଆଧାରିତ ଏହି ଦେଶରେ ବୃହତ୍ କର୍ପୋରେଟ ବ୍ୟବସ୍ଥାର ଅର୍ଥଚକ୍ର ସାମ୍ନାରେ ମଣିଷ ଜୀବନ ଗୌଣ ହୋଇଯାଉଛି।

# ଶିଶୁଶ୍ରମରୁ ଶିକ୍ଷାୟତନ



ରାଜୀବ କୁମାର ନାୟକ

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅନ୍ତର୍ଗତ ଏକ ଛୋଟ ଗାଁ ବାବୁପାଲି । ଏହି ଗାଁର ଗୌଡ଼ଗୋଠରେ ବାସ କରନ୍ତି ସୁନୀତା ଭୋଇ,ଆକାଶ ଗୁରୁ,ଦୁର୍ଯ୍ୟୋଧନ ଭୋଇ ଏବଂ ବେଣୁଧର ପୋଢ଼। ସମସ୍ତଙ୍କର ବୟସ ପାଖାପାଖି ୧୬ । ଏମାନଙ୍କ ମଧ୍ୟରୁ ଆକାଶ ଏବଂ ଦୁର୍ଯ୍ୟୋଧନ ଅନୁସୂଚିତ ଜନଜାତି ବର୍ଗର ହୋଇଥିବା ବେଳେ ସୁନୀତା ଏବଂ ବେଣୁଧର ପଛୁଆବର୍ଗର। ସୁନୀତାଙ୍କ ପରିବାରରେ ବାପା,ମାଆ,ତାଙ୍କଠୁ ୨/୩ ବର୍ଷ ବଡ଼ ଜଣେ ଭଉଣୀ ଏବଂ ଠିକ୍ ସେହିପରି ୨/୩ ବର୍ଷ ସାନ ଆଉ ଜଣେ ଭଉଣୀ। ବଡ଼ ଭଉଣୀ ଅଷ୍ଟମ ପାସ୍‌କରି ବିଡି ତିଆରିକରି ପରିବାର ପ୍ରତିପୋଷଣ କରୁଛନ୍ତି। ଆକାଶଙ୍କ ପରିବାର କହିଲେ ତାଙ୍କ ମାଆ, ୨ ବଡ଼ଭାଇ, ଜଣକୁ ୨୨ ଏବଂ ଅନ୍ୟ ଜଣେ ୧୯ ବର୍ଷର। ବଡ଼ଭାଇ ବାହାହୋଇ ସାରିଥିବାବେଳେ ତାଙ୍କର ବର୍ଷକର ପୁଅଟିଏ। ଉଭୟ ଭାଇ ସପ୍ତମ ଶ୍ରେଣୀ ଯାଏଁ ପଢ଼ିଥିବାବେଳେ ତାଙ୍କର ଜମି ବୋଲି ମାତ୍ର ୨ ଏକର, ଯଦିଓ ବର୍ଷ ସାରା ଖାଇବା ଗଣ୍ଡାକ ଏଥିରୁ ମିଳିଯାଏ। ବେଣୁଧରଙ୍କ ପରିବାରରେ କେବଳ ମାଆ ପୁଅ ୨ଜଣ,ଜମି ବୋଲି ମାତ୍ର ଅଧା ଏକର। ତେଣୁ ଦିନମଜୁରି ହିଁ ଏକମାତ୍ର ଭରସା। ଦୁର୍ଯ୍ୟୋଧନଙ୍କର ବାପା ନ ଥିବାବେଳେ ମାଆ, ବଡ଼ଭାଇ,ଭାଉଜ ତଥା ସେମାନଙ୍କର ଛୋଟ ପିଲାଟିଏ ଅଛି। ଚାଷଜମି ଏକରେରୁ କମ୍। ତେଣୁ ମାଆ ବିଡ଼ି ତିଆରିକୁ ମୁଖ୍ୟ ରୋଜଗାରର ପନ୍ଥା ରୂପେ ବାଛିନେଇଥିବାବେଳେ ବଡ଼ଭାଇ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ସୁନୀତା ,ଆକାଶ ,ଦୁର୍ଯ୍ୟୋଧନ ଏବଂ ବେଣୁଧର ଏହି ୪ ଜଣ ଯାକ ୨୦୨୧ରେ ମାଟ୍ରିକ୍ ପାସ୍ କରି ପାରିବାରିକ ଅସୁବିଧା କାରଣରୁ ଉଚ୍ଚଶିକ୍ଷା ଗ୍ରହଣ ନ କରି ପରିବାରକୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ନ୍ତି। ପୁଅ ପିଲା ୩ ଜଣ ଦିନମଜୁରିକୁ ଆପଣେଇ ନେଇଥିବାବେଳେ ସୁନୀତା ଗାଁରୁ ୩୫ କି.ମି.ଦୂର ସମ୍ବଲପୁରର ଏକ କପଡ଼ା ଦୋକାନରେ କାମ କରନ୍ତି। ଗାଁରେ କାର୍ଯ୍ୟରତ କେତେଜଣ ସ୍ୱେଚ୍ଛାସେବୀଙ୍କ ନଜରକୁ ଏହା ଆସିବା ପରେ ସେମାନେ ଏହି ୪ଜଣ ଯାକ କିପରି ପୁନର୍ବାର ପାଠପଢ଼ା ଜାରି ରଖିବେ ସେହି ଚିନ୍ତାରେ ଲାଗି ପଡ଼ନ୍ତି। ତେଣୁ ସେମାନଙ୍କର ନାମଲେଖା ଖର୍ଚ୍ଚ ବହନ ସହିତ ବହିପତ୍ର ଯୋଗାଇଦେବାର ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାରଙ୍କ ତରଫରୁ ଆରମ୍ଭ କରାଯାଇଥିବା ପତ୍ର ବିନିମୟ ଶିକ୍ଷା ଏନ୍‌ଆଇଓଏସ୍‌ରେ ନାମ ଲେଖାଇ ଦିଅନ୍ତି। ବର୍ତ୍ତମାନ ଏହି ୪ଜଣ ଆତ୍ମନିର୍ଭରଶୀଳ ହେବା ସହ ଯୁକ୍ତ ୨ ପାଠପଢ଼ା ମଧ୍ୟ ଜାରି ରଖିଛନ୍ତି। ଏହି ସଫଳ କାହାଣୀଟି ଅନ୍ୟମାନଙ୍କ ପାଇଁ ଉଦାହରଣ।

ସରକାର ଗୋଟିଏ ଦିଗରେ ବାଲ୍ୟବିବାହ ବନ୍ଦକରିବା ସକାଶେ ଝିଅ ଏବଂ ପୁଅ ଉଭୟଙ୍କର ବିବାହ ବୟସ ୨୧କୁ ବୃଦ୍ଧି କରିବାକୁ ପ୍ରୟାସ ଆରମ୍ଭ କରିଦେଇଥିବା ବେଳେ ସେମାନେ ପାଠପଢ଼ାରେ କିପରି ବାନ୍ଧିହୋଇ ରହିବେ ସେ ଦିଗରେ ପଦକ୍ଷେପ ନେଉନାହାନ୍ତି। ଅନ୍ୟ ଦିଗରେ ବାବୁପାଲି ଭଳି ଗାଁରେ ମାତ୍ର ପଞ୍ଚମ ଶ୍ରେଣୀ ଯାଏଁ ପଢ଼ିବାର ବ୍ୟବସ୍ଥା ଥିବାବେଳେ ବାହାରେ ପୁଅଝିଅଙ୍କୁ ହଷ୍ଟେଲ ବା ମେସ୍‌ରେ ରଖି ପାଠପଢ଼ାଇବା ସବୁ ବାପାମାଆଙ୍କ ପକ୍ଷେ ସମ୍ଭବ ନୁହେଁ। ତା' ବାଦ୍ ବଢ଼ିଲା ଝିଅଙ୍କୁ ବାହାରେ ରଖିବାକୁ ଅନେକ ପରିବାର ଅସୁରକ୍ଷିତ ମଣନ୍ତି। ଜାତିସଂଘର ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ ଅନୁଯାୟୀ ଶିଶୁ କହିଲେ ୧୮ ବର୍ଷ ତଳକୁ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ବୁଝାଏ। ତେଣୁ ଏହାର ଏକ ପ୍ରମୁଖ ସ୍ୱାକ୍ଷରକାରୀ ହିସାବରେ ଭାରତ ଏହାକୁ ଆଖି ଆଗରେ ରଖି ବାଲ୍ୟବିବାହ ନିରୋଧ ଆଇନ, ଶିଶୁ ଶ୍ରମିକ( ନିରୋଧ ଏବଂ ନିୟନ୍ତ୍ରଣ) ଆଇନ ଇତ୍ୟାଦି ପ୍ରଣୟନ କରିଛି। ଶିଶୁ ଶ୍ରମିକ (ନିରୋଧ ଏବଂ ନିୟନ୍ତ୍ରଣ) ଆଇନ ୨୦୧୬ ଅନୁଯାୟୀ ୧୪ ବର୍ଷ ତଳକୁ କେବଳ ପାରିବାରିକ ବ୍ୟବସାୟ,କୌଳିକ ବୃତ୍ତିରେ ସହଯୋଗ କରିବା ତଥା ସିନେମା ଇତ୍ୟାଦିରେ ଅଭିନୟ କରିବାକୁ ଅନୁମତି ପ୍ରଦାନ କରିଅଛି। ଠିକ୍ ସେହିଭଳି ପ୍ରଥମ ଥର ସକାଶେ ୧୪ରୁ ୧୮ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ଆଇନ ପରିସରଭୁକ୍ତ କରାଯାଇଥିବା ବେଳେ ଆଇନରେ ମାତ୍ର ତିନୋଟି ବିପଦପୂର୍ଣ୍ଣ କ୍ଷେତ୍ରରେ କାମ କରିବାକୁ ବାରଣ କରାଯାଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା କିଛିଦିନ ପୂର୍ବରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୧୫ରୁ ୧୮ ବର୍ଷ ମଧ୍ୟରେ ପାଠ ଛାଡ଼ିଥିବା ବା ଆଦୌ ପାଠ ପଢ଼ି ନ ଥିବା ବାଳିକାମାନଙ୍କ ମଧ୍ୟରୁ ଶତକଡ଼ା ୬୫ ଭାଗ ଘରୋଇ କାମରେ ନିୟୋଜିତ। ଉଭୟ ବାଳକ ଓ ବାଳିକାଙ୍କ ସଂଖ୍ୟା ଦେଖିଲେ ଏହାର ପରିମାଣ ଆହୁରି ଅଧିକ ହେବ। ରିପୋର୍ଟ



ଆଧାରରେ ୧୫–୧୮ ବର୍ଷ ବୟସର ୩୯.୪ ପ୍ରତିଶତ କିଶୋରୀ ଏବଂ ୩୫ ପ୍ରତିଶତ କିଶୋର କୌଣସି ଶିକ୍ଷାନୁଷ୍ଠାନ ବା ତାଲିମ କେନ୍ଦ୍ରରେ ନାହାନ୍ତି। ତେଣୁ କପଡ଼ା ଦୋକାନରେ କାମ କରିବା ବା ବିପଦପୂର୍ଣ୍ଣ କ୍ଷେତ୍ର ଛାଡ଼ି ଦିନମଜୁରିଆ ଭାବେ କାମ କରିବାକୁ ଯଦିଓ ମନା କରାଯାଇ ନ ଥିବା ଆଇନକୁ ତର୍ଜମା କଲେ ସ୍ପଷ୍ଟ ହେଉଛି ତଥାପି ଏଭଳି ସ୍ଥଳେ ଶିଶୁର ସଂଜ୍ଞାକୁ ପ୍ରାଥମିକତା ଦେଇ ପାଠ ଛାଡ଼ିଦେଇଥିବା ୧୫ରୁ ୧୮ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ବୁଝେଇ ଶୁଝେଇ ପୁନର୍ବାର ଶିକ୍ଷାୟତନକୁ ଫେରାଇବା ଶିଶୁ ଅଧିକାର ସୁରକ୍ଷା ଦିଗରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେଲା ବୋଲି ନିଶ୍ଚିତ ଭାବରେ କୁହାଯାଇପାରେ। କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ରେ ପ୍ରାବଧାନତା ଅନୁଯାୟୀ ଆଫ୍‌ଟର କେୟାର ମାଧ୍ୟମରେ ଶିଶୁଯତ୍ନ ଅନୁଷ୍ଠାନ ଛାଡୁଥିବା ୧୮ରୁ ୨୧ ବର୍ଷର ପିଲାମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି; ଯଦ୍ଦ୍ୱାରା ସେମାନେ ନିଯୁକ୍ତି ପାଇପାରିବେ। ଆହୁରି ମଧ୍ୟ ଅନୁଷ୍ଠାନ ଛାଡ଼ିବାକୁ ଥିବା ଶିଶୁମାନଙ୍କୁ ଆଖି ଆଗରେ ରଖି ୧୮ ବର୍ଷ ପୂର୍ବରୁ ଅନୁଷ୍ଠାନରେ ରହଣି ସମୟରେ ଯେତେଦୂର ସମ୍ଭବ ଭୋକେଶନାଲ/ବୈଷୟିକ ତାଲିମ ପ୍ରଦାନ କରାଯିବା ଫଳରେ ସେମାନେ ୧୮ ବର୍ଷରେ ଅନୁଷ୍ଠାନ ଛାଡ଼ିବା ବେଳକୁ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରୁଥିବେ। ବର୍ତ୍ତମାନର ଏହି ପୁନଶ୍ଚ ଶିକ୍ଷା ଗ୍ରହଣ ଦ୍ୱାରା କେବଳ ଆନୁଷ୍ଠାନିକ ଯତ୍ନ କାହିଁକି ବରଂ ଅଣ–ଆନୁଷ୍ଠାନିକ ଯତ୍ନ କ୍ଷେତ୍ରରେ ମଧ୍ୟ ଶିଶୁ ଅଧିକାର ସୁରକ୍ଷା ଦିଗରେ ଆଉ ପାଦେ ଆଗକୁ ବୋଲି କୁହା ଯାଇପାରେ। ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ ଯୋଜନାରେ ୨୦୨୦ ସୁଦ୍ଧା କୋଟିଏ ଯୁବକ ଯୁବତୀଙ୍କୁ ଦକ୍ଷତା ବୃଦ୍ଧି ସକାଶେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା,ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ଇତ୍ୟାଦି ମାଧ୍ୟମରେ ସିଲେଇ,କମ୍ପ୍ୟୁଟର ଭଳି ବିଭିନ୍ନ ବିଷୟରେ ତାଲିମର ବ୍ୟବସ୍ଥା ଯଦିଓ ଅଛି ତଥାପି ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ପାଇଁ କେବଳ ସମସ୍ତ ସୁବିଧା ରହିଛି। ଆଉ ମଧ୍ୟ ଭାରତରେ ମୋଟ ଜନସଂଖ୍ୟାର ୨୦ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟା ୪୧ ପ୍ରତିଶତ ହୋଇଥିବାବେଳେ କେବଳ ୧୪–୧୮ ବର୍ଷ ବୟସ ଗୋଷ୍ଠୀର କିଶୋର କିଶୋରୀଙ୍କ ସଂଖ୍ୟା ୫୦ କୋଟି। ତେଣୁ ମାଟ୍ରିକ ପରେ ପାଠରେ ଡୋରି ବାନ୍ଧି ଦେଉଥିବା ହଜାର ହଜାର ପିଲାଙ୍କୁ ପାଠ ପଢ଼ାକୁ ଫେରାଇପାରିଲେ ଗୋଟିଏ ଗୁଳିରେ ଦୁଇଟି ଶିକାର ହୋଇପାରିବ,ଯଥା ଶିଶୁ ୧୮ ବର୍ଷରେ ପଦାର୍ପଣ ନ କରିବା ପର୍ଯ୍ୟନ୍ତ ଶ୍ରମିକ ହିସାବରେ କାମ କରିବେ ନାହିଁ ଏବଂ ବିବାହ ବୟସକୁ ଟାଳି ଦିଆଯାଇପାରିବ।

ତେଣୁ ସରକାର ଯଦି ବାବୁପାଲି ଭଳି ଉଦାହରଣ ସବୁ ଏକତ୍ରକରି ନିଜ ନୀତିରେ ସୁଧାର ଆଣନ୍ତେ ଏବଂ କେବଳ ତିନୋଟି କ୍ଷେତ୍ରକୁ ୧୪ରୁ ୧୮ ବର୍ଷ ପିଲାଙ୍କୁ ବାରଣ କରିବା ପରିବର୍ତ୍ତେ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଶିଶୁ ଶ୍ରମିକ ହିସାବରେ କାମ କରିବାକୁ ନିଷେଧ କରନ୍ତେ ଆମେ ଆହୁରି ମାତ୍ରାରେ ଉତ୍ପାଦନକ୍ଷମ ନାଗରିକ ସୃଷ୍ଟିକରିପାରନ୍ତେ।

ମୋ–୯୪୩୭୫୭୧୮୩୧

# ତଳ ଦେଶର ଲୋକ



ଦ୍ୱିତୀ ଚନ୍ଦ୍ର ସାହୁ

ପାରମ୍ପରିକ ବାଜା ବାଜୁଥିଲା। ଡାମ୍ପ, ମହୁରୀ ଓ ଡୁଡୁମର ନାଦରେ ଗଗନ ପବନ କମ୍ପି ଉଠୁଥିଲା। ଗୁରୁମାଇ ସବୁ ଧଳାଲୁଗା ପିନ୍ଧି ମନ୍ତ୍ର ପଢୁଥିଲେ। ଅଲିଖିତ ଧାରାରେ ନାଚୁଥିଲେ ସେମାନେ। ବାକି ଗାଁ ଲୋକ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନିଜ ଇଚ୍ଛାରେ ନାଚୁଥିଲେ। ଗାଁରେ ଏକପ୍ରକାର ଉତ୍ସବର ପରିବେଶ। ସମସ୍ତେ ଉନ୍ମାଦ ଓ ଅତିଶୟ ଉତ୍ସାହିତ। ପୁରୁଷ ଦେବତା ସଦରଘରର କାନ୍ଥରେ କୁମାରୀ ଝିଅ ସବୁ ପାରମ୍ପରିକ ଡଙ୍ଗରିଆ ଚିତା କାଟୁଥିଲେ। ସଜଉଥିଲେ ଦେବତାଙ୍କ ଘର। କୁଟେଇବାଲି ଦେବୀ ନିକଟରେ ଗୁରୁମାଇଙ୍କ ଗହଳି। ମନ୍ତ୍ର ସହ ବଳିପଡୁଛି ପଶୁପକ୍ଷୀ। ଏମିତି ଏକ ଅଦ୍ଭୁତ ପରିବେଶ ଡଙ୍ଗରିଆ ଗାଁରେ। ଚାଲିଛି ମେରିଆ ପରବ। ହଠାତ୍ ଏକ ଦଉଡ଼ିଆ ଖଟ ଆସିଲା। ବୟସ୍କ ଡଙ୍ଗରିଆ ଜଣକ ଆସି କହିଲେ– ମାହାପ୍ରୁ! ଖଟରେ ବସ! ସ୍ୱାଭାବିକ ଭାବେ ବସିଗଲି। ଭାବିଲି ବସିବାକୁ ଏମିତି ସଜବାଜ। ପାଖରେ ଥିବା କିଛି ଡଙ୍ଗରିଆ ଯୁବକ ଦଉଡ଼ିଆ ଖଟକୁ ଧରିଲେ। ଖୁରାଗୁଡ଼ିକୁ ଭିଡ଼ି ଧରି ଶୂନ୍ୟକୁ ଟେକିଲେ। କିଛି ପଚାରିବା ଆଗରୁ ଝୁଲେଇ ଝୁଲେଇ ଗାଁ ଦେବତା ସଦର ଘର ଚାରିପଟେ ବୁଲେଇବାକୁ ଲାଗିଲେ। ଆଗରେ ଆଉ କିଛି ଯୁବକ କିର୍ଲି ମାରି ଘୂରୁଥିଲେ। ଉପରେ ବସି ଗାଁକୁ ଦେଖିଲି। ଖଟ ସହ ବୁଲୁଥିଲା ଗାଁ, ଘର, ଡଙ୍ଗର, ଝୁଲା ଝରଣା। ତିନିଥର ବୁଲେଇଲା ପରେ ତଳେ ଥୋଇଦେଲେ। କିଛି ବି ଜାଣିପାରୁ ନ ଥିଲି। ପୁଣି ସେଇ ବୟସ୍କ ଡଙ୍ଗରିଆ ଆସି କହିଲେ– ଡରିଗଲୁ କି ମାହାପ୍ରୁ! ଇମିତି କା ଆମ ଦେଶରେ ଚାଲିଛି। ତୁଇ ତଳ ଦେଶର ଲୁକ। ଆମର କୁଣିଆ। ତୋତେ ସମ୍ମାନ ନ ଦେଲେ ଆମ ଗାଁକୁ ନିନ୍ଦା। ଆଉ ଜଣେ କୁଣିଆକୁ ଏମିତି ସମ୍ମାନ ଦେବାକୁ ଚାଲିଗଲେ। ତା'ପରେ ଚକିତ ହୋଇଗଲି।

ଡଙ୍ଗରିଆଙ୍କ ହିସାବ ଅଲଗା। ନିୟମଗିରି ପାହାଡ଼ ତଳେ ରହୁଥିବା ଅଞ୍ଚଳ ତଳ ଦେଶ। ପାହାଡ଼ ଉପରେ ତାଙ୍କ ରାଇଜ। ସେଠି ଯିଏ ରହନ୍ତି ତାଙ୍କ ନିଜର ଲୋକ ବୋଲି ଭାବନ୍ତି। ବାକି ସମସ୍ତେ ତଳ ଦେଶର ଲୋକ। ସେମାନଙ୍କ ପାଇଁ ଅତିଥି। ନିୟମଗିରିର ଉତ୍ପାଦିତ ଫସଲକୁ ତଳ ଦେଶର ଲୋକଙ୍କ ନଜର। ଖାଲି ଫସଲ ନୁହେଁ, ଡଙ୍ଗରିଆଙ୍କ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ। ଅଶିକ୍ଷିତ ଓ ଆଦିମର ଆଖ୍ୟା ଦେଇ ଆମ ନିକିତିରେ ତଉଲୁଥାଉ। ସେଥିପାଇଁ ଡଙ୍ଗରିଆ ଯୁବତୀ ମୁଣ୍ଡରେ ବୋହି ଆଣୁଥିବା ଫସଲକୁ ତା' ଇଚ୍ଛା ବିରୋଧରେ ଟାଣିନିଏ ବେପାରୀ। ଜୋର କରି କମ୍ ପଇସାଦିଏ। ସେତିକି ନ ହେଲେ ରାସ୍ତା କଡ଼ରେ ପସରା ଧରି ଗରାଖ ଅପେକ୍ଷାରେ ଥିବା ଡଙ୍ଗରିଆ ଯୁବତୀ ସାମ୍ନା କରେ ତଳ ଦେଶର ଲୋକଙ୍କୁ। ମୂଲାମୂଲି କରି ପସନ୍ଦ ହେଲେ କିଣେ ଗରାଖ। ଅଧିକରୁ ଅଧିକ ଶସ୍ତାରେ ଯେମିତି ଜିନିଷ ମିଳିବ ସେଇ ମାନସିକତାରେ ତଳ ଦେଶର ଲୋକ। ଡଙ୍ଗରିଆ କ'ଣ ପାଏ, କ'ଣ ହଜାଏ ହିସାବ କରେନି। ତାକୁ ଲୋଡ଼ା ସଦ୍ୟ ପଇସା। ସେ ଯେମିତି ହେଉ ବିକିବ ଜିନିଷ। ବିକିଲେ ତା' ଦେଶକୁ ନେବ ତେଲ



ଲୁଣ ଶୁଖୁଆ। ଆଉ ମଦ ପିଇବ। ସେଥିପାଇଁ ଉଦାର ହୃଦୟରେ ଦେଇଦିଏ ତା' ଜିନିଷ କମ ମୂଲ୍ୟରେ।

ବଦଳିଛି ତଳ ଦେଶ। ବଦଳିଛନ୍ତି ତଳ ଦେଶର ଲୋକ। ଆଗ ପରି ଗାଁରେ ଆତିଥେୟତା ନାହିଁ। ଦିନ ଥିଲା ଗାଁକୁ ଯିଏ ଆସୁଥିଲା ସେ ଗାଁର ଅତିଥି। ପରିଚୟ ଓ ସମ୍ପର୍କ ନ ଥିଲେ ବି ସମସ୍ୟା ନାହିଁ। ଖାଇବା ବେଳରେ ପହଁଚିଲେ ଅତିଥି ଖାଲି ପେଟରେ ଫେରିବନି କେବେ। ମଠ ମନ୍ଦିରରେ ଅଭ୍ୟାଗତ ଖଞ୍ଜା ହୋଇଥିବ ବାହାର ଆଗନ୍ତୁକଙ୍କ ପାଇଁ। କିଛି ନ ହେଲେ ବି ଗାଁ ଭାଗବତ ତୁଙ୍ଗିରେ ରହିବା ଓ ଖାଇବା ଲାଗି ବ୍ୟବସ୍ଥା ହେବ ତୁରନ୍ତ। ଜଣଙ୍କର ସମ୍ପର୍କୀୟ ଗାଁର ସମସ୍ତଙ୍କର ସମ୍ପର୍କୀୟ। ଦେଖୁ ଦେଖୁ ଖୋଲିଯାଏ ଆତ୍ମୀୟତାର ପସରା। କୁଶଳ ଜିଜ୍ଞାସା। ଏବେ ଗାଁର ପରିବେଶ ଉନ୍ମୁକ୍ତ। ସହର ସହର ବାସୁଛି ଗାଁ। ଘର–ଘର ଭିତରେ ଅପଡ଼। ସାହି–ସାହି ଭିତରେ ସଂଘର୍ଷ। ସବୁଠି ରାଜନୀତି। ଭାବର ଅଭାବ। ଈର୍ଷା ଓ ପରଶ୍ରୀକାତରତାରେ ଗିଳି ହୋଇପଡିଛି ଗାଁ। ସମ୍ପର୍କୀୟଙ୍କ ଭିତରେ କନ୍ଦଳ। ମନାନ୍ତର ଓ ମତାନ୍ତର। ପରପିଢ଼ି ଭିତରେ ଉତ୍ତମ ସମ୍ପର୍କର ଅଭାବ। ମାରପେଞ୍ଚ ଭିତରେ ଗାଁ ବୁକେଇ ପଡିଛି। ବଦଳି ଚାଲିଛି ଲୋକଙ୍କ ମାନସିକତା। ପରର ସୁବିଧା ଚୁଲିକି ଯାଉ। ନିଜ ଘର ପରିବାର ଭଲରେ ଥାଉ। ଅର୍ଥ ସର୍ବସ୍ୱ ଦୁନିଆ ଭିତରେ ସ୍ନେହ, ମମତା, ଆତ୍ମୀୟତା ସର୍ବୋପରି ସମ୍ପର୍କ ପାଣିଚିଆ। ଡଙ୍ଗରିଆ ଅଞ୍ଚଳର ବି ପରିବେଶ ବଦଳିଛି। ରାସ୍ତା ଖୋଲିଛି। ତଳଦେଶକୁ ବାଟ ଫିଟିଛି। ଡଙ୍ଗରିଆଙ୍କ ଗାଁ ପରିବେଶ ଆଗ ପରି ନାହିଁ। ରୁକ୍ଷ ହୋଇପଡିଛି ଡଙ୍ଗର ପାହାଡ଼। ଗାଁରେ ଆଧୁନିକତାର ସ୍ପର୍ଶ। ଶିକ୍ଷିତ ହେବାରେ ଲାଗିଛି ଡଙ୍ଗରିଆ। ବଦଳିଛି ବଞ୍ଚିବା ତରିକା। ତଥାପି ବଦଳିନି ନିୟମଗିରିର ନିୟମ। ଏଠି ନିୟମରାଜା ହିଁ ସର୍ବେସର୍ବା। ନିୟମରାଜାର ସନ୍ତାନ ହେଉଛନ୍ତି ଡଙ୍ଗରିଆ। ତା'ରି ଅଦୃଶ୍ୟ ଆଦେଶରେ ଚାଲେ ନିୟମଗିରିର ରାଇଜ। ଡଙ୍ଗରିଆ ଡରେ ନିୟମରାଜାକୁ। ଭୟ ଓ ଭକ୍ତି କରେ କୁଟେବାଲି ଓ ସଦରଘରକୁ। ଜଗିରଖି କାମ କରେ। ଉଚ୍ଛୃଙ୍ଖଳ ହୁଏନି କି କାହାକୁ ହେବାକୁ ଦିଏନି। ଗାଁ–ଗାଁ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ଏକାଠି ହୋଇ ଚଳିବାର ପ୍ରବଣତା ତଥାପି ବଳବତ୍ତର। ନିୟମଗିରିର ସୁରକ୍ଷା ପାଇଁ ସମସ୍ତେ ଜାଗ୍ରତ। ତାକୁ ହଡ଼ପ କରି ନେବାକୁ ଟାକି ବସିଥିବା କମ୍ପାନୀ ଓ ତା' ସହିତ ଜଡ଼ିତ ମଣିଷମାନେ ତା'ର ଶତ୍ରୁ। ତଳଦେଶର ଲୋକଙ୍କ ମାନସିକତାକୁ ସେ ପଢ଼ିଛି ଓ ବୁଝିଛି। ମାର୍ମିକ ଅନୁଭବକୁ ସାଉଁଟିଛି। ସେମାନଙ୍କ ଚଞ୍ଚଳତାର ଶିକାର ହେଉଛି ନିତିଦିନ। କିନ୍ତୁ ସମ୍ପର୍କ କେବେ ତୁଟେଇନି। ବରଂ ତାଙ୍କ ସହ ସଂଲଗ୍ନ ଭାବରେ ସେ ବଢ଼ିଆସିଛି ଓ ଆଗକୁ ବି ବଢ଼ିବ। ଏଇ ନୀତିରେ ସେ ଚାଲିଛି। ଏଇ ଉଦାରପଣରେ ଗାଁକୁ ଆସୁଥିବା ସବୁ ମଣିଷ ତା' ପାଇଁ କୁଣିଆ ବା ଅତିଥି। ସମ୍ମାନ ଦେବା ଡଙ୍ଗରିଆର ଧର୍ମ। ସେଥିପାଇଁ ଉପର ଦେଶର ଗାଁରେ ପାଦଦେଲେ ତଳ ଦେଶର ଲୋକ ପାଲଟିଯାଆନ୍ତି ମାହାପ୍ରୁ ଲୋକ। କିର୍ଲି ଓ ସୁସୁକାରୀ ଶବ୍ଦରେ ଭାବନା ରାଇଜରୁ ଫେରିଲା ବେଳକୁ ଦେଖିଲି ଆଉ ଜଣେ ତଳ ଦେଶର ଲୋକ ବସିଥିଲା ଖଟିଆ ଉପରେ। ଖଟିଆ ବୁଲୁଥିଲା ଶୂନ୍ୟରେ। ଝଲସୁଥିଲା ଖୁସି ଡଙ୍ଗରିଆଙ୍କ ମୁହଁରେ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ସମସ୍ତେ ଭିନ୍ନ ଭିନ୍ନ ଡିଜାଇନର ଆକର୍ଷଣୀୟ ଘର କରୁଛନ୍ତି କିନ୍ତୁ ବେଙ୍ଗାଲୁରୁର ଦମ୍ପତି ଶ୍ରୀନି ଏବଂ ସୁଷମା ଏଭଳି ଘର ନିର୍ମାଣ କରିଛନ୍ତି, ଯେଉଁଥିରେ ବିଦ୍ୟୁତ ଓ ପାଣି ପାଇଁ ବାହାର ଉପରେ ନିର୍ଭର କରିବାକୁ ପଡୁନାହିଁ। ଘରେ ସବୁଜ ଶକ୍ତିର ଉପଯୋଗ ଏବକାର ସମୟର ଆହ୍ୱାନ ହୋଇଥିବାବେଳେ ସେମାନେ ଉକ୍ତ ଘରେ ତାହା ପ୍ରମାଣିତ କରିପାରିଛନ୍ତି। ସେମାନେ ଘରକୁ କାଠ, ଇଟା ଓ ପ୍ଲାଷ୍ଟର ପାରିସରେ ନିର୍ମାଣ କରିଛନ୍ତି। ଏହି ଦୁଇ ମହଲା ଘରକୁ ୨୦୧୬ରେ ଆରମ୍ଭ କରି ୨୦୧୮ରେ ଶେଷ କରିଥିଲେ। ଏହି ଘରେ ସେମାନେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଘରର ସବୁ ଜଳ ଆବଶ୍ୟକତା ଏଥିରେ ପୂରଣ କରୁଛନ୍ତି। ଏହାକୁ ଫିଲଟର କରି ପାନୀୟ ଜଳ ଭାବେ ବି ବ୍ୟବହାର କରୁଛନ୍ତି। ଉତ୍ପାଦିତ ୨ କିଲୋୱାଟ ସୌର ବିଦ୍ୟୁତ୍‌ରେ ଘରର ସବୁ କିଛି ଚାଲୁଛି। ଶକ୍ତି ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିପଦକୁ ଟାଳିବା ଲାଗି ବାସ୍ତବରେ ଏଭଳି ଏକ ଶତପ୍ରତିଶତ ପରିବେଶ ଉପଯୋଗୀ ଘର ଅତ୍ୟନ୍ତ ଉପଯୋଗୀ ବୋଲି କହନ୍ତି ଶ୍ରୀନି।

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୮

- ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ମନୋହର ଯୋଶୀଙ୍କ କ୍ୟାବିନେଟ୍‌ରୁ ଜଙ୍ଗଲ ମନ୍ତ୍ରୀ ଗଣେଶ ନାଏକ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଗୋବିନ୍ଦରାଓ ଚୌଧୁରୀ ବହିଷ୍କୃତ।
- ବେଲ୍‌ଜିୟମ ସ୍କାଶ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବିଭାଗରେ ଭାରତର ରିଆ ଭଣ୍ଡାରୀଙ୍କ ଜୁନିୟର ଆନ୍ତର୍ଜାତିକ ଟାଇଟଲ ହାସଲ।
- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଏଲ୍.କେ. ଆଡଭାନୀଙ୍କ ସମେତ ମାନବ ସମ୍ବଳ ମନ୍ତ୍ରୀ ମୁରଲୀ ମନୋହର ଯୋଶୀ ଓ ରାଷ୍ଟ୍ରମନ୍ତ୍ରୀ ଉମା ଭାରତୀଙ୍କୁ ବରଖାସ୍ତ କରାଯିବା ନେଇ ଆଗତ ଏକ ଜନସ୍ୱାର୍ଥ ସମ୍ବଳିତ ପିଟିସନ ଦିଲ୍ଲୀ ହାଇକୋର୍ଟରେ ଖାରଜ।

## ଚିରନ୍ତନୀ

ଆପଦର ବହ୍ନି ଜାଳି ଜରା ମରଣକୁ
ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ
ଆଶିଷ ବରଷି।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| 5 | | | 9 | 1 | | | 6 | 4 |
| 6 | | | | | 5 | | | 2 |
| | | | 4 | | | 1 | | |
| | 4 | | | | 2 | | 5 | 3 |
| | | 6 | | | | | | |
| | 8 | | 1 | 4 | | | | |
| | | 3 | | | | 8 | | |
| 1 | | | | 7 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 3 | 8 | 7 | 1 | 5 | 9 |
| 7 | 9 | 1 | 2 | 4 | 5 | 6 | 3 | 8 |
| 3 | 8 | 5 | 1 | 9 | 6 | 4 | 7 | 2 |
| 6 | 2 | 9 | 7 | 5 | 1 | 3 | 8 | 4 |
| 1 | 4 | 7 | 9 | 3 | 8 | 5 | 2 | 6 |
| 8 | 5 | 3 | 4 | 6 | 2 | 9 | 1 | 7 |
| 9 | 1 | 8 | 5 | 2 | 4 | 7 | 6 | 3 |
| 5 | 3 | 2 | 6 | 7 | 9 | 8 | 4 | 1 |
| 4 | 7 | 6 | 8 | 1 | 3 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ବନ୍ଦ ହେଉ

ମହାଶୟ,

ସରକାରଙ୍କ ବସ୍‌ଭଡ଼ା ଘୋଷଣା ପ୍ରହସନ ପରି ଲାଗୁଛି। ଏକ୍ସପ୍ରେସ୍, ଡିଲକ୍ସ, ସାଧାରଣ ବସଭଡ଼ା ଖବରକାଗଜ, ରେ ବିଶଦ ଭାବେ ବାହାରୁଛି, କିନ୍ତୁ କେହି ମାନିବା ଦେଖାଯାଉ ନାହିଁ। ଆମ ଗାଁରୁ କଟକ ମାତ୍ର ୪୦ କିଲୋମିଟରରୁ କମ୍। ମାତ୍ର ବସ୍ ଭଡ଼ା ୫୦ ଟଙ୍କା। ସେହିପରି କଟକରୁ ଭୁବନେଶ୍ୱର ମାତ୍ର ୨୫ରୁ ୩୦ କିଲୋମିଟର । ସାଧାରଣ ବସ୍‌ରେ ୫୦ ଟଙ୍କା ଦେବାକୁ ବାଧ୍ୟ। ସବୁ ବସ୍ ବରମୁଣ୍ଡା ଯାଏ ଭଡ଼ା ଦାବି କରୁଛନ୍ତି। ଗାଡ଼ିରେ ଧାନ ବସ୍ତା ପରି ଲୋକଙ୍କୁ ଭର୍ତ୍ତି କରି ନେଉଛନ୍ତି। ଅଭିଯୋଗ ଶୁଣିବାକୁ ବା ଶୃଙ୍ଖଳିତ କରିବାକୁ କେହିନାହାନ୍ତି। ହେଲ୍‌ମେଟ୍ ଚେକିଂ ପାଇଁ, ନମ୍ବର ନବୀକରଣ ପାଇଁ ବିଭାଗ ତତ୍ପର। ମାତ୍ର ଯାତ୍ରୀ ସଂଖ୍ୟା ଜଗିବାକୁ କେହି ଆଗ୍ରହ ଦେଖାଉ ନାହାନ୍ତି। 'ମୋ ବସ୍' ବି ସାଧାରଣ ବସ୍ ଭଡ଼ା ନେଉନାହିଁ। ତେଣୁ ଏ ଘୋଷଣା ପ୍ରହସନ ବନ୍ଦ ହୋଇଯିବା ଆବଶ୍ୟକ। ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା, ଡାକବାଜି ଯନ୍ତ୍ର ନିୟନ୍ତ୍ରଣ, ଗୁଟ୍‌ଖା, ସିଗାରେଟ୍ ନିଷେଧ କେବଳ ସରକାରଙ୍କ ଲୋକଦେଖାଣିଆ। ଖବରକାଗଜରେ ବିଜ୍ଞାପନ ପ୍ରହସନ ବନ୍ଦ ହେବା ଜରୁରୀ।

**–ଡାକ୍ତର ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟ ନିଳୟମ, କୁଣ୍ଡି, କୁମୁଡ଼ା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଖରାରେ ଜଳିଗଲା ବାଇକ୍



ଜଟଣୀ,୮।୫(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ସୋମବାର ପ୍ରବଳ ଖରା ହେଉଥିବାରୁ ରାସ୍ତା ଉପରେ ରଖାଯାଇଥିବା ଏକ ବାଇକ୍ ହଠାତ୍ ଜଳିଯାଇଥିଲା। ସୂଚନା ମୁତାବକ, ମଧାହ୍ନରେ ସ୍ଥାନୀୟ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ରାହୁଲ ସାହା ଜଟଣୀ ରାମଚନ୍ଦ୍ରପୁର ବଜାରକୁ କିଛି ସଉଦା କିଣିବା ପାଇଁ ନିଜ ଓଡି ୦୧ ଜେଡ ୨୯୪୩ ନଂ. ବିଶିଷ୍ଟ ପଲସର ବାଇକ୍ ଯୋଗେ ଆସିଥିଲେ। ବାଇକ ରଖି ଦୋକାନରୁ ସଉଦା କିଣିବା ସମୟରେ ଅଚାନକ ଗାଡିରୁ ଧୂଆଁ ବାହାରିଥିଲା। କିଛି ଭାବିବା ପୂର୍ବରୁ ସମ୍ପୂର୍ଣ୍ଣ ବାଇକଟି ହୁତୁହୁତୁ ହୋଇ ଜଳିଯାଇଥିଲା। ସ୍ଥାନୀୟ ଲୋକେ ବାଲି ଓ ପାଣି ବାଇକ୍ ଉପରେ ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ନିଆ ଲିଭି ନ ଥିଲା। ଖବରପାଇ ଅଗ୍ନିଶମ ବାହିନୀର ଦମକଳ ଗାଡି ଆସି ନିଆଁକୁ ଲିଭାଇଥିଲେ। ତେବେ ମୋଟର ସାଇକେଲଟି ରାସ୍ତା ଉପରେ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇ ନଥିବାବେଳେ ଏକ ବଡ଼ ଦୁର୍ଘଟଣାରୁ ବାଇକ ଚାଳକ ବର୍ତ୍ତିଯାଇଛନ୍ତି।

### ବିଧାୟକଙ୍କ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାଲିପାଟଣା,୮।୫(ଡି.ଏନ୍.ଏ.): ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ସୋମବାର ବାଲିପାଟଣା ବ୍ଲକ ଅନ୍ତର୍ଗତ ୪ଟି ସ୍ଥାନରେ ନିର୍ମାଣାଧୀନ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ। କାମର ମନ୍ଥରତାକୁ ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଜାହାଙ୍ଗିର ପାଟଣାଠାରେ ନିର୍ମିତ କେନ୍ଦ୍ରରେ ନିମ୍ନମାନର ଇଟାରେ କାମ ହେଉଥିବା ସହିତ ଡିପିସି ରାସ୍ତାଠାରୁ ଠିକ୍ ଉଚ୍ଚତା ନ ଥିବା ଦେଖି ତୁରନ୍ତ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପର ଆକଳନ ମୂଲ୍ୟ ୨୭ଲକ୍ଷ ଟଙ୍କା, ତୁରୀନ୍ତିର ଉପକେନ୍ଦ୍ର ପାଇଁ ୨୦ ଲକ୍ଷ, କୁଳନ୍ତିରା ଉପକେନ୍ଦ୍ର ପାଇଁ ୨୦ଲକ୍ଷ ଏବଂ ପୁବାଗଡ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ମାନସ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାମଗୁଡିକୁ ଠିକ୍ ଭାବେ ସାରି ନିର୍ଦ୍ଧାରିତ ସମୟରେ ହସ୍ତାନ୍ତର କରିବାକୁ କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞାପରାମିତାଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନେକ କେନ୍ଦ୍ରରେ ଏଏନ୍ଏମ୍‌ମାନେ ନିୟମିତ ରହୁ ନଥିବା ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟସେବା ଦେବାରେ ଅବହେଳା କଲେ ସରକାରଙ୍କର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ଏଥିନିମନ୍ତେ ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ କହିଛନ୍ତି।

# ଡୋର୍-ଟୁ-ଡୋର୍ ଅଳିଆ ସଂଗ୍ରହ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୮।୫ (ବ୍ୟୁରୋ)

### ଶତପ୍ରତିଶତ ସଫଳତା ପାଇଁ ଷ୍ଟ୍ରାଟେଜି ପ୍ରସ୍ତୁତ କରିବେ ସ୍ୱଚ୍ଛ ସୁପରଭାଇଜର



ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

ରାଜଧାନୀ ଭୁବନେଶ୍ୱରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର କରି ଗଢି ତୋଳିବା ସହ ୧ନଂ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବିଏମ୍‌ସି ଚେଷ୍ଟା ଜାରି ରଖିଛି। ଏଥିପାଇଁ ବିଭିନ୍ନ ଯୋଜନା ହାତକୁ ନେବା ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ବିଶେଷକରି ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାକୁ ଲକ୍ଷ୍ୟ ରଖି ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ଷେତ୍ରରେ ଡୋର୍-ଟୁ-ଡୋର ଅଳିଆ ସଂଗ୍ରହକୁ ଆହୁରି ବ୍ୟାପକ କରିବା ପାଇଁ ବିଏମ୍‌ସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ପ୍ରତ୍ୟେକ ଦିନ ବିଏମ୍‌ସିର ସଫେଇ ଗାଡ଼ି ଘର ଘର ବୁଲି ଅଳିଆ ସଂଗ୍ରହ କରୁଥିଲେ ବି ତାହା ଶତ ପ୍ରତିଶତ ସଫଳ ହୋଇ ପାରିନାହିଁ। ତେଣୁ ଏହାକୁ କିଭଳି ଶତ ପ୍ରତିଶତ କାର୍ଯ୍ୟକାରୀ କରାଯିବ ଏବଂ ବାହାରେ କେଉଁଠାରେ ଅଳିଆ ପଡିବ ନାହିଁ ସେ ନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ବିଏମ୍‌ସି ମୁଖ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସିରେ ନିୟୋଜିତ ସ୍ୱଚ୍ଛ ସୁପରଭାଇଜର ଓ ଏନ୍‌ଜିଓଗୁଡ଼ିକ ସମୀକ୍ଷା କରାଯାଇଥିଲା। ସହରବାସୀ ଓଦା ଓ ଶୁଖିଲା ଅଳିଆ ପୃଥକ କରି ନିୟମିତ ଭାବେ ସଫେଇ ଗାଡ଼ିରେ ଦେଲେ ହିଁ ବାହାରେ ଅଳିଆ ପଡିବା ବନ୍ଦ ହୋଇ ପାରିବ। ତେବେ ଏଥିପାଇଁ କିଭଳି ଲୋକଙ୍କୁ ସଚେତନ କରାଯିବ ବା କେଉଁ ପଦ୍ଧତିରେ ଯୋଜନାର ସଫଳ ରୂପାୟନ ହୋଇ ପାରିବ ସେ ନେଇ ସ୍ୱଚ୍ଛ ସୁପରଭାଇଜର, ଏନ୍‌ଜିଓ, ସାନିଟାରୀ ଇନ୍ସପେକ୍ଟର, ସାନିଟେଶନ୍ ଏକ୍ସପର୍ଟ, ୱାର୍ଡ ଅଫିସର ସମସ୍ତେ ଟିମ୍ ଭାବେ କାମ କରି ଯଥାଶୀଘ୍ର ନିଜର ଷ୍ଟ୍ରାଟେଜି ରିପୋର୍ଟ ପ୍ରଦାନ କରିବେ। ଷ୍ଟ୍ରାଟେଜି ଅନୁଯାୟୀ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ଆସିଷ୍ଟାଣ୍ଟ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ ଭବନ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୮।୫ (ବ୍ୟୁରୋ)

### ଥଇଥାନ ହେବେ ୪ ବସ୍ତିର ବାସିନ୍ଦା

ବିଜେବି ନଗରରେ ସଂସ୍କୃତି ଭବନକୁ ଲାଗି ହେବାକୁ ଥିବା ରାଜସ୍ୱ ଭବନ ନିର୍ମାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ଛାତ ତଳେ ସମସ୍ତ ରାଜସ୍ୱ ସେବା ପ୍ରଦାନ କରିବା ଲାଗି ପ୍ରଥମ ଥର ପାଇଁ ରାଜ୍ୟ ସରକାର ଏଭଳି ଏକ ପଦକ୍ଷେପ ନେଇଥିବାବେଳେ ଏଥିପାଇଁ ଜାଗା ଚିହ୍ନଟ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ୪.୯୩୩ ଏକର ଜମି ରାଜସ୍ୱ ବିଭାଗ ନାମରେ କରାଯାଇଛି। ଉକ୍ତ ଜମିରେ ବର୍ଷ ବର୍ଷ ହେବ ପଞ୍ଜୀକୃତ ବସ୍ତିବାସିନ୍ଦା ରହିଆସୁଛନ୍ତି। ତେଣୁ ସମ୍ପୃକ୍ତ ବସ୍ତିବାସିନ୍ଦାଙ୍କୁ ପ୍ରଥମେ ଉକ୍ତ ୱାର୍ଡରେ ଉଚିତ ଜମି ଦେଖି ଥଇଥାନ କରାଯିବା ନେଇ ପ୍ରସ୍ତୁତ ଆରମ୍ଭ ହୋଇଛି। ଇତି ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ମୁଖ୍ୟତଃ କଳ୍ପନା ବିଜେବି ନଗରରେ ଥିବା ବିଜୟାଲକ୍ଷ୍ମୀ ବସ୍ତିକୁ ଥଇଥାନ କରାଯିବ। ଏହା ସହ କଳ୍ପନା ଲେବର କଲୋନୀ ବସ୍ତି, କଳ୍ପନା ପାଣିଟାଙ୍କି ବସ୍ତି ଓ କଳ୍ପନା ମେଡିକାଲ ସାହି ବସ୍ତିର ୬୧୪ ରାଜୀବ ଆବାସ ଯୋଜନା (ଆରଏୱାଇ) ହିତାଧିକାରୀ ଓ ଜାଗା ମିଶନରେ ତାଲିକା ପରିସରଭୁକ୍ତ ଥିବା ୭୫୮ ହିତାଧିକାରୀଙ୍କୁ ଆଫୋର୍ଡେବଲ ହାଉସିଂ ପ୍ରୋଜେକ୍ଟରେ ଘର ମିଳିବ ବୋଲି ସୂଚନା ମିଳିଛି। ଉପରୋକ୍ତ ବାସିନ୍ଦାଙ୍କୁ ଥଇଥାନ ଲାଗି ସ୍ଥାନ ଚିହ୍ନଟ କରିବାକୁ ଲ୍ୟାଣ୍ଡ ବିଭାଗକୁ ଚିଠି ହେବ। ଏହାସହ ରାଜସ୍ୱ ଭବନ ନିର୍ମାଣ ଲାଗି ଡିପିଆର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରାଯିବ। ଏନେଇ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରାଯାଇଛି। ୨୦୨୨ ଜୁଲାଇ ୩୦ରେ ମୁଖ୍ୟ ଶାସନ ସଚିବଙ୍କ ସହ ହୋଇଥିବା ବୈଠକରେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇ ଭବନ ନିର୍ମାଣ କରିବାକୁ ନିଷ୍ପତ୍ତି ପ୍ରକାଶ ପାଇଛି। ଏଥିପାଇଁ ବିଏମ୍‌ସି ତା'ର ପ୍ରକ୍ରିୟା ଆରମ୍ଭ କରିଛି। ସେହିପରି ସେଠାରେ ୦.୩୬୪ ଏକର ଜମିକୁ ବିଏମ୍‌ସି ଗ୍ୟାରେଜ ଭାବେ ବ୍ୟବହାର କରୁଛି। ବିଏମ୍‌ସିର ଗ୍ୟାରେଜ ସେଠାରୁ ହଟାଯାଇ ସେହି ଜମିକୁ ରାଜସ୍ୱ ଭବନ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି।

# ଓୟୁଏଟି ଆଗ୍ରୋ ପଲିଟେକ୍‌ନିକ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ




ଓୟୁଏଟିର ଆଗ୍ରୋ ପଲିଟେକ୍‌ନିକ ଛାତ୍ରୀଛାତ୍ର ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଛନ୍ତି।

ଭୁବନେଶ୍ୱର,୮।୫(ବ୍ୟୁରୋ)

### ସରକାରୀ ନିଯୁକ୍ତି ଦାବି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଆଗ୍ରୋ ପଲିଟେକନିକ ଛାତ୍ରୀଛାତ୍ର ସରକାରୀ ନିଯୁକ୍ତି ପାଇଁ ଦାବି କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ସେମାନେ ଲୋୟର ପିଏମ୍‌ଜିରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଏଓ, ଭିଏଡବ୍ଲ୍ୟୁ, ଏଚ୍ଇଡବ୍ଲ୍ୟୁ, ଏସ୍‌ସିଇଡବ୍ଲ୍ୟୁ ଓ ଏଲ୍ଆଇ ଭଳି ପଦବୀରେ ନିଯୁକ୍ତି ଦାବି କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଉପରୋକ୍ତ ପଦବୀରେ ନିଯୁକ୍ତି ଦିଆ ନ ଗଲେ ମଧ୍ୟ ଛାତ୍ରୀଛାତ୍ର କେଉଁ ପଦବୀରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ସେଥିପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଉ ବୋଲି ଛାତ୍ର ପବିତ୍ର କୁମାର ଖିଲାର, ଶାଶ୍ୱତ କୁମାର ସାହୁ ପ୍ରମୁଖ କହିଛନ୍ତି। ଛାତ୍ରୀଛାତ୍ରଙ୍କ କହିବାନୁସାରେ, ୨୦୧୨ରୁ କୃଷି ବିଜ୍ଞାନ, ଉଦ୍ୟାନ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ଆଦି ପାଠ୍ୟକ୍ରମରେ ପିଲାମାନେ ନାମ ଲେଖାଉଛନ୍ତି। ତେବେ ଏହି ବୈଷୟିକ ପାଠ୍ୟକ୍ରମରେ ପାଠପଢ଼ା ସରିବାର ୯ ବର୍ଷ ପରେ ମଧ୍ୟ ସରକାର ତଥା ବିଶ୍ୱବିଦ୍ୟାଳୟ ସେମାନଙ୍କ ନିଯୁକ୍ତି ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି।

### ଗୋଳବାଇରେ ଦନ୍ତା ଆତଙ୍କ, ଭୟରେ ଗ୍ରାମବାସୀ

ନିରାକାରପୁର,୮।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ଗୋଳବାଇ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ହାତୀ ସ୍ଥାନୀୟ ଜଙ୍ଗଲରେ ବୁଲୁଛି। ଏହା ଗ୍ରାମବାସୀ ଦେଖିବା ପରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଉକ୍ତ ହାତୀଟି ଦୁଇଦିନ ହେଲା ଖାଦ୍ୟ ଅନ୍ୱେଷଣରେ ଆସି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହୋଇ ଜମିରେ ପନିପରିବା ନଷ୍ଟ କରୁଥିବା ଗ୍ରାମବାସୀ କହିଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ହାତୀଟି ଜଙ୍ଗଲ ମଧ୍ୟରେ ନ ରହି ପ୍ରାୟ ଗାଁ ମୁହାଁ ହେଉଛି। ପ୍ରଚଣ୍ଡ ଖରା ଯୋଗୁ ଦିନବେଳେ ଗ୍ରାମର ରାସ୍ତାଘାଟ ଶୂନଶାନ ହୋଇପଡୁଥିବା ବେଳେ ହାତୀ ଭୟରେ ସନ୍ଧ୍ୟାରେ ତାଟିକବାଟ ପଡୁଥିବା ଦେଖିବାକୁ ମିଳିଛି। ଖବରପାଇ ସ୍ଥାନୀୟ ବନ ବିଭାଗର କର୍ମଚାରୀ ଆସି ହାତୀଟି ଉପରେ ନଜର ରଖିଛନ୍ତି। ଏନେଇ ଭୁଷଣ୍ଡପୁର ଫରେଷ୍ଟର ସୁଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରେ ବର୍ତ୍ତମାନ ଏହି ସେକ୍ସନରେ ୩ଟି ହାତୀ ରହିଛନ୍ତି। ଦୁଇଟି ଓଳସିଂହଠାରେ ରହିଥିବା ବେଳେ ଗୋଟିଏ ଗୋଳବାଇରେ ରହିଛି। ଟିମ୍ ପକ୍ଷରୁ ତାକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛୁ ବୋଲି ସେ ସୂଚନା ଦେଇଛନ୍ତି।

### ବିଶ୍ୱ ଥାଲାସେମିଆ ଦିବସରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୮।୫ (ବ୍ୟୁରୋ)

ମିଶନ ରକ୍ତଦାନ ଓ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପକ୍ଷରୁ ସୋମବାର ବିଶ୍ୱ ଥାଲାସେମିଆ ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ ରକ୍ତକେନ୍ଦ୍ର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଅଜୟ ମହାପାତ୍ର, ବରିଷ୍ଠ କଳାକାର ସୁଲୁ ମହାନ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମିଶନ ରକ୍ତଦାନ ସଦସ୍ୟ ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ ଏବଂ ହର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିରରେ ସଂଗୃହୀତ ରକ୍ତ ଥାଲାସେମିଆରେ ପୀଡ଼ିତ ଛୋଟ ଶିଶୁଙ୍କୁ ସମର୍ପିତ କରାଯାଇଥିଲା।

### ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ସଦସ୍ୟ ବିଜୟ ଜେନାଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୮।୫ (ବ୍ୟୁରୋ)

ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ୍‌ର ସାଧାରଣ ସମ୍ପାଦକ ତଥା ଏଆଇଟିୟୁସି ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ୟୁନିୟନ ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଅଖିଳ ଭାରତ କୃଷକ ସଭା ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ, ନିଖିଳ ଓଡ଼ିଶା ଏନ୍ଆର୍‌ଇଜିଏ ଶ୍ରମିକ ସଂଘ ରାଜ୍ୟ ସଭାପତି ଜୟନ୍ତ ଦାସ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ, ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ୍‌ର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟ କହିଥିଲେ, ବୋର୍ଡ଼ର ସଦସ୍ୟ ହେବା ସବୁକିଛି ନୁହେଁ। ନିର୍ମାଣ ଶ୍ରମିକଙ୍କ ଯାବତୀୟ ସମସ୍ୟା ସମାଧାନ ସହ ସମସ୍ତ ଅଧିକାର ହାସଲ ପାଇଁ ବ୍ଲକ୍ ସ୍ତରରେ ନିର୍ମାଣ ଶ୍ରମିକଙ୍କୁ ସଂଗଠିତ କରି ସଂଘର୍ଷରେ ସାମିଲ ହେବାକୁ ପଡିବ ବୋଲି ମତ ରଖିଥିଲେ। ବଳରାମ କୁଣ୍ଡୁଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କ ଦାବି ଆଧାରରେ ଉନ୍ନୟନ କାମ ତାଲିକା ପ୍ରସ୍ତୁତ

ଭୁବନେଶ୍ୱର, ୮।୫ (ବ୍ୟୁରୋ)

### ୱାର୍ଡ ନଂ.୬୩ରେ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ

ଭୁବନେଶ୍ୱର ମହାନଗର ନିଗମରେ ନୂତନ କର୍ପୋରେଶନ ଗଠନ ହେବାର ୧ବର୍ଷ ବିତି ଗଲାଣି। ମାତ୍ର ଏବେବି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ୱାର୍ଡ ନଂ. ୬୩ର ବାସିନ୍ଦା। ଅଧିକାଂଶ ସ୍ଥାନରେ ଏଯାବତ୍ ଡ୍ରେନ୍ ପହଞ୍ଚି ପାରିନାହିଁ। ସେହିପରି ଜାଗମରାଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାବେଳେ ୱାର୍ଡରେ କଲ୍ୟାଣ ମଣ୍ଡପଟିଏ ନାହିଁ। ଅନେକ ସ୍ଥାନରେ ରାସ୍ତା କଡ଼ରେ ଜବରଦଖଲ ହୋଇ ଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ପଡୁଛି ବୋଲି ୱାର୍ଡ ବାସିନ୍ଦା ଅଭିଯୋଗ କରିଛନ୍ତି। ବିଏମ୍‌ସି ପକ୍ଷରୁ ଆୟୋଜିତ ହେଉଥିବା 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ସୋମବାର ୱାର୍ଡ ନଂ ୬୩ର ଧର୍ମବିହାର କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସିନ୍ଦାମାନେ ମେୟରଙ୍କୁ ନିଜ ନିଜ ଅଭିଯୋଗ ଶୁଣାଇବା ସହ ୬୩ ନମ୍ବର ୱାର୍ଡରେ ଜାଗା ଚିହ୍ନଟ କରି ଏକ ଭେଣ୍ଡିଂ ଜୋନ୍ ତିଆରି କରିବା, ଜାଗମରା ଅଞ୍ଚଳରେ ଥିବା ଶୌଚାଳୟର ମରାମତି କରିବା, ଓୟୁଏଟି ଭିତରେ ହେବାକୁ ଥିବା ଏମ୍‌ସିକୁ ସ୍ଥାନାନ୍ତର କରିବା, ତପୋବନ ଭିତରେ ଥିବା ମାଟି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ଆଦି ଦାବି ରଖିଥିଲେ।

ଅପରପକ୍ଷେ ଗୋଟିଏ ବର୍ଷରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମେୟର ସୂଚନା ଦେଇଥିଲେ। ଧର୍ମ ବିହାର ଭିତରେ ଥିବା ୫ଟି ରାସ୍ତା ନିର୍ମାଣ, ମିଶନ ଶକ୍ତି ଘର ନିର୍ମାଣ, କ୍ରିଷ୍ଟା ପାର୍କ ଓ ଡ୍ରେନ ନିର୍ମାଣ ହୋଇଛି। ସେହିପରି ଜାଗମରାଠାରେ ଜଗିଂ ଟ୍ରାକ୍ ନିର୍ମାଣ ଓ ମାଟି ରାସ୍ତାର ଉନ୍ନତୀକରଣ କରାଯିବ। ବିଭିନ୍ନ ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ, ସୋଆ ବିଶ୍ୱବିଦ୍ୟାଳୟ ଛକରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସ୍ମାର୍ଟ ରାସ୍ତା ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ପର୍ଯ୍ୟାୟ କ୍ରମେ ସମସ୍ତ କାମ ସରିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ସଭା ପରେ ମେୟର ସ୍ଥାନୀୟ କର୍ପୋରେଟରଙ୍କ ସହ ତପୋବନ ବସ୍ତି ଭିତର ବୁଲି ରାସ୍ତା ଓ ଡ୍ରେନ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ସାଇ ମନ୍ଦିର ପୋଖରୀର ଉନ୍ନତିକରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଖରୀ ଚାରିପାଖରେ ଗାଡି ପାର୍କିଂ ଓ ଗୋରୁଙ୍କ ଅବାଧ ପ୍ରବେଶ ହେଉଥିବାରୁ ତୁରନ୍ତ ସେଠାରେ ଗେଟ ଲଗାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁଜାତା ଛୋଟରାୟ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ, ଆସିଷ୍ଟାଣ୍ଟ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଅଞ୍ଚଳର ଶତାଧିକ ନାଗରିକ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ଏସ୍ଏଚ୍‌ଜି ଗ୍ରୁପର କର୍ମକର୍ତ୍ତା ସାମିଲ ହୋଇଥିଲେ।



ନବନିର୍ମାଣ କୃଷକ ସଙ୍ଗଠନର ଲୋକସମ୍ପର୍କ ଅଭିଯାନ ଉଦ୍‌ଯାପନୀ ସମାବେଶ ଅବସରରେ ସୋମବାର କର୍ମୀମାନେ କାର୍ ଶୋଭାଯାତ୍ରାରେ ଯାଉଛନ୍ତି।

# ବ୍ରିଜ ମରାମତି, ରାସ୍ତା ପୁନରୁଦ୍ଧାରକୁ ବିଧାୟକଙ୍କ ଗୁରୁତ୍ୱ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୮।୫ (ଡି.ଏନ୍.ଏ.)

### ଜଳସେଚନ ବିଭାଗ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ



ବିଧାୟକ ସୁଶାନ୍ତ ରାଉତ ଅଧିକାରୀଙ୍କ ସହ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।

ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଧାୟକ ସୁଶାନ୍ତ ରାଉତ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଥିବା ଜଳସେଚନ ବିଭାଗର ବ୍ରିଜଗୁଡ଼ିକର ସ୍ଥିତି ପରଖିଛନ୍ତି। ନିର୍ବାଚନ ମଣ୍ଡଳୀର ମରିଚିଆ, ସାଇଫୋନ୍, ବାଲିପଡ଼ା ହନୁମାନ ମନ୍ଦିରଗଡ଼ା, ଗଣ୍ଡରପୁର ମଝିସାହି, କଲ୍ୟାଣପୁର ବେଣାଗାଡ଼ିଆ, ବରିମୁଣ୍ଡ, ଜରିପାଟଣା, ମଞ୍ଚେଶ୍ୱର ଗାଁ, ବଙ୍ଗୁଆରୀ, ନଖରାଠାରେ ଥିବା ଜଳ ସେଚନ ବିଭାଗର ବ୍ରିଜ୍‌ଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ।

ସୋମବାର ସକାଳୁ ବିଧାୟକ ପ୍ରାଚୀ ଡିଭିଜନର ଅଧିକାରୀଙ୍କୁ ସାଙ୍ଗରେ ଧରି କାନପୁର ପାଖରେ ପହଞ୍ଚିଥିଲେ। ମରିଚିଆ ଗ୍ରାମ ନିକଟ କାନପୁର ସାଇଫନଠାରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ଓ ପାର୍ଶ୍ୱରେ ଥିବା ଗ୍ରାମର ବିଭିନ୍ନ ସମସ୍ୟା ନେଇ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କାନପୁର ସାଇଫନ ନିକଟରେ ଏକ ବ୍ୟାରିକେଡ ନିର୍ମାଣ, ନଦୀପାର୍ଶ୍ୱ ବିଭିନ୍ନ ଗ୍ରାମରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପୁରୁଣା ପୋଲର ଉନ୍ନତିକରଣ ପାଇଁ ବିଧାୟକ ରାଉତ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ, ମୁଣ୍ଡଳୀ ଜଳସେଚନ ଏସ୍‌ଡିଓ ଶ୍ରୀମନ୍ତ କୁମାର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଶରତ ପୁହାଣ, ବିଜେଡି ନେତା ନିର୍ମଳ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ପରେ ପାହାଳ ଓ ଶିବଶକ୍ତି ନଗର ରାସ୍ତାର ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନେକ ଦିନରୁ ବ୍ରିଜ୍‌ଗୁଡ଼ିକର ମରାମତି ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ବିଧାୟକ ଓ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ଆବଶ୍ୟକତା ମୁତାବକ ମରାମତି କାର୍ଯ୍ୟ କରାଯିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ବରିଷ୍ଠ ନେତା ସୁବାଷ ଚନ୍ଦ୍ର ପାତ୍ର, ଯୁବନେତା କୁନାଲ ପାତ୍ର, ସରପଞ୍ଚ ନିଶିପଦ୍ମା କାଣ୍ଡି, ସୁପ୍ରିୟା ମଲ୍ଲିକ, ସମିତି ସଭ୍ୟ ଭୁବନ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

## ମୋବାଇଲ, ଟଙ୍କା ଲୁଟ୍: ୨ ଗିରଫ

### ୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା

କଟକ ସଦର,୮।୫(ଡି.ଏନ୍.ଏ.)- ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ କନ୍ଦରପୁର ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରର ପ୍ରତାପ ଚନ୍ଦ୍ର ବେହେରା(୨୩) ଓ ଝାଡ଼ଖଣ୍ଡ ଅଞ୍ଚଳର ଶିବ ମହାତୋ (୨୮)। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଳସୁଧା ଗ୍ରାମର ବିଶ୍ୱନାଥ ଗୁରୁ ଗତ ଶନିବାର ବାଇକ୍‌ରେ ଘରକୁ ଫେରୁଥିବାବେଳେ ଅଥଙ୍ଗା ନିକଟ ମାଛଗାଁ କେନାଲ ବନ୍ଧରେ ଅଭିଯୁକ୍ତମାନେ ମାଡ଼ ମାରି ତାଙ୍କଠାରୁ ୯୦୦ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୮୦/୨୩) ରୁଜୁ କରିଥିଲା।

## ଗଞ୍ଜେଇ ଜବତ, ୨ଗିରଫ

ମଙ୍ଗୁଳି-ଜଗତପୁର, ୮।୫(ଡି.ଏନ୍.ଏ.)- ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଗତପୁର ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଇନ୍‌ଫୋସିଟି ଥାନା ଅଞ୍ଚଳର ଗୁଣ ବିଶ୍ୱାଳ ଓ କଟକ ଜିଲା ନେମାଳ ଥାନା ଅଞ୍ଚଳର ସାଜିଦ ଖାନ୍। ଚୌଦ୍ୱାର ପଟୁ କଟକ ଅଭିମୁଖେ ଏକ କାର (ନଂ. ଓଆର୍୦୫ଆର-୦୮୬୬)ରେ ରବିବାର ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ ଜଗତପୁର ଗୋଲେଇ ଛକ ନିକଟରେ ପୋଲିସ ଚଢ଼ାଉ କରି ଉକ୍ତ କାରକୁ ଅଟକାଇଥିଲା। ଯାଞ୍ଚବେଳେ କାରରୁ ସାଢ଼େ ୪ କେଜି ଗଞ୍ଜେଇ ମିଳିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୨/୨୩) ରୁଜୁ ହୋଇଛି।

## ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଚୌଦ୍ୱାର,୮।୫(ଡି.ଏନ୍.ଏ.)- ଚୌଦ୍ୱାର ଜେଲ ଅନ୍ତେବାସୀଙ୍କ ପାଇଁ ୩ମାସ ଧରି ଚାଲିଥିବା ହେୟାର ଆଣ୍ଡ୍ ବିଉଟିସିଆନ୍, ସ୍କିନ୍ ଆଣ୍ଡ୍ ହେୟାର କେୟାର ତାଲିମ ଶିବିରର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜେଲ ପରିସରରେ ଆୟୋଜିତ ଦକ୍ଷତା ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ଜେଲ ଡିଜି ମନୋଜ ଛାବ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜେଲ ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏଭଳି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିପରି ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶଦାଶ ନାୟକ କହିଥିଲେ, ଏହି ଶିବିରରେ ଅନ୍ତେବାସୀଙ୍କୁ ତାଲିମ ମିଳିଛି। ଫଳରେ ସେମାନେ ଜେଲରୁ ମୁକୁଳିବା ପରେ ବେକାର ନ ରହି ରୋଜଗାରକ୍ଷମ ହୋଇପାରିବେ। ପ୍ରଶିକ୍ଷଣ ଶିବିର ପରିଚାଳନା କରୁଥିବା ଅନୁଷ୍ଠାନ 'ଇଣ୍ଡଲଜ୍'ର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ଯୋଗଦେଇ କହିଥିଲେ, ଆଗାମୀ ଦିନରେ ଓଡ଼ିଶାର ଅନ୍ୟ ଜେଲଗୁଡିକରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ତାଲିମ ନେଇଥିବା ୨୦ ଜଣ ମହିଳା ଓ ୩୦ ଜଣ ପୁରୁଷ ଅନ୍ତେବାସୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା, ଜେଲର ବିଭେନ୍ଦୁ ଭୂୟାଁ ଓ ଅଧିକାରୀମାନେ ଶିବିର ପରିଚାଳନା କରିଥିଲେ।

## ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

# 'ଶିକ୍ଷା ସର୍ବଶ୍ରେଷ୍ଠ ସମ୍ବଳ'

କଟକ ଅଫିସ/ଚୌଦ୍ୱାର, ୮।୫(ଡି.ଏନ୍.ଏ.)



ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଆର୍‌ଡିସି, ଜିଲାପାଳ, ମେୟର, କମିଶନରଙ୍କ ସହ ଅନ୍ୟମାନେ।

୫-ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତରଣ ମାଧ୍ୟମରେ କଟକ ଜିଲାର ୯୮ଟି ହାଇସ୍କୁଲକୁ ସୋମବାର ତୃତୀୟ ପର୍ଯ୍ୟାୟରେ ରୂପାନ୍ତରିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ହାଇସ୍କୁଲଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛନ୍ତି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଲୁଚି ରହିଛି। ଉପଯୁକ୍ତ ପରିବେଶ ସୃଷ୍ଟିକରିସେମାନଙ୍କୁପ୍ରୋତ୍ସାହିତ କରାଗଲେ ସେମାନେ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ହାଇସ୍କୁଲଗୁଡିକରେ ଭିତ୍ତିଭୂମି ପ୍ରତିଷ୍ଠା, ଉନ୍ନତମାନର ପାଠ୍ୟ ଉପକରଣ, ବିଜ୍ଞାନାଗାର, ଖେଳପଡ଼ିଆ ଓ ଇଣ୍ଟରନେଟ ମାଧ୍ୟମରେ ବିଶ୍ୱର କୋଣଅନୁକୋଣ ସମ୍ବନ୍ଧରେ ସୂଚନା ପ୍ରାପ୍ତ ହେବା ଯୋଗୁ ଛାତ୍ରୀଛାତ୍ରମାନେ ଏବେ ସରକାରୀ ହାଇସ୍କୁଲରେ ଅଧ୍ୟୟନ କରିବା ପାଇଁ ଶ୍ରେୟସ୍କର ମନେକରୁଛନ୍ତି। ଶିକ୍ଷା ହିଁ ସର୍ବଶ୍ରେଷ୍ଠ ସମ୍ବଳ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ମହାନଗର ନିଗମ ମେୟର ସୁବାସ ସିଂ, ଜିଲା ପରିଷଦ ଉପସଭାନେତ୍ରୀ ସୁଭଦ୍ରା ଦାସ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲକ୍ଷେଶ୍ୱର ହାଇସ୍କୁଲର ଛାତ୍ରୀ ଜୟଶ୍ରୀ ପଣ୍ଡା କହିଥିଲେ, ୫-ଟି ଉପକ୍ରମରେ ଆୟୋଜିତ ସଂସ୍କାରମୂଳକ କାର୍ଯ୍ୟକ୍ରମ ଆମକୁ ଅଭିଭୂତ କରିଛି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ ବାଣୀପଦା ପଞ୍ଚାୟତ ବାଲିଚତୁରୀ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ତାପସ ମହାନ୍ତି, ଆଶୁତୋଷ ଦାସ, ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟ, ସରପଞ୍ଚ ଦିଲୀପ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ନାୟକ, ରଞ୍ଜନ ପରିଡ଼ା, ଲକ୍ଷ୍ମଣ ରାଉତ, ତୀର୍ଥାନନ୍ଦ ସୁବୁଦ୍ଧିରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନିର୍ମିତ ଉଦ୍ୟାନକୁ ପୂର୍ବତନ ବିଧାୟକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସେହିପରି ଚୌଦ୍ୱାର ମୁଣ୍ଡମାଳସ୍ଥିତ ଝୋଟେଶ୍ୱର ହାଇସ୍କୁଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ଦିଲୀପ ସାହୁ, ଶିକ୍ଷାବିତ୍ ଶିବ ପ୍ରସାଦ ପତି, ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶୈବାଳିନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୌଲତାବାଦସ୍ଥିତ ନିଗମାନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିମାନଙ୍କ ସମେତ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, କଟକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୩୫ଟି ହାଇସ୍କୁଲ ରୂପାନ୍ତରିତ ହୋଇଥିଲା। ସେହିପରି ତୃତୀୟ ପର୍ଯ୍ୟାୟ ୯୮ଟି ସ୍କୁଲକୁ ମିଶାଇ ମୋଟ ୨୬୩ଟି ହାଇସ୍କୁଲ ଲୋକାର୍ପିତ ହୋଇଛି। ଅବଶିଷ୍ଟ ୧୦୮ଟି ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୫-ଟିସଚିବ ଭି.କେ. ପାଣ୍ଡିଆନ ଭର୍ଚୁଆଲରେ ସୂଚନା ଦେଇଥିଲେ।

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

### ରାଷ୍ଟ୍ରପତିଙ୍କ ଅଭିଭାଷଣବେଳେ ବିଦ୍ୟୁତ୍ ବିଭ୍ରାଟ ଘଟଣା

କଟକ ଅଫିସ, ୮।୫

ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ଦେଉଥିବାବେଳେ ୯ ମିନିଟ୍ ପାଇଁ ଅଡିଟୋରିୟମରୁ ଆଲୁଅ ଚାଲିଯାଇଥିଲା। ଏହି ଘଟଣାକୁ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ସୋମବାର ସଙ୍ଗଠନ ପକ୍ଷରୁ ଦିଆଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାର ଝିଅ। ତାଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ ଓ ଗୌରବାନ୍ୱିତ। କିନ୍ତୁ ଦୁଃଖ ଓ ଲଜ୍ଜାର ବିଷୟ ରାଷ୍ଟ୍ରପତି ସମାବର୍ତ୍ତନ ଉତ୍ସବରେ ଅଭିଭାଷଣ ଦେଉଥିବାବେଳେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଲା। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପରିଷଦର ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଅକ୍ଷୟ ସାମଲ, ଅମର ସାମଲ, ରବି ସାମଲ, ଚୈତନ୍ୟ ସାମଲ, ବସୁଦେବ ସାମଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଶ୍ରୀଜଗନ୍ନାଥ କଥାମୃତ


ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

କଟକ ଅଫିସ,୮।୫

ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ମଣ୍ଡଳ ପକ୍ଷରୁ ୧୩୨ତମ ଶ୍ରୀଜଗନ୍ନାଥ କଥାମୃତ ନୂଆବଜାର ମହିମାନଗରସ୍ଥିତ ଶ୍ରୀସାରଳା ବାସଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷ୍ଣୁ ସହସ୍ରନାମ ପାଠ ଓ ଭଜନ କୀର୍ତ୍ତନ କରାଯାଇଥିଲା। ଶ୍ରୀମନ୍ଦିରର ସେବାୟତ ସୁଦର୍ଶନ ପୂଜାପଣ୍ଡା ସାମନ୍ତ ଏଥିରେ ଯୋଗଦେଇ ମହାପ୍ରଭୁଙ୍କ ନୀତିକାନ୍ତି ବିଷୟରେ ସୂଚନା ଦେଇଥିଲେ। ଡ. ଶୁଭେନ୍ଦୁ ସ୍ୱାଇଁ, ପଦ୍ମବନ ନେମାଳ ପୀଠର ସେବକ ପ୍ରସନ୍ନ ବେଉରା, ଯାଜପୁର ଜିଲାର ଚାରଣ ଡ. ରବୀନ୍ଦ୍ର ଜେନା ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ନେଇ ନିଜ ଅନୁଭୂତି ବଖାଣିଥିଲେ। ଆର୍ଯ୍ୟସୂତା ପରିଡ଼ା, ବିଜୟାନନ୍ଦ ପାଇଟାଳ, ଡ. ରାଜଲକ୍ଷ୍ମୀ ଜେନା, ରଞ୍ଜିତ ମହାନ୍ତି, ଜିତେନ୍ଦ୍ର ପତି ପ୍ରମୁଖ ମହାପ୍ରଭୁଙ୍କ ଭଜନରେ କଣ୍ଠଦାନ କରିଥିଲେ। ଡ. ପ୍ରଭୁଚରଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅମ୍ବିକା ପ୍ରସାଦ ମହାନ୍ତି, ତରଣୀସେନ ଲେଙ୍କା, ସୁଶାନ୍ତ ଦାସ, ସ୍ନିଗ୍ଧା ମହାନ୍ତି, ଶିବପ୍ରସାଦ ନାୟକ, ବିନୋଦ ବିହାରୀ ଲେଙ୍କା, ଦିଲୀପ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଦ୍ମିନୀ କେୟାରରେ ବିଶ୍ୱ ରେଡକ୍ରସ, ଥାଲାସେମିଆ ଦିବସ


ପଦ୍ମିନୀ କେୟାର ହସ୍ପିଟାଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୮।୫

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ବିଶ୍ୱ ରେଡକ୍ରସ ଓ ଥାଲାସେମିଆ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଶିଶୁଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରେଡ୍‌କ୍ରସର ପ୍ରତିଷ୍ଠାତା ଜନ୍ ହେନେରି ଡୁରାଣ୍ଟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ରେଡ୍‌କ୍ରସ ଓ ଥାଲାସେମିଆ ଦିବସ ପାଳନର ମହତ୍ତ୍ୱ ବିଷୟରେ କହିଥିଲେ। ଏ ନେଇ ଜନସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଫେସର ଡା. ପ୍ରତିମା ମିଶ୍ର, ହେମନ୍ତ କୁମାର ମିଶ୍ର, ହିମାଂଶୁ ମିଶ୍ର, ନିରାମୟ ମଡୁଆଳ, ଚନ୍ଦ୍ରକାନ୍ତ ଜେନା, ଦୀପକ ସ୍ୱାଇଁ, ଡା. ସୁଜିତ୍ ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ରେଡ୍‌କ୍ରସ ଆନ୍ଦୋଳନର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଦୈତାରୀ ସାହୁ, ଅତୁଲ୍ୟ କୁମାର ଷଡଙ୍ଗୀ, ଶିବରାମ ସୁର୍, ସାରଦା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କିନ୍ନରଙ୍କୁ ଆକ୍ରମଣ, ଯୁବକ ଗିରଫ

ଫୁଲନଖରା,୮।୫(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ବର୍ମ୍ମକୁଦଠାରେ ଜଣେ କିନ୍ନରଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ରକେଇ ଗ୍ରାମର ରଞ୍ଜନ ନାୟକ। ପୋଲିସ ସୂତ୍ରରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ବର୍ମ୍ମକୁଦ ଠାରେ ଗତ ୨ ତାରିଖ ଦିନ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲା ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟୁଡିଓ ନିକଟ କିନ୍ନର ବସ୍ତିରେ ରହୁଥିବା ନମିତା ପରିଡା ଗତ ୨ ତାରିଖ ସନ୍ଧ୍ୟାରେ ବର୍ମ୍ମକୁଦ ନିକଟରେ ଛିଡା ହୋଇଥିବାବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଭେଟିଥିଲେ। କିଛି ସମୟ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରଞ୍ଜନ ଉତ୍କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ କାଚ ବୋତଲକୁ ଭାଙ୍ଗି ନମିତାଙ୍କ ବେକକୁ କାଟି ବାଇକ ଯୋଗେ ପଳାଇ ଯାଇଥିଲେ। ଏନେଇ ନମିତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩୯/୨୩) ରୁଜୁ କରିଛି।

## ଶ୍ରୀମଦ୍ ଭଗବତ୍ ପାରାୟଣ, ପ୍ରବଚନ ଉଦ୍‌ଘାଟିତ

### ଶ୍ରୀମଦ୍ ଭଗବତ୍ ପାରାୟଣ, ପ୍ରବଚନ ଉଦ୍‌ଘାଟିତ

କଟକ ଅଫିସ, ୮।୫

ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭଗବତ୍ ପାରାୟଣ ଓ ପ୍ରବଚନ ସିଡିଏ ସେକ୍ଟର-୯ସ୍ଥିତ ଦୁର୍ଗା ମଣ୍ଡପଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜଷ୍ଟିସ ବାସୁଦେବ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସୁବୋଧ କୃଷ୍ଣ ମିଶନର ପ୍ରମୁଖ ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ଯୋଗଦେଇ ସ୍ୱଚ୍ଛ ସମାଜ ଗଠନ, ମୁକ୍ତିର ସହଜମାର୍ଗ ଓ ଦୈନନ୍ଦିନ ଜୀବନରେ ଆଧାତ୍ମ ଶାସ୍ତ୍ରର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାମନାଥ ପଣ୍ଡା ଯୋଗ ଦେଇଥିବାବେଳେ ଅନୁଷ୍ଠାନର ସଂଯୋଜକ ଉତ୍କଳ ଭୂଷଣ ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମିଶନର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ବିନୟ କୁମାର ନାୟକ, ଉପାଧ୍ୟକ୍ଷ ଶଶିଭୂଷଣ ତ୍ରିପାଠୀ, ଟ୍ରଷ୍ଟି ଲିଙ୍ଗରାଜ ଖାଡେଙ୍ଗା, ରାଜେଶ କୁମାର ସାହୁ, ଉପଦେଷ୍ଟା ମିଳନ ବନ୍ଧୁ ଓ ନରେଶ କୁମାର ସାହୁ, ନୟନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ଆଧାତ୍ମିକ ଶାସ୍ତ୍ରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନଗେନ୍ଦ୍ର ଦାସ, ଶରତ ସାମଲ, ଜ୍ୟୋତି ସାହୁ, ବିଜୟ ଦାସ ଭଜନ ପରିବେଷଣ ଓ ମୁରଲୀଧର ଶତପଥୀ ସଙ୍ଗୀତ ପରିବେଷଣ କରିଥିଲେ।

## ବଜାଜ୍ ଫାଇନାନ୍ସ କମ୍ପାନୀକୁ କ୍ଷତିପୂରଣ ନିର୍ଦ୍ଦେଶ

### ଖାଉଟି ଅଦାଲତରେ ଗ୍ରାହକଙ୍କୁ ହଇରାଣ ମାମଲା

କଟକ ଅଫିସ,୮।୫

ଜଣେ ଗ୍ରାହକଙ୍କୁ ମାନସିକ ଯନ୍ତ୍ରଣା ଦେବା ସହ ହଇରାଣ କରିବା ନେଇ ରାଜ୍ୟ ଖାଉଟି ଅଦାଲତରେ ଆଗତ ମାମଲାରେ ବଜାଜ ଫାଇନାନ୍ସ କମ୍ପାନୀକୁ ଝଟ୍‌କା ଲାଗିଛି। ରାଜ୍ୟ ଖାଉଟି ଅଦାଲତ ଉକ୍ତ ମାମଲାର ବିଚାର କରି ଗ୍ରାହକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବଜାଜ ଫାଇନାନ୍ସ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରାଜେନ୍ଦ୍ର ନଗର ଅଞ୍ଚଳର ବାସିନ୍ଦା ତଥା ପୂର୍ବତନ ଜିଲା ଜଜ୍ ପୀତାମ୍ବର ପାତ୍ର ଏକ ଫ୍ରିଜ୍ କିଣିବା ପାଇଁ ୨୦୧୯ରେ ବଜାଜ ଫାଇନାନ୍ସ କମ୍ପାନୀରୁ ୧୩,୭୦୦ ଟଙ୍କା ଋଣ କରିଥିଲେ। ୩ଟି କିସ୍ତିର ଅଗ୍ରିମ ଦେୟ ବାବଦରେ ୪,୫୬୯ ଟଙ୍କା ପାତ୍ରଙ୍କଠାରୁ ବଜାଜ ଫାଇନାନ୍ସ ନେଇଥିଲା। ମାସକୁ ୧,୫୨୩ ଟଙ୍କା ଦେବା ହିସାବରେ ୯ଟି କିସ୍ତିରେ ଋଣ ପରିଶୋଧ ପାଇଁ ଧାର୍ଯ୍ୟ ହୋଇଥିଲା। ଅବଶିଷ୍ଟ ୬ଟି କିସ୍ତି ପରିଶୋଧ କରିବାର ଶେଷ ତାରିଖ ୨୦୨୦ ମାର୍ଚ୍ଚ ୨ ତାରିଖ ଥିଲା। ହେଲେ ଉକ୍ତ କମ୍ପାନୀ ପକ୍ଷରୁ ଗ୍ରାହକ ପାତ୍ରଙ୍କୁ ବାରମ୍ବାର ଫୋନ୍ କରି କିସ୍ତି ପରିଶୋଧ କରିବାକୁ କୁହାଯାଇଥିଲା। ଫଳରେ ଧାର୍ଯ୍ୟ ତାରିଖର ଦୁଇମାସ ପୂର୍ବରୁ ସେ ସବୁ କିସ୍ତି ପରିଶୋଧ କରିଦେଇ ନୋ-ଡ୍ୟୁ ସାର୍ଟିଫିକେଟ ମାଗିଥିଲେ। ଏହି କମ୍ପାନୀ ଉକ୍ତ ସାର୍ଟିଫିକେଟ ଦେବା ବଦଳରେ ତାଙ୍କୁ ୩ଟି ଚେକ୍ ବାଉନ୍ସ ହୋଇଥିବା ଦର୍ଶାଇ ପ୍ରତି ଚେକ୍ ପାଇଁ ୪୫୦ ଟଙ୍କା ଲେଖାଏଁ ଜରିମାନା ମାଗିଥିଲେ। ଏ ନେଇ ପାତ୍ର ଉକ୍ତ କମ୍ପାନୀ ବିରୋଧରେ ରାଜ୍ୟ ଖାଉଟି ଅଦାଲତରେ ଏକ ମାମଲା (ନଂ.୧୪/୨୦୨୧) ରୁଜୁ କରିଥିଲେ। ୨ ବର୍ଷର ବିଚାର ପ୍ରକ୍ରିୟା ପରେ ମେ' ୩ ତାରିଖରେ ମାମଲାର ରାୟ ପ୍ରକାଶ ପାଇଛି। ମାନସିକ ଚାପ ଦ୍ୱାରା ହଇରାଣ କରିଥିବାରୁ ଅଦାଲତ କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା ଗ୍ରାହକ ପାତ୍ରଙ୍କୁ ଦେବା ପାଇଁ ଉକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱ ରେଡ୍‌କ୍ରସ ଦିବସ

କଟକ ଅଫିସ, ୮।୫

ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ଅନ୍‌ଲାଇନ ଯୋଗେ ବିଶ୍ୱ ରେଡକ୍ରସ୍ ଦିବସ ସୋମବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ କହିଥିଲେ, ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା ଭଳି ୭ଟି ମୌଳିକ ନୀତି ଆଧାରରେ ରେଡ୍‌କ୍ରସ ବିଶ୍ୱରେ କାମ କରୁଛି। ଏଥିରେ ଡ. ପବିତ୍ର ମହାନ୍ତି, ସଂଯୁକ୍ତା ପତି, ରାମଚନ୍ଦ୍ର ଦାସ ଯୋଗଦେଇଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

କଟକ ଅଫିସ,୮।୫

ଯୋବ୍ରା ନୂଆସାହି ରଥଯାତ୍ରା ପ୍ରସ୍ତୁତି ବୈଠକ ସୋମବାର ଯୋବ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା । ପରିଚାଳନା କମିଟି ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ବିଦ୍ୟୁତ୍ ବିଭାଗ କଲେଜଛକ ସେକ୍ସନର ଅଭିଷେକ ଝା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଅମ୍ବିକା ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତଥିଲେ।


କଟକ ବାଲିଯାତ୍ରା ପଡିଆରେ ସାଁ ପରିଚୟ ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଆଦିବାସୀ ନୃତ୍ୟ।

## ବାରାହା ପାଟରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ହେଉନି

କଟକ ସଦର,୮।୫(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତର ବାରାହା ପାଟରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ହେଉନି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ହାଇକୋର୍ଟ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ୨୦୨୨ ଅକ୍ଟୋବର ୨୦ରେ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନେ ହୁଲିପୁର ମୌଜାର ଏହି ସମସ୍ୟା ଉପରେ ଦୃଷ୍ଟି ଦେଇନାହାନ୍ତି ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କଟକ ଗଣ୍ଡରପୁରସ୍ଥିତ ଡ୍ରେନେଜ୍ ଡିଭିଜନ କାର୍ଯ୍ୟାଳୟରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ପ୍ରତିବର୍ଷ ଜୁଲାଇରେ ଲଗାଣ ବର୍ଷା ହେଲେ ବାରଦା, ଧରିଣା, ଯଶପଡା, ଅରିଲୋ, ସୋମପୁର ପଞ୍ଚାୟତରେ ଥିବା ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ବାରାହା ପାଟରେ ଜମି ତଳମୁଣ୍ଡ ଶୁକପାଇକା ନଦୀକୁ ନିଷ୍କାସିତ ହୋଇଥାଏ। ମାତ୍ର ତଳମୁଣ୍ଡକୁ ପର୍ଯ୍ୟାପ୍ତ ବର୍ଷାଜଳ କ୍ଷିପ୍ର ଗତିରେ ନିଷ୍କାସନ ପାଇଁ ଡ୍ରେନ୍ ହୋଇନାହିଁ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏ ସମ୍ପର୍କିତ ରାୟର ପ୍ରମାଣିତ କପି ଦାଖଲ କରିବାର ୧ ମାସ ମଧ୍ୟରେ ପଦକ୍ଷେପ ନେବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ୨୦୨୨ ଅଗଷ୍ଟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉକ୍ତ ସ୍ଥାନକୁ ସରଜମିନ ତଦନ୍ତରେ ଆସିଥିବାବେଳେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ସହ ଡ୍ରେନ୍ ପାଇଁ ଭୂମି ଅଧିଗ୍ରହଣ କରିବାକୁ ଡ୍ରେନେଜ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପରାମର୍ଶ ଦେଇଥିଲେ। ଅଦ୍ୟାବଧି କୌଣସି ଯୋଜନା କରାଯାଇନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି। ଏ ବିଷୟରେ କୋର୍ଟଙ୍କ ପୁନର୍ବାର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅନ୍ତଃସତ୍ତ୍ୱା ନାବାଳିକାଙ୍କୁ ଛାଡ଼ି ପ୍ରେମିକ ଚମ୍ପଟ

ଗୋପ,୮।୫(ଡି.ଏନ୍.ଏ.): ନାବାଳିକା ପ୍ରେମିକାଙ୍କୁ ରାଜ୍ୟ ବାହାରକୁ ନେଇ ୨ ମାସ ଗର୍ଭବତୀ କରିବା ପରେ ଏବେ ତାଙ୍କୁ ଛାଡ଼ି ପ୍ରେମିକ ଚମ୍ପଟ ମାରିଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ରବିବାର ରାତିରେ ୧୪୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରିବା ପରେ ପରିବାର ସଦସ୍ୟଙ୍କ ଜିମା ଦେଇଛି। ସୂଚନା ମୁତାବକ, ଗୋପ ଥାନା ଅନ୍ତର୍ଗତ ଓ ନୟାହାଟ ଫାଣ୍ଡି ଅଧୀନ ଧୁମାଳ ନିକଟ ଏକ ଗ୍ରାମର ମାନସ ଦୁବେ(୨୫) ପାଖ ଗ୍ରାମର ଜଣେ ନାବାଳିକାଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାରୁ ୪ ମାସ ତଳେ ମାନସ ନାବାଳିକାଙ୍କୁ ରାଜ୍ୟ ବାହାରକୁ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନାବାଳିକାଙ୍କ ପରିବାର ସେତେବେଳେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ଫାଣ୍ଡି ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ଗତ ୨୫ ତାରିଖରେ ମାନସ ନାବାଳିକାଙ୍କୁ ତାଙ୍କ ଗ୍ରାମରେ ଛାଡ଼ି ପଳାଇଥିଲେ। ପରେ ୨୮ ତାରିଖରେ ନାବାଳିକାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ଘଟଣା ପରେ ନାବାଳିକାଙ୍କ ପରିବାର ପୁଣି ଥରେ ଫାଣ୍ଡିରେ ମାନସଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଧରିବା ଭୟରେ ମାନସ ଫେରାର ଥିବା ଜଣାପଡ଼ିଛି।

### ନିଶା ବେପାର ଭଣ୍ଡୁର, ଜଣେ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ): ବ୍ରାଉନସୁଗାର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଯୋଜନାକୁ ଭଣ୍ଡୁର କରିବା ସହ ଜଣେ ବେପାରୀକୁ ଗିରଫ କରିଛି । ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ନୟାଗଡର ରବିନ୍ଦ୍ର ସାହୁ । ତାଙ୍କଠାରୁ ସାଢେ ୬ କେଜି ବ୍ରାଉନସୁଗାର ଜବତ ଓ ୧୨୦୦ ଟଙ୍କା ଜବତ କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଜାମିନ ନମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା କାଳିମନ୍ଦିର ନିକଟରେ ଅତର୍କିତ ଚଢଉ କରିବା ସହିତ ବେଆଇନ ବ୍ରାଉନସୁଗାର ବିକ୍ରି ନିମନ୍ତେ ଗ୍ରାହକ ଅପେକ୍ଷାରେ ଥିବାବେଳେ ଅଭିଯୁକ୍ତ କାବୁ କରିବାରେ ସକ୍ଷମ ହୋଇଥିଲେ ।

### ଯୁବତୀଙ୍କ ଭିଡିଓ ଉତ୍ତୋଳନ କରି ମାଲିକ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ): ଯୁବତୀଙ୍କ ଗାଧୋଇବା ସମୟର ଭିଡିଓ ଉତ୍ତୋଳନ କରି ମାଲିକ ଗିରଫ । ଅଭିଯୁକ୍ତ ମାଲିକକୁ ନୟାପଲ୍ଲୀ ଥାନା ପୋଲିସ ସୋମବାର କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଆଆରସି ଭିଲେଜରେ ରହୁଥିବା ବିଷ୍ଣୁ ରତନ ଲଧାନିଆ । ତାଙ୍କଠାରୁ ଉକ୍ତ ମୋବାଇଲକୁ ଜବତ କରାଯାଇଛି। ଜାମିନ ନମିଳିବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ଅଭିଯୋଗକାରିଣୀ ଯୁବତୀ ଏବଂ ତାଙ୍କର ଜଣେ ବନ୍ଧୁ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଅଭିଯୁକ୍ତଙ୍କ ପ୍ଲଟ ନମ୍ବର-ଏନ୬/୪୬୦ରେ ଥିବା ଘରେ ଭଡାରେ ରୁହନ୍ତି । ଘଟଣା ଦିନ ସକାଳେ ଯୁବତୀ ଜଣକ ଗାଧୋଉଥିବା ସମୟରେ ଅଭିଯୁକ୍ତ ସ୍କାଇଲାଇଟ ଫାଙ୍କରେ ତାଙ୍କର ଭିଡିଓ କରୁଥିଲେ। ଏନେଇ ଯୁବତୀ ଜାଣି ଘରେ କହିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ଘଟଣାର ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବିଶ୍ୱ ଥାଲାସେମିଆ ଦିବସରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୮।୫ (ବ୍ୟୁରୋ): ମିଶନ ରକ୍ତଦାନ ଓ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପକ୍ଷରୁ ସୋମବାର ବିଶ୍ୱ ଥାଲାସେମିଆ ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ ରକ୍ତକେନ୍ଦ୍ର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ଅଜୟ ମହାପାତ୍ର, କଳାକାର ସୁଲୁ ମହାନ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମିଶନ ରକ୍ତଦାନ ସଦସ୍ୟ ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ ଏବଂ ହର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ସଂଗୃହୀତ ରକ୍ତ ଥାଲାସେମିଆରେ ପୀଡ଼ିତ ଶିଶୁଙ୍କୁ ସମର୍ପିତ କରାଯାଇଥିଲା।

# ପିଲାଙ୍କୁ ସ୍ୱପ୍ନ ଦେଖିବାକୁ ଦିଅ: ରାଜ୍ୟପାଳ

**ସରକାରୀ ଉଚ୍ଚ ବିଦ୍ୟାଳୟ ୭୫ତମ ପୂର୍ତ୍ତି ଉତ୍ସବର ଦ୍ୱିତୀୟ ଦିନ**

କଣାସ/ଡେଲାଙ୍ଗ, ୮।୫ (ସ୍ୱ.ପ୍ର./ଡେଲାଙ୍ଗ)



କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ୭୫ତମ ପୂର୍ତ୍ତି ଉତ୍ସବର ଦ୍ୱିତୀୟ ଦିନରେ ଉପସ୍ଥିତ ଅତିଥିମାନେ ସ୍ମରଣୀକା ଉନ୍ମୋଚନ କରୁଛନ୍ତି।

ଏ ମାଟି ଭୋଗର ନୁହେଁ ତ୍ୟାଗର। ଶ୍ରୀଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗନ୍ନାଥ ସଂସ୍କୃତି ଯୋଗୁ ଓଡ଼ିଶା ଆଜି ବିଶ୍ୱ ବିଦିତ। ଓଡ଼ିଶା ରାଜ୍ୟ ସଂସ୍କୃତି ଓ ପରମ୍ପରାରେ ଶ୍ରେଷ୍ଠ। ହେଲେ ପିଲାମାନେ ଏବେ ସତ୍ୟର ସନ୍ଧାନକୁ ଭୁଲି ଯାଇଛନ୍ତି। ଶିକ୍ଷକମାନେ ପିଲାମାନଙ୍କୁ ନିଯୁକ୍ତି ଭିତ୍ତିକ ଶିକ୍ଷା ଦେଇ ସେମାନଙ୍କୁ ନଷ୍ଟ କରିଦେଉଛନ୍ତି। ସତ୍ୟର ସନ୍ଧାନ କିପରି କରିବେ ସେଥିପାଇଁ ପିଲାମାନଙ୍କୁ ମାର୍ଗ ଦେଖାଇବା ଉଚିତ। ପିଲାମାନଙ୍କୁ ଦିନରେ ସ୍ୱପ୍ନ ଦେଖିବାକୁ ଦିଅ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରୀ ଜିଲା କଣାସ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଦ୍ୱିତୀୟ ଦିନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଆହୁରି ସେ କହିଛନ୍ତି, ବକୁଳବନର ପଞ୍ଚସଖାଙ୍କ ଶିକ୍ଷାଦାନକୁ ମନେପକାଇ ଗୋପବନ୍ଧୁଙ୍କ ମହନତା ଓ ତ୍ୟାଗର ପ୍ରଶଂସା କରିଥିଲେ। କୋହିନୂର ହୀରାକୁ ବିଦେଶୀ ଶକ୍ତି ନେଇଯାଇଛନ୍ତି। କିନ୍ତୁ ଗୋପବନ୍ଧୁ କୋହିନୂର ହୀରାଠୁ ଅଧିକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ପ୍ରଥମେ ରାଜ୍ୟପାଳ ପହଞ୍ଚି ବିଦ୍ୟାଳୟ ପରିସରକୁ ଯାଇ ୭୫ବର୍ଷ ପୂର୍ତ୍ତି ସ୍ମାରକୀର ଅନାବରଣ ଓ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଆଲୁମ୍‌ନି ଟ୍ରଷ୍ଟର ସଭାପତି ମହେଶ୍ୱର ମାର୍ଥା ଏବଂ ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜୟ ଛୁଆଲସିଂଙ୍କ ଦ୍ୱାରା ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତି ଲେଖିଥିବା ପୁସ୍ତକଟିକୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ସଭାରେ ଅନ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ଆଲମିନ୍ ଟ୍ରଷ୍ଟର ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ଯୋଗଦେଇ ବିଦ୍ୟାଳୟର ଗାରିମା ବିଷୟରେ କହିଥିଲେ। ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡା, ଐତିହାସିକ ଫକୀର ମୋହନ ହରିଚନ୍ଦନ, ସ୍ୱର୍ଗତ ମହନ୍ତ ବନମାଳୀ ଦାସ, କେଶବ ଚନ୍ଦ୍ର ବଳିୟାରସିଂହ, ଶରତ ଚନ୍ଦ୍ର ଜୟସିଂହଙ୍କୁ ମରଣୋତ୍ତର ସମ୍ବର୍ଦ୍ଧିତ ସହ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମାରୋହର ସ୍ମରଣିକା 'ଦୟା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆକାଶବାଣୀର ଘୋଷିକା ବର୍ଷା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅପରପକ୍ଷେ ରାଜ୍ୟପାଳଙ୍କ ଭାଷଣ ସମୟରେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ର ହର୍ଷରାଜ ପଲାଇ ଅଚେତ ହୋଇପଡିଥିଲେ।

## ମୁକୁଳା ପଡ଼ିଛି ଡ୍ରେନ୍, ସ୍ଲାବ୍ ପକାଇବାକୁ ଦାବି

ପୁରୀ ଅଫିସ,୮।୫

ଆଗକୁ ମହାପ୍ରଭୁଙ୍କ ଘୋଷଯାତ୍ରା ଥିବାବେଳେ ପୁରୀ ସହରକୁ ରାଜ୍ୟ ତଥା ରାଜ୍ୟ ବାହାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ପ୍ରଦାନ କରାଯାଉଛି। ଏପରିକି ଘନଘନ ବୈଠକ କରାଯାଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ମାତ୍ର ବାସ୍ତବରେ ପ୍ରଶାସନର କାର୍ଯ୍ୟ କେବଳ କାଗଜ କଲମରେ ସମୀତ ରହୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହର ଜ୍ୱଳନ୍ତ ଉଦାହରଣ ସୋମବାର ଦେଖିବାକୁ ମିଳିଛି। ପୁରୀ ପୌରସଂସ୍ଥା ଅନ୍ତର୍ଗତ ୩୦ -୩୧ ନମ୍ବର ୱାର୍ଡର ମାରୁତି ନଗରରେ ଅନେକ ଡ୍ରେନ ମୁକୁଳା ପଡିଛି। ନିର୍ମାଣ ଅସମ୍ପୂର୍ଣ୍ଣ କାରଣରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ପାଣି ଜମିବା ଫଳରେ ସାହି ବାସିନ୍ଦା ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଡ୍ରେନଗୁଡ଼ିକରେ ପ୍ରଶାସନ ପକ୍ଷରୁ ସ୍ଲାବ ପକାଯାଉନାହିଁ । ଫଳରେ ବାସିନ୍ଦାମାନେ ନାନା ସମସ୍ୟା ଭୋଗୁଛନ୍ତି। ଏ ନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଡ୍ରେନରେ ପାଣି ଜମା ରହିବା ଓ ସ୍ଲାବ ପଡୁ ନଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏପରିକି ଗୋରୁମାନେ ଉକ୍ତ ଡ୍ରେନରେ ପଡି ଆଘାତପ୍ରାପ୍ତ ହେଉଥିବା ବେଳେ ମୃତ୍ୟୁର ମଧ୍ୟ ଶିକାର ହେଉଛନ୍ତି। ତେବେ ରବିବାର ରାତିରେ ଏକ ଷଣ୍ଢ ଡ୍ରେନରେ ପଡି ମୃତ୍ୟୁବରଣ କରିଛି। ଯାହାକୁ ନେଇ ସାହିବାସିନ୍ଦା ଦୁଃଖ ପ୍ରକାଶ କରିବା ସହ ପ୍ରଶାସନର ଅପାରଗତାକୁ ଦାୟୀ କରିଛନ୍ତି। ତେଣୁ ପ୍ରଶାସନ ତୁରନ୍ତ କାର୍ଯ୍ୟ କରିବା ସହ ସ୍ଲାବ୍ ପକାଇବା ପାଇଁ ଦାବି କରିଛନ୍ତି।

## ମେଡିକାଲରେ ୧୫ ମିନିଟ୍ ଧରି ଅନ୍ଧାରରେ ରୋଗୀ



ପୁରୀ ମୁଖ୍ୟ ଚିକିତ୍ସାଳୟରେ ଲାଇନ୍ ନ ଥିବାରୁ ରୋଗୀମାନେ ଅନ୍ଧାରରେ ଚିକିତ୍ସିତ ହେଉଛନ୍ତି।

ପୁରୀ ଅଫିସ,୮।୫

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଏକ ପ୍ରମୁଖ ତଥା ଉତ୍ତମମାନର ମେଡିକାଲ ଭାବରେ ବିବେଚନା କରାଯାଉଥିବା ବେଳେ ବାସ୍ତବରେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ମେଡିକାଲରେ ରୋଗୀମାନଙ୍କୁ ଠିକ୍ ଭାବରେ ଚିକିତ୍ସା ମିଳୁ ନଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେବେ ପୁରୀ ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥାର ଏକ ଜ୍ୱଳନ୍ତ ଉଦାହରଣ ସୋମବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ରୋଗୀମାନେ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ହଠାତ୍ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ କଟିଯାଇଥିଲା। ଫଳରେ ରୋଗୀମାନେ ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ଅନ୍ଧାରରେ ଯନ୍ତ୍ରଣାରେ ରହିଥିଲେ। ଏପରିକି ସେହି ଅନ୍ଧାର ଭିତରେ ନର୍ସମାନେ ଅପେକ୍ଷା ନ କରି କାର୍ଯ୍ୟ କରିଥିଲେ। ମେଡିକାଲରେ ଜେନେରେଟର ଥାଇ ମଧ୍ୟ ଦୀର୍ଘ ୧୫ ମିନିଟ୍ ଧରି ରୋଗୀମାନେ ଅନ୍ଧାର ଗରମରେ ଛଟପଟ ହୋଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ରୋଗୀମାନଙ୍କର ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିବା ସହ କିଛି ସମୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

## ରେଡ୍‌କ୍ରସ୍ ସେବା ଅଧିକ ପରିବ୍ୟାପ୍ତ କରିବାକୁ ଆହ୍ୱାନ



ପୁରୀ ଜିଲା ରେଡକ୍ରସ ଶାଖା ପକ୍ଷରୁ ରେଡ୍‌କ୍ରସ ଦିବସ ଅବସରରେ ଉପସ୍ଥିତ ଅଧିକାରୀମାନେ।

ପୁରୀ ଅଫିସ, ୮।୫

ରେଡ୍‌କ୍ରସ୍ ବିଶ୍ୱର ସର୍ବବୃହତ ମାନବ ସେବାକାରୀ ଅନୁଷ୍ଠାନ। ଏହା ଯୁଦ୍ଧକ୍ଷେତ୍ରରେ ମଧ୍ୟ ଭେଦଭାବ ନ ରଖି ସେବା ଦେଇଥାଏ। ପୁରୀ ଜିଲା ରେଡକ୍ରସ ଶାଖା ସେହିପରି ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଏବଂ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଆହ୍ୱାନ ଦେଇଛନ୍ତି। ସୋମବାର ବିଶ୍ୱ ରେଡ୍‌କ୍ରସ ଦିବସ ଅବସରରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରପ୍ରାପ୍ତ ଜିଲାପାଳ ସାହୁ ରେଡ୍‌କ୍ରସ୍ ପତାକାକୁ ଉତ୍ତୋଳନ କରିବା ସହ ଆଗାମୀ ରଥଯାତ୍ରାରେ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ଉତ୍କୃଷ୍ଟ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ, ନୀଳାଦ୍ରି ନୀଳୟ, ଚନ୍ଦନ ହଜୁରୀ ଶିଶୁ କେନ୍ଦ୍ର, କମଳାଦେବୀ ମାତୃ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ନୂତନ ରେଡକ୍ରସ ଭବନ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲାପାଳ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଗୋପ ବିଡିଓ ଦିପ୍ତୀରାଣୀ ସାହୁ, ସତ୍ୟବାଦୀ ବିଡିଓ ଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ବିରଜା ଶଙ୍କର ରଥ, ଗୋପବନ୍ଧୁ ଆୟୁର୍ବେଦ କଲେଜର ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା, ରେଡକ୍ରସ ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର, ସଦସ୍ୟ ଶ୍ୟାମପ୍ରକାଶ ସେନାପତି, ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଟଙ୍କା ନଦେବାରୁ ଚାଳକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ)

ଦାଦାବଟି ନଦେବାରୁ ଜଣେ ଗାଡି ଚାଳକଙ୍କୁ ରାସ୍ତାରେ ଅଟକାଇ ବୋତଲରେ ଆକ୍ରମଣ କରିବା ସହ ଗାଡି କାଚ ଭାଙ୍ଗିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ଓଲ୍ଡ ଟାଉନ ଅଞ୍ଚଳର ରଞ୍ଜିତ କାଣ୍ଡି । ଜାମିନ ନମିଳିବାରୁ ତାଙ୍କୁ ଝାରପଡାସ୍ଥିତ ଜେଲକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ ଆକ୍ରମଣର ଶିକାର ହୋଇଥିବା ଗାଡି ଚାଳକ ପ୍ରିୟଦର୍ଶୀ ଗତ ୬ ତାରିଖରେ ଏକ ଟାଟା ଏସି ନେଇ ସୁନ୍ଦରପଦାକୁ ଯାଉଥିଲେ । ଏହିସମୟରେ ସ୍ଥାନୀୟ ଶଙ୍କର ବଜାରରୁ ଦୁର୍ଗାମଣ୍ଡପକୁ ଯାଇଥିବା ରାସ୍ତାରେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ତାଙ୍କର କେତେକ ସହଯୋଗୀ ମାନଙ୍କ ସହିତ ମିଶି ତାଙ୍କ ଗାଡିକୁ ରାସ୍ତାରେ ଅଟକାଇ ଦାଦାବଟି ଦେବାକୁ ଦାବି କରିଥିଲେ । ଚାଳକ ଜଣକ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଥଣ୍ଡାପାନୀୟ ବୋତଲ ସହାୟତାରେ ମରଣାନ୍ତକ ଆକ୍ରମଣ କରିବା ସହିତ ଗାଡି କାଚକୁ ବାଡେଇ କଣା କରିଦେଇଥିଲେ । ଖବରପାଇ ପିସିଆର ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତକୁ କାବୁ କରି ଥାନାକୁ ଆଣିଥିଲେ । ଚାଳକଙ୍କ ଅଭିଯୋଗ ପରେ ଏୟାରଫୀଲ୍ଡ ଥାନା ପୋଲିସ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ସହଯୋଗୀଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ।




ଭୁବନେଶ୍ୱର ସୂଚନା ଭବନରେ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ନାରଦ ସମ୍ମାନ ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଅସ୍ତରଙ୍ଗ,୮।୫(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ହୀରାଦେଇପୁରଠାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବଣିକ ଦ୍ୱାରା ପ୍ରାୟୋଜିତ ଦିବାରାତ୍ର ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଘାଟନ ହୋଇଯାଇଛି। ଏହାକୁ ସରପଞ୍ଚ ଯଶୋବନ୍ତ ନାୟକ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ଓ ସାମାଜିକ କର୍ମୀ ଶ୍ରୀମାନ ଛାଟୋଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଲିଗ୍‌ରେ ବିଭିନ୍ନ ପଞ୍ଚାୟତରୁ ୧୬ଟି କ୍ରିକେଟ ଟିମ୍ ଭାଗ ନେଉଛନ୍ତି। ୫ ଦିନ ଧରି ଏହି ମ୍ୟାଚ ଚାଲିବ।



ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

## ୩୦ରୁ ଜାତୀୟ କୃଷିମେଳା, ଲୋକମେଳା

**୫ଦିନ ଚାଲିବ, ଭାଗନେବେ ୪ ଶହ କଳାକାର**

ପୁରୀ ଅଫିସ, ୮।୫:

ଚଳିତ ମାସ ୩୦ରୁ ଜୁନ ୩ତାରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲିଠାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୧୪ତମ କୃଷିମେଳା ଓ ୨୧ତମ ଜାତୀୟ ଲୋକମେଳା ଆୟୋଜନ ହେବ। ଏହି ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ୩ଶହ କଳାକାର ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଶହେ ଜଣ କଳାକାର ଯୋଗଦେବେ। ପାଞ୍ଚଦିନ ବ୍ୟାପୀ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଭିନ୍ନ ଷ୍ଟଲ ଖୋଲାଯିବ। ଜିଲା ପ୍ରଶାସନର ମିଳିତ ସହଯୋଗରେ ଶୃଙ୍ଖଳିତ ଭାବେ ମେଳା ପରିଚାଳନା ଓ ଆୟୋଜନ କରାଯିବ ବୋଲି ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଏ ନେଇ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ପ୍ରଫେସର ହରେକୃଷ୍ଣ ଶତପଥିଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ସଞ୍ଚାଳନରେ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଟି ଡିଏସ୍‌ପି କେ. କେ. ହରିପ୍ରସାଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୋଲିସ, ବିଦ୍ୟୁତ, ଜଳଯୋଗାଣ, ଶ୍ରୀମନ୍ଦିର ପ୍ରଶାସନ, ଅଗ୍ନିଶମ, ୱାଟ୍‌କୋ, ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପ୍ରାଣୀସମ୍ପଦ, ସ୍ୱାସ୍ଥ୍ୟ, ପରିବହନ, କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁପାଳନ, ପଶୁସମ୍ପଦ, ସଂସ୍କୃତି, ଶିଳ୍ପ ବିକାଶ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, କ୍ରୀଡ଼ା ବିଭାଗ ସମେତ ରେଲୱେ ଏବଂ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉତ୍ସବ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ହେକ୍ଟର ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ବିଶ୍ୱନାଥ ମିଶ୍ର, ବିଦ୍ରୋହ ସିଂ, ସଂଗ୍ରାମ କାନୁନଗୋ, ଭରତ ନାୟକ, ଶ୍ୟାମପ୍ରକାଶ ସେନାପତି ଏବଂ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ କୃଷିମେଳା ନେଇ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଆଶା, ନିରାଶା ଆଣିଲା ସୁପ୍ରିମକୋର୍ଟଙ୍କ ରାୟ

**ପୁରୀ ଅଫିସ, ୮।୫:**

ଶ୍ରୀମନ୍ଦିରରେ ଶୃଙ୍ଖଳିତ ବ୍ୟବସ୍ଥା କରାଯିବା ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ୨୦୧୮ ଜୁନ୍‌ରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପରେ ରତ୍ନଭଣ୍ଡାର ଚାବି ହଜିବା, ରତ୍ନ ଅଳଙ୍କାର ଗଣତି ଓ ରତ୍ନଭଣ୍ଡାର ଖୋଲାଯିବା ପ୍ରଭୃତି ଆବେଦନ ନେଇ ଅନ୍ୟ କେତେଜଣ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରାୟ ୫ବର୍ଷ ଧରି ବିଚାର ଚାଲିବା ପରେ ଶେଷରେ ସୋମବାର ସୁପ୍ରିମକୋର୍ଟ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତ ମାମଲାକୁ ବନ୍ଦ କରିଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ଅନୁପାଳନ କରାଯାଇନାହିଁ ବୋଲି ଭାବୁଥାଆନ୍ତି, ତାହାଲେ ସେ ଏ ସମ୍ବନ୍ଧରେ ଓଡ଼ିଶା ହାଇକୋର୍ଟରେ ଆବେଦନ କରିପାରିବେ। ଏଥିସହ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିଭଳି କାର୍ଯ୍ୟକାରୀ କରାଯାଇଛି ତାହାକୁ ତଦାରଖ କରିବା ଲାଗି ସର୍ବୋଚ୍ଚ ଅଦାଲତ ଓଡ଼ିଶା ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଏହି ରାୟ ନେଇ ସାଧାରଣରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ସଂକ୍ରାନ୍ତ ମାମଲାର ଅନ୍ତଃ ସାଧାରଣରେ ମିଶ୍ର ପ୍ରତିକ୍ରିୟା

ପୂର୍ବତନ ନଗରପାଳ ତଥା ଶ୍ରୀମନ୍ଦିର ଭିତର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଆଗକୁ ଓଡ଼ିଶା ହାଇକୋର୍ଟରେ ଏ ସଂକ୍ରାନ୍ତ ମାମଲାର ବିଚାର କରାଯିବ। ଶ୍ରୀମନ୍ଦିର ପାଇଁ ସ୍ଥାୟୀ ପ୍ରଶାସକ ନିଯୁକ୍ତି, ଭକ୍ତଙ୍କ ନିମନ୍ତେ ଧର୍ମଶାଳା ନିର୍ମାଣ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରାଯାଇଛି। ତେବେ ସୁପ୍ରିମକୋର୍ଟ ଧର୍ମୀୟ ପ୍ରସଙ୍ଗ, ବଂଶାନୁକ୍ରମିକ ସେବା ହେଉ ଅବା ଅନ୍ୟ ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିନାହାନ୍ତି। ଯାହା ନିଷ୍ପତ୍ତି ଦେଇଛନ୍ତି ତାହା ମହାପ୍ରଭୁଙ୍କ କୃପା। ମହାପ୍ରଭୁ ଶ୍ରୀଜଗନ୍ନାଥ ନ ଚାହିଁଥିଲେ ଏପରି ରାୟ ଆସି ନ ଥାନ୍ତା। ସବୁ ମହାପ୍ରଭୁଙ୍କ ଇଚ୍ଛାରୁ ହୋଇଛି ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ମାମଲା ଓଡ଼ିଶା ହାଇକୋର୍ଟକୁ ଆସୁଥିବାରୁ ଶୁଭ ସଙ୍କେତ। ଓଡ଼ିଶା ହାଇକୋର୍ଟରେ ଏହି ମାମଲାର ବିଚାର ହେଲେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇପାରିବ। ସୁପ୍ରିମକୋର୍ଟ ଏହି ମାମଲାର ବିଚାର ପାଇଁ ଓଡ଼ିଶା ହାଇକୋର୍ଟଙ୍କୁ ଆଦେଶ ଦେଇଥିବା ସ୍ୱାଗତଯୋଗ୍ୟ। ଆଗକୁ ସମସ୍ତେ ହାଇକୋର୍ଟରେ ପକ୍ଷ ହେବୁ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସମ୍ପର୍କରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଏହି ମାମଲାରେ ସୁପ୍ରିମକୋର୍ଟ ଏତେଶୀଘ୍ର ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି ଭକ୍ତମାନେ ଆଶା କରି ନ ଥିଲେ। ଏହା ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଆଘାତ ଦେଇଛି। ଆବେଦନକାରୀ ମୃଣାଳିନୀ ପାଢ଼ୀ ତାଙ୍କ ପିଟିଶନ୍‌ରେ ରତ୍ନଭଣ୍ଡାର ଚାବି ହଜିବା ନେଇ ତଦନ୍ତ, ଅଳଙ୍କାର ଗଣତି କରିବା ପାଇଁ ଅନୁରୋଧ କରିଥିଲେ। ଯଦି କୋର୍ଟ ଚାବି ହଜିବା ନେଇ ତଦନ୍ତ ଏବଂ ଅଳଙ୍କାର ଗଣତି ପାଇଁ ଅନୁମତି ଦେଇଥାନ୍ତେ ତାହାଲେ ରାଜ୍ୟ ସରକାରଙ୍କ ପ୍ରକୃତ ମୁଖା ଖୋଲିପାରିଥାନ୍ତା। ବାସ୍ତବରେ ଚାବି ହଜିଥିଲା କି ନାହିଁ ଏବଂ ଭିତର ରତ୍ନଭଣ୍ଡାରରେ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ତାହା ଲୋକଲୋଚନକୁ ଆସିପାରିଥାନ୍ତା। ମାତ୍ର ବର୍ତ୍ତମାନ ସମସ୍ତ ଘଟଣା ଅନ୍ଧାର ମଧ୍ୟରେ ରହିଗଲା। ଆଗାମୀ ଦିନରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା। ଯଦି ହାଇକୋର୍ଟ ଚାବି ହଜିବା ରିପୋର୍ଟ ସାର୍ବଜନୀନ ଏବଂ ଅଳଙ୍କାର ଗଣତି ନେଇ ନିର୍ଦ୍ଦେଶ ଦିଅନ୍ତି ତେବେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସିପାରିବ। ତେବେ ସେ ଗତ ଏପ୍ରିଲରେ ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ସାର୍ବଜନୀନ, ଅଳଙ୍କାର ଗଣତିମଣତି ଏବଂ ରତ୍ନଭଣ୍ଡାର ମରାମତି ନେଇ ଗୋଟିଏ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏଥିମଧ୍ୟରୁ ରିପୋର୍ଟ ସାର୍ବଜନୀନ ମାମଲାକୁ କୋର୍ଟ ଗ୍ରହଣ କରିଛନ୍ତି। ଅନ୍ୟ ଦୁଇଟି ମାମଲାକୁ ଯଦି ହାଇକୋର୍ଟ ଗ୍ରହଣ କରନ୍ତି ତେବେ ଆଗାମୀ ଦିନରେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ବରାଳ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୮।୫।୨୦୨୩

| | |
|---|---|
| ୩,୬୮,୨୦୫ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୧୯ ଗ୍ରାମ୍ |

## ସଂକ୍ଷେପରେ

### ଲାଣ୍ଡୁପଡ଼ା ବୋମାମାଡ଼ ଘଟଣାରେ ୪ ଗିରଫ

ସାକ୍ଷୀଗୋପାଳ,୮।୫(ସ୍ୱ.ପ୍ର./ଡି.ଏନ୍.ଏ)- ସତ୍ୟବାଦୀ ଥାନା ବିଶ୍ୱନାଥପୁର ପଞ୍ଚାୟତର ଲାଣ୍ଡୁପଡ଼ା ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ଶନିବାର ରାତି ୧୧ଟାରେ ବୋମା ମାଡ଼ ହୋଇଥିବାବେଳେ ଏଥିରେ ଗ୍ରାମର ସୁଷମା ବରାଳ ଓ ସ୍ୱାମୀ ସତ୍ୟ ସୁନ୍ଦର ବରାଳଙ୍କ ସତ୍ୟବାଦୀ ଥାନାରେ ଅଭିଯୋଗ ମୁତାବକ ୧୫୩/୨୩ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପଟେ ମମତା ଜେନା ଓ ଦୁର୍ଯ୍ୟୋଧନ ଜେନାଙ୍କ ଅଭିଯୋଗକ୍ରମେ ୧୫୫/୨୩ରେ ମାମଲା ରୁଜୁ ହୋଇଥିଲା। ଏଥିରେ ଆଉ ୨ ଜଣଙ୍କୁ ପୋଲିସ ଗିରଫ କରିଛି।

### ପୁରୀ ଆଇଟିଆଇରେ ନିଯୁକ୍ତି ମେଳା

ପୁରୀ ଅଫିସ, ୮।୫: ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ (ନିଯୁକ୍ତି) ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କର୍ମ ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳିକା ସମୁଚିକା ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଆଲୋକପାତ କରିଥିଲେ। ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିର ସୁଯୋଗ ନେବାକୁ ଅଧକ୍ଷ ଅନୁରୋଧ କରିଥିଲେ। ମେଳାକୁ ଆପ୍ରେଣ୍ଟିଶିପ୍ ଅଧିକାରୀ କୃତିଦୀପ୍ତ ସାହୁ ପରିଚାଳନା କରିଥିଲେ। ମେଳା ପରିଚାଳନାରେ ଅନୁଷ୍ଠାନର ପ୍ରଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

ସାକ୍ଷୀଗୋପାଳ,୮।୫(ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡ଼ି ପଞ୍ଚାୟତର ଦଳିତ ସାହିରେ ଅଗ୍ନିକାଣ୍ଡ ଘଟି ଗତ ମଙ୍ଗଳବାର ୩ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସେଭେ ଆର୍ଥ ମିଶନର ମୁଖ୍ୟ ବସନ୍ତ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଗୋଷ୍ଠୀର ପୁରୀ ଜିଲା ମୁଖ୍ୟ ସତ୍ୟ ନାରାୟଣ ମହାରଣା, ପବିତ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସୋମବାର ସେଠାରେ ପହଞ୍ଚି ଆବଶ୍ୟକୀୟ ଶୁଖିଲା ଖାଦ୍ୟ, ବିପନ୍ନଙ୍କୁ ମଶାରି ପ୍ରଦାନ କରିଛନ୍ତି।

## ଅଖିକାଠ ଅନୁକୂଳ

### କମାରଶାଳରେ ତିଆରି ହେଉଛି ବଳା, ପନ୍ଦାରି



### ରଥଖଳାରୁ ...

**ପୁରୀ ଅଫିସ, ୮।୫:**

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆସନ୍ତା ଶୁକ୍ରବାର ପବିତ୍ର ଭଉଁରୀ ତିଥିରେ ବିଧି ମତେ ଚକଡେରା ନୀତି ପାଳନ ହେବ। ଏଥିପାଇଁ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ସୋମବାର ଅଖ ନିର୍ମାଣ ପାଇଁ ୩ଟି ଲେଖାଏ ୪୦ ଫୁଟିଆ ଅଖିକାଠର ଅନୁକୂଳ ପୂଜା ତିନିରଥ ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହୋଇ ୩ଟି ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରହିଛି। ରବିବାର ତିନିରଥର ଦୁଇଟି ଲେଖାଏ ନାହାକା ଚକ ନିର୍ମାଣ ସରିଥିଲା। ସୋମବାର ଆଉ ତିନୋଟି ଲେଖାଏ ଚକ ନିର୍ମାଣ ଶେଷ ହୋଇ ସନ୍ଧ୍ୟା ସୁଦ୍ଧା ମୋଟ ୧୫ଟି ଚକ ନିର୍ମାଣ ସରିଛି। ତାଳଧ୍ୱଜ ରଥର ଦୁଇଟି ନାହାକା ଚକ ନିର୍ମାଣ ଶେଷ ହେବାପରେ ତାଳଧ୍ୱଜ ରଥର ୪ଟି ପଡ଼ିନାହାକା ଚକରୁ ୩ଟି ଶେଷ ହୋଇଛି। ଶେଷ ପଡ଼ିନାହାକା ଚକର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇ ସେଥିରେ ପନ୍ଦାରି ବଳା ବସି ଠେକ ତୁଳିଆ କାର୍ଯ୍ୟ ଜାରି ରହିଛି। ସେହିପରି ତାଳଧ୍ୱଜ ରଥର ୧୧ଟି ସାଲଗୁଜ, ୯ଟି ଜଲଯନ୍ତ୍ର ଏବଂ ୮ଟି ତୀଖଗୁଜ ନିର୍ମାଣ ଶେଷ ହୋଇଛି। ଦର୍ପଦଳନ ରଥର ମୋଟ ୪ଟି ନାହାକା ଚକ ମଧ୍ୟରୁ ରବିବାର ୨ଟିର ନିର୍ମାଣ ଶେଷ ହୋଇଥିବା ବେଳେ ସୋମବାର ଆଉ ଦୁଇଟି ନାହାକା ଚକ ସହ ଗୋଟିଏ ପଡିନାହାକା ଚକର ନିର୍ମାଣ କାମ ସରିଛି। ମୋଟ ୧୨ଟି ଚକରୁ ୫ଟି ଚକର ନିର୍ମାଣ ଶେଷ ହୋଇଛି। ଆଉ ଦୁଇଟି ପଡ଼ିନାହାକା ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ସରି ସେଥିରେ ପନ୍ଦାରି ଏବଂ ବଳା କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକ ମଧ୍ୟରୁ ୪ଟି ନାହାକା, ୪ଟି ପଡ଼ିନାହାକା, ୪ଟି ବଡ଼ ଉଛୁଳା ଏବଂ ୪ଟି ସାନ ଉଛୁଳା ଚକ ରହିଥାଏ। ପୂର୍ବରୁ ଦୁଇଟି ନାହାକା ଚକ ଶେଷ ହୋଇଥିଲା। ସୋମବାର ଆଉ ଦୁଇଟି ନାହାକା ଚକ ସହ ଗୋଟିଏ ପଡ଼ିନାହାକା ଚକ ନିର୍ମାଣ ଶେଷ ହୋଇଛି। ନନ୍ଦିଘୋଷ ରଥର ୫ଟି ଚକ ନିର୍ମାଣ ସରିଛି। ଅନ୍ୟ ଦୁଇ ପଡ଼ିନାହାକା ଚକରୁ ଗୋଟିକର ପଇ କଳସା ସରି ତୁମ୍ବର ଗୋଟିଏ ପାର୍ଶ୍ୱରେ ପନ୍ଦାରି ଫିଟିଂ ଶେଷ ହୋଇଛି। ଅନ୍ୟ ପଡ଼ିନାହାକା ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ସରି ଠେକ ତୁଳିଆ କାମ ଚାଲିଛି। ରୂପକାର ସେବକମାନେ ୫ଟି ଲେଖାଏ ଗୁଜରେ ନୃସିଂହ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। କରତି ସେବକମାନେ ୪୨ଟି ତୁମ୍ବରୁ ୩୯ଟି ତୁମ୍ବର ଘେରକଟା ସାରିଛନ୍ତି। ସେହିପରି ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ନାହାକା ଚକ ଏବଂ ପଡ଼ିନାହାକା ଚକ ପାଇଁ ଆବଶ୍ୟକ ପନ୍ଦାରି ଓ ବଳା ମହାରଣାମାନଙ୍କୁ ଯୋଗାଇବା ପରେ ଉଛୁଳା ଚକ ଲାଗି ପନ୍ଦାରି ଓ ବଳା ନିର୍ମାଣ କରୁଛନ୍ତି।



ପିପିଲିଠାରେ ଅଖିଳ ଭାରତୀୟ ମାରୱାଡ଼ି ଯୁବମଞ୍ଚର ନୂତନ ଶାଖା ସ୍ଥାପନ ଓ ଶପଥ ଗ୍ରହଣ ସମାରୋହରେ ମଞ୍ଚାସୀନ ଅତିଥିମାନେ ।

# ମୁନୁ ଅଧ୍ୟକ୍ଷ, ଅଶ୍ୱିନୀ ସମ୍ପାଦକ

**ପିପିଲି,୮।୫(ଡି.ଏନ୍.ଏ./ସ୍ୱ.ପ୍ର.)**

## ଅଖିଳ ଭାରତୀୟ ମାରୱାଡ଼ି ଯୁବ ମଞ୍ଚର ଶାଖା ଗଠନ

ସମ୍ପ୍ରଦାୟର ଯୁବକମାନଙ୍କ ଦ୍ୱାରା ଏକ ନୂତନ ଶାଖା ପଞ୍ଜୀକରଣ କରାଯାଇଛି। ଏହି ଅବସରରେ ପିପିଲି ଇନ୍ଦିରା ମୈଦାନଠାରେ ଏକ ସଭାର ଆୟୋଜନ କରାଯାଇ ଅଖିଳ ଭାରତୀୟ ମାରୱାଡ଼ି ଯୁବମଞ୍ଚର ନୂତନ ଶାଖା ସ୍ଥାପନ ଓ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଞ୍ଚର ଓଡ଼ିଶା ପ୍ରାନ୍ତର ଅଧ୍ୟକ୍ଷ ପରାଗ ଅଗ୍ରୱାଲ ଯୋଗଦେଇ ନୂତନ ଶାଖା ଗଠନ, ଶାଖାର ନୂତନ ଭାବେ ନିର୍ବାଚିତ ହୋଇଥିବା ଅଧ୍ୟକ୍ଷ, ସମ୍ପାଦକଙ୍କ ନାମ ଘୋଷଣା କରିଥିଲେ। ଏଥିସହ ଅନ୍ୟ ସଦସ୍ୟମାନଙ୍କୁ ମଞ୍ଚର ସାମ୍ବିଧାନିକ ସମ୍ପର୍କରେ ଅବଗତ କରାଇ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ପ୍ରାନ୍ତ ମଣ୍ଡଳ-୧ ସହାୟକ ମନ୍ତ୍ରୀ ସଞ୍ଜୟ ଅଗ୍ରୱାଲ, ଭୁବନେଶ୍ୱର ଶାଖା ଅଧ୍ୟକ୍ଷ ବିକାଶ ଅଗ୍ରୱାଲ, କଟକ ସୃଷ୍ଟି ଶାଖା ଅଧ୍ୟକ୍ଷା ରିଙ୍କି ଅଗ୍ରୱାଲ, ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ନେହେରୁ ସେବାସଂଘ ଆଶ୍ରମର କୋଷାଧ୍ୟକ୍ଷ ଓମ ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ସଭ୍ୟଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ପିପିଲି ଶାଖାର ନୂତନ ଅଧ୍ୟକ୍ଷ ଭାବେ ଇଞ୍ଜିନିୟର ମୁନୁ ଅଗ୍ରୱାଲ ଏବଂ ସମ୍ପାଦକ ଭାବେ ଅଶ୍ୱିନୀ କୁମାର ଅଗ୍ରୱାଲଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିବା ବେଳେ ଉଭୟ ମାରୱାଡି ସମାଜ ସୁଧାର କାର୍ଯ୍ୟକ୍ରମରେ ନିଜର ସମ୍ପୂର୍ଣ୍ଣ ସହଯୋଗ ଦେବେ ବୋଲି ଉଭୟ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରାନ୍ତ ଏବଂ ପିପିଲି ଶାଖା ମିଳିତ ଭାବେ ସମାଜସେବା ପାଇଁ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପିପିଲିରେ "ଅମୃତ ଧାରା" ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଖୋଲାଯାଇ ଅଞ୍ଚଳବାସୀଙ୍କ ପାଇଁ ନିର୍ମଳ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହେଇଥିଲା। ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯିବା ସହ ଛୋଟପିଲାମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପିପିଲି ନୂତନ ଶାଖାର ସନ୍ତୋଷ ଅଗ୍ରୱାଲ, ପବନ, ଅଜୟ, ସୁଶୀଲ ଜେନ, ନଥିଲାଲ, ଦୀପକ, ରାକେଶ, ବିକାଶ, ଜିତେନ୍ଦ୍ର, ସଞ୍ଜୀବ ଓ ମୁକେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ଚନ୍ଦନ ଚକଡ଼ାରେ ଭକ୍ତି ସଙ୍ଗୀତ ସମାରୋହ

**ପୁରୀ ଅଫିସ, ୮।୫:**

ଚନ୍ଦନ ଯାତ୍ରା ଅବସରରେ ସୋମବାର ଶ୍ରୀକ୍ଷେତ୍ରର ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଚନ୍ଦନ ଚକଡ଼ା ମଞ୍ଚରେ ପାରମ୍ପରିକ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରକାଶ କୁମାର ରଥଙ୍କ ସଙ୍ଗୀତ ନିର୍ଦ୍ଦେଶନା, ଗୁରୁ ମନୋଜ କୁମାର ପ୍ରଧାନ ଏବଂ ନୃତ୍ୟ ଗୁରୁ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ପାରମ୍ପରିକ ନୃତ୍ୟ 'ଦେଖ ଗୋ ରାଧା ମାଧବ ଚାଲି', ଦଶାବତାର, ରାଧାରାଣୀ ସଙ୍ଗେ ଓଡ଼ିଶୀ ଅଭିନୟ ଏବଂ ଚନ୍ଦନ ସଙ୍ଗୀତ ସମେତ ଗୀତଗୋବିନ୍ଦ, ଓଡ଼ିଶୀ ସଙ୍ଗୀତ, ଚମ୍ପୂ, ଛାନ୍ଦ, ଭଜନ, ଜଣାଣ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସିପ୍ରା ମିଶ୍ର, ଚିରଶ୍ରଦ୍ଧା ମହାନ୍ତି, ମୋନାଲିସା ନାଥ, ରେଣୁ ସ୍ମିତା ମଲ୍ଲିକ, ଶୁଭସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ କଳାକାର ଏଥିରେ ଅଂଶଗ୍ରହଣ କରିଥିଲେ। ବାଦ୍ୟଯନ୍ତ୍ରରେ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର, ବେହେଲା ଗୁରୁ ହରିଶ୍ ଚନ୍ଦ୍ର ଦାସ, ଦେବାଶିଷ ଦାସ, ତବଲା ଗୁରୁ ସାରଦା ପ୍ରସନ୍ନ ମିଶ୍ର, ବଳରାମ ମହାପାତ୍ର ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ




ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

**ଅସ୍ତରଙ୍ଗ,୮।୫(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ହୀରାଦେଇପୁରଠାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବଣିକ ଦ୍ୱାରା ପ୍ରାୟୋଜିତ ଦିବାରାତ୍ର ହୀରାଦେଇପୁର କ୍ରିକେଟ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଘାଟନ ହୋଇଯାଇଛି। ଏହାକୁ ସରପଞ୍ଚ ଯଶୋବନ୍ତ ନାୟକ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ଓ ସାମାଜିକ କର୍ମୀ ଶ୍ରୀମାନ ଛାଟୋଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଲିଗ୍‌ରେ ବିଭିନ୍ନ ପଞ୍ଚାୟତରୁ ୧୬ଟି କ୍ରିକେଟ ଟିମ୍ ଭାଗ ନେଉଛନ୍ତି। ୫ ଦିନ ଧରି ଏହି ମ୍ୟାଚ ଚାଲିବ।

## ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ ଦୁର୍ନୀତିର ତଦନ୍ତ ଦାବି

**ପୁରୀ ଅଫିସ, ୮।୫:**

ପୁରୀ ସହରରେ ତିନୋଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବାବେଳେ ଦୋକାନ ଘର ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ମାନବାଧିକାର କର୍ମୀ ଦୀଲିପ ବରାଳ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ପୁରୀ ଦଇତାପଡ଼ା ସାହି ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ, ମୋଚିସାହିସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ଜେଲରୋଡସ୍ଥିତ ବହୁତଳ ମାର୍କେଟ କମ୍ପ୍ଲେକ୍ସ ଆଗାମୀ ଦିନରେ ଶୁଭାରମ୍ଭ ହେବାକୁ ଯାଉଛି। ତେବେ ଏହି ୩ଟି ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ ଘର ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି। ଆବଣ୍ଟନ ତାଲିକାରେ ପ୍ରଭାବଶାଳୀ ବ୍ୟକ୍ତି, ଧନୀ ବ୍ୟକ୍ତିଙ୍କ ନାମ ସ୍ଥାନ ପାଇଛି। ଏପରିକି କେତେଜଣ ଗଣମାଧ୍ୟମ ପ୍ରତିନିଧି ଏବଂ ଅଧିକାରୀଙ୍କ ନାମ ରହିଛି। ଦୋକାନ ଘର ଆବଣ୍ଟନରେ ଅର୍ଥ କାରବାର ହୋଇଥିବା ଶୁଣିବାକୁ ମିଳୁଛି। ଗରିବ ଶ୍ରେଣୀର ବ୍ୟବସାୟୀଙ୍କୁ ଦୋକାନ ଘର ଦିଆଯିବାକୁ ଦାବି କରାଯାଇଛି। ଦୋକାନ ଘର କେଉଁ ଆଧାରରେ ବଣ୍ଟନ ହୋଇଛି ସେ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ବରାଳ ଦାବି କରିଛନ୍ତି।

# ଗ୍ରାମକୁ ରାସ୍ତା ନାହିଁ, ଜିଲାପାଳଙ୍କୁ ଦାବିପତ୍ର

**ଗୋପ,୮।୫(ଡି.ଏନ୍.ଏ.)**

ରାଜ୍ୟ ସରକାର ସାଧାରଣ ଲୋକଙ୍କ ମୌଳିକ ସୁବିଧାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଗୋପ ବ୍ଲକ କୁଆଁପଡା ପଞ୍ଚାୟତ ଦଳିତ ନାୟକ ସାହି ଗ୍ରାମକୁ ଏପର୍ଯ୍ୟନ୍ତ ରାସ୍ତା ନାହିଁ। ଏହି ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବାବେଳେ ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ଗ୍ରାମବାସୀ ପୁରୀ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ପ୍ରକାଶ ଯେ, ଏହି ଗ୍ରାମକୁ ଯିବା ଆସିବା ପାଇଁ ନିକଟସ୍ଥ ଚଢ଼େଇ ଗାଁ ନିକଟରେ ଏକ ସରକାରୀ ରାସ୍ତା ରହିଛି। ମାତ୍ର ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ସେହି ରାସ୍ତାର କୌଣସି କାମ କରାଯାଉନାହିଁ। ଫଳରେ ସେହି ରାସ୍ତାରେ ଯିବାଆସିବା ସମ୍ଭବ ହୋଇନାହିଁ। ଗ୍ରାମର ସମସ୍ତ ପରିବାରର ୧୦୦ରୁ ଅଧିକ ଜନସାଧାରଣ ଦୈନିକ ନିକଟସ୍ଥ ବେସରକାରୀ ରାସ୍ତାରେ ଯିବାଆସିବା କରୁଛନ୍ତି। ଗ୍ରାମବାସୀ ଦୀର୍ଘବର୍ଷ ଧରି ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ସହିତ ସ୍ଥାନୀୟ ରାଜନେତାଙ୍କୁ ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଗାଁ ରାସ୍ତା, ଖେଳପଡ଼ିଆ ସହିତ ଆଉ କେତେକ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିୟମ ରହିଥିବାବେଳେ ଏହି ଗାଁ ପ୍ରତି ବୈମାତୃକ ମନୋଭାବ କରାଯାଇଥିବା ଭଳି ଅଭିଯୋଗ ହୋଇଛି। ବ୍ଲକରେ ଆୟୋଜିତ ଜନଶୁଣାଣି ଶିବିରରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରି ଅଭିଯୋଗ ପ୍ରତି ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ, ତାଙ୍କ ପାଖରେ ସେପରି ଅଭିଯୋଗ ନାହିଁ। ତଥାପି ନିଶ୍ଚିତ ଏ ପ୍ରସଙ୍ଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।



# ଆଦି ଶଙ୍କରାଚାର୍ଯ୍ୟ ହିଁ ଭାରତବର୍ଷର ପ୍ରଥମ ଏକତ୍ୱର ବାର୍ତ୍ତାବହ

**କୋଣାର୍କ,୮।୫(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ବନାଖଣ୍ଡି ଗ୍ରାମପଞ୍ଚାୟତର କିଙ୍ଗ କୋ କୋ ସମ୍ମେଳନ କକ୍ଷଠାରେ କୋଣାର୍କ ଜ୍ଞାନ ମଞ୍ଚ ପକ୍ଷରୁ ଆଦି ଶଙ୍କରାଚାର୍ଯ୍ୟ ଏକତ୍ୱ ବାର୍ତ୍ତାବହ ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତବର୍ଷର ବିଭିନ୍ନ ତତ୍ତ୍ୱବାଦର ମୂଳଦର୍ଶନ ଏକ ଓ ଅଭିନ୍ନ ବୋଲି ଦର୍ଶାଇ ଶଙ୍କରାଚାର୍ଯ୍ୟ ଅଦ୍ୱୈତ୍ୟବାଦର ପ୍ରଚଳନ କରିଥିଲେ। ଗାଣପତ୍ୟ, ଶୈବ, ଶାକ୍ତ, ସୌର ଓ ବୈଷ୍ଣବ ମତ ମଧ୍ୟରେ ଐକ୍ୟ ସ୍ଥାପନ ପାଇଁ ସେ ହିଁ ପ୍ରଥମେ ଗଣେଶ, ଶିବ, ଦୁର୍ଗା, ସୂର୍ଯ୍ୟ ଓ ବିଷ୍ଣୁ ଆଦି ପଞ୍ଚ ଦେବତାଙ୍କ ଏକତ୍ର ପୂଜାର ପ୍ରଚଳନ କରିଥିଲେ। ସାମାଜିକ କ୍ଷେତ୍ରରେ ଏହି ଐକ୍ୟ ପ୍ରତିଷ୍ଠା ପାଇଁ ସେ ଭାରତ ବର୍ଷର ବିଭିନ୍ନ ସ୍ଥାନରେ ୪ଟି ମଠ ସ୍ଥାପନା କରିଥିଲେ। କୋଣାର୍କ ଜ୍ଞାନ ମଞ୍ଚ ଓ ଭୁବନେଶ୍ୱରସ୍ଥିତ ଜହ୍ନରାତି ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତାମାନେ ଏହି ତଥ୍ୟର ଉପସ୍ଥାପନ କରିଥିଲେ। ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦର ସିନିୟର ଫେଲୋ ପ୍ରଧାପକ ହରମୋହନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ବେଦାନ୍ତର ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ଜଗବନ୍ଧୁ ମିଶ୍ର ପ୍ରମୁଖ ବକ୍ତାମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡ. ମିନତି ମିଶ୍ର ଶଙ୍କରାଚାର୍ଯ୍ୟଙ୍କ ରଚିତ ସୌନ୍ଦର୍ଯ୍ୟ ଲହରୀ ଗାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଡ. ସୌଭାଗ୍ୟ ମିଶ୍ର ଓ ଡ. ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ଥିବାବେଳେ ପ୍ରଧାପକ ଆଦିକନ୍ଦ ସାହୁ, କବୟିତ୍ରୀ ମମତା ମିଶ୍ର, ଭିଜାମାଟି ସମ୍ପାଦକ ଚିନ୍ମୟୀ ଷଡ଼ଙ୍ଗୀ, ସାହିତ୍ୟିକ ଅରୁଣ ସାହୁ, ବାନରସେନା ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ପକ୍ଷରୁ ହରିଶ୍ଚନ୍ଦ୍ର ଦାଶ, ସୁବାସ ଚନ୍ଦ୍ର ବରାଳ, ଲିଙ୍ଗରାଜ ନାୟକ, କାମଦେବ ବିଶ୍ୱାଳ, ଚିତ୍ତରଞ୍ଜନ ବିଶ୍ୱାଳ ଓ ପ୍ରତାପ ରାଉତ ପ୍ରମୁଖ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ପ୍ରାଧାପକ ହରମୋହନ ମିଶ୍ର ଏବଂ ଅନ୍ୟ ଅତିଥିମାନେ ।

## ସଂକ୍ଷେପରେ

### କୃତ୍ରିମଅଙ୍ଗ ପ୍ରୟୋଗଶାଳା ଉଦ୍‌ଘାଟିତ



କଣ୍ଟାପଡା, ୮।୫(ଡି.ଏନ୍.ଏ.)- କଟକ ଜିଲା ଓଲଟପୁରସ୍ଥିତ ଏସ୍.ଭି. ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ପରିସରରେ ସୌନ୍ଦର୍ଯ୍ୟ ସଂରକ୍ଷଣକାରୀ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରୟୋଗଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍.ଭି. ନିର୍‌ତାରର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ଉଦ୍ୟମରେ ଅନୁଷ୍ଠିତ ପ୍ରୟୋଗଶାଳାକୁ ଅନୁଷ୍ଠାନର ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଓ ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରୟୋଗଶାଳାରେ ଦିବ୍ୟାଙ୍ଗମାନେ ବ୍ୟବହାର କରୁଥିବା ସିଲିକନ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗଙ୍କୁ ସ୍ୱଳ୍ପମୂଲ୍ୟରେ ପାଇବାସହ ଉକ୍ତ ବିଭାଗରେ ପିଜି କରୁଥିବା ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଅଧିକ ଅଧ୍ୟୟନର ସୁବିଧା ପାଇପାରିବେ ବୋଲି ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ମହାରଣା କହିଛନ୍ତି। ଏଥିପାଇଁ ନୂଆଦିଲ୍ଲୀରୁ ଆସିଥିବା ସ୍ୱତନ୍ତ୍ର ପ୍ରଶିକ୍ଷକ ସୁଶ୍ରୀ ଅସ୍ମିତା ଓ ଅନିଲ କୁମାର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦେବେ ବୋଲି ନିର୍ଦ୍ଦେଶକ ଡା. ପି.ପି. ମହାନ୍ତି କହିଛନ୍ତି।

### ଦାଦାବଟି ନ ଦେବାରୁ ଡ୍ରାଇଭରଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ)- ଦାଦାବଟି ନ ଦେବାରୁ ଜଣେ ଗାଡି ଚାଳକଙ୍କୁ ରାସ୍ତାରେ ଅଟକାଇ ବୋତଲରେ ଆକ୍ରମଣ କରିବା ସହ ଗାଡି କାଚ ଭାଙ୍ଗିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ଓଲ୍ଡ ଟାଉନ ଅଞ୍ଚଳର ରଞ୍ଜିତ କାଣ୍ଡି । ଜାମିନ ନ ମିଳିବାରୁ ତାଙ୍କୁ ଝାରପଡାସ୍ଥିତ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ଗାଡି ଚାଳକ ପ୍ରିୟଦର୍ଶୀ ଗତ ୬ ତାରିଖରେ ଏକ ଟାଟା ଏସି ନେଇ ସୁନ୍ଦରପଦାକୁ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଶଙ୍କର ବଜାରରୁ ଦୁର୍ଗାମଣ୍ଡପକୁ ଯାଇଥିବା ରାସ୍ତାରେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ତାଙ୍କର କେତେକ ସହଯୋଗୀଙ୍କ ସହିତ ମିଶି ତାଙ୍କ ଗାଡିକୁ ରାସ୍ତାରେ ଅଟକାଇ ଦାଦାବଟି ଦେବାକୁ ଦାବି କରିଥିଲେ। ପ୍ରିୟଦର୍ଶୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଥଣ୍ଡାପାନୀୟ ବୋତଲ ସହାୟତାରେ ମରଣାନ୍ତକ ଆକ୍ରମଣ କରିବା ସହିତ ଗାଡି କାଚକୁ ବାଡେଇ କଣା କରିଦେଇଥିଲେ। ଖବରପାଇ ପିସିଆର ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରିଥିବାବେଳେ ଫେରାର ଥିବା ସହଯୋଗୀଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ।

### ଯୁବତୀଙ୍କ ଭିଡିଓ ଉତ୍ତୋଳନ କରି ମାଲିକ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ)- ଯୁବତୀଙ୍କ ଗାଧୋଇବା ସମୟର ଭିଡିଓ ଉତ୍ତୋଳନ କରି ମାଲିକ ଗିରଫ। ଅଭିଯୁକ୍ତ ମାଲିକଙ୍କୁ ନୟାପଲ୍ଲୀ ଥାନା ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଆଇଆର୍‌ସି ଭିଲେଜରେ ରହୁଥିବା ବିଷ୍ଣୁ ରତନ ଲଧାନିଆ। ତାଙ୍କଠାରୁ ଉକ୍ତ ମୋବାଇଲକୁ ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ, ଅଭିଯୋଗକାରିଣୀ ଯୁବତୀ ଓ ତାଙ୍କର ଜଣେ ବନ୍ଧୁ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଅଭିଯୁକ୍ତଙ୍କ ପ୍ଲଟ୍ ନମ୍ବର-ଏନ୬/୪୬୦ରେ ଥିବା ଘରେ ଭଡାରେ ରୁହନ୍ତି। ଘଟଣା ଦିନ ସକାଳେ ଯୁବତୀ ଜଣକ ଗାଧୁଆ ଘରେ ଗାଧୋଉଥିବା ସମୟରେ ଅଭିଯୁକ୍ତ ମାଲିକ ବିଷ୍ଣୁ ସ୍କାଇଲାଇଟ୍ ଫାଙ୍କରେ ଭିଡିଓ କରୁଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ଯୁବତୀ ପ୍ରତିବାଦ କରିବା ସହ ଘରେ ଜଣାଇବା କଥା କହିବାରୁ ମାଲିକ ଜଣକ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଘଟଣାର ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ସମ୍ପୃକ୍ତ ଭିଡିଓ ଥିବା ମୋବାଇଲ ଫୋନ୍‌କୁ ଜବତ କରିଛନ୍ତି ।

**ଲେଡିଜ୍ ହଷ୍ଟେଲରେ ଭଙ୍ଗାରୁଜା, ଅନ୍ତେବାସୀଙ୍କୁ ଆକ୍ରମଣ ଘଟଣା**

# ଜେଲ ଗଲେ ୩ ରୋଡ୍ ରୋମିଓ

ଭୁବନେଶ୍ୱର,୮।୫(ବ୍ୟୁରୋ)



ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରାସାହିସ୍ଥିତ ଉଗ୍ରତାରା ଲେଡିଜ୍ ହଷ୍ଟେଲରେ ଭଙ୍ଗାରୁଜା ସହ ଅନ୍ତେବାସୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଟକ ୩ଜଣ ରୋଡ୍ ରୋମିଓଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ସନିଆ ଦାସ ଓ ନୟାପଲ୍ଲୀ ଭୋଇ ସାହିର ପିଙ୍କୁ ଭୋଇ ଏବଂ ସଞ୍ଜୟ ବେହେରା। ଅଭିଯୁକ୍ତଙ୍କ ମଧ୍ୟରୁ ସନିଆଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ୩ଟି ଆପରାଧିକ ମାମଲା ଓ ସଞ୍ଜୟଙ୍କ ନାମରେ ଗୋଟିଏ ମାମଲା ରହିଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ତେବେ ମାମଲାରେ ଫେରାର ଥିବା ୬ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଅନ୍ୟପକ୍ଷରେ ଏହି ଘଟଣା ପରେ କମିଶନରେଟ ପୋଲିସର ଚେତା ପଶିଛି। ଗାଇଡ୍‌ଲାଇନ ଅନୁସାରେ ହଷ୍ଟେଲ କରି ନ ଥିଲେ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ଚେତାବନୀ ଦେଇଛନ୍ତି। ଏଥିସହ ଯେଉଁମାନେ ହଷ୍ଟେଲ କିମ୍ବା ଘର ଭଡା ଦେଉଛନ୍ତି ନିକଟସ୍ଥ ଥାନାରେ ମାଲିକମାନେ ଜଣାଇବାକୁ ଏସିପି ଅନୁରୋଧ କରିଛନ୍ତି। ସୂଚନାନୁସାରେ, ହଷ୍ଟେଲ ମାଲିକାଣୀ ଲିଲା ସ୍ୱାଇଁ ତାଙ୍କ ସାଙ୍ଗଙ୍କ ସହ ଶୁକ୍ରବାର ସନ୍ଧ୍ୟାରେ ହଷ୍ଟେଲ ସାମ୍ନାରେ ଠିଆ ହୋଇଥିବାବେଳେ କେତେଜଣ ଯୁବକ ଢେ଼ଲା ପକାଇଥିଲେ। ଏହାକୁ ଲିଲା ବିରୋଧ କରିଥିଲେ। ଅଭିଯୁକ୍ତମାନେ ଏହାପରେ ସେମାନଙ୍କ କିଛି ସହଯୋଗୀଙ୍କୁ ଘଟଣାସ୍ଥଳକୁ ଡାକି ଦେଇଥିଲେ। ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ଉଭୟଙ୍କୁ ଆକ୍ରମଣ କରିଥିଲେ। ପଥର ଓ ଅନ୍ୟାନ୍ୟ ସାମଗ୍ରୀ ଧରି ହଷ୍ଟେଲ ଅନ୍ତେବାସୀଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିବା ସହ ହଷ୍ଟେଲରେ ପଶି ଭଙ୍ଗାରୁଜା। ଏନେଇ ଲିଲାଙ୍କ ଏତଲା ପରେ ପୋଲିସ ଏକ ମାମଲା (ନଂ.୧୭୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

- ଘଟଣା ପରେ ଚେତିଲା କମିଶନରେଟ ପୋଲିସ
- ଗାଇଡ୍‌ଲାଇନକୁ ମାନି ହଷ୍ଟେଲ କରି ନ ଥିଲେ କାର୍ଯ୍ୟାନୁଷ୍ଠାନ

**ହଷ୍ଟେଲ ବୁଲିବ ପୋଲିସ, ନୟାପଲ୍ଲୀରୁ ସ୍ୱତନ୍ତ୍ର ଡ୍ରାଇଭ୍**

ରାଜଧାନୀରେ ଛତୁ ଫୁଟିଲା ଭଳି ଘରୋଇ ହଷ୍ଟେଲ ଖୋଲି ମାଲିକମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି। ହେଲେ ହଷ୍ଟେଲ ଖୋଲିବା ପୂର୍ବରୁ ବା ପରେ ପ୍ରାୟ ମାଲିକ କୌଣସି ତଥ୍ୟ ପୋଲିସକୁ ଦେଉନହାନ୍ତି। ଏପିରକି ଗାଇଡ୍‌ଲାଇନ ବି ଠିକ ଭାବେ ପାଳନ କରୁନାହନ୍ତି। କେତେ ପିଲା ରହିଲେ, ସୁରକ୍ଷା ବ୍ୟବସ୍ଥା କ'ଣ ରହିଛି, ସିସିଟିଭି କାମ କରୁଛି ନା ନାହିଁ ଆଦି ଯାଞ୍ଚ କରାଯାଉନି। ତେଣୁ କମିଶନରେଟ ପୋଲିସ ପକ୍ଷରୁ ପ୍ରଥମେ ନୟାପଲ୍ଲୀ ଅଞ୍ଚଳରେ ହଷ୍ଟେଲକୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିବ। ମହିଳା ପୋଲିସ ଅଫିସର ସବୁ ହଷ୍ଟେଲକୁ ଯାଇ ଛାତ୍ରୀଙ୍କ ସହ ଆଲୋଚନା କରିବେ। ଛାତ୍ରୀମାନେ ସମ୍ମୁଖୀନ କରୁଥିବା ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଏସିପି କହିଛନ୍ତି।

### ୬.୫ କେଜି ବ୍ରାଉନସୁଗାର, ଟଙ୍କା ଜବତ: ଜଣେ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ)

ବ୍ରାଉନସୁଗାର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଖଣ୍ଡଗିରି ଥାନା ପୋଲିସ ଚଢ଼ାଉ କରି ଜଣେ ନିଶା ବେପାରିଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ନୟାଗଡର ରବୀନ୍ଦ୍ର ସାହୁ। ତାଙ୍କଠାରୁ ସାଢେ ୬ କେଜି ବ୍ରାଉନସୁଗାର ଜବତ ଓ ୧୨୦୦ ଟଙ୍କା ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।ଜାମିନ ନ ମିଳିବାରୁ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା କାଳିମନ୍ଦିର ନିକଟରେ ବେଆଇନ ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଗ୍ରାହକ ଖସି ପଳାଇଥିବାବେଳେ ବେପାରି ରବୀନ୍ଦ୍ରଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।

# ଅଭୟ ଦ୍ୱିବେଦୀଙ୍କୁ 'ନାରଦ ସମ୍ମାନ'




ଭୁବନେଶ୍ୱର,୮।୫(ବ୍ୟୁରୋ)

ବିଶ୍ୱ ସମ୍ବାଦ କେନ୍ଦ୍ର ଓଡିଶା ପକ୍ଷରୁ ନାରଦ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଉନ୍ନବିଂଶତମ ସମ୍ମାନ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କୁ 'ନାରଦ ସମ୍ମାନ' ପ୍ରଦାନ କରାଯାଇଛି। ୧୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ପ୍ରବନ୍ଧଠାରୁ ମୁଦ୍ରଣ ଓ ସଂଗଠନ ପର୍ଯ୍ୟନ୍ତ ସାହିତ୍ୟ ସଂସ୍କୃତିର ବିବିଧ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟକରି ସେ ପ୍ରତିଷ୍ଠା ଲାଭ କରିଛନ୍ତି। ତାଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ୧୬ଟି ପୁସ୍ତକ ଏବଂ ଅନେକ ସମ୍ବର୍ଦ୍ଧନା ତାଙ୍କ ସାଧନାର ପ୍ରମାଣ। ବରିଷ୍ଠ ସ୍ତମ୍ଭକାର ଅଧ୍ୟାପକ ନିରଞ୍ଜନ ପାତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ଶାନ୍ତନୁ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡିଶା ପୂର୍ବ ପ୍ରାନ୍ତର କାର୍ଯ୍ୟନିର୍ବାହୀ ଡ. ଅନୀଲ କୁମାର ମିଶ୍ର ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡିଶା ପୂର୍ବ ପ୍ରାନ୍ତର ରବି ନାରାୟଣ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ, ମହାନଗର ପ୍ରଚାର ପ୍ରମୁଖ ସାଇ ପ୍ରସାଦ ଦାଶ ଅତିଥି ପରିଚୟ ଓ ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ମାନପତ୍ର ପାଠ କରିଥିଲେ। ପ୍ରାନ୍ତ ଗଣମାଧ୍ୟମ ସମ୍ପର୍କ ପ୍ରମୁଖ ଶିବ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ୟୁନିଟ-୮ ଭୁବନେଶ୍ୱରର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

### ଟଙ୍କା ବ୍ୟାଗ୍ ଲୁଟ ଘଟଣା, ଆଉଜଣେ ଅଭିଯୁକ୍ତ ଗିରଫ

ବାଲିଅନ୍ତା,୮।୫(ଡି.ଏନ୍.ଏ.)

ପାହାଳ ଥାନା ପୋଲିସ ତ୍ରିନାଥ ବଜାରରେ ଘଟିଥିବା ଟଙ୍କା ବ୍ୟାଗ୍ ଲୁଟ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ୩୦ ମାସ ପରେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଆସ୍କା ଥାନା ଅଞ୍ଚଳର ଆକାଶ ଦାସ(୩୦)। ଏହି ଘଟଣା ପୂର୍ବରୁ ବାଲିଅନ୍ତା ଥାନା ପୋଲିସ ସହଯୋଗୀ ଚନ୍ତି ଦାସଙ୍କୁ ଗିରଫ କରିଥିଲା। ସେତେବେଳେ ପୋଲିସ ତାଙ୍କ ପାଖରୁ ଲୁଟ ହୋଇଥିବା ୫ ଲକ୍ଷ ଟଙ୍କାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଥିଲା। ଘଟଣା ପରଠାରୁ ଆକାଶ ଫେରାର ଥିଲେ। ନିକଟରେ ସେ ଗାଁକୁ ଆସିଥିବା ଖବରପାଇ ପୋଲିସ ୪ ଜଣିଆ ଟିମ୍ ନେଇ ଆସ୍କା ଅଞ୍ଚଳକୁ ଯାଇ ଚଢ଼ାଉ କରି ଆକାଶଙ୍କୁ କାବୁ କରିଥିଲା। ଆକାଶ ଟଙ୍କା ବ୍ୟାଗ ଲୁଟ ମାମଲାରେ ସମ୍ପୃକ୍ତି ଥିବା ନେଇ ସ୍ୱୀକାର କରିଥିଲେ। ଏଥିସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଛୋଟ ଛୋଟ ଚୋରି ଓ ଡିକି ଭାଙ୍ଗି ଲୁଟ କରିଥିବା ପୋଲିସ ପଚରାଉଚରା ସମୟରେ ତଥ୍ୟ ମିଳିଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା କହିଛନ୍ତି।

### ବିଶ୍ୱ ରେଡକ୍ରସ୍ ଦିବସରେ ଚାରା ରୋପଣ



ସାଇବର ଥାନା ପରିସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଚାରା ରୋପଣ କରୁଛନ୍ତି।

ଭୁବନେଶ୍ୱର, ୮।୫(ବ୍ୟୁରୋ)

ଭାରତୀୟ ରେଡକ୍ରସ୍ ସୋସାଇଟି ଓ ପୋଲିସ କମିଶନରେଟ୍ ରେଡ୍‌କ୍ରସ ଆଞ୍ଚଳିକ ଶାଖା ପକ୍ଷରୁ ସୋମବାର ରେଡକ୍ରସ୍ ପ୍ରତିଷ୍ଠାତା ଜାଁ ହେନେରୀ ଦୁନାଁଙ୍କ ଜୟନ୍ତୀ ତଥା ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ପୋଲିସ କମିଶନର ତଥା ପୋଲିସ କମିଶନରେଟ୍ ରେଡକ୍ରସ ଆଞ୍ଚଳିକ ଶାଖା ଅଧ୍ୟକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗଛ ଲଗାଇବା ସହ ପୋଲିସ କମିଶନରେଟ ରେଡ୍‌କ୍ରସର ସେବା ମୂଳକ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ କୃପାସିନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ରେଡକ୍ରସ୍ ଦିବସର ବାର୍ତ୍ତା ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ କମିଶନରେଟ ରେଡକ୍ରସର ଯୁଗ୍ମ-ସମ୍ପାଦକ ଡିସି ଲଳିତେନ୍ଦୁ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦିଲୀପ ଦାଶଶର୍ମା ସଭା ପରିଚାଳନା କରିଥିବାବେଳେ ଶହୀଦନଗର ଥାନା ଅଧିକାରୀ ମନୋଜ ଶତପଥୀ, ସାଇବର ଥାନା ଅଧିକାରୀ ରଶ୍ମିତା ଜେନା, ଅନ୍ୟତମ ସଦସ୍ୟ ଋଷି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଜୀବନ ସଦସ୍ୟ ତଥା କୃଷି ଅଧିକାରୀ ଜୟନ୍ତ ଜେନା ସମାଜରୁ ଲୋପ ପାଉଥିବା ଫଳ ବୃକ୍ଷମାନ ପ୍ରଦାନ କରିଥିଲେ।

## ଓଃ କି ଖରା...











**ସଂକ୍ଷେପରେ**

## ନୀତି, ଆଦର୍ଶବିହୀନ ଶିକ୍ଷା ବ୍ୟବସ୍ଥା ସଫଳତା ଦିଏ ନାହିଁ

କଟକ ଅଫିସ,୮।୫- କଟକ ଉଗରପଡ଼ାସ୍ଥିତ ବୈଶ୍ୟତିଲି ଜାତୀୟ ସମିତି ସଭାଗୃହରେ ଦାସ ଟ୍ୟୁଟୋରିଆଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ରବିରଞ୍ଜନ ସାହୁ, ମୁଖ୍ୟବକ୍ତା ଯୋଗଗୁରୁ ମନମୋହନ ବେହେରା, ସମ୍ମାନିତ ଅତିଥି ଭାବେ ସାହିମୁରବି ମୁରଲୀଧର ବେହେରା, କୋରିଓଗ୍ରାଫର ବାବୁ ପ୍ରମୁଖ ଯୋଗଦେଇଥିଲେ। ନୀତି, ଆଦର୍ଶ ବିହୀନ ଶିକ୍ଷା ବ୍ୟବସ୍ଥା ଛାତ୍ରୀଛାତ୍ରଙ୍କୁ ସଫଳତା ଦିଏ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କୁ ସମ୍ବର୍ଦ୍ଧିତ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ମିନତି ଦାସ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ବିକାଶ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବୈଦ୍ୟନାଥ ବେହେରା, ବର୍ଷା ନାୟକ, ବିଶାଲ ଦାସ, ତୁଳସୀ ବେହେରା, ଦେବାଶିଷ ସାହୁ, ଶିବପ୍ରସାଦ ପରିଡ଼ା, ସ୍ମୃତିରେଖା ପ୍ରଧାନ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଭାତୀ ଦାସ ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ଜବତ, ଯୁବକ ଗିରଫ

କଟକ ଅଫିସ,୮।୫: କଟକ ସହର ଓ ଏହାର ଆଖପାଖ ଅଞ୍ଚଳରୁ ଦୁଇଚକିଆ ଯାନ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖପୁରିଆ ପାଣିଟାଙ୍କି ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ଆସ୍କାର ଟି. ଅଜୟ ରାଓ (୨୪)। ତାଙ୍କଠାରୁ ୨ଟି ଚୋରା ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାଣୀହାଟ ହିନ୍ଦ୍ ସିନେମା ଛକ ନିକଟରେ ଅଜୟ ଏକ ବାଇକ୍(ଓଡ଼ି୦୫ଡି-୬୧୯୮)କୁ କ୍ଷିପ୍ର ଗତିରେ ଚଳାଇ ଯାଉଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକାଇ ଗାଡ଼ିର କାଗଜପତ୍ର ମାଗିଥିଲେ। ଅଜୟ କାଗଜପତ୍ର ଦେଖାଇ ପାରି ନ ଥିବାବେଳେ ଗାଡ଼ିଟିକୁ ଚୋରି କରିଛି ବୋଲି ସ୍ୱୀକାର କରିଥିଲେ। ପୋଲିସ ଏହାର ଅଧିକ ତଦନ୍ତ କରି ଆଉ ଏକ ବାଇକ୍ ତାଙ୍କ ଭଡ଼ା ଘରୁ ଜବତ କରିଥିଲା।

## ସ୍ୱାମୀଙ୍କ ହତାଦର ନେଇ ଥାନାରେ ସ୍ତ୍ରୀଙ୍କ ଅଭିଯୋଗ

ସାଲେପୁର,୮।୫(ଡି.ଏନ୍.ଏ.): ସାଲେପୁର ବ୍ଲକ ବାରିଗୋଳ ପଞ୍ଚାୟତ କାଶିପୁର ଗ୍ରାମର ବିବାହିତା ମହିଳା ଯୋଗମାୟା ମିଶ୍ର ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ତାଙ୍କୁ ହତାଧର କରୁଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ୩ ମାସ ହେବ ଘରକୁ ଆସୁନାହାନ୍ତି। ନବମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ ସ୍ୱାମୀଙ୍କୁ ଡାକିବାକୁ ଯାଇଥିବାବେଳେ ସେହି ଗ୍ରାମର ୨ଜଣ ମହିଳା ଏବଂ କେତେକ ବ୍ୟକ୍ତି ତାଙ୍କୁ ମାଡ଼ ମାରିବା ସହ ଧମକ ଦେଇଛନ୍ତି। ଅଭିଯୋଗ ପରେ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ହୋପ୍ ଏଜ୍ ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ, ୮।୫: ମର୍କତନଗର ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲ୍ଟର ପରିସରରେ ହୋପ୍ ଏଜ୍ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ. କୃଷ୍ଣ କୁମାର ଦାସବର୍ମା ଯୋଗଦେଇ କହିଥିଲେ, ବିଭିନ୍ନ ଦେଶର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ, କଳା ଓ କୀର୍ତ୍ତିରାଜି ପ୍ରଭୃତି ଦର୍ଶନ ଦ୍ୱାରା ଆନନ୍ଦ ମିଳିବା ସହ ଅନେକ ଜ୍ଞାନ ଆହରଣ କରିବାର ସୁଯୋଗ ମିଳିଥାଏ। ସେହିପରି ଅବସରପ୍ରାପ୍ତ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ବିଶ୍ୱ ହାସ୍ୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ସଭାପତି କିଶୋର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସିଡିଏର ଅଧିକାରୀ ରଣଜିତ୍ ସାହୁ, ମ୍ୟାନେଜିଂ ଟ୍ରଷ୍ଟି ଡ. ସତ୍ୟ ରାୟ ଓ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ଗେଟ୍‌ରେ ତାଲା ଦେଲେ ଲୋକପ୍ରତିନିଧି

- ଅଧିକାରୀ କାର୍ଯ୍ୟାଳୟରେ ନ ଥିବାରୁ ପ୍ରତିବାଦ
- ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଚେତାବନୀ

ସାଲେପୁର,୮।୫(ଡି.ଏନ୍.ଏ.)



ପୂର୍ବତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା ବ୍ଲକ କାର୍ଯ୍ୟାଳୟରେ ତାଲା ପକାଉଛନ୍ତି।

ସାଲେପୁର ବ୍ଲକ କାର୍ଯ୍ୟାଳୟରେ ଠିକ୍‌ଭାବେ କାର୍ଯ୍ୟ ହେଉ ନ ଥିବା ବେଳେ ଅଧିକାରୀମାନେ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ କରି ଏହାର ମୁଖ୍ୟ ଫାଟକ ସମେତ ଅନ୍ୟାନ୍ୟ କୋଠରିରେ ଲୋକ ପ୍ରତିନିଧିମାନେ ସୋମବାର ତାଲା ପକେଇ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତାଙ୍କ ସମର୍ଥକ ଓ ଲୋକ ପ୍ରତିନିଧିମାନେ ଏଭଳି କରି ପ୍ରତିବାଦ କରିଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତାଲା ଭାଙ୍ଗିଛି।

ସୋମବାର ଦିନ ପ୍ରାୟ ୯ଟାବେଳେ ବିଧାୟକ ବେହେରା, ଅନ୍ୟ ଲୋକପ୍ରତିନିଧିଙ୍କ ସମେତ ସମର୍ଥକମାନେ ବିଭିନ୍ନ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେତେବେଳେ କାର୍ଯ୍ୟାଳୟର ବହୁ ଅଧିକାରୀଙ୍କ କୋଠରି ବନ୍ଦ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଧାୟକ ବେହେରା ଓ ସମର୍ଥକମାନେ ଉତ୍କ୍ଷିପ୍ତ ହୋଇ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକ୍ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କର କାର୍ଯ୍ୟ ଠିକ୍ ସମୟରେ ହେଉନାହିଁ, ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେବା ସହ ଲୋକପ୍ରତିନିଧିଙ୍କ କାର୍ଯ୍ୟଗୁଡ଼ିକୁ କରାଯାଉନାହିଁ। ଅଧିକାରୀମାନେ ମନମୁଖିଭାବେ କାର୍ଯ୍ୟାଳୟକୁ ଆସୁଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ୫- ଟି ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୂର୍ଯ୍ୟକାନ୍ତ ରାଉତ କହିଛନ୍ତି, ୫ ରୂପାନ୍ତରଣ ବିଦ୍ୟାଳୟର ସୋମବାର ଉଦ୍‌ଘାଟନ ଥିଲା। ଏନେଇ ସେ, ଅତିରିକ୍ତ ଯନ୍ତ୍ରୀ ଓ କିଛି ବିଭାଗୀୟ ଅଧିକାରୀ ବ୍ୟସ୍ତ ଥିଲେ। ଏହି ସମୟରେ ବେହେରା ସେମାନଙ୍କ ସମର୍ଥକଙ୍କ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ।

## ଜମିରେ ଟଳିପଡ଼ିଲେ ଚାଷୀ: ଅଂଶୁଘାତ ଆଶଙ୍କା

ନରସିଂହପୁର,୮।୫(ସ୍ୱ.ପ୍ର.):

କଟକ ଜିଲା ନରସିଂହପୁର ଥାନା ବଡ଼ଭୂଇଁ ଗ୍ରାମର ଯୋଗୀନାଥ ପ୍ରଧାନ(୫୫) ସୋମବାର ଜମିକୁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଯୋଗୀନାଥ ସକାଳୁ ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ନିଜ ଚାଷ ଜମିକୁ ଯାଇ ଅପରାହ୍ନ ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ଜମି ମଝିରେ ତାଙ୍କୁ ପଡ଼ିଥିବା ଅବସ୍ଥାରେ ପାଇ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଯୋଗୀନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସ୍ଥାନୀୟ ସରପଞ୍ଚ ବାଇଧର ସାହୁ ଓ ମୃତକଙ୍କ ପରିବାର ସଦସ୍ୟଙ୍କଠାରୁ ଅଭିଯୋଗ ପାଇ ଥାନା ଆଇଆଇସି ଅଭୟ କୁମାର ବେହେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରିବା ସହ ତଦନ୍ତ କରଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ଆଶଙ୍କାରେ ଭାରପ୍ରାପ୍ତ ତହସିଲଦାର ତପନ କୁମାର ପରିଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

## ପୋଖରୀ ଖୋଳାରେ ମେଶିନ୍ ବ୍ୟବହାରକୁ ବିରୋଧ



ମେଶିନ ସାହାଯ୍ୟରେ ପୋଖରୀର ଖନନ କାର୍ଯ୍ୟ ଚାଲିଛି।

ସାଲେପୁର,୮।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଧୀନ ସିଡ଼ୋ ପଞ୍ଚାୟତର କାଳିଦହି ଗ୍ରାମରେ ଏକ ପୋଖରୀ ଖନନ ଚାଲିଛି। ଅମୃତ ସରୋବର ଯୋଜନାରେ ଏନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ( ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା) ମାଧ୍ୟମରେ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ପୋଖରୀ କାର୍ଯ୍ୟରେ ଶ୍ରମିକମାନଙ୍କୁ ବାଦ୍ ଦିଆଯାଇ ଜେସିବି ମେଶିନ ଓ ଟ୍ରାକ୍ଟର ସାହାଯ୍ୟରେ କାମ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡ ପାଇଥିବା ଶ୍ରମିକମାନେ ଏହାକୁ ବିରୋଧ କରିଛନ୍ତି। ଲାଭଖୋର ମନୋବୃତ୍ତି ଯୋଗୁ ସମ୍ପୃକ୍ତ ଠିକାଦାର ରାତି ଅଧରେ ଜେସିବି ଓ ଟ୍ରାକ୍ଟର ଲଗାଇ ଏହି କାର୍ଯ୍ୟ କରୁଛନ୍ତି ବୋଲି ସିଡ଼ୋ ଗ୍ରାମର ହୃଷୀକେଶ ନାୟକ, ସୌମ୍ୟ ରଞ୍ଜନ ପରିଡ଼ା, ଦୁର୍ଲ୍ଲଭ ମଲିକ, ଅଭିରାମ ମଲିକ, ସଂଗ୍ରାମ କେଶରୀ ପଣ୍ଡା ପ୍ରମୁଖ ବିଡିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ତୁରନ୍ତ ଏହି ଘଟଣାରେ ଜିଲାପାଳ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ଜନଶୁଣାଣିରେ ୫୯ ଅଭିଯୋଗ ପଞ୍ଜୀକୃତ


ଜନଶୁଣାଣିରେ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରାଯାଉଛି।

ଆଠଗଡ,୮।୫(ସ୍ୱ.ପ୍ର.)

- ୪୯ ବ୍ୟକ୍ତିଗତ, ୧୦ ସାମୂହିକ ଅଭିଯୋଗ
- ୫ଟି ତତ୍କାଳ ଫଇସଲା
- ଶିବିରରେ ଯୋଗଦେଲେନି ଜିଲାପାଳ

ଆଠଗଡ଼ ବ୍ଲକରେ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ୪୯ ବ୍ୟକ୍ତିଗତ, ୧୦ ସାମୂହିକ ଅଭିଯୋଗ ରହିଛି। ଏହାମଧ୍ୟରୁ ୫ଟି ତତ୍କାଳ ଫଇସଲା ହୋଇଥିଲା। ଏହି ଅବସରରେ ରାଧାକିଶୋରପୁର ଗ୍ରାମର ମଥୁରା ନାଏକ ଓ ବଡ଼ଭୂଇଁ ଗ୍ରାମର ଗୁଣ୍ଡିଚା ସାହୁଙ୍କ ଚିକିତ୍ସା ନିମନ୍ତେ ଜିଲା ରେଡକ୍ରସ୍ ପାଣ୍ଠିରୁ ନଗଦ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। କୁମାରପୁର ପଞ୍ଚାୟତ ସାଆନ୍ତାଣୀ ବାଟିଗ୍ରାମର ରୁଦ୍ରନାରାୟଣ ପ୍ରଧାନ, ଅନନ୍ତପୁର ଦିବ୍ୟରଞ୍ଜନ ସାହୁଙ୍କୁ ହୁଇଲ୍ ଚେୟାର ଓ ଖୁଣ୍ଟକଟା ଗ୍ରାମର ରମେଶ ଚନ୍ଦ୍ର ସାହାଣୀଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ କଟକ ଜିଲାପାଳ ଓ ଗ୍ରାମାଞ୍ଚଳ ଏସ୍‌ପି ଯୋଗଦେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ କଟକ ଅତିରିକ୍ତ ଜିଲାପାଳ ଶିବ ଟୋପେ, ସତ୍ୟବ୍ରତ ଛୋଟରାୟ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ପ୍ରଦୀପ କୁମାର ସାହୁ, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଉପାଧ୍ୟକ୍ଷ ବିଜୟ କୁମାର ବିଶି, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ୟାଙ୍କ ପ୍ରତିନିଧି ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବରିଷ୍ଠ କର୍ମଚାରୀ ଗଗନ ବିହାରୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ୨ ରୂପାନ୍ତରଣ ବିଦ୍ୟାଳୟ ଲୋକାର୍ପିତ

ମାହାଙ୍ଗା,୮।୫(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତରେ ୨ ରୂପାନ୍ତରଣ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ରାଧାଶ୍ୟାମ ନୋଡାଲ ଉଚ୍ଚ ବିଦ୍ୟାଳୟର ଲୋକାର୍ପଣ କାର୍ଯ୍ୟକ୍ରମରେ ଶିକ୍ଷକ ଜଗବନ୍ଧୁ ରାଉତ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଧୀରେନ୍ଦ୍ର ସ୍ୱାଇଁ, ସିଆର୍‌ସିସି ନୀହାର ରଞ୍ଜନ ସାମଲ, ରୋଜାଲିନ୍ ପ୍ରଧାନ, ଦୈତାରି ସାହୁ, ଛବିଳତା ସ୍ୱାଇଁ, ପ୍ରଶାନ୍ତ ବାରିକ, କଲ୍ୟାଣୀ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନିଲ ସ୍ୱାଇଁ, ସୁବାସ ସ୍ୱାଇଁ, ବିନୋଦ ସ୍ୱାଇଁ, ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ତତ୍ତ୍ୱାବଧାନ କରିଥିଲେ। ସେହିପରି ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ମଣିଯୋରୀର ଲୋକାର୍ପଣ ଉତ୍ସବରେ ମୋ ସ୍କୁଲ ଅଭିଯାନ ସଭାପତି ହତହରି ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶରତ ନାୟକ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ଅଧ୍ୟାପକ ପୀତାମ୍ବର ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜନ ରାଉତ, ପ୍ରଶାନ୍ତ ସିଂ, ପରିଚାଳନା କମିଟି ସଭାପତି ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ କାର୍ଯ୍ୟକ୍ରମ ପରିଚାଳିତ କରିଥିଲେ। ଏନେଇ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୫୭ ଗ୍ରାମ ସିଡିଏରେ ମିଶ୍ରଣକୁ ଜନଶୁଣାଣିରେ ବିରୋଧ

ଆଠଗଡ,୮।୫(ସ୍ୱ.ପ୍ର.)

ଆଠଗଡ଼ ବ୍ଲକର ୫୭ ରାଜସ୍ୱ ଗ୍ରାମକୁ ସିଡିଏରେ ଅନ୍ତର୍ଭୁକ୍ତ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଓ ମଞ୍ଚ ପକ୍ଷରୁ ବିରୋଧ କରାଯାଉଛି। ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ କଂଗ୍ରେସ, ଭାଜପା ସମେତ ଆଠଗଡ ସୁରକ୍ଷା ମଞ୍ଚ, ନଦୀକୂଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏହାର ପୁନର୍ବିଚାର କରିବାକୁ ଦାବି କରାଯାଇଛି। ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମାତ୍ର ଏହାର ବିରୋଧରେ ଜନଶୁଣାଣିରେ ଜନସାଧାରଣଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲା। କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ପରିଡା, ଆଠଗଡ ସୁରକ୍ଷା ମଞ୍ଚ ପକ୍ଷରୁ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ଆଇନଜୀବୀ ପ୍ରକାଶ ସେଠୀ, ଶଙ୍କର୍ଷଣ ମହାନ୍ତି, ଗୁଲୁ ସାହୁ, ନଦୀକୂଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ସରପଞ୍ଚ କିରଣ ବିହାରୀ ଖଟୁଆ, ପ୍ରମୋଦ କୁମାର ଧଳ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## କୃତ୍ରିମଅଙ୍ଗ ପ୍ରୟୋଗଶାଳା ଉଦ୍‌ଘାଟିତ


ପ୍ରୟୋଗଶାଳାରେ ଯୋଗଦେଇଥିବା ଅତିଥି ଓ ପ୍ରଶିକ୍ଷକ।

କଣ୍ଟାପଡା, ୮।୫(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରସ୍ଥିତ ଏସ୍.ଭି. ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ପରିସରରେ ସୌନ୍ଦର୍ଯ୍ୟ ସଂରକ୍ଷଣକାରୀ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରୟୋଗଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍.ଭି. ନିର୍‌ତାରର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ଉଦ୍ୟମରେ ଅନୁଷ୍ଠିତ ପ୍ରୟୋଗଶାଳାକୁ ଅନୁଷ୍ଠାନର ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଓ ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରୟୋଗଶାଳାରେ ଦିବ୍ୟାଙ୍ଗମାନେ ବ୍ୟବହାର କରୁଥିବା ସିଲିକନ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗକୁ ସ୍ୱଳ୍ପମୂଲ୍ୟରେ ପାଇବାସହ ଉକ୍ତ ବିଭାଗରେ ପିଜି କରୁଥିବା ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଅଧିକ ଅଧ୍ୟୟନର ସୁବିଧା ପାଇପାରିବେ ବୋଲି ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ମହାରଣା କହିଛନ୍ତି। ଏଥିପାଇଁ ନୂଆଦିଲ୍ଲୀରୁ ଆସିଥିବା ସ୍ୱତନ୍ତ୍ର ପ୍ରଶିକ୍ଷକ ସୁଶ୍ରୀ ଅସ୍ମିତା ଓ ଅନିଲ କୁମାର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦେବେ ବୋଲି ନିର୍ଦ୍ଦେଶକ ଡା. ପି.ପି. ମହାନ୍ତି କହିଛନ୍ତି।

# ବୌଦ୍ଧଧର୍ମ ସମର୍ପଣ ଭାବନାର ନିଦର୍ଶନ

**ମାଣିଆବନ୍ଧ ଏକାଦଶ ବୁଦ୍ଧ ମହୋତ୍ସବ ଉଦ୍‌ଯାପିତ**

ବଡ଼ମ୍ବା/ମାଣିଆବନ୍ଧ,୮।୫(ଡି.ଏନ.ଏ)


ଅତିଥିମାନେ ବୁଦ୍ଧ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ମାଣିଆବନ୍ଧ ବୁଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ୫ ଦିନ ଧରି ଚାଲିଥିବା ଏକାଦଶ ବୁଦ୍ଧ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ମାଣିଆବନ୍ଧ ବୌଦ୍ଧ ସଂଘ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଛି। ଉଦ୍‌ଯାପନୀ ମହୋତ୍ସବରେ ମାଣିଆବନ୍ଧ ବୌଦ୍ଧ ସଂଘ ସ୍ଥାୟୀ ସଭାପତି ଚକ୍ରଧର ଦଳେଇ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ବୌଦ୍ଧ ଧର୍ମ ସମର୍ପଣ ଭାବନାର ନିଦର୍ଶନ ବୋଲି କହିଥିଲେ। ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ମାଣିଆବନ୍ଧର ବୌଦ୍ଧ ସଂସ୍କୃତି ଓ ଇତିହାସ ଉପରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ନୀଳକଣ୍ଠ ବେହେରା, ଜିଲା ପରିଷଦ ସଭ୍ୟା ନୟନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ସଂଯୋଜକ ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ମାଣିଆବନ୍ଧ ବୌଦ୍ଧ ସଂଘ କାର୍ଯ୍ୟକାରୀ ସଭାପତି ଅରକ୍ଷିତ ଦେବତା ସ୍ୱାଗତ ଭାଷଣ ଓ ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବୁଦ୍ଧ ମହୋତ୍ସବ ସ୍ମରଣିକା ୨୦୨୩ ଉନ୍ମୋଚନ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରର କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କ ସମେତ ସଫଳ ବୁଣାକାର, ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ରାଜ୍ୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ସ୍ନେହଲତା ପାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଛନ୍ଦା ଟ୍ରଷ୍ଟ ଓ ୱେଲଫେୟାର ଗ୍ରୁପ୍, ଭୁବନେଶ୍ୱର ତରଫରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଭଜନ ପରିବେଷଣ କରାଯାଇଥିଲା। ସ୍ଥାନୀୟ ତ୍ରିଶରଣ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ବନ୍ଦନା ଓ ନୃତ୍ୟ ଚିତାକର୍ଷକ ହୋଇଥିଲା। ବୌଦ୍ଧ ସଂଘ ଓ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଶେଷ ଦିନରେ ମହୋତ୍ସବ ପଡିଆରେ ପଡ଼ିଥିବା ବିଭିନ୍ନ ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିଲା।

## ସଂକ୍ଷେପରେ

### ବାର୍ଷିକ ନବାହ୍ନ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ

**ବେଗୁନିଆ,୮।୫(ଡି.ଏନ.ଏ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ପୀଠରେ ୩୫ତମ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଗୋପୀନାଥ ଦେବ ସତସଙ୍ଗ ମଣ୍ଡଳୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ୯ଦିନ ଧରି ଚାଲିବ। ଏଥିରେ ବ୍ୟାସ ଭାବେ ରମାକାନ୍ତ ହୋତା ଓ କର୍ମାଚାର୍ଯ୍ୟ ବସନ୍ତ କୁମାର ଷଡ଼ଙ୍ଗୀ ବିଧିବଦ୍ଧ ଭାବେ ଯଜ୍ଞ କାର୍ଯ୍ୟ ସମାପନ କରିବେ। ଶୁଭାଧିବାସ, ହନୁମାନ ଚାଳିଶା ଓ ଭଜନ ପରିବେଷଣ ସହ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ସାଲା ମଣ୍ଡନ ଆଦି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ସମୟରେ ଶିବ ପାର୍ବତୀ ବିବାହ, ଶ୍ରୀରାମ ଜନ୍ମ, ଶ୍ରୀରାମ ବନବାସ ଓ କୈବର୍ତ୍ତ ପ୍ରସଙ୍ଗ, ଭରତଙ୍କ ଚିତ୍ରକୁଟ ଗମନ, ଭରତ ମିଳନ ଓ ସୀତା ଚୋରି, ଶବରୀ ପ୍ରସଙ୍ଗ, ବାଳୀ ଉଦ୍ଧାର ଓ ଲଙ୍କାପୋଡ଼ି, ରାବଣ ମୁକ୍ତି, ରାମାଭିଷେକ, କାକଭୂଷଣ୍ଡି ଚରିତ୍ର ଆଦି ବହୁ ପ୍ରସଙ୍ଗ ଉପରେ ପ୍ରବକ୍ତା ସୁଦାମ ଚରଣ ଦାଶ, ସନ୍ତୋଷ ମହାପାତ୍ର, କାଶୀନାଥ ଦାସ, ସବିତା ବାଳା ମହାପାତ୍ର, ଜୟକୃଷ୍ଣ ଦାସ, ରମାକାନ୍ତ ହୋତା ଓ ପ୍ରଦୀପ ବାହିନୀପତି ପ୍ରବଚନ ଦେଉଛନ୍ତି।

### ଶିକ୍ଷକ ଶଙ୍କର ସାହୁଙ୍କ ସ୍ମୃତିସଭା

**ବୋଲଗଡ,୮।୫(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଶଙ୍କର ସାହୁଙ୍କ ଏକାଦଶାହରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖଙ୍ଗୁରିଆ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂସାମନ୍ତ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ମୁଖ୍ୟ ବକ୍ତା ଏବଂ ସରପଞ୍ଚ ଜଳଧର ମହାନ୍ତି, ଯୁବନେତା ସଞ୍ଜୀବ ରାୟ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରାଯାଇଥିଲେ। ପରେ ଗ୍ରାମବାସୀ ଓ ଅନେକ ପୂର୍ବତନ ଛାତ୍ର ସ୍ୱର୍ଗତ ଶଙ୍କର ସାର ସ୍ଥାନୀୟ ପଞ୍ଚାୟତ ଅଞ୍ଚଳର ତିନୋଟି ଗ୍ରାମ ଯଥା ଅରଖପଲ୍ଲୀ, ଯୋଡାପଡା ଓ ଖଙ୍ଗୁରିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିବା ପୂର୍ବରୁ ଓ ପରେ ବହୁ ଭଲମଣିଷ ସୃଷ୍ଟି କରିପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କର ୪ ପୁଅ ଓ ବୋହୁ ୨ ଝିଅ ଓ ଜ୍ୱାଇଁଙ୍କ ସମେତ ନାତିନାତୁଣୀମାନେ ମଧ୍ୟ ସ୍ମୃତିତର୍ପଣ କରିଥିଲେ। ଶେଷରେ ତାଙ୍କ ପୁତ୍ର ପୂର୍ବତନ ସମିତିସଭ୍ୟ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

### ନଦୀବନ୍ଧ ବୁଲିଲେ ବିଧାୟକ

**ବାରଙ୍ଗ,୮।୫(ଡି.ଏନ୍.ଏ.):** ସୋମବାର ସକାଳୁ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରାଚୀ ଡିଭିଜନର ଅଧିକାରୀମାନଙ୍କୁ ସାଙ୍ଗରେ ଧରି ରାଜଧାନୀ ଉପକଣ୍ଠ କାନପୁର ପାଖରେ ପହଞ୍ଚିଥିଲେ। କାନପୁର ସାଇଫନଠାରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ଓ ପାର୍ଶ୍ୱରେ ଥିବା ଗ୍ରାମର ବିଭିନ୍ନ ସମସ୍ୟା ନେଇ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାରିଚିଆ ଗ୍ରାମ ନିକଟସ୍ଥ କାନପୁର ସାଇଫନ ନିକଟରେ ଏକ ବ୍ୟାରିକେଡ ନିର୍ମାଣ, ନଦୀପାର୍ଶ୍ୱ ବିଭିନ୍ନ ଗ୍ରାମରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପୁରୁଣା ପୋଲର ଉନ୍ନତିକରଣ ପାଇଁ ବିଧାୟକ ରାଉତ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ, ମୁଣ୍ଡଳୀ ଜଳସେଚନ ଏସ୍‌ଡିଓ ଶ୍ରୀମନ୍ତ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଶରତ ପୁହାଣ, ବିଜେଡି ନେତା ନିର୍ମଳ ରାଉତ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ।

### ବୋଲଗଡ଼ର ଅତିରିକ୍ତ ଦାୟିତ୍ୱ ନେଲେ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ

**ବୋଲଗଡ,୮।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଥିବା ଭାସ୍କର ଚନ୍ଦ୍ର ଲେଙ୍କା ସୋମବାର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ପ୍ରକାଶ ଯେ, ପୂର୍ବରୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୂପେ ଥିବା ଡ. ନିରଞ୍ଜନ ମହାନ୍ତି ଗତ ମାସରେ ଅବସର ନେଇଥିଲେ। ସୋମବାର ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ମହାନ୍ତି ଉପସ୍ଥିତ ହୋଇ ନୂତନ ଭାବେ ଲେଙ୍କାଙ୍କୁ ସ୍ୱାଗତ କରିବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମ ଚରଣ ବେହେରା, ଏବିଇଓ ସିଦ୍ଧେଶ୍ୱର ସାହୁ, କୈଳାସନାଥ ସ୍ୱାଇଁ, ପ୍ରଧାନ ଶିକ୍ଷକ ନୀଳମଣୀ ବରାଳ, ସିଆରସିସି ଧୀରେନ୍ଦ୍ର ପାତ୍ର, ବିପିନ ବିହାରୀ ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ଦାସ, ଅଶୋକ ସ୍ୱସାହୁ, ରବୀନ୍ଦ୍ର ନାଥ ବେହେରାଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଶେଖ ମୁନିର, ବିଭୁ ରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ଲେଙ୍କାଙ୍କୁ ସମସ୍ତେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ହୃତ ଗୌରବ ଖୋଜୁଛି ବିଜେବି ହାଇସ୍କୁଲ



ବକ୍ସି ଜଗବନ୍ଧୁ ହାଇସ୍କୁଲ।



ଛାତ୍ରାବାସରେ ଚାଲିଥିବା ଥାନା।

**ଖୋର୍ଦ୍ଧା ଅଫିସ,୮।୫**

- ଘରୋଇ କବ୍‌ଜାରେ ଖେଳପଡ଼ିଆ, ଛାତ୍ରାବାସରେ ଚାଲୁଛି ଥାନା
- ୧୨୫ତମ ଜୟନ୍ତୀ ସମାରୋହ ପାଳନ ପାଇଁ ପ୍ରସ୍ତୁତି ଜୋରଦାର

ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରେ ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ (ବିଜେବି) ହାଇସ୍କୁଲ ଅନ୍ୟତମ। ଚଳିତ ବର୍ଷ ଏହି ବିଦ୍ୟାଳୟ ୧୨୫ତମ ଉତ୍ସବ ସମାରୋହ ପାଳନ ଲାଗି ପ୍ରସ୍ତୁତି ଚଳାଇଛି। ଏ ନେଇ ପ୍ରାକ୍ତନ ଛାତ୍ର ସଂସଦ, ଆଲୁମିନି ପକ୍ଷରୁ ଘନ ଘନ ବୈଠକ ହେଉଛି। ଏହି ବିଦ୍ୟାଳୟର ଏକ ଗୌରବମୟ ଇତିହାସ ରହିଛି। ଅତୀତରେ ବହୁ ବିଶିଷ୍ଟ ଜନନାୟକ, ରାଜନୈତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ପ୍ରମୁଖ ଏହି ବିଦ୍ୟାଳୟରୁ ଶିକ୍ଷାଦାନ କରି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ତେବେ ସମ୍ପ୍ରତି ଏହି ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟର ବହୁ ପୁରାତନ ଛାତ୍ରାବାସରେ ଖୋର୍ଦ୍ଧା ଆଦର୍ଶ ଥାନା ଚାଲୁଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ ଘରୋଇ କ୍ରୀଡ଼ାନୁଷ୍ଠାନ କବ୍‌ଜାରେ ରହିଛି। ଅତୀତର ବହୁ ଇତିହାସକୁ ନିଜ ବକ୍ଷରେ ସାଉଁଟି ରଖିଥିବା ଏହି ଶିକ୍ଷାନୁଷ୍ଠାନ ଏବେ ହୃତ ଗୌରବ ଖୋଜୁଛି। ପ୍ରାକ୍ ସ୍ୱାଧୀନତା ପୂର୍ବର ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରର ବିଦ୍ୟାଳୟ ମାନ୍ୟତା ପ୍ରଦାନ ସହ +୨ ପାଠ୍ୟକ୍ରମ ଖୋଲିବା ପାଇଁ ଦାବି ହେଉଛି।

ଇତିହାସ ତଥ୍ୟ ମୁତାବକ, ପ୍ରଥମେ ୧୮୪୫ରେ ଲର୍ଡ ହାରିନ୍ସ ସ୍କୁଲ,୧୮୬୫ରେ ମିଡିଲ ଇଂରାଜୀ ସ୍କୁଲ, ୧୮୯୬ରେ ହାଇ ଇଂରାଜୀ ସ୍କୁଲ, ସ୍ୱାଧୀନତା ପରବର୍ତ୍ତୀ ୧୯୫୦ରେ ସରକାର ଏହି ସ୍କୁଲକୁ ମହାନ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ କରିଥିଲେ। କେତେଜଣ ଶିକ୍ଷାବିତ୍‌ଙ୍କ ମତରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଏହି ବିଦ୍ୟାଳୟର ଅନେକ ଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାୟ ଦେଢ଼ଶହ ବର୍ଷର ଏହି ପୁରାତନ ଶିକ୍ଷାନୁଷ୍ଠାନରେ ପଦ୍ମଶ୍ରୀ କାଳିଚରଣ ପଟ୍ଟନାୟକ, କବି ଡ. ମାୟାଧର ମାନସିଂ, କବି ସଚ୍ଚିଦାନନ୍ଦ ରାଉତରାୟ, ଉତ୍କଳପ୍ରାଣ ବିଚ୍ଛେନ୍ଦ୍ର ଚରଣ ପଟ୍ଟନାୟକ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଶହୀଦ ରଘୁ ଦିବାକର, ବିଗ୍ରେଡିୟର ବାସୁଦେବ ରାଉତରାୟ, ଡା. ଯୋଗମାୟା ପଟ୍ଟନାୟକ, ଐତିହାସିକ ପ୍ରଫେସର ବି.ସି. ରାୟ, ବୈଜ୍ଞାନିକ ଜାଫ୍ରାନ କେଶରୀ ରାୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ, କବି ଡ. ବଂଶୀଧର ଷଡ଼ଙ୍ଗୀ ପ୍ରମୁଖ ଶିକ୍ଷାଲାଭ କରିଥିଲେ। ସେହି ସମୟରେ ଏହି ଶିକ୍ଷାନୁଷ୍ଠାନରେ ଖୋର୍ଦ୍ଧା ସମେତ ନୟାଗଡ଼ ଓ ପୁରୀ ଜିଲାର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ସମ୍ପ୍ରତି ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସୁନାମ ଆଣିଛନ୍ତି। ବିଦ୍ୟାଳୟ ପରିସରରେ ପଥର ନିର୍ମିତ ଏକ ବୃହତ କୋଠା ରହିଛି। ଗତବର୍ଷ ଏହି ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୫-ଟି ଅନ୍ତର୍ଭୁକ୍ତ ହୋଇଛି। ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେକାପ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର ସାହୁ ପ୍ରମୁଖ ଏହାକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ଏସବୁ ସତ୍ତ୍ୱେ 'ଦୀପ ତଳ ଅନ୍ଧାର' ଭଳି ଏହି ବିଦ୍ୟାଳୟର ଗୌରବମୟ ଗାଥା କେବଳ ବିଦ୍ୟାଳୟ ମୁଖପତ୍ରରେ ସୀମିତ ହୋଇ ରହିଯାଇଛି। ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଜୟନ୍ତୀ ଉତ୍ସବ ସମାରୋହ କମିଟିର ଆବାହକ ତଥା ପୁରାତନ ଛାତ୍ର ସଂସଦର ସଭାପତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏବେ ଆଦର୍ଶ ଥାନାର ନୂତନ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। ତାହା ନିର୍ମାଣ ସରିବା ପରେ ଥାନା ସେଠାକୁ ଉଠିଯିବ।

## ଗୋଳବାଇରେ ଦନ୍ତା, ଭୟରେ ଗ୍ରାମବାସୀ

**ନିରାକାରପୁର,୮।୫(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ଗୋଳବାଇ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ହାତୀ ସ୍ଥାନୀୟ ଜଙ୍ଗଲରେ ବୁଲୁଛି। ଏହା ଗ୍ରାମବାସୀ ଦେଖିବା ପରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଉକ୍ତ ହାତୀଟି ଦୁଇଦିନ ହେଲା ଖାଦ୍ୟ ଅନ୍ୱେଷଣରେ ଆସି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହୋଇ ଜମିରେ ପନିପରିବା ନଷ୍ଟ କରୁଥିବା ଗ୍ରାମବାସୀ କହିଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ହାତୀଟି ଜଙ୍ଗଲ ମଧ୍ୟରେ ନ ରହି ପ୍ରାୟ ଗାଁ ମୁହାଁ ହେଉଛି। ପ୍ରଚଣ୍ଡ ଖରା ଯୋଗୁ ଦିନବେଳେ ଗ୍ରାମର ରାସ୍ତାଘାଟ ଶୂନଶାନ ହୋଇପଡୁଥିବା ବେଳେ ହାତୀ ଭୟରେ ସନ୍ଧ୍ୟାରେ ତାଟିକବାଟ ପଡୁଥିବା ଦେଖିବାକୁ ମିଳିଛି। ଖବରପାଇ ସ୍ଥାନୀୟ ବନ ବିଭାଗର କର୍ମଚାରୀ ଆସି ହାତୀଟି ଉପରେ ନଜର ରଖିଛନ୍ତି। ଏନେଇ ଭୁଷଣ୍ଡପୁର ଫରେଷ୍ଟର ସୁଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରେ ବର୍ତ୍ତମାନ ଏହି ସେକ୍ସନରେ ୩ଟି ହାତୀ ରହିଛନ୍ତି। ଦୁଇଟି ଓଳସିଂହଠାରେ ରହିଥିବା ବେଳେ ଗୋଟିଏ ଗୋଳବାଇରେ ରହିଛି। ଟିମ୍ ପକ୍ଷରୁ ତାକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛୁ ବୋଲି ସେ ସୂଚନା ଦେଇଛନ୍ତି।

## ୨ ପୃଥକ୍ ଦୁର୍ଘଟଣା, ୫ ଆହତ

### ଓଲଟିଲା କାର୍, ଅଟୋ-କାର୍ ମଧ୍ୟରେ ଦୁର୍ଘଟଣା






**ବେଗୁନିଆ,୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରେ ସୋମବାର ପୃଥକ ଦୁଇଟି ଦୁର୍ଘଟଣା ଘଟିଛି। ଗୋଟିଏ କାର୍ ସହିତ ଅଟୋ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଅନ୍ୟ ଦୁର୍ଘଟଣାଟି ହେଲା ଭାରସାମ୍ୟ ହରାଇ ରାସ୍ତାକଡକୁ କାର୍ ମାଡି ଓଲଟି ପଡିଥିଲା। ହେଲେ ବଡ଼ ବିପଦ ମୁହଁରୁ ସଭିଏଁ ବର୍ତ୍ତିଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ଏକ କାର୍ ନୟାଗଡ଼ ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ହେଲେ ବାମଡିହ ଛକ ନିକଟରେ ପୂର୍ବାହ୍ନରେ ଚାଳକ ଜଣଙ୍କ ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡକୁ ୩ରୁ୪ ଗଡା ଦେଇ ଓଲଟି ଯାଇଥିଲା। ଗାଡ଼ିରେ ବସିଥିବା ଚାଳକ ଜଣଙ୍କ ଆହତ ହୋଇଥିଲେ। ସେହିପରି ଅପରାହ୍ନରେ ସେହି ବାମଡିହ ଛକ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଥିଲା। ଅଟୋ ରିକ୍ସା ନଂ ଓଡି୩୩ଇ- ୫୦୨୩ ଓ କାର ଗାଡି ନଂ ଓଡି୦୨ଏକ୍ୟୁ –୮୦୮୦ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ହେଲେ ଏଥିରେ ୪ରୁ ୫ଜଣ ବ୍ୟକ୍ତି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଆହତ ବ୍ୟକ୍ତିମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେମାନଙ୍କ ପରିଚୟ ମିଳିନାହିଁ। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।



## କାଶୀପୁର ରାମଲୀଳା, ମହୀରାବଣ ବଧ

**ନିରାକାରପୁର,୮।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କାଶୀପୁର ବଡପାଟଣା ଗ୍ରାମରେ ଗତ ଅକ୍ଷୀତୃତୀୟାଠାରୁ ରାମଲୀଳା ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ରବିବାର ରାତିରେ ମହୀରାବଣ ବୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମାୟଣର ଐତିହ୍ୟ ଅନୁସାରେ ରାବଣର ଆଦେଶକ୍ରମେ ପାତଳପୁରର ରାଜା ମହିରାବଣ ଛଳନାକରି ଶ୍ରୀରାମ ଓ ଲକ୍ଷ୍ମଣ ଦୁଇ ଭାଇଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ପାତାଳପୁରକୁ ନେଇଯାଇଥିଲେ। କିନ୍ତୁ ହନୁମାନ ଏ ବିଷୟରେ ଜାଣି ଉକ୍ତ ଜାଗାକୁ ଠାବ କରି ପାତାଳପୁରରେ ପ୍ରବେଶକରି ମହୀରାବଣଙ୍କୁ ବଧକରିଥିଲେ। ଏବଂ ସେଠାରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରି ଆଣିଥିଲେ। ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଏହି ପୌରାଣିକ କାର୍ଯ୍ୟକ୍ରମ ଦେଖିବାକୁ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳରୁ ଜନସମାଗମ ହୋଇଥିଲା।

## ନବକିଶୋର ଥିଲେ ଜନହିତକାରୀ ସରପଞ୍ଚ

**ବେଗୁନିଆ,୮।୫(ଡି.ଏନ.ଏ)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମସ୍ଥିତ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ନବକିଶୋର ରଣସିଂହ(୯୪)ଙ୍କ ସୋମବାର ପରଲୋକ ହୋଇଛି। ନିଜ ବାସଭବନରେ ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଖବର ଶୁଣିବା ପରେ ବିଭିନ୍ନ ମହଲରୁ ଦୁଃଖ ପ୍ରକାଶ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ସେ ଜଣେ ଉତ୍ତମ ଓ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ଅତି ଘନିଷ୍ଠ ସହଯୋଗୀ ଥିଲେ। ସ୍ଥାନୀୟ ଗଡ଼ମାଣତୀର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ୧୯୯୮ରୁ ୨୦୦୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବେଗୁନିଆ ବ୍ଲକର କଂଗ୍ରେସ ଦଳର ସାଙ୍ଗଠନିକ ଦାୟିତ୍ୱରେ ରହି ନିଜ ଗ୍ରାମ ସମେତ ବହୁତ ଉନ୍ନତିମୂଳକ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଉଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିର୍ମାଣ କରିବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆତ୍ମୀୟସଜନ ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ମୃତଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ଗୋପବନ୍ଧୁ ମୁଖାଗ୍ନି ଦେବା ପରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଏ ନେଇ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ବର୍ତ୍ତମାନର ଗଡ଼ମାଣତୀସରପଞ୍ଚ କରୁଣାକର ଦଳସିଂହରାୟ ଓ ସାମାଜିକ କର୍ମୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ପ୍ରମୁଖ ଦୁଃଖ ପ୍ରକାଶ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଖରାରେ ଜଳିଗଲା ବାଇକ୍

**ଜଟଣୀ,୮।୫(ଡି.ଏନ୍.ଏ.)**



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ସୋମବାର ପ୍ରବଳ ଖରା ହେଉଥିବାରୁ ରାସ୍ତା ଉପରେ ରଖାଯାଇଥିବା ଏକ ବାଇକ୍ ହଠାତ୍ ଜଳିଯାଇଥିଲା। ସୂଚନା ମୁତାବକ, ମଧ୍ୟାହ୍ନରେ ସ୍ଥାନୀୟ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ରାହୁଲ ସାହା ଜଟଣୀ ରାମଚନ୍ଦ୍ରପୁର ବଜାରକୁ କିଛି ସଉଦା କିଣିବା ପାଇଁ ନିଜ ଓଡି ୦୧ ଜେଡ ୨୯୪୩ ନଂ. ବିଶିଷ୍ଟ ପଲସର ବାଇକ୍ ଯୋଗେ ଆସିଥିଲେ। ବାଇକ ରଖି ଦୋକାନରୁ ସଉଦା କିଣିବା ସମୟରେ ଅଚାନକ ଗାଡିରୁ ଧୂଆଁ ବାହାରିଥିଲା। କିଛି ଭାବିବା ପୂର୍ବରୁ ସମ୍ପୂର୍ଣ୍ଣ ବାଇକଟି ହୁତୁହୁତୁ ହୋଇ ଜଳିଯାଇଥିଲା। ସ୍ଥାନୀୟ ଲୋକେ ବାଲି ଓ ପାଣି ବାଇକ୍ ଉପରେ ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ନିଆ ଲିଭି ନ ଥିଲା। ଖବରପାଇ ଅଗ୍ନିଶମ ବାହିନୀର ଦମକଳ ଗାଡି ଆସି ନିଆଁକୁ ଲିଭାଇଥିଲେ। ତେବେ ମୋଟର ସାଇକେଲଟି ରାସ୍ତା ଉପରେ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇ ନଥିବାବେଳେ ଏକ ବଡ଼ ଦୁର୍ଘଟଣାରୁ ବାଇକ ଚାଳକ ବର୍ତ୍ତିଯାଇଛନ୍ତି।

## ବିଧାୟକଙ୍କ ଉପସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

### କାମର ମନ୍ଥରତାକୁ ଦେଖି କ୍ଷୋଭ ପ୍ରକାଶ କଲେ

**ବାଲିପାଟଣା,୮।୫(ଡି.ଏନ୍.ଏ.)**

ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ସୋମବାର ବାଲିପାଟଣା ବ୍ଲକ ଅନ୍ତର୍ଗତ ୪ଟି ସ୍ଥାନରେ ନିର୍ମାଣାଧୀନ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ। କାମର ମନ୍ଥରତାକୁ ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଜାହାଙ୍ଗିର ପାଟଣାଠାରେ ନିର୍ମିତ କେନ୍ଦ୍ରରେ ନିମ୍ନମାନର ଇଟାରେ କାମ ହେଉଥିବା ସହିତ ଡିପିସି ରାସ୍ତାଠାରୁ ଠିକ୍ ଉଚ୍ଚତା ନ ଥିବା ଦେଖି ତୁରନ୍ତ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପର ଆକଳନ ମୂଲ୍ୟ ୨୭ଲକ୍ଷ ଟଙ୍କା, ତୁରୀନ୍ତିର ଉପକେନ୍ଦ୍ର ପାଇଁ ୨୦ ଲକ୍ଷ, କୁଲନ୍ତିରା ଉପକେନ୍ଦ୍ର ପାଇଁ ୨୦ଲକ୍ଷ ଏବଂ ପୁବାଗଡ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ମାନସ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାମଗୁଡିକୁ ଠିକ୍ ଭାବେ ସାରି ନିର୍ଦ୍ଧାରିତ ସମୟରେ ହସ୍ତାନ୍ତର କରିବାକୁ କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞାପରାମିତାଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନେକ କେନ୍ଦ୍ରରେ ଏଏନ୍‌ଏମ୍‌ମାନେ ନିୟମିତ ରହୁ ନଥିବା ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟସେବା ଦେବାରେ ଅବହେଳା କଲେ ସରକାରଙ୍କର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ଏଥିନିମନ୍ତେ ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ କହିଛନ୍ତି।

## ଜଳଛତ୍ରରେ ରହୁନାହାନ୍ତି ସଦସ୍ୟ, ପଥଚାରୀ ହଇରାଣ

**ଜଟଣୀ,୮।୫(ଡି.ଏନ୍.ଏ.)**




ଜଟଣୀ ସହରର ବିଭିନ୍ନ ସ୍ଥାନରେ ପୌର ପରିଷଦ ପକ୍ଷରୁ ଗତ ମାସରୁ ଜଳଛାତ୍ରମାନ ଖୋଲାଯାଇଛି। ସହରର ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଅନେକ ଛକରେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ଜଳଛତ୍ର କରାଯାଇଛି। ଉକ୍ତ ଜଳଛତ୍ରର ସୁପରିଚାଳନା ପାଇଁ ସହରରେ ଥିବା ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପୌର ପ୍ରଶାସନ ପକ୍ଷରୁ ଦିଆଯାଇଛି। କାର୍ଯ୍ୟାଦେଶ ପାଇଥିବା ଗୋଷ୍ଠୀ ପକ୍ଷରୁ ସେମାନଙ୍କର ସଦସ୍ୟ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାଧାରଣ ଲୋକ, ପଥଚାରୀଙ୍କୁ ସୁଦ୍ଧ ଏବଂ ଥଣ୍ଡା ପାଣି ବିତରଣ କରିବେ। ସେଥିପାଇଁ ପ୍ରତି କର୍ମଚାରୀଙ୍କୁ ଦିନ ପିଛା ହାରାହାରି ୩୦୦ ଟଙ୍କାରୁ ଅଧିକ ପାରିଶ୍ରମିକ ପ୍ରଦାନ କରାଯାଉଛି। ହେଲେ ଅନେକ ସ୍ଥାନରେ ଏହି ସେବା ପ୍ରଦାନରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ଗତ ଦୁଇଦିନ ହେବ ପ୍ରବଳ ତାତି ଯୋଗୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହେଉଥିଲା ବେଳେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାରରେ ପୌର ପରିଷଦ ପକ୍ଷରୁ ସ୍ଥାପିତ ଜଳଛତ୍ରରେ କୌଣସି କର୍ମଚାରୀ ନ ଥିବାରୁ ବହୁ ପଥଚାରୀ ପାଣି ପାଇଁ ହଇରାଣ ହୋଇଥିଲେ। ଖବର ନେବାରେ ଜଣାଯାଇଛି, ଉକ୍ତ ଜଳଛତ୍ରରେ ସକାଳୁ ପାଣି ଆଣି ରଖିଦେଇ କର୍ମଚାରୀ ଚାଲିଯାଉଛନ୍ତି। ଯଦି କେହି ପଥଚାରି ତୃଷ୍ଣା ନିବାରଣ ପାଇଁ ଜଳଛତ୍ର ନିକଟକୁ ଆସୁଛନ୍ତି, ତେବେ ସ୍ଥାନୀୟ ବ୍ୟବସାୟୀମାନେ ଆସି ଲୋକଙ୍କୁ ପାଣି ଦେଉଥିବା ସେମାନେ କହିଛନ୍ତି। ଏଭଳି ଅନେକ ସ୍ଥାନରେ ଥିବା ଜଳଛତ୍ରଗୁଡ଼ିକରେ କେଉଁଠି ମାଠିଆରେ ପାଣି ନ ଥାଉଛି, କେଉଁଠି ସଦସ୍ୟ ନ ଥିବା ଭଳି ନାନା ଅବ୍ୟବସ୍ଥା ଥିବା ଅଭିଯୋଗ ହେଉଛି। ଏପଟେ ପ୍ରଶାସନର ଜଳଛତ୍ରରେ ଅବ୍ୟବସ୍ଥା କାରଣରୁ ବହୁ ସାମାଜିକ ଅନୁଷ୍ଠାନ, ବ୍ୟବସାୟୀ ସଂଘ ପକ୍ଷରୁ ପାନୀୟ ଜଳ ସହିତ ପଣା ଆଦି ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ହାଟବଜାର ବ୍ୟବସାୟୀଙ୍କ ପକ୍ଷରୁ ଦହି ପଣା ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି, ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ରରେ ଅବ୍ୟବସ୍ଥାକୁ ନେଇ ଗତ ମାସ ୧୮ତାରିଖରେ 'ଲୋକଙ୍କ କାମରେ ଆସୁନି ଜଳଛତ୍ର' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ନଗରପାଳ ଅନନ୍ତ ବେହେରା ସରକାରୀ କାର୍ଯ୍ୟରେ ଖିଲାପକାରି ମହିଳା ସଂଗଠନ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏବେ ଖରା ବଢୁଥିବାବେଳେ ପୁଣି ସେହିଭଳି ଅବ୍ୟବସ୍ଥା ରହୁଥିବାରୁ ବୁଦ୍ଧିଜୀବୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଅନ୍ତଃସତ୍ତ୍ୱା ନାବାଳିକାଙ୍କୁ ଛାଡ଼ି ପ୍ରେମିକ ଚମ୍ପଟ

ଗୋପ,୮।୫(ଡି.ଏନ୍.ଏ.)- ନାବାଳିକା ପ୍ରେମିକାଙ୍କୁ ରାଜ୍ୟ ବାହାରକୁ ନେଇ ୨ ମାସ ଗର୍ଭବତୀ କରିବା ପରେ ଏବେ ତାଙ୍କୁ ଛାଡ଼ି ପ୍ରେମିକ ଚମ୍ପଟ ମାରିଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ରବିବାର ରାତିରେ ୧୪୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରିବା ପରେ ପରିବାର ସଦସ୍ୟଙ୍କ ଜିମା ଦେଇଛି। ସୂଚନା ମୁତାବକ, ଗୋପ ଥାନା ଅନ୍ତର୍ଗତ ଓ ନୟାହାଟ ଫାଣ୍ଡି ଅଧୀନ ଧୁମାଳ ନିକଟ ଏକ ଗ୍ରାମର ମାନସ ଦୁବେ(୨୫) ପାଖ ଗ୍ରାମର ଜଣେ ନାବାଳିକାଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାରୁ ୪ ମାସ ତଳେ ମାନସ ନାବାଳିକାଙ୍କୁ ରାଜ୍ୟ ବାହାରକୁ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନାବାଳିକାଙ୍କ ପରିବାର ସେତେବେଳେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ଫାଣ୍ଡି ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ଗତ ୨୫ ତାରିଖରେ ମାନସ ନାବାଳିକାଙ୍କୁ ତାଙ୍କ ଗ୍ରାମରେ ଛାଡ଼ି ପଳାଇଥିଲେ। ପରେ ୨୮ ତାରିଖରେ ନାବାଳିକାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ଘଟଣା ପରେ ନାବାଳିକାଙ୍କ ପରିବାର ପୁଣି ଥରେ ଫାଣ୍ଡିରେ ମାନସଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଧରିବା ଭୟରେ ମାନସ ଫେରାର ଥିବା ଜଣାପଡ଼ିଛି।

### ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ ଅଫିସ, ୮।୫: ପୁରୀ ସମୁଦ୍ରରେ ବୁଡ଼ିଯାଉଥିବାବେଳେ ସୋମବାର ଜଣେ ପର୍ଯ୍ୟଟକଙ୍କୁ ଲାଇଫ୍ ଗାର୍ଡମାନେ ଉଦ୍ଧାର କରିଛନ୍ତି। ସେ ତାଙ୍କର କେତେଜଣ ସାଙ୍ଗଙ୍କ ସହ ସମୁଦ୍ରରେ ସ୍ନାନ କରୁଥିଲେ। ଏକ ବଡ଼ ଲହଡ଼ି ଆସିବାରୁ ସେଥିରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଲୋକଙ୍କ ଡାକ ଶୁଣି ଲାଇଫ୍ ଗାର୍ଡମାନେ ତାଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ପର୍ଯ୍ୟଟକଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି।

### ଶୃଙ୍ଖଳା, ସଦ୍‌ଭାବନାର ଶିକ୍ଷା ଦିଏ କ୍ରୀଡ଼ା

ପୁରୀ ଅଫିସ, ୮।୫: ଗତ ମାସ ୨୪ ତାରିଖରୁ ପୁରୀ ଦିଗବାରେଣୀସ୍ଥିତ ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦଠାରେ ଚାଲିଥିବା ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ପ୍ରଶିକ୍ଷିତ ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କ୍ରୀଡ଼ା ଶୃଙ୍ଖଳା, ଭାଇଚାରା ଓ ପାରସ୍ପରିକ ସଦ୍‌ଭାବନାର ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ କହିବା ସହ ପିଲାମାନେ ଏହି ପ୍ରଶିକ୍ଷଣକୁ ନିୟମିତ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିଷଦ ସମ୍ପାଦକ ସତ୍ୟ ନାରାୟଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପ୍ରଶିକ୍ଷକ ହରେକୃଷ୍ଣ ସିଂହାରୀ, ସୌମ୍ୟରଞ୍ଜନ ଖୁଣ୍ଟିଆ, ଗଣେଶ୍ୱର ମହାପାତ୍ର ଏବଂ ବରିଷ୍ଠ କ୍ରୀଡ଼ାବିତ୍ ହରିବଲ୍ଲଭ ସିଂହାରୀ ପ୍ରଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଚାରୀ ସୌମ୍ୟ ରଞ୍ଜନ ପୂଜାରୀ ଓ ଦିବାକର ପଟ୍ଟନାୟକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ପିଲାଙ୍କୁ ସ୍ୱପ୍ନ ଦେଖିବାକୁ ଦିଅ: ରାଜ୍ୟପାଳ

**କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ୭୫ତମ ପୂର୍ତ୍ତି ଉତ୍ସବର ଦ୍ୱିତୀୟ ଦିନ**



ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ଏବଂ ଅନ୍ୟ ଅତିଥିମାନେ ।

କଣାସ/ଡେଲାଙ୍ଗ, ୮।୫(ସ୍ୱ.ପ୍ର./ଡେଲାଙ୍ଗ):

ଏ ମାଟି ଭୋଗର ନୁହେଁ ତ୍ୟାଗର। ଶ୍ରୀଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗନ୍ନାଥ ସଂସ୍କୃତି ଯୋଗୁ ଓଡ଼ିଶା ଆଜି ବିଶ୍ୱ ବିଦିତ। ଓଡ଼ିଶା ରାଜ୍ୟ ସଂସ୍କୃତି ଓ ପରମ୍ପରାରେ ଶ୍ରେଷ୍ଠ। ହେଲେ ପିଲାମାନେ ଏବେ ସତ୍ୟର ସନ୍ଧାନକୁ ଭୁଲି ଯାଇଛନ୍ତି। ଶିକ୍ଷକମାନେ ପିଲାମାନଙ୍କୁ ନିଯୁକ୍ତି ଭିତ୍ତିକ ଶିକ୍ଷା ଦେଇ ସେମାନଙ୍କୁ ନଷ୍ଟ କରିଦେଉଛନ୍ତି। ସତ୍ୟର ସନ୍ଧାନ କିପରି କରିବେ ସେଥିପାଇଁ ପିଲାମାନଙ୍କୁ ମାର୍ଗ ଦେଖାଇବା ଉଚିତ। ପିଲାମାନଙ୍କୁ ଦିନରେ ସ୍ୱପ୍ନ ଦେଖିବାକୁ ଦିଅ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରୀ ଜିଲା କଣାସ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଦ୍ୱିତୀୟ ଦିନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଆହୁରି ସେ କହିଛନ୍ତି, ବକୁଳବନର ପଞ୍ଚସଖାଙ୍କ ଶିକ୍ଷାଦାନକୁ ମନେପକାଇ ଗୋପବନ୍ଧୁଙ୍କ ମହନତା ଓ ତ୍ୟାଗର ପ୍ରଶଂସା କରିଥିଲେ। କୋହିନୂର ହୀରାକୁ ବିଦେଶୀ ଶକ୍ତି ନେଇଯାଇଛନ୍ତି। କିନ୍ତୁ ଗୋପବନ୍ଧୁ କୋହିନୂର ହୀରାଠୁ ଅଧିକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ପ୍ରଥମେ ରାଜ୍ୟପାଳ ପହଞ୍ଚି ବିଦ୍ୟାଳୟ ପରିସରକୁ ଯାଇ ୭୫ବର୍ଷ ପୂର୍ତ୍ତି ସ୍ମାରକୀର ଅନାବରଣ ଓ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଆଲୁମ୍ନି ଟ୍ରଷ୍ଟର ସଭାପତି ମହେଶ୍ୱର ମାଥା ଏବଂ ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜୟ ଛୁଆଲସିଂଙ୍କ ଦ୍ୱାରା ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତି ଲେଖିଥିବା ପୁସ୍ତକଟିକୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ସଭାରେ ଅନ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ଆଲମିନ୍ ଟ୍ରଷ୍ଟର ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ଯୋଗଦେଇ ବିଦ୍ୟାଳୟର ଗାରିମା ବିଷୟରେ କହିଥିଲେ। ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡା, ଐତିହାସିକ ଫକୀର ମୋହନ ହରିଚନ୍ଦନ, ସ୍ୱର୍ଗତ ମହନ୍ତ ବନମାଳୀ ଦାସ, କେଶବ ଚନ୍ଦ୍ର ବଳିୟାରସିଂହ, ଶରତ ଚନ୍ଦ୍ର ଜୟସିଂହଙ୍କୁ ମରଣୋତ୍ତର ସମ୍ବର୍ଦ୍ଧିତ ସହ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମାରୋହର ସ୍ମରଣିକା 'ଦୟା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆକାଶବାଣୀର ଘୋଷିକା ବର୍ଷା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅପରପକ୍ଷେ ରାଜ୍ୟପାଳଙ୍କ ଭାଷଣ ସମୟରେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ର ହର୍ଷରାଜ ପଲାଇ ଅଚେତ ହୋଇପଡିଥିଲେ।

# ଫାଇବର ମୂର୍ତ୍ତି ଗୋଦାମରେ ଅଗ୍ନିକାଣ୍ଡ

**ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଗଲା**

ପୁରୀ ଅଫିସ, ୮।୫:

ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ଫାଇବର ଖଡ଼ିମୂର୍ତ୍ତିଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ମାଟିତୋଟା ରୋଡ଼ ଗୋଖା ସାହି ଛକ ନିକଟ ପ୍ରାଇମେରୀ ସ୍କୁଲ ପାଖରେ ନାରାୟଣ ଜେନାଙ୍କ ଘରେ ଭଡ଼ାରେ ଉମାଶଙ୍କର ହ୍ୟାଣ୍ଡିକ୍ରାଫ୍ଟ ସେଣ୍ଟର ଖୋଲି ଫାଇବର ମୂର୍ତ୍ତି ନିର୍ମାଣ କରୁଥିଲେ। ସୋମବାର କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ବିଦ୍ୟୁତ ଚାଲିଯାଇଥିଲା। କିଛି ସମୟ ପରେ ବିଦ୍ୟୁତ ଆସିଥିଲା। ତେବେ ଏହିସମୟରେ ହଠାତ୍ ଗୋଦାମରେ ନିଆଁ ଲାଗିଯାଇଥିଲା। ଫଳରେ ଜୀବନ ବଞ୍ଚାଇବାକୁ ଲୋକମାନେ ସେଠାରୁ ଦୌଡ଼ି ବାହାରକୁ ପଳାଇଥିଲେ। ନିଆଁରେ ଅନେକ ଫାଇବର ମୂର୍ତ୍ତି ଏବଂ ଆସବାବପତ୍ର ପୋଡ଼ିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।



# ମେଡିକାଲରେ ୧୫ ମିନିଟ୍ ଧରି ଅନ୍ଧାରରେ ରୋଗୀ



ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ କାଟ ଯୋଗୁ ରୋଗୀମାନେ ଅନ୍ଧାରରେ ରହିଛନ୍ତି ।

ପୁରୀ ଅଫିସ,୮।୫

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଏକ ପ୍ରମୁଖ ତଥା ଉତ୍ତମମାନର ମେଡିକାଲ ଭାବରେ ବିବେଚନା କରାଯାଉଥିବା ବେଳେ ବାସ୍ତବରେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ମେଡିକାଲରେ ରୋଗୀମାନଙ୍କୁ ଠିକ୍ ଭାବରେ ଚିକିତ୍ସା ମିଳୁ ନଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେବେ ପୁରୀ ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥାର ଏକ ଜ୍ୱଳନ୍ତ ଉଦାହରଣ ସୋମବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ରୋଗୀମାନେ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ହଠାତ୍ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ କଟିଯାଇଥିଲା। ଫଳରେ ରୋଗୀମାନେ ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ଅନ୍ଧାରରେ ଯନ୍ତ୍ରଣାରେ ରହିଥିଲେ। ଏପରିକି ସେହି ଅନ୍ଧାର ଭିତରେ ନର୍ସମାନେ ଅପେକ୍ଷା ନ କରି କାର୍ଯ୍ୟ କରିଥିଲେ। ମେଡିକାଲରେ ଜେନେରେଟର ଥାଇ ମଧ୍ୟ ଦୀର୍ଘ ୧୫ ମିନିଟ୍ ଧରି ରୋଗୀମାନେ ଅନ୍ଧାର ଗରମରେ ଛଟପଟ ହୋଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ରୋଗୀମାନଙ୍କର ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିବା ସହ କିଛି ସମୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

# ରେଡ୍‌କ୍ରସ୍ ସେବା ଅଧିକ ପରିବ୍ୟାପ୍ତ କରିବାକୁ ଆହ୍ୱାନ



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅନ୍ୟମାନେ ।

ପୁରୀ ଅଫିସ, ୮।୫:

ରେଡ୍‌କ୍ରସ୍ ବିଶ୍ୱର ସର୍ବବୃହତ ମାନବ ସେବାକାରୀ ଅନୁଷ୍ଠାନ। ଏହା ଯୁଦ୍ଧକ୍ଷେତ୍ରରେ ମଧ୍ୟ ଭେଦଭାବ ନ ରଖି ସେବା ଦେଇଥାଏ। ପୁରୀ ଜିଲା ରେଡକ୍ରସ ଶାଖା ସେହିପରି ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଏବଂ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଆହ୍ୱାନ ଦେଇଛନ୍ତି। ସୋମବାର ବିଶ୍ୱ ରେଡ୍‌କ୍ରସ ଦିବସ ଅବସରରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରପ୍ରାପ୍ତ ଜିଲାପାଳ ସାହୁ ରେଡ୍‌କ୍ରସ୍ ପତାକାକୁ ଉତ୍ତୋଳନ କରିବା ସହ ଆଗାମୀ ରଥଯାତ୍ରାରେ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ଉତ୍କୃଷ୍ଟ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ, ନୀଳାଦ୍ରି ନୀଳୟ, ଚନ୍ଦନ ହଜୁରୀ ଶିଶୁ କେନ୍ଦ୍ର, କମଳାଦେବୀ ମାତୃ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ନୂତନ ରେଡକ୍ରସ ଭବନ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲାପାଳ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଗୋପ ବିଡିଓ ଦିପ୍ତିରାଣୀ ସାହୁ, ସତ୍ୟବାଦୀ ବିଡିଓ ଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ବିରଜା ଶଙ୍କର ରଥ, ଗୋପବନ୍ଧୁ ଆୟୁର୍ବେଦ କଲେଜର ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା, ରେଡକ୍ରସ ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର, ସଦସ୍ୟ ଶ୍ୟାମପ୍ରକାଶ ସେନାପତି, ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ମଧୁଆଚାର୍ଯ୍ୟ ମେମୋରିଆଲ ଟ୍ରଷ୍ଟର ଜ୍ଞାନକୌଶଳ ପ୍ରଶିକ୍ଷଣ କର୍ମଶାଳା

ନିମାପଡ଼ା,୮।୫(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅଧୀନ ଅଣ୍ଡିଆ ସାହିଠାରେ ମଧୁଆଚାର୍ଯ୍ୟ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଛତୁଚାଷ ସମ୍ପର୍କିତ ଏକ ଜ୍ଞାନକୌଶଳ ପ୍ରଶିକ୍ଷଣ କର୍ମଶାଳା ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଟ୍ରଷ୍ଟ ମାର୍ଗଦର୍ଶକ ପଣ୍ଡିତ ରବିନାରାୟଣ ଆଚାର୍ଯ୍ୟ, ଉଦ୍ୟାନ ବିଭାଗର ସମ୍ପ୍ରସାରଣ କର୍ମଚାରୀ ଶିଲ୍‌ଭା ନାୟକ, ଛତୁ ଉତ୍ପାଦନକାରୀ ମହାସଂଘର ରାଜ୍ୟ ଉପସଭାପତି ସନ୍ତୋଷ ମିଶ୍ର, ଟ୍ରଷ୍ଟ କୋଷାଧ୍ୟକ୍ଷ, ଅନୁଷ୍ଠାନର ତଥା କାର୍ଯ୍ୟକ୍ରମର ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଛତୁଚାଷ ଜରିଆରେ ବେକାର ଯୁବତୀ ଯୁବକ ଛତୁ ଚାଷୀ କିଭଳି ଅଧିକ ଉତ୍ପାଦନ କରି ଲାଭବାନ ହୋଇପାରିବେ, ବେକାର ବ୍ୟକ୍ତି କିଭଳି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ଏ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉଦ୍ୟାନ ବିଭାଗ ସମ୍ପ୍ରସାରଣ କର୍ମଚାରୀ ନାୟକ ସରକାରଙ୍କ ଏ ଦିଗରେ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। ଶିବିରରେ ନିମାପଡ଼ା ବ୍ଲକର ୧୨ଟି ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଛତୁଚାଷୀ ଯୋଗ ଦେଇଥିଲେ। ସମାରୋହରେ ଟ୍ରଷ୍ଟର ସଦସ୍ୟ ସଞ୍ଜୟ ବାରିକ, ରଞ୍ଜନ ନାୟକ, ରଞ୍ଜନ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଭୀମସେନ ଦାସ, ବିଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଓ କର୍ମଶାଳା ସଂଯୋଜନା ଓ ପରିଚାଳନା କରିଥିଲେ।

# ୩ ମାସ ଧରି ରାଶନ ସାମଗ୍ରୀ ମିଳିନି



ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ସାକ୍ଷୀଗୋପାଳ,୮।୫(ସ୍ୱ.ପ୍ର./ଡି.ଏନ୍.ଏ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ପଞ୍ଚାୟତର ୨, ୩, ୪, ୫ନଂ. ୱାର୍ଡରେ ଶତାଧିକ ରାଶନକାର୍ଡ ହିତାଧିକାରୀ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସର ଚାଉଳ ଏପର୍ଯ୍ୟନ୍ତ ପାଇ ନାହାନ୍ତି । ଆଉ କିଛି ହିତାଧିକାରୀ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ମାସର ଚାଉଳ ପାଇ ନ ଥିବାରୁ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ସୋମବାର ସତ୍ୟବାଦୀ ବିଡିଓ ଲୋଚନ ଦାସଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ରାଶନ ସାମଗ୍ରୀ ଦେଉଥିବା ଡିଲର କିଛି ଦିନ ତଳୁ କାର୍ଯ୍ୟରୁ ଅନ୍ତର ନେଇଥିବା ବିଡିଓ ହିତାଧିକାରୀଙ୍କୁ କହିଥିବାବେଳେ ହିତାଧିକାରୀଙ୍କ ଅଭିଯୋଗକୁ ତଦନ୍ତ କରି ଆସନ୍ତା ୧ ସପ୍ତାହ ମଧ୍ୟରେ ରାଶନ ସାମଗ୍ରୀ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଗୋଳବାଇରେ ଦନ୍ତା ଆତଙ୍କ, ଭୟରେ ଗ୍ରାମବାସୀ

ନିରାକାରପୁର,୮।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ଗୋଳବାଇ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ହାତୀ ସ୍ଥାନୀୟ ଜଙ୍ଗଲରେ ବୁଲୁଛି। ଏହା ଗ୍ରାମବାସୀ ଦେଖିବା ପରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଉକ୍ତ ହାତୀଟି ଦୁଇଦିନ ହେଲା ଖାଦ୍ୟ ଅନ୍ୱେଷଣରେ ଆସି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହୋଇ ଜମିରେ ପନିପରିବା ନଷ୍ଟ କରୁଥିବା ଗ୍ରାମବାସୀ କହିଛନ୍ତି। ଅସହ୍ୟ ଗୁଲୁଗୁଲି ଯୋଗୁ ହାତୀଟି ଜଙ୍ଗଲ ମଧ୍ୟରେ ନ ରହି ପ୍ରାୟ ଗାଁ ମୁହାଁ ହେଉଛି। ପ୍ରଚଣ୍ଡ ଖରା ଯୋଗୁ ଦିନବେଳେ ଗ୍ରାମର ରାସ୍ତା ଘାଟ ଶୂନଶାନ ହୋଇପଡୁଥିବା ବେଳେ ହାତୀ ଭୟରେ ସନ୍ଧ୍ୟାରେ ତାଟିକବାଟ ପଡୁଥିବା ଦେଖିବାକୁ ମିଳିଛି। ଖବରପାଇ ସ୍ଥାନୀୟ ବନ ବିଭାଗର କର୍ମଚାରୀ ଆସି ହାତୀଟି ଉପରେ ନଜର ରଖିଛନ୍ତି।

# ମୁକୁଳା ପଡ଼ିଛି ଡ୍ରେନ, ସ୍ଲାବ ପକାଇବାକୁ ଦାବି

ପୁରୀ ଅଫିସ,୮।୫

ଆଗକୁ ମହାପ୍ରଭୁଙ୍କ ଘୋଷଯାତ୍ରା ଥିବାବେଳେ ପୁରୀ ସହରକୁ ରାଜ୍ୟ ତଥା ରାଜ୍ୟ ବାହାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ପ୍ରଦାନ କରାଯାଉଛି। ଏପରିକି ଘନଘନ ବୈଠକ କରାଯାଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ମାତ୍ର ବାସ୍ତବରେ ପ୍ରଶାସନର କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହର ଜ୍ୱଳନ୍ତ ଉଦାହରଣ ସୋମବାର ଦେଖିବାକୁ ମିଳିଛି। ପୁରୀ ପୌରସଂସ୍ଥା ଅନ୍ତର୍ଗତ ୩୦ -୩୧ ନମ୍ବର ୱାର୍ଡର ମାରୁତି ନଗରରେ ଅନେକ ଡ୍ରେନ ମୁକୁଳା ପଡିଛି। ନିର୍ମାଣ ଅସମ୍ପୂର୍ଣ୍ଣ କାରଣରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ପାଣି ଜମିବା ଫଳରେ ସାହି ବାସିନ୍ଦା ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଡ୍ରେନଗୁଡ଼ିକରେ ପ୍ରଶାସନ ପକ୍ଷରୁ ସ୍ଲାବ ପକାଯାଉନାହିଁ । ଫଳରେ ବାସିନ୍ଦାମାନେ ନାନା ସମସ୍ୟା ଭୋଗୁଛନ୍ତି। ଏ ନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଡ୍ରେନରେ ପାଣି ଜମା ରହିବା ଓ ସ୍ଲାବ ପଡୁ ନଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏପରିକି ଗୋରୁମାନେ ଉକ୍ତ ଡ୍ରେନରେ ପଡି ଆଘାତପ୍ରାପ୍ତ ହେଉଥିବା ବେଳେ ମୃତ୍ୟୁର ମଧ୍ୟ ଶିକାର ହେଉଛନ୍ତି। ତେବେ ରବିବାର ରାତିରେ ଏକ ଷଣ୍ଢ ଡ୍ରେନରେ ପଡି ମୃତ୍ୟୁବରଣ କରିଛି। ଯାହାକୁ ନେଇ ସାହିବାସିନ୍ଦା ଦୁଃଖ ପ୍ରକାଶ କରିବା ସହ ପ୍ରଶାସନର ଅପାରଗତାକୁ ଦାୟୀ କରିଛନ୍ତି। ତେଣୁ ପ୍ରଶାସନ ତୁରନ୍ତ କାର୍ଯ୍ୟ କରିବା ସହ ସ୍ଲାବ୍ ପକାଇବା ପାଇଁ ଦାବି କରିଛନ୍ତି।



# ୩୦ରୁ ଜାତୀୟ କୃଷିମେଳା, ଲୋକମେଳା

**୫ଦିନ ଚାଲିବ, ଭାଗନେବେ ୪ ଶହ କଳାକାର**

ପୁରୀ ଅଫିସ, ୮।୫:

ଚଳିତ ମାସ ୩୦ରୁ ଜୁନ ୩ତାରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲିଠାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୧୪ତମ କୃଷିମେଳା ଓ ୨୧ତମ ଜାତୀୟ ଲୋକମେଳା ଆୟୋଜନ ହେବ। ଏହି ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ୩ଶହ କଳାକାର ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଶହେ ଜଣ କଳାକାର ଯୋଗଦେବେ। ପାଞ୍ଚଦିନ ବ୍ୟାପୀ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଭିନ୍ନ ଷ୍ଟଲ ଖୋଲାଯିବ। ଜିଲା ପ୍ରଶାସନର ମିଳିତ ସହଯୋଗରେ ଶୃଙ୍ଖଳିତ ଭାବେ ମେଳା ପରିଚାଳନା ଓ ଆୟୋଜନ କରାଯିବ ବୋଲି ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଏ ନେଇ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ପ୍ରଫେସର ହରେକୃଷ୍ଣ ଶତପଥିଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ସଞ୍ଚାଳନରେ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଟି ଡିଏସ୍‌ପି କେ. କେ. ହରିପ୍ରସାଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୋଲିସ, ବିଦ୍ୟୁତ, ଜଳଯୋଗାଣ, ଶ୍ରୀମନ୍ଦିର ପ୍ରଶାସନ, ଅଗ୍ନିଶମ, ୱାଟ୍‌କୋ, ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପ୍ରାଣୀସମ୍ପଦ, ସ୍ୱାସ୍ଥ୍ୟ, ପରିବହନ, କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁପାଳନ, ପଶୁସମ୍ପଦ, ସଂସ୍କୃତି, ଶିଳ୍ପ ବିକାଶ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, କ୍ରୀଡ଼ା ବିଭାଗ ସମେତ ରେଲୱେ ଏବଂ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉତ୍ସବ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ହେକ୍ଟର ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ବିଶ୍ୱନାଥ ମିଶ୍ର, ବିଦ୍ରୋହ ସିଂ, ସଂଗ୍ରାମ କାନୁନଗୋ, ଭରତ ନାୟକ, ଶ୍ୟାମପ୍ରକାଶ ସେନାପତି ଏବଂ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅଧିକାରୀ ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ରଶିଳ୍ପୀ ଦୀନନାଥ ପାଠୀଙ୍କ ୮୧ତମ ଜୟନ୍ତୀ, ବିକେ ଆର୍ଟ କଲେଜସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ବିକ୍ଷୋଭ, ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ, ରମାଦେବୀ କଲେଜ ପାଖ, ପୂର୍ବାହ୍ନ ୧୧ଟା।
- ଦି ଇଣ୍ଟରନ୍ୟାଶନାଲ ଫୋରମ ଫର ଏନଭାଇରନମେଣ୍ଟ ସସ୍‌ଷ୍ଟେନାବିଲିଟି ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ଆଲୋଚନାଚକ୍ର, ଦି ପ୍ରେସିଡେନ୍ସି, ପୂର୍ବାହ୍ନ ୧୧ଟା।
- ମାସିକ ମହିଳା ପତ୍ରିକା ସୁଧନ୍ୟାର ୩୭ତମ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୧୬୨ତମ ରବୀନ୍ଦ୍ର ଜୟନ୍ତୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନର ଦ୍ୱିତୀୟ ସନ୍ଧ୍ୟା, ମା' ଶ୍ରୀଦୁର୍ଗା ଦେବୀ ମଣ୍ଡପ, ସେକ୍ଟର-୯, ସିଡିଏ, ସନ୍ଧ୍ୟା ୬ଟା ୩୦।

ବଡ଼ମ୍ବା

- ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ମାଣିଆବନ୍ଧ ସାହି, ସକାଳ ୭ଟା।
- ୫ ଦିନିଆ ବଡ଼ମ୍ବା ଚନ୍ଦନ ମହୋତ୍ସବ ଶୁଭାରମ୍ଭ, ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ଟେନିସ ପଡ଼ିଆ, ସନ୍ଧ୍ୟା ୭ଟା।

# ଥାନାରେ ଅଭିଯୋଗକାରୀଙ୍କୁ ମାଡ଼

- ଏସ୍‌ପି, ଡିଜିପିଙ୍କୁ ଅଭିଯୋଗ ଜଣାଇଲେ ଆହତଙ୍କ ସ୍ତ୍ରୀ
- ଅଭିଯୋଗ ଭିତ୍ତିହୀନ କହିଲା ପୋଲିସ

ବଳଙ୍ଗା,୮।୫(ଡି.ଏନ୍.ଏ.)

ପୁରୀ ଜିଲା ବଳଙ୍ଗା ଥାନାରେ ଗତ ଦୁଇଦିନ ତଳେ ଅଭିଯୋଗ କରିବାକୁ ଯାଇଥିବା ଜଣେ ଅଭିଯୋଗକାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗକାରୀଙ୍କ ସ୍ତ୍ରୀ ସୋମବାର ନ୍ୟାୟ ପାଇଁ ଘଟଣା ସମ୍ପର୍କରେ ଏସ୍‌ପି ଓ ଡିଜିପିଙ୍କୁ ଚିଠି ଲେଖି ଜଣାଇଛନ୍ତି। ହେଲେ ଏଭଳି ଅଭିଯୋଗକୁ ବଳଙ୍ଗା ଥାନା ପକ୍ଷରୁ ଖଣ୍ଡନ କରାଯାଇଛି। ସୂଚନା ଅନୁଯାୟୀ, ବଳଙ୍ଗା ଥାନା ନିକଟସ୍ଥ ଅଲଣ୍ଡାପଡା ଗ୍ରାମର ନୃସିଂହ ମଲ୍ଲିକଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଦେଢଶୁର ପବିତ୍ର ମଲ୍ଲିକଙ୍କ ସହିତ ଜାଗାବାଡିକୁ ନେଇ ବିବାଦ ଲାଗିରହିଥିବା ବେଳେ ଏ ସମ୍ପର୍କରେ କୋର୍ଟରେ କେସ୍ ରହିଛି। ଗତ ୫ ତାରିଖ ଦିନ ଦେଢଶୁର ପବିତ୍ର ସାନଭାଇ ନୃସିଂହଙ୍କ ଜାଗାକୁ ମଡାଇ ଘର କରୁଥିବା ଘଟଣା ସମ୍ପର୍କରେ ପରଦିନ ନୃସିଂହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜମିବାଡ଼ି ମାମଲା ନ ବୁଝିପାରିବାରୁ ନୃସିଂହ କହିଥିଲେ ଗାଁକୁ ପୋଲିସ ଗାଡି ଗଲେ ଭୟରେ ପବିତ୍ର କାମ ବନ୍ଦ କରିଦେବ ବୋଲି ଅନୁରୋଧ କରିଥିଲେ। ଆମ ଜାଗାକୁ



ଡାକ୍ତରଖାନାରେ ଚିକିତ୍ସାଧୀନ ନୃସିଂହ ମଲ୍ଲିକ।

ମଡାଇ କାମ କରୁଛି, ପ୍ରତିବାଦ କଲେ ଆମ ନାମରେ ମିଥ୍ୟା ମାମଲା କରିଥିବା ନୃସିଂହ କହିଥିଲେ। ଏପରିକି ପୂର୍ବରୁ ଥିବା ଥାନାର ଜଣେ ମହିଳା ପୋଲିସଙ୍କୁ ଥାନାରୁ ବେଲ କରିଦେବ କହି ୫ ହଜାର ଟଙ୍କା ନେଇଥିବା କହିବାରେ ପୋଲିସ ପଦ୍ମାବତୀଙ୍କୁ ଥାନାରୁ ବାହାର କରିଦେଇ ନୃସିଂହଙ୍କୁ ଭିତରେ ରଖି ମାଡ଼ ମାରିଥିଲା। ଫଳରେ ସେ ଚେତା ହରାଇଥିଲେ। ପୋଲିସ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବଳଙ୍ଗା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ସାକ୍ଷୀଗୋପାଳ ଡାକ୍ତରଖାନା ନେଇଥିଲା। ରାତି ୨ଟାରେ ଚେତା ଫେରିବା ପରେ ବର୍ତ୍ତମାନ ଠିକ୍ ଭାବେ କଥା କହିପାରୁନାହାନ୍ତି ବୋଲି ପଦ୍ମାବତୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଥାନାର ଏସ୍‌ଆଇ କେଦାରଚନ୍ଦ୍ର ଦୋରା କୁହନ୍ତି, ନୃସିଂହଙ୍କୁ ମାଡ଼ ମାରିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ। ନୃସିଂହ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜାଗାବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିବା ବେଳେ ସେଦିନ ଭଦ୍ରଲୋକଙ୍କ ଉପସ୍ଥିତିରେ ଥାନାରେ ଉଭୟ ପକ୍ଷ ମଧ୍ୟରେ ସମାଧାନ ହୋଇ ଉଭୟ ଥାନାରେ ସମାଧାନ ପତ୍ର ଦାଖଲ କରିଥିଲେ। ହଠାତ୍ ନୃସିଂହ ତାଙ୍କ ଭାଇଙ୍କୁ ଥାନାରେ ଗାଳି କରିବା ସହ ପୂର୍ବରୁ କୁଆଡ଼େ ତାଙ୍କ ନାମରେ ମିଛ କେସ କରାଯାଇଥିଲା ଓ ଏଥିପାଇଁ ଜଣେ ମହିଳା ପୋଲିସଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଇ ବେଲ ହୋଇଥିବା କହି ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଗାଳି କରିଥିଲେ। ଫଳରେ ପୋଲିସ ନୃସିଂହଙ୍କୁ ଥାନାରେ ବସାଇଥିଲା। ପରେ ପଦ୍ମାବତୀ ସ୍ୱାମୀଙ୍କର ଉଚ୍ଚ ରକ୍ତଚାପ, ରୋଗ ଥିବା କହି ଛାଡିଦେବାକୁ ଅନୁରୋଧ କରିଥିଲେ। ପଦ୍ମାବତୀ ଥାନାରେ ଲିଖିତ ଭାବେ ଦେବାପରେ ନୃସିଂହଙ୍କୁ ଥାନାରୁ ଛଡାଯାଇଥିଲା। ତେବେ ନୃସିଂହ ଯିବାକୁ ବାହାରିବା ସମୟରେ ପିଇବା ପାଇଁ ପାଣି ମାଗିଥିଲେ। ପୋଲିସ କର୍ମଚାରୀ ତାଙ୍କୁ ପାଣି ପିଇବାକୁ ଦେବା ସମୟରେ ହଠାତ ନୃସିଂହ ତଳେ ପଡ଼ିଯିବାରୁ ଥାନାରେ ଥିବା ଜଣେ ବ୍ୟକ୍ତି ଧରିଥିଲେ। ସେହି ସମୟରେ ନୃସିଂହଙ୍କୁ ବାତ ମାରିବା ଆରମ୍ଭ ହେବାରେ ତତ୍କ୍ଷଣାତ ଚିକିତ୍ସା ନିମନ୍ତେ ମେଡିକାଲକୁ ନେବା ବ୍ୟବସ୍ଥା କରିଥିବାବେଳେ ସମସ୍ତ ଦୃଶ୍ୟ ମୋବାଇଲରେ ରେକର୍ଡ କରାଯାଇଥିବା ନେଇ ଏସ୍‌ଆଇ ଦୋରା ପ୍ରକାଶ କରିଛନ୍ତି।

## ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଲା ଚଳଚ୍ଚିତ୍ର 'ଅଦ୍ୱିତୀୟ'

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୫(ବ୍ୟୁରୋ): ଦକ୍ଷିଣ ଆଫ୍ରିକାର ମରିସସ୍‌ଠାରେରେ ଏପ୍ରିଲ ୨୯ରେ ଆୟୋଜିତ ଇଣ୍ଡିଆନ ଏସେନ ଫିଲ୍ମ ଫେଷ୍ଟିଭାଲରେ ୨ଟି ଶ୍ରେଣୀରେ ଓଡ଼ିଆ ଚଳଚ୍ଚିତ୍ର 'ଅଦ୍ୱିତୀୟ' ପୁରସ୍କାର ହାତେଇଛି। ଗଞ୍ଜାମ ଜିଲାର ହିଞ୍ଜିଳିକାଟୁର ନିତ୍ୟମ କଳା ଗବେଷଣା କେନ୍ଦ୍ର ଦ୍ୱାରା ଏହି ଚଳଚ୍ଚିତ୍ରଟି ନିର୍ମିତ ହୋଇଛି। ଓଡ଼ିଆ ଚଳଚ୍ଚିତ୍ରର ଏହି ସଫଳତା ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଫେଷ୍ଟିଭାଲରେ ୨ଟି ବର୍ଗ ଶ୍ରେଷ୍ଠ କ୍ଷୁଦ୍ର




ପ୍ରାମାଣିକ ଚଳଚ୍ଚିତ୍ର ଓ ଶ୍ରେଷ୍ଠ ଚଳଚ୍ଚିତ୍ର କାହାଣୀରେ ଚଳଚ୍ଚିତ୍ର 'ଅଦ୍ୱିତୀୟ' ପୁରସ୍କୃତ ହୋଇଛି। ଏଥିପାଇଁ କ୍ରିଷ୍ଣା ଡିକେ ଓ ସୀମାଞ୍ଚଳ ମହାରଣାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ସେମାନେ ଭବିଷ୍ୟତରେ ଚଳଚ୍ଚିତ୍ର ଦିଗରେ ସଫଳତା ଲାଭ କରନ୍ତୁ ବୋଲି ଲେଖିଛନ୍ତି। କୃଷ୍ଣ ଡି.କେଙ୍କ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରଟି ବାସ୍ତବ ଘଟଣା ଉପରେ ଆଧାରିତ। ପୋଲିସ ଚାହିଁଲେ କିଭଳି ଏକ ଅପରାଧସମ୍ପନ୍ନ ସହରକୁ ଅପରାଧମୁକ୍ତ କରିପାରିବ, ଅପରାଧୀଙ୍କୁ ଅପରାଧର କଳା ସାମ୍ରାଜ୍ୟରୁ ବାହାର କରି ସମ୍ମାନଜନକ ଜୀବନ ଅତିବାହିତ କରିବାରେ ସହାୟକ ହୋଇପାରିବ, ତାହା ଉପରେ ଚଳଚ୍ଚିତ୍ରଟି ଗତିଶୀଳ ହୋଇଛି। ଏହାର ବିଷୟବସ୍ତୁ ଆସ୍କା ଓ ଏହାର ଆଖପାଖ ଅଞ୍ଚଳକୁ ନେଇ ତିଆରି ହୋଇଛି। ଆସ୍କା ପୋଲିସ ଷ୍ଟେଶନର ଆଇଆଇସି ଲୋକଙ୍କ ବିଶ୍ୱାସଭାଜନ ହେବାରେ ସକ୍ଷମ ହେବା ସହ ଅପରାଧୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିଛନ୍ତି। ଏକ ଅପରାଧର ସହରକୁ ଅପରାଧ ନିୟନ୍ତ୍ରିତ ସହରରେ ପରିଣତ କରିଛନ୍ତି। ଚଳଚ୍ଚିତ୍ରରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ଗଞ୍ଜାମ ଜଗମୋହନ ମୀନାଙ୍କ ସହ ଆସ୍କା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏବଂ କର୍ମଚାରୀମାନେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଫିଲ୍ମର ସହକାରୀ ନିର୍ଦ୍ଦେଶକ ଭାର ତୁଲାଇଛନ୍ତି ରାମକୃଷ୍ଣ ସାହୁ। ସିନେମାଟୋଗ୍ରାଫିରେ ମୋହିତ ତ୍ରିପାଠୀଙ୍କ ଦକ୍ଷତା ଦେଖିବାକୁ ମିଳିଛି। ଏହାର ସମ୍ପାଦକ ଅଛନ୍ତି ଦେବାଶିଷ ମହାରାଣା।

# ନରୱେରେ ପ୍ରଦର୍ଶିତ ହେଲା ଓଡ଼ିଶାର କଳା, ସଂସ୍କୃତି



ଓସ୍ଲୋରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଅନୁଷ୍ଠିତ 'ଦ କଲର ଫେଷ୍ଟିଭାଲ'ରେ ଓଡ଼ିଆ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୮।୫(ବ୍ୟୁରୋ)

ନରୱେର ରାଜଧାନୀ ଓସ୍ଲୋରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା 'ଦ କଲର ଫେଷ୍ଟିଭାଲ'। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରବାସୀ ଭାରତୀୟମାନେ ନିଜ ରାଜ୍ୟର ଲୋକ କଳା ପ୍ରଦର୍ଶନ କରିଥିବାବେଳେ ଓଡିଆ ଝିଅମାନେ ବନ୍ଦେ ଉତ୍କଳ ଜନନୀ ଗୀତରେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ସେଠାରେ ଉପସ୍ଥିତ ଥିବା ୪ ହଜାରରୁ ଅଧିକ ଦର୍ଶକ ବେଶ ପସନ୍ଦ କରିଥିଲେ। ବିଦେଶ ମାଟିରେ ନିଜ ରାଜ୍ୟର ନୃତ୍ୟ ପରିବେଷଣ କରି ବେଶ୍ ଗର୍ବ ଅନୁଭବ କରିଥିଲେ ସମସ୍ତ ଓଡିଆ ନୃତ୍ୟଶିଳ୍ପୀ। ନୃତ୍ୟଶିଳ୍ପୀ ଶିବାନୀ ଶତପଥୀ, ପ୍ରିୟଙ୍କା ପରିଡା, ନିହାରିକା ମିଶ୍ର, ଅଭିପ୍ସା ପ୍ରଧାନ, ଶିବାନୀ ମିଶ୍ର, କ୍ରିଷ୍ଟା ସାଇ ପାତ୍ର, କନ୍ୟାକୁମାରୀ ନାୟକ, ସୋନାଲି ସାହୁ, ଶ୍ରୀବିଦ୍ୟା ମହାପାତ୍ର ପ୍ରମୁଖଙ୍କ ନୃତ୍ୟ ବେଶ୍ ଆକର୍ଷଣ ସାଜିଥିଲା। ଇଣ୍ଡୋନର୍ଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନରୱେର ପୂର୍ବତନ ପ୍ରଧାନମନ୍ତ୍ରୀ ଏରନା ସୋଲବେର୍ଗ ଯୋଗଦେଇଥିଲେ।

## ୧୨ରୁ ଅମ୍ରିତା ବିଶ୍ୱବିଦ୍ୟାପୀଠମ୍‌ରେ ସି-୨୦ ସମ୍ମିଳନୀ

ଭୁବନେଶ୍ୱର,୮।୫(ବ୍ୟୁରୋ)

ଅମ୍ରିତା ବିଶ୍ୱବିଦ୍ୟାପୀଠମ୍‌ରେ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ସି-୨୦ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। 'ଟେକ୍ନୋଲୋଜି ଆଣ୍ଡ୍ ସିକ୍ୟୁରିଟି ଫର୍ ୱାନ୍ ୱାର୍ଲ୍ଡ' ଶୀର୍ଷକ ଏହି ସମ୍ମିଳନୀରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆଲୋଚନାରେ ସାମିଲ ହେବେ। ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବ, ନ୍ୟାଶନାଲ ସାଇବର ସିକ୍ୟୁରିଟି କୋଅର୍ଡିନେଟର ଡ. ରାଜେଶ ପନ୍ତ, ମାତା ଅମ୍ରିତାନନ୍ଦମୟୀ ମଠ ଉପାଧକ୍ଷ ଅମ୍ରିତାସ୍ୱରୂପା ନନ୍ଦ ପୁରୀଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗଦେବେ। ଏହି ଅବସରରେ ସି-୨୦ର ଅଧକ୍ଷା ମାତା ଅମ୍ରିତାନନ୍ଦମୟୀ କହିଛନ୍ତି, ବିଶ୍ୱ ହେଉଛି ଏକ ଫୁଲ ସଦୃଶ। ପ୍ରତ୍ୟେକ ଦେଶ ସେହି ଫୁଲର ଗୋଟିଏ ଗୋଟିଏ ପାଖୁଡ଼ା। ପ୍ରତ୍ୟେକଟି ସକରାତ୍ମକ ପରିବର୍ତ୍ତନ ହିଁ ହେଉଛି ବାସ୍ତବ ଶିକ୍ଷା। ସମସ୍ତେ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହିତ ନିଜେ ନିଜକୁ ବୁଝିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସମ୍ମିଳନୀରେ ବିଭିନ୍ନ ଅନୁଷ୍ଠାନର ଶତାଧିକ ପ୍ରତିନିଧି ଯୋଗଦେଇ ଆଲୋଚନାରେ ସାମିଲ ହେବେ।

**ଆଉଜଣେ ଓଡ଼ିଆ କଳାକାରଙ୍କ ଜାତୀୟ ପରିଚୟ**

# ସଙ୍ଗୀତ ପର୍ଯ୍ୟବେକ୍ଷକ ସୌଗତ

ଭୁବନେଶ୍ୱର,୮।୫(ବ୍ୟୁରୋ)

ବହୁ ଓଡ଼ିଆ କଳାକାର ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିଛନ୍ତି। ଏବେ ଆଉଜଣେ ଓଡ଼ିଆ କଳାକାର ଜାତୀୟ ସ୍ତରରେ ଜଣେ ବିଶିଷ୍ଟ ସଙ୍ଗୀତ ପର୍ଯ୍ୟବେକ୍ଷକ ଭାବେ ନୂଆ ପରିଚୟ ହାସଲ କରିଛନ୍ତି। ସେ ହେଲେ ସୌଗତ ରାୟ ଚୌଧୁରୀ। ସଙ୍ଗୀତ କ୍ଷେତ୍ରରେ ନୂଆ ପିଲାଙ୍କୁ ସୁଯୋଗ ଦେବା ପାଇଁ ସେ ଜାତୀୟ ସ୍ତରରେ ଉଦ୍ୟମ ଚଳାଇଛନ୍ତି। ଏଥିସହ ସେ ମଧ୍ୟ ଓଡ଼ିଶାରେ ଏହି ଧାରା ଆରମ୍ଭ କରିବାକୁ ଯାଉଛନ୍ତି। ସଙ୍ଗୀତ କ୍ଷେତ୍ରରେ ତାଙ୍କର ଜାତୀୟ ତଥା ଅନ୍ତର୍ଜାତୀୟ ପରିଚୟ ରହିଛି। ସେ ଅନ୍ତର୍ଜାତୀୟ ଗାୟକ




ସୌଗତ ରାୟ ଚୌଧୁରୀ

ଆକି ସିଂ ଓ କମ୍ପୋଜର ରଙ୍ଗନଙ୍କ ସହ 'ମଟକ ମଟକ' ଗୀତରେ କାମ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ ରୁଚି ରଖିଥିବା ସୌଗତ ଦ୍ୱିତୀୟଥର ପାଇଁ ଆକିଙ୍କ ସହ କାମ କରିଥିବାବେଳେ ରଙ୍ଗନଙ୍କ ସହ ୫ମ ଥର ଲାଗି କାମ କରୁଛନ୍ତି। ସେ ସୁନିଧି ଚୌହାନ, ମୋହିତ ଚୌହାନ, ଆଶ କିଙ୍ଗ, ସଚେତ ଟାଣ୍ଡନଙ୍କ ଭଳି ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ସହ ମଧ୍ୟ ସଙ୍ଗୀତ ପର୍ଯ୍ୟବେକ୍ଷକ ଭାବେ କାମ କରି ସାରିଛନ୍ତି। ଯେଉଁମାନଙ୍କ ପାଖେ ପ୍ରତିଭା ଅଛି, ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ପହଞ୍ଚାଇବାରେ ସେ ସାହାଯ୍ୟ କରୁଛନ୍ତି।

ଦୀର୍ଘ ୧୦ବର୍ଷ ଧରି ସଙ୍ଗୀତ କ୍ଷେତ୍ରରେ ତାଙ୍କର ଏହି ଯାତ୍ରା ଜାରି ରହିଛି। ରେଡିଓ ଜକି ଭାବେ କ୍ୟାରିୟର ଆରମ୍ଭ କରିଥିବା ସୌଗତ ପରବର୍ତ୍ତୀ ସମୟରେ ଆଞ୍ଚଳିକ, ଜାତୀୟ ସ୍ତରରେ ହେଉଥିବା ବଡ଼ ବଡ଼ ଶୋ' ଯଥା ଟି ସିରିଜ୍, ସାରେଗାମା, ଜି ମ୍ୟୁଜିକ୍ ଶୋ' ହୋଷ୍ଟ କରିବା ସହ ବଲିଉଡ କଳାକାରଙ୍କ ସାକ୍ଷାତ୍‌କାର ନେଇଛନ୍ତି। କୋଭିଡ୍ ସମୟର ପ୍ରଥମ ଲକ୍‌ଡାଉନରେ ସେ ବଲିଉଡ୍ ସଙ୍ଗୀତ 'ହିର୍ ରାଞ୍ଝା'ରେ କାମ କରିଥିଲେ, ଯାହା ବହୁତ ହିଟ୍ ହୋଇଥିଲା। ସଙ୍ଗୀତ ଦୁନିଆର ଯାତ୍ରା ସମ୍ପର୍କରେ ସେ କୁହନ୍ତି, ଓଡ଼ିଶାରେ ମଧ୍ୟ ମୁଁ କାମ କରିଛି। କିନ୍ତୁ ଏଠାରେ ପ୍ରଫେଶନାଲିଜମ୍‌ର ଅଭାବ ରହିଛି। ବର୍ତ୍ତମାନ ଓଡ଼ିଶାରେ ଅନେକ ଯୁବ କଣ୍ଠଶିଳ୍ପୀ, କମ୍ପୋଜର କାମ କରି ପରିଚିତ ହେଉଛନ୍ତି। କିନ୍ତୁ ଓଡ଼ିଶାରୁ ବାହାରି ବାହାରେ ମଧ୍ୟ କାମ କରିବା ଆବଶ୍ୟକ, ଯେଉଁଥିରୁ ଅନେକ ଅଭିଜ୍ଞତା ମିଳିପାରିବ। ନିକଟରେ ହକି ବିଶ୍ୱକପ୍ ପାଇଁ ବାହାରୁ ଅନେକ କଣ୍ଠଶିଳ୍ପୀ ଓଡ଼ିଶା ଆସିଥିଲେ। ଆଗାମୀ ଦିନରେ ଓଡ଼ିଶା ସଙ୍ଗୀତ କ୍ଷେତ୍ରରେ ଏକ ହବ୍ ପାଲଟିବ ଓ ଏହି କ୍ଷେତ୍ରରେ ଅଧିକ ସୁଯୋଗ ମିଳିବ ବୋଲି ଆଶା ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପୁଷ୍ପମ



@ ସଞ୍ଚିତା



@ ଶ୍ରୀନିବାସ



@ ଶାଶ୍ୱତ




@ ତାପସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଚନ୍ଦନ ଯାତ୍ରା ଅବସରରେ ସୋମବାର ପୁରୀର ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଚନ୍ଦନ ଚକଡ଼ା ମଞ୍ଚରେ ଆୟୋଜିତ ଭକ୍ତି ସଙ୍ଗୀତ ସମାରୋହରେ କଳାକାରଙ୍କ ନୃତ୍ୟାଭିନୟ ପରିବେଷଣ।






ଭାରତୀୟ ରେଡ୍‌କ୍ରସ ସୋସାଇଟିର ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ମୁଖ୍ୟ ଶାଖାଠାରେ ସୋମବାର ଅନୁଷ୍ଠିତ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଓ ରାସ୍ତା ପାର୍ଶ୍ୱରେ ଛାତ୍ରୀମାନେ ସଚେତନତାର ବାର୍ତ୍ତା ଦେଉଛନ୍ତି।

# ଦଳରେ ୯ ବିଧାୟକ, ୨୦ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଚିରଞ୍ଜୀବ



ସୂଚନାଭବନଠାରେ ସୋମବାର ଆୟୋଜିତ 'ଜାନକୀ ବାବୁ ଓ ବସନ୍ତବାବୁ ଯୋଡ଼ି- ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୁଗ' ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## କଂଗ୍ରେସରେ ପୁଣି ଖୋଲା ବିଦ୍ରୋହ

- ମୋକିମ୍‌ଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନେତା
- ଉପନିର୍ବାଚନ ପରେ ବସିଲେ ଆଲୋଚନା ହେବ: ପିସିସି ସଭାପତି

ଭୁବନେଶ୍ୱର, ୮।୫(ବ୍ୟୁରୋ)

କଂଗ୍ରେସରେ ପୁଣିଥରେ ନେତୃତ୍ୱକୁ ନେଇ ବରିଷ୍ଠ ନେତାମାନଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଇଛି। ବରିଷ୍ଠ ନେତାମାନେ ଖୋଲାଖୋଲି ଦଳର ରାଜ୍ୟ ନେତୃତ୍ୱକୁ କଟାକ୍ଷ କରିଛନ୍ତି। ଏଥିଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ଏଭଳି କରାଯାଇଛି। ଦୀର୍ଘଦିନ ହେବ କଂଗ୍ରେସର ବିଭିନ୍ନ ସାଙ୍ଗଠନିକ ହେଉ ବା ରାଜନୈତିକ କାର୍ଯ୍ୟକ୍ରମରେ ଦେଖା ଦେଉ ନ ଥିବା ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ଖୋଲାଖୋଲି ଦଳର ନେତୃତ୍ୱଙ୍କ ଆଡକୁ ଅଙ୍ଗୁଳି ଉଠାଇଛନ୍ତି। ନିକଟରେ ଘୋଷଣା କରାଯାଇଥିବା ପିସିସି କମିଟିର ତାଲିକା ପ୍ରକାଶ ପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ଦ୍ୱାରା ଆୟୋଜିତ 'ଜାନକୀ ବାବୁ ଓ ବସନ୍ତବାବୁ ଯୋଡ଼ି- ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୁଗ' ଆଲୋଚନାଚକ୍ରରେ ଯୋଗଦେଇ ଚିରଞ୍ଜୀବ କହିଛନ୍ତି, ଓଡ଼ିଶା ବିଧାନସଭାରେ କଂଗ୍ରେସରୁ ବର୍ତ୍ତମାନ ୯ ଜଣ ବିଧାୟକ ଥିବାବେଳେ ୨୦ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ଦିନକୁଦିନ ଏ ସଂଖ୍ୟା ବଢ଼ିବାରେ ଲାଗିଛି। ୧୯୮୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାରେ ଯେଉଁ କଂଗ୍ରେସ ନେତାମାନେ ଦଳ ପାଇଁ ଲଢ଼େଇ କରିଛନ୍ତି, ସେମାନଙ୍କୁ ଏକଜୁଟ୍ କରିବାର ସମୟ ଆସିଛି। ୧୯୭୭ରେ ଜରୁରିକାଳୀନ ପରିସ୍ଥିତି ପରେ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟରେ ହାରି ଯାଇଥିଲା। ସେହି ସମୟରେ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟର ବହୁ ନିର୍ବାଚନମଣ୍ଡଳୀରେ ବୁଲି ଅନେକ ଯୁବକଙ୍କୁ ରାଜନୀତିକୁ ଆଣିଥିଲେ, ଯାହାଫଳରେ ୧୯୮୦ରେ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀ ଓ ଓଡ଼ିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଆସିଥିଲା। ବହୁ ଯୁବକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ନିର୍ବାଚିତ ହୋଇ ବିଧାନସଭାକୁ ଆସିବା ସହ ମନ୍ତ୍ରୀ ମଧ୍ୟ ହୋଇଥିଲେ। ୧୯୮୦ରେ 'ହଜାରେ ଦିନରେ ହଜାରେ ଶିଳ୍ପ' ନାରା ଜାନକୀ ବାବୁ ଦେଇଥିଲେ। ଫଳରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଜଗତପୁର ଶିଳ୍ପାଞ୍ଚଳ, ଗୋଳାବାରୁଦ ଫ୍ୟାକ୍ଟ୍ରି ଓ ନାଲ୍‌କୋ ପରି ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ବହୁ ବୃହତ୍ ଜଳସେଚନ ପ୍ରକଳ୍ପ, ଓଭରବ୍ରିଜ୍ ଓ ରିଙ୍ଗ ରୋଡ୍ ନିର୍ମାଣ କରାଯାଇଥିଲା। ୨୦୦୦ରୁ ନବୀନ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଆସୁଛନ୍ତି। ଯେଉଁ ପିଲାମାନେ ୨୦୦୦ରେ ଜନ୍ମଗ୍ରହଣ କରିଥିଲେ, ସେମାନଙ୍କୁ ଏବେ ୨୩ ବର୍ଷ ହେଲାଣି। ସେମାନେ ନବୀନ ପଟ୍ଟନାୟକଙ୍କ ଛଡ଼ା ଆଉ କିଛି ଶୁଣୁ ନାହାନ୍ତି। ୧୯୭୭ରେ କଂଗ୍ରେସ ଯେଉଁଭଳି ପରିସ୍ଥିତିରେ ଥିଲା, ତା'ଠାରୁ ଆହୁରି ଖରାପ ପରିସ୍ଥିତିରେ ଏବେ ରହିଛି। କଂଗ୍ରେସର ବିଧାୟକଙ୍କ ସଂଖ୍ୟା କମିଯାଉଛି। ୧୯୯୦ରେ ୧୦ ଜଣ ବିଧାୟକ ଆସିଥିଲେ। ହେଲେ ଜାନକୀବାବୁ, ବସନ୍ତବାବୁ, ନିରଞ୍ଜନ ବାବୁ ଓ ଅନ୍ୟ ପୁରୁଖା ନେତାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ୧୯୯୫ରେ କଂଗ୍ରେସ ପୁଣିଥରେ ସରକାରକୁ ଆସିଥିଲା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ବର୍ତ୍ତମାନ ଓଡ଼ିଶା ବିଧାନସଭାରେ ୯ ଜଣ ବିଧାୟକ ଅଛନ୍ତି। ଆଗାମୀ ଦିନରେ କେତେ ରହିବେ, ତାହା କହିହେବ ନାହିଁ। ୯ରୁ ୯୦ ହେଉଛି ନା ୯୧ ହେଉଛି ଦେଖିବା। ଦିନକୁ ଦିନ ନମ୍ବର ବଢ଼ି ଚାଲିଛି। କଂଗ୍ରେସର ଆଉ ଲଢ଼ିବା ମନୋବୃତ୍ତି ନାହିଁ। ତେଣୁ ଯୁବଗୋଷ୍ଠୀ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇ ଆସୁନାହାନ୍ତି। ଯୁବକମାନଙ୍କୁ ଆକୃଷ୍ଟ କରିବାର ସମୟ ଆସିଛି। ଯେଉଁ ଯୁବକମାନେ କଂଗ୍ରେସରେ ଆକ୍ଟିଭ ହୋଇ ଅଛନ୍ତି, ସେମାନଙ୍କୁ ଠିକ୍ ଭାବେ ସୁଯୋଗ ଦିଆଯିବା ଆବଶ୍ୟକ। ମୋତେ ଏବେ ସନ୍ଦେହ ହେଉଛି, ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀ ପାଇଁ ଠିକ୍ ପ୍ରାର୍ଥୀ ମିଳିବେ କି ନାହିଁ। କଂଗ୍ରେସ ହାରିବ ବୋଲି ମୂଳରୁ ପ୍ରସ୍ତୁତ ହୋଇ ରହିଛି। ଆମ ଦଳର ଗୋଟିଏ ପୁରୁଣା ରୋଗ ଅଛି, ଯିଏ ପିସିସି ସଭାପତି ହେବ, ସିଏ କାହାକୁ ପଚାରିବ ନାହିଁ। ପିସିସି ସଭାପତି ନ ହେବା ପର୍ଯ୍ୟନ୍ତ ସବୁ ଠିକ୍, ହୋଇଗଲା ପରେ ବଦଳି ଯାଆନ୍ତି ବୋଲି ଚିରଞ୍ଜୀବ କହିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଦଳରେ ଠିକ୍ ଲୋକକୁ ଠିକ୍ ସୁଯୋଗ ମିଳୁନାହିଁ। ମୋକିମ୍ କହିଛନ୍ତି, ଦଳରେ ଯେତେବେଳେ କାନ କୁହା କଥା ଶୁଣିବା ବନ୍ଦ କରିଦେବେ ଦଳ ସଙ୍ଗଠିତ ହେବ। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏହା ତାଙ୍କ ଘରର କଥା। ସେଇଟା ଏକାଠି ବସି ଆଲୋଚନା କରାଯିବ। ଏବେ ଉପନିର୍ବାଚନ ସମୟ ଚାଲିଛି। ଏବେ ଝାରସୁଗୁଡା ଉପରେ ସମସ୍ତେ ଧ୍ୟାନ ଦେଇଛନ୍ତି। ଏହା ସରିଯିବା ପରେ କ'ଣ ହୋଇଛି ବୁଝିବୁ ବୋଲି ଶରତ କହିଛନ୍ତି।

# ଭାଜପା ନେତାଙ୍କୁ 'ଆନ୍ଧ୍ର ମଡେଲ' ମନେପକାଇଲା ବିଜେଡି

ଭୁବନେଶ୍ୱର,୮।୫(ବ୍ୟୁରୋ)

ଓଡ଼ିଶାରେ ତାମିଲନାଡୁ ମଡେଲ ଶାସନ ଚାଲିଛି ଟିପ୍ପଣୀକୁ ନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କୁ ବିଜେଡି କଟାକ୍ଷ କରିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତୁମ୍ଭନାଥ ପଣ୍ଡା କହିଛନ୍ତି, ଜୀବନରେ ୱାର୍ଡମେମ୍ବର ଜିତି ପାରିନଥିବା ଭାଜପାର କୁହାଳିଆ ନେତା ପୃଥ୍ୱୀରାଜ ହରିଚନ୍ଦନ ସବୁବେଳେ ଓଡ଼ିଶା ବିରୋଧୀ ବୟାନ ଦିଅନ୍ତି। ଓଡ଼ିଶାରେ କେଉଁ ମଡେଲ ଶାସନ ଚାଲିଛି, ସେ ବିଷୟରେ ବଡ଼ ବଡ଼ କଥା କହୁଥିବା ପୃଥ୍ୱୀରାଜ ବାବୁ ନିଶ୍ଚୟ ଭଲ ଭାବରେ ଜାଣିଥିବେ ଯେ ଗୋଟିଏ ଆନ୍ଧ୍ର ମଡେଲ୍ ମଧ୍ୟ ରହିଛି। ଯେଉଁ ମଡେଲରେ ଆନ୍ଧ୍ରପ୍ରଦେଶ ବିଧାନ ପରିଷଦର ସଦସ୍ୟ କରିଦେବା ପାଇଁ ଆଶାୟୀମାନଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ହୋଇଛି। ଶୁଣିବାକୁ ମିଳୁଛି, ଏହି କେଳେଙ୍କାରୀକୁ ନେଇ ଫୌଜଦାରି ମାମଲା ମଧ୍ୟ ହେବାକୁ ଯାଉଛି। ଏଥିରେ ସମ୍ପୃକ୍ତ ଲୋକ ଖୁବ୍‌ଶୀଘ୍ର ଗିରଫ ହେବାର ସମ୍ଭାବନା ରହିଛି। ଓଡ଼ିଶା ଭାଜପାର କାର୍ଯ୍ୟଶୈଳୀ ଦେଖି ଲାଗୁଛି, ବୋଧହୁଏ ତାଙ୍କ ଦଳର ରାଜ୍ୟ ସଙ୍ଗଠନରେ କେହି ବିଧାୟକ କିମ୍ବା ଏମ୍‌ପି ନାହାନ୍ତି, ଯିଏକି ରାଜନୈତିକ ପ୍ରସଙ୍ଗରେ ମନ୍ତବ୍ୟ ଦେଇପାରିବେ। ଅନ୍ୟପକ୍ଷରେ ମଣିପୁର ପ୍ରସଙ୍ଗରେ ବିଜେଡି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛି।

### ମଣିପୁର ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ

ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ, ମଣିପୁରରେ ସ୍ପର୍ଶକାତର ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ଓଡ଼ିଶାରେ କେନ୍ଦ୍ରମନ୍ତ୍ରୀ ରାଜନୀତି କରୁଛନ୍ତି। ଗୁରୁତର ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁ ସେଠାରେ ଫସିଥିବା ଅଧ୍ୟୟନରତ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଫେରାଇ ଆଣିଥିଲେ।

ସୂଚନାଯୋଗ୍ୟ, ମଣିପୁରରେ ଥିବା ଛାତ୍ରୀଛାତ୍ର ସୋସିଆଲ ମିଡିଆରେ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତୁରନ୍ତ ଏହି ଛାତ୍ରୀଛାତ୍ରଙ୍କୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଗଲା। ତେବେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବାକୁ ବିଜେଡି ବିଶ୍ୱାସ କରେ ନାହିଁ। ମଣିପୁର ପ୍ରସଙ୍ଗରେ ଧର୍ମେନ୍ଦ୍ର ପ୍ରଧାନ ଚୁପ୍ ରହିଛନ୍ତି। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାବାସୀଙ୍କ ସ୍ୱାର୍ଥ ଅପେକ୍ଷା ତାଙ୍କ ପାଇଁ ରାଜନୀତି ଅଧିକ ଗୁରୁତ୍ୱପୂର୍ଣ୍ଣ। ଧର୍ମେନ୍ଦ୍ର ଏବଂ ଓଡ଼ିଶା ଭାଜପାର କେତେକ ନେତା ଯେଭଳି ଓଡ଼ିଶାର ଲୋକଙ୍କୁ ବଦନାମ କରିବାରେ ସମର୍ଥନ କରୁଛନ୍ତି, ଏଥିପାଇଁ ସେମାନେ ଓଡ଼ିଶାବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ସାହୁ କହିଛନ୍ତି।

# ଆମେରିକୀୟ ରାଷ୍ଟ୍ରଦୂତଙ୍କୁ ଭେଟିଲେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ

ବେଜିଂ, ୮।୫: ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍ ସୋମବାର ବେଜିଂରେ ଆମେରିକୀୟ ରାଷ୍ଟ୍ରଦୂତ ନିକୋଲାସ ବର୍ନସ୍‌ଙ୍କୁ ଭେଟିଛନ୍ତି। ଦୁଇ ଦେଶର ସମ୍ପର୍କକୁ ସ୍ଥିର କରିବା ସକାଶେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଥିବା ବେଜିଂ କହିଛି। ଗତ ଫେବୃୟାରୀରେ ଆମେରିକା ଚାଇନାର ଗୋଇନ୍ଦା ବେଲୁନ୍ ନଷ୍ଟ କରିବା ପରେ ଏହା ଦୁଇ ଦେଶ ମଧ୍ୟରେ ପ୍ରଥମ ଆଲୋଚନା ବୈଠକ। ଏଅବସରରେ କିନ୍ କହିଛନ୍ତି, ଚାଇନା ଓ ଆମେରିକା ମଧ୍ୟରେ ହୋଇଥିବା ଏହି ବୈଠକର ବଡ଼ ମହତ୍ୱ ରହିଛି। ଗତବର୍ଷ ନଭେମ୍ବରରେ ଇଣ୍ଡୋନେସିଆ ବାଲିଠାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ ଭେଟିଥିଲେ। ଏହାକୁ ନେଇ ଆମେରିକା ପକ୍ଷରୁ କିଛି ଭୁଲ୍ କଥା ପ୍ରଚାର କରାଯିବା ଯୋଗୁ ଦୁଇ ଦେଶର ସମ୍ପର୍କ ଆଗକୁ ବଢ଼ିପାରୁ ନ ଥିଲା। ସୋମବାର କିନ୍ ୟୁରୋପରେ ଜର୍ମାନୀ ପ୍ରତିପକ୍ଷ ଆନେଲେନା ବାଇରବୋକ୍ ଏବଂ ଫ୍ରାନ୍ସ ରାଷ୍ଟ୍ରଦୂତ କାଥେରିନ୍ କୋଲୋନାଙ୍କୁ ଭେଟିଛନ୍ତି।



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍‌ଙ୍କ ସହ ଆମେରିକୀୟ ରାଷ୍ଟ୍ରଦୂତ ନିକୋଲାସ ବର୍ନସ୍।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ବିଏମ୍‌ଟିସି ବସ୍‌ରେ ଯାତ୍ରା କରିବା ପରେ ବେଙ୍ଗାଲୁରୁ ବସ୍ ଷ୍ଟପ୍‌ରେ ଯାତ୍ରୀମାନଙ୍କ ସହ ଫଟୋ ଉଠାଉଛନ୍ତି।

# ସୋନିଆଙ୍କ ବିରୋଧରେ ଏତଲା ଦାବି କଲା ଭାଜପା

### କର୍ନାଟକ ସାର୍ବଭୌମତ୍ୱ ମନ୍ତବ୍ୟ

### ଖାର୍ଗେଙ୍କୁ ସ୍ପଷ୍ଟୀକରଣ ମାଗିଲେ ଇସି

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୮।୫ (ପି.ଟି.)

କର୍ନାଟକ ପାଇଁ ସାର୍ବଭୌମତ୍ୱ ଶବ୍ଦ ବ୍ୟବହାର କରିଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭାଜପା କଡ଼ା ସମାଲୋଚନା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୋମବାର ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇଛି। କଂଗ୍ରେସର ସ୍ୱୀକୃତି ରଦ୍ଦ କରାଯିବା ସହ ସୋନିଆଙ୍କ ବିରୋଧରେ ଏତଲା ଦାଏର ପାଇଁ ଭାଜପା ଦାବି କରିଛି। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଇସିଙ୍କୁ ସ୍ମାରକପତ୍ର ଦେଇଥିଲେ। ଏନେଇ ନିର୍ବାଚନ କମିଶନ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନୋଟିସ ଜାରି କରି ସ୍ପଷ୍ଟୀକରଣ ମାଗିଛନ୍ତି।

କର୍ନାଟକ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଏହାର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଆହ୍ୱାନ ଦେବା ଅର୍ଥ ଉକ୍ତ ରାଜ୍ୟକୁ ଭାରତରୁ ଅଲଗା କରିବା ପାଇଁ ଆହ୍ୱାନ, ଯାହାର ପରିଣାମ ବିପଜ୍ଜନକ ବୋଲି ଭାଜପା କହିଛି। ଜନପ୍ରତିନିଧି ଆଇନ ଅନୁଯାୟୀ ଏଭଳି ଆହ୍ୱାନ ଦେଉଥିବା ଦଳର ସ୍ୱୀକୃତି ରଦ୍ଦ କରିବାକୁ ଭାଜପା ନେତା ତରୁଣ ଚୁଗ୍ କହିଛନ୍ତି। ଭାଜପା ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନିଲ ବାଲୁନି, ଓମ୍ ପାଠକ୍ ପ୍ରମୁଖ ରହିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୬.୫ କୋଟି କନ୍ନଡିଗାମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି। କର୍ନାଟକର ମର୍ଯ୍ୟାଦା, ସାର୍ବଭୌମତ୍ୱ କିମ୍ବା ସଂହତି ପ୍ରତି କେହି ବିପଦ ଆଣିବାକୁ ଦିଆଯିବ ନାହିଁ ବୋଲି ବିରୋଧୀ ଦଳ ଟୁଇଟ୍ କରିଥିଲା। ଭାଜପା ଏହାର ଅଭିଯୋଗରେ ଉକ୍ତ ଟୁଇଟ୍‌ର ଏକ ନକଲ ଦାଖଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏକ ସାଧାରଣ ସଭାରେ ଉକ୍ତ ପ୍ରସଙ୍ଗ ଉଠାଇ କଂଗ୍ରେସ ଉପରେ ଜୋର୍‌ଦାର ବସିଥିଲେ। ଟୁକ୍‌ଡେ-ଟୁକ୍‌ଡେ ଗ୍ୟାଙ୍ଗ ରୋଗୀ କଂଗ୍ରେସର ଶୀର୍ଷ ସ୍ତରରେ ପହଞ୍ଚିଥିବା ମୋଦି ଅଭିଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ଲାଗି ମହିଳାଙ୍କ ସମ୍ମାନ କେବଳ ପ୍ରଚାର: ଭାଜପା

ଭୁବନେଶ୍ୱର, ୮।୫(ବ୍ୟୁରୋ)

ବିଜେଡି ସବୁବେଳେ ମହିଳାଙ୍କ ସମ୍ମାନ, ସୁରକ୍ଷା କଥା କହୁଛି। ହେଲେ ବାସ୍ତବ ଛବି କିନ୍ତୁ ରାଜ୍ୟବାସୀ ସ୍ପଷ୍ଟ ଭାବେ ଜାଣନ୍ତି। ବିଜେଡି ମହିଳାଙ୍କୁ ବାରମ୍ବାର ଅପମାନିତ କରି ଚାଲିଛି। ଶାସକ ଦଳ ଗୋଟିଏ ମିଛକୁ ବାରମ୍ବାର ଦୋହରାଇ ତାହାକୁ ସତ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା ଚଳାଇଛି। ବିଜେଡି ସରକାରଙ୍କ ମହିଳା ସମ୍ମାନର ମିଛ ପେଡ଼ି ଖୋଲିଲେ ଘଣ୍ଟା ଘଣ୍ଟା ବିତିଯିବ ବୋଲି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ବିଜେଡି ୨୩ ବର୍ଷ ଶାସନରେ ରାଜ୍ୟର ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ଏନ୍‌ସିଆର୍‌ବି ରିପୋର୍ଟରେ ସ୍ପଷ୍ଟ ପ୍ରମାଣିତ ହୋଇଛି। ଜଣେ ସାଧାରଣ ପରିବାର ଝିଅ ମମିତା ମେହେର କଲେଜରେ ପାଠପଢ଼ାଇ ତା'ର ପରିବାର ଚଳାଉଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଦୁଇ ନେତା ବାରମ୍ବାର ମହାଲିଙ୍ଗ କଲେଜକୁ ଯାଇ ତାଙ୍କୁ ନିର୍ଯାତନା ଦେଉଥିଲେ। ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ମମିତା ମେହେର ସହ ଯେଉଁ ଜଘନ୍ୟ କାଣ୍ଡ ହେଲା ତାହା କ'ଣ ମା'ଙ୍କୁ ସମ୍ମାନ ବୋଲି ସେ ପ୍ରଶ୍ନ କରିଛନ୍ତି। ନୟାଗଡ଼ର ୫ ବର୍ଷର ଶିଶୁ ପରୀ ନିଖୋଜ ହେବା ଏବଂ ୮ ମାସ ପରେ ଅଖାରୁ ହାଡ଼ ମିଳିଲା। ଘଟଣାକୁ ଚାପି ଦେବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତର ନାଟକ ରଚାଗଲା। ସେହିପରି ବିଜେଡି କାର୍ଯ୍ୟାଳୟର ଉଦ୍‌ଘାଟନ ଦିନ ସଂଯୁକ୍ତା ମହଲା ଯାଇ ପାର୍ଟି ଅଫିସରୁ କାନ୍ଦି କାନ୍ଦି ଫେରିଲେ। ଆଉ ଜଣେ ବିଧାୟକ ବିଜୟ ଶଙ୍କର କେଉଁ ର୍‍ୟାକେଟ ଚଳାଉଥିଲେ ସେ କଥା ସମସ୍ତଙ୍କୁ ଜଣା। ରାଜ୍ୟ ସରକାରଙ୍କ ପାଇଁ ମହିଳା ସମ୍ମାନ କେବଳ ନିର୍ବାଚନୀ ମୋହରା ବୋଲି ଲେଖାଶ୍ରୀ କହିଛନ୍ତି।

# 'ବିନିର୍ମାଣ-ନବଉନ୍ମେଷ ସୂଚକାଙ୍କରେ ଓଡ଼ିଶା ତଳଆଡୁ ତୃତୀୟ'

ଭୁବନେଶ୍ୱର, ୮।୫(ବ୍ୟୁରୋ)

ନିକଟରେ ଜାତିସଂଘ ଶିଳ୍ପ ବିକାଶ ସଙ୍ଗଠନ ବା ୟୁନିଡୋର ସହଯୋଗରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଏକ ବିନିର୍ମାଣ-ନବଉନ୍ମେଷ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ୩ଟି ଦିଗ, ୯ଟି ସ୍ତମ୍ଭ ଏବଂ ୮୦ଟି ସୂଚକାଙ୍କକୁ ନେଇ ବିଶାଳ ନବଉନ୍ମେଷ ସୂଚକାଙ୍କ ତିଆରି କରାଯାଇଛି। ଏହା ସମସ୍ତଙ୍କୁ ଜଣା ଯେ, ନବଉନ୍ମେଷ ହିଁ ବିନିର୍ମାଣ, ନିଯୁକ୍ତି ଓ ଧାରଣୀୟ ବିକାଶର ଅନୁଢିଶାଳ ବୋଲି କୁହାଯାଏ। ଦୁର୍ଭାଗ୍ୟର କଥା ଏହି ନବଉନ୍ମେଷ ସୂଚକାଙ୍କରେ ଓଡ଼ିଶାର ପାହ୍ୟା ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ତଳଆଡୁ ୩ୟ ସ୍ଥାନରେ ରହିଛି ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି କେବଳ ଝାଡ଼ଖଣ୍ଡ ଓ ବିହାର ଓଡ଼ିଶା ତଳେ ଅଛନ୍ତି। ସର୍ବଭାରତୀୟ ସ୍ତରରେ ଏହି ବୃହତ୍ ରାଜ୍ୟଗୁଡ଼ିକ ହାରାହାରି ୨୮.୧୨ ନଂ. ସ୍କୋର କରିଥିବାବେଳେ ଓଡ଼ିଶା ପାଇଁ ତାହା ହେଉଛି ୨୩.୦୫ ଏବଂ ବିଜନେସ ପ୍ରୋସେସିଂ ଇନୋଭେଶନ, ମାର୍କେଟିଂ ଆଣ୍ଡ ସେଲ୍ସ ଇନୋଭେଶନ ତଥା ଆଡମିନିଷ୍ଟ୍ରେଶନ ଆଣ୍ଡ ମ୍ୟାନେଜମେଣ୍ଟ ଇନୋଭେଶନରେ ଓଡ଼ିଶାର ସ୍ଥାନ ସର୍ବନିମ୍ନ ପାହ୍ୟାରେ ରହିଛି। ରାଜ୍ୟରେ ୪୫ ପ୍ରତିଶତ ଶିଳ୍ପ ସଂସ୍ଥା ଆମ ଇନୋଭେଶନ ଇକୋସିଷ୍ଟମରେ ଅସନ୍ତୁଷ୍ଟ। ରାଜ୍ୟ ଅର୍ଥନୀତିର ଏହି ନକାରାତ୍ମକ ଦିଗ ପ୍ରତି ରାଜ୍ୟ ସରକାର କେତେ ସଚେତନ ତାହା ଓଡ଼ିଶାବାସୀ ଜାଣିନାହାନ୍ତି। କିନ୍ତୁ ଅଜଣା ଚାଉଳ ଭାତ ଖାଇ ଶିଳ୍ପ ବିପ୍ଳବ ୪.୦କୁ ଦୁଇ ଦଶନ୍ଧିରୁ ଅଧିକ ସମୟ ବରବାଦ କରିଥିବା ବିଜେଡିକୁ ଇତିହାସ କେବେ କ୍ଷମାଦେବ ନାହିଁ ବୋଲି ସେ କହିଛନ୍ତି।

## ରାଜ୍ୟ ଖବର

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

### ଝାରସୁଗୁଡ଼ା ଉପନିର୍ବାଚନ

- ୧୪୪ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷାବଳ
- ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ବାହାରିଆଙ୍କୁ ନିର୍ଦ୍ଦେଶ
- ମତଦାନ କେନ୍ଦ୍ରର ହେବ ସିଧା ପ୍ରସାରଣ

ସମ୍ବଲପୁର,୮।୫(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ମେ ୧୦ରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ପୋଲିଂ ପାର୍ଟି ବୁଥ୍‌କୁ ଯାଇଛନ୍ତି। ଇଭିଏମ୍ ଓ ଅନ୍ୟାନ୍ୟ କାଗଜପତ୍ର ସହ ପୋଲିସ ସୁରକ୍ଷାରେ ସେମାନେ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ କେନ୍ଦ୍ରକୁ ଯାଇଛନ୍ତି। ୨୫୩ ବୁଥ୍ ପାଇଁ ୧୦୧୨ କର୍ମଚାରୀ ନିଯୁକ୍ତ କରାଯାଇଥିବା ବେଳେ ୧୦୮ଜଣ ସଂରକ୍ଷିତ ରହିଛନ୍ତି। କେବଳ ମହିଳାମାନଙ୍କ ପାଇଁ ୨୬ ଗୋଟି ବୁଥ୍ ରହିଛି। କର୍ମଚାରୀମାନେ ମତଦାନ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବେ।

ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଭୋଟର ଓ ଅଧିକାରୀମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥ୍‌ରେ ଥଣ୍ଡା ପାନୀୟ ଜଳ, ଛାଇ କରିବା ସହ କେତେକ ବୁଥ୍‌ରେ ସରବତ ଓ ଓଆର୍‌ଏସ୍ ପାଣି ଦିଆଯିବ। ୫୯ ଗୋଟି ମେଡିକାଲ ପାଟ୍ରୋଲିଂ ଗାଡି ରହିବ। ସନ୍ଧ୍ୟା ୬ଟା ପରେ ବାହାରୁ ଆସିଥିବା ବ୍ୟକ୍ତିମାନେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ଛାଡ଼ି ଯିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ବିଧାନସଭା ଅଧୀନରେ ମୋଟ ୨୫୩ ବୁଥ୍‌ରେ ମତଦାନ ହେବ। ସେଥିମଧ୍ୟରୁ ୧୪୪ ସମ୍ବେଦନଶୀଳ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷା ବଳ ନିଯୁକ୍ତ କରାଯାଇଛି। ମତଦାନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବୁଥ୍‌ରେ ଭିଡିଓଗ୍ରାଫି କରାଯିବ। ଏହାର ସିଧା ପ୍ରସାରଣ ଜାତୀୟ ନିର୍ବାଚନ କମିଶନ, ରାଜ୍ୟ ନିର୍ବାଚନ କମିଶନଙ୍କ ସମେତ ଜିଲା ସୁରକ୍ଷା ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଦେଖିପାରିବେ। ଏହା ପ୍ରଥମକରି ହେଉଥିବା ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିଥ୍ କହିଛନ୍ତି। ସେ ଆହୁରି କହିଛନ୍ତି, ସନ୍ଧ୍ୟା ୬ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଯିବ। ଆଗକୁ ୪୮ ଘଣ୍ଟା ଗତିବିଧି ଉପରେ କଡ଼ା ନଜର ରଖାଯିବ। ଏଥିପାଇଁ ସହର ପ୍ରବେଶ ପଥ ଓ ସହର ଭିତର ବିଭିନ୍ନ ସ୍ଥାନରେ ନାକା କରାଯିବ। ନିର୍ବାଚନ ଶାନ୍ତିଶୃଙ୍ଖଳାରେ ହେବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ ଜାତୀୟ ଗୁରୁତ୍ୱ ଥିବା ମାର୍କେଟ ୟାର୍ଡ: ଚଢ଼ା

ଭୁବନେଶ୍ୱର, ୮।୫(ବ୍ୟୁରୋ)

ଜାତୀୟସ୍ତରରେ ଗୁରୁତ୍ୱ ବହନ କରୁଥିବା ମାର୍କେଟ ୟାର୍ଡ ପରିକଳ୍ପନା ଏବଂ ଏହାର କାର୍ଯ୍ୟକାରିତା ମାଧ୍ୟମରେ କୃଷିଜାତ ଦ୍ରବ୍ୟର ଅବାଧ ଆନ୍ତଃ-ମଣ୍ଡି ଓ ଆନ୍ତଃ-ରାଜ୍ୟ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାକୁ ବିଶେଷଜ୍ଞ କମିଟିର ପ୍ରଥମ ବୈଠକ ସୋମବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ କର୍ନାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ବିହାର ଓ ଓଡ଼ିଶା ରାଜ୍ୟରେ ଏହି ମାର୍କେଟ ୟାର୍ଡ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବର ସଫଳ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟ ତାଞ୍ଚା ସୁପାରିସ କରିବାର ଦାୟିତ୍ୱ ବିଶେଷଜ୍ଞ କମିଟି ଉପରେ ନ୍ୟସ୍ତ କରାଯାଇଥିବା ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା ସୂଚନା ଦେଇଛନ୍ତି।

### ଆନ୍ତଃ-ମଣ୍ଡି ଓ ଆନ୍ତଃ-ରାଜ୍ୟ ବାଣିଜ୍ୟକୁ ପ୍ରୋତ୍ସାହନ ସମ୍ପର୍କିତ ବୈଠକ



ଏନେଇ ଚଢ଼ା ଆହୁରି କହିଛନ୍ତି, କୃଷକ ସମ୍ପ୍ରଦାୟର ନିରନ୍ତର କଲ୍ୟାଣସାଧନ ନିମନ୍ତେ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କୃଷିକ୍ଷେତ୍ରର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ବିକେନ୍ଦ୍ରୀକରଣ ପୂର୍ବକ ରାଜ୍ୟ ସରକାରମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ସେମାନେ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ପରିକଳ୍ପନା ସାଙ୍ଗକୁ ସେସବୁ କାର୍ଯ୍ୟକାରୀ କରୁଛନ୍ତି। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ କୃଷି ଓ କୃଷକ କଲ୍ୟାଣ ବିଭାଗ (କୃଷିଭିତ୍ତିକ ମାର୍କେଟିଂ ଡିଭିଜନ) ଦ୍ୱାରା ଏହି ବିଶେଷଜ୍ଞ କମିଟି ଗଠିତ ହୋଇଛି। ଗୁଣବତ୍ତା, ପରିମାଣ ଏବଂ ପାରଦର୍ଶୀ ମୂଲ୍ୟ ନିରୂପଣ ବ୍ୟବସ୍ଥା ଉପରେ ଆଧାରିତ ଏକ ବରାଦ-ଚାଳିତ ବାଣିଜ୍ୟ ପ୍ରତିଷ୍ଠା ଦିଗରେ ଏହି ମାର୍କେଟ ୟାର୍ଡ ପ୍ଲାଟଫର୍ମ କାର୍ଯ୍ୟ କରିବ। ମୌଳିକ ଆପଦ ପରିଚାଳନା ଓ ସମନ୍ୱିତ ଲଜିଷ୍ଟିକ୍ ନୀତି ଏଥିରେ ଅନ୍ତର୍ଭୁକ୍ତ ହେବ। ଆନ୍ତଃ-ଜିଲା ଓ ଆନ୍ତଃ-ରାଜ୍ୟ କ୍ରେତାଙ୍କ ବିକାଶ ଉପରେ ଏହା ଗୁରୁତ୍ୱାରୋପ କରିବ। ଏକ ସ୍ୱଚ୍ଛ ମୂଲ୍ୟ ନିରୂପଣ ବ୍ୟବସ୍ଥାକୁ ମଜଭୁତ କରିବା ଏବଂ ଏକ ସମନ୍ୱିତ ବିତରଣ/ଲଜିଷ୍ଟିକ୍ ମଡେଲ ସହାୟତାରେ କୃଷକଙ୍କ ଉତ୍ପାଦଗୁଡ଼ିକ ଆନ୍ତଃ-ଜିଲା ଏବଂ ଆନ୍ତଃ-ରାଜ୍ୟ କ୍ରେତାଙ୍କ ନିକଟରେ ପହଞ୍ଚାଯାଇପାରିବ। ଆନ୍ତଃ-ରାଜ୍ୟ ବାଣିଜ୍ୟକୁ ସୁଗମ କରିବା ପାଇଁ କୃଷିଜାତ ଦ୍ରବ୍ୟର ଗୁଣବତ୍ତା ନିର୍ଦ୍ଧାରଣ ଅତ୍ୟାବଶ୍ୟକ। ଏହାଦ୍ୱାରା ଦୂରରେ ଥିବା ବ୍ୟବସାୟୀମାନେ ପ୍ଲାଟଫର୍ମରେ ପ୍ରଦତ୍ତ ଗୁଣବତ୍ତା ମାନକଗୁଡ଼ିକୁ ଆଧାର କରି ସମୁଚିତ ନିଷ୍ପତ୍ତି ନେଇପାରିବେ। ଏହାସହ ସେମାନଙ୍କର ମୂଲ୍ୟ ପ୍ରଦାନ କରିପାରିବେ ବୋଲି ସେ କହିଛନ୍ତି।




ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଓ ୟୁନିସେଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ସୋମବାର ଆଇଡିଏଟ୍-୨୦୨୩ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଆଇଡିଏଟର ଦ୍ୱାଦଶତମ ସଂସ୍କରଣରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବିଭିନ୍ନ ସଂସ୍ଥାର ଅଭିଜ୍ଞ ତଥା ବରିଷ୍ଠ ଅଧିକାରୀ ଓସାମା ମଞ୍ଜରା, ମହର୍ଷି ବୈଷ୍ଣବ, ସିପ୍ରା ଝା, ପ୍ରବୀଣ କୁମାର କରନ, ଅନିତା କୁଜୁର ଏବଂ ନମିତା ଭଣ୍ଡାରେ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ଏୟାରଟେଲ୍ ଏକ୍ସଟ୍ରିମ୍ ଫାଇବର ସେବା

**ନୂଆଦିଲ୍ଲୀ,୮।୫**

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଏୟାରଟେଲ୍ ପକ୍ଷରୁ ନୂତନ ବ୍ରଡ୍‌ବ୍ୟାଣ୍ଡ ସେବା 'ଏୟାରଟେଲ୍ ଏକ୍ସଟ୍ରିମ୍ ଫାଇବର'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଦେଶର ନାଗରିକ, ବ୍ୟବସାୟ ଓ ସମୁଦାୟଗୁଡ଼ିକର ଅଭିବୃଦ୍ଧି ଏବଂ ବିକାଶ ପାଇଁ ବ୍ରଡ୍‌ବ୍ୟାଣ୍ଡ କନେକ୍ସନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ବର୍ତ୍ତମାନ ସମୟରେ ବ୍ରଡ୍‌ବ୍ୟାଣ୍ଡ ଏକ ଅତ୍ୟାବଶ୍ୟକ ଉପଯୋଗିତାରେ ପରିଣତ ହୋଇଯାଇଛି,ଯାହା ଲୋକମାନଙ୍କୁ ଇଣ୍ଟରନେଟ୍ ସହ ସଂଯୋଗ କରୁଛି। ସେହିଭଳି ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବାଣିଜ୍ୟ ଆଦି ସୁବିଧା ମଧ୍ୟ ପ୍ରଦାନ କରୁଛି। ଏପରିକି ବ୍ରଡ୍‌ବ୍ୟାଣ୍ଡ ଡିଜିଟାଲ ଅନ୍ତରକୁ ଦୂର କରିବା ପାଇଁ ପ୍ରୟାସ ମଧ୍ୟ ଜାରି ରଖିଛି। ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ହାଇସ୍ପିଡ୍ ଇଣ୍ଟରନେଟ୍ ପାଇଁ ଉପଯୁକ୍ତ ପହଞ୍ଚ ନାହିଁ, ଯେଉଁ କାରଣରୁ ଡିଜିଟାଲ ଅନ୍ତର ଦେଖା ଦେଉଛି।

# ବାଲିଆପାଳରେ ଟ୍ରେଣ୍ଡ୍‌ସର ସର୍ବବୃହତ୍ ଷ୍ଟୋର




**ଭୁବନେଶ୍ୱର,୮।୫**

ରିଲାଏନ୍ସ ରିଟେଲ୍‌ର ପୋଷାକ ଏବଂ ଆସେସୋରିଜ୍‌ସ୍ପେଶାଲିଟିଚେନ୍‌ଟ୍ରେଣ୍ଡ୍‌ସର ସର୍ବବୃହତ୍ ଷ୍ଟୋର ନିକଟରେ ଉଦଘାଟିତ ହୋଇଯାଇଛି। ଏପରିକି କମ୍ପାନୀ ଓଡିଶା ୟୁନିଟ ପକ୍ଷରୁ ସୋମବାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାଲିଆପାଳଠାରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୭୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢି ଉଠିଥିବା ଏହି ଷ୍ଟୋର ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋରକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଏପରିକି ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ। ଏଠାରେ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ରହିଛି। ସେହିଭଳି ୩୯୯୯ ଟଙ୍କାର ସାମଗ୍ରୀ କିଣିଲେ ୨୪୯ ଟଙ୍କା ଦେଇ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ ୩୯୯୯ ଟଙ୍କାର କିଣାକିଣି କରିଲେ ୨୦୦୦ ଟଙ୍କା ମୂଲ୍ୟର କୁପନ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ।

# ଉତ୍ତମ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୮।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ନିଃଶୁଳ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଓଡ଼ିଶା ୟୁନିଟ ପାରାଦୀପ, କୋଇଡା ଓ ବଡବିଲ ଭଳି କ୍ଷେତ୍ର ସମେତ ସମ୍ପୃକ୍ତ ଜିଲାର ୭ରୁ ଅଧିକ ଗ୍ରାମପଞ୍ଚାୟତରେ ବସବାସ କରୁଥିବା ୧ ଲକ୍ଷରୁ ଅଧିକ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଫଳରେ ଏଏମଏନ୍‌ଏସ୍ ଇଣ୍ଡିଆର ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଦ୍ୱାରା ୩ ଜିଲାର ଲୋକମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଚିକିତ୍ସା ଏବଂ ପରାମର୍ଶ ପାଇଁ ବେଶ ଉପକୃତ ହେଉଛନ୍ତି। ଅପରପକ୍ଷରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସଆର୍ ଟିମ୍ ଏବଂ ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ନିୟମିତ ଭାବେ କମ୍ପାନୀର କାର୍ଯ୍ୟକ୍ଷେତ୍ର ନିକଟସ୍ଥ ଗ୍ରାମଗୁଡ଼ିକୁ ଯାଇ ମାଗଣା ଚିକିତ୍ସା, ଡାକ୍ତରୀ ପରାମର୍ଶ, ପାଥୋଲୋଜିକାଲ୍ ଟେଷ୍ଟ ଏବଂ ରୋଗୀଙ୍କୁ ମାଗଣା ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି। ବିଶେଷ କରି ଅଭିଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଉକ୍ତ ମେଡିକାଲ ୟୁନିଟ୍ ସପ୍ତାହର ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ କମ୍ପାନୀର କାର୍ଯ୍ୟକ୍ଷେତ୍ର ନିକଟବର୍ତ୍ତୀ ଗ୍ରାମଗୁଡିକ ପରିଦର୍ଶନ କରିଥାନ୍ତି। ଏପରିକି ଡାକ୍ତର ଓ ଫାର୍ମାସିଷ୍ଟ ଗୁରୁତର ଥିବା ରୋଗୀଙ୍କ ଘରକୁ ଯାଇ ମଧ୍ୟ ଚିକିତ୍ସା ପ୍ରଦାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଉତ୍ତମ ଅଭ୍ୟାସ ଗ୍ରହଣ କରିବା ଓ ସୁସ୍ଥ ଜୀବନ ଯାପନ କରିବା ପାଇଁ ସମାଜର ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ପ୍ରସଙ୍ଗରେ ଶିବିରମାନ ମଧ୍ୟ ଆୟୋଜନ କରାଯାଉଛି।

# ନୂଆଦିଲ୍ଲୀରେ ପତଞ୍ଜଳିର ବିଶାଳ ମହିଳା ସମ୍ମିଳନୀ



**ନୂଆଦିଲ୍ଲୀ,୮।୫**

ଦେଶର ପ୍ରମୁଖ ଘରୋଇ ଅନୁଷ୍ଠାନ ପତଞ୍ଜଳି ଯୋଗପୀଠ ପକ୍ଷରୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏକ ବିଶାଳ ମହିଳା ସମାବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏପରିକି ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ନେତୃତ୍ୱରେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଭାରତ ସ୍ୱାଭିମାନ (ମହିଳା ୱିଙ୍ଗ) ସମେତ ଜି-୨୦ ସହଯୋଗୀ ସଙ୍ଗଠନ ଇଡବ୍ଲ୍ୟୁ-୨୦ର ମିଳିତ ଉଦ୍ୟମରେ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ୫,୫୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ । ବିଶେଷ କରି ମହିଳାମାନଙ୍କୁ ଶାରୀରିକ, ମାନସିକ ଏବଂ ଅଧ୍ୟାତ୍ମିକ ଭାବେ ଦୃଢ କରିବ ବୋଲି ସ୍ୱାମୀ ରାମଦେବ ଉକ୍ତ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିବା ସହିତ ଯୋଗାସନ ସହ ଜଡିତ ବିଶେଷ ଶିକ୍ଷା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାମୀ ରାମଦେବ କହିଛନ୍ତି, ଯୋଗ କେବଳ ଭାରତ ନୁହେଁ ବିଶ୍ୱବ୍ୟାପୀ ହେବ। ଯୋଗଧର୍ମ ସହ ସାରାବିଶ୍ୱରେ ସନାତନ ଧର୍ମର ପ୍ରସାର ଦିଗରେ ବର୍ତ୍ତମାନ ଉଦ୍ୟମ ଜାରି ରହିଛି। ସେହିଭଳି ଭାରତ ସାରା ବିଶ୍ୱର ନେତୃତ୍ୱ ନେବାର କ୍ଷମତା ରଖିଛି। ଏପରିକି ଏକ ସୁସ୍ଥ,ସମର୍ଥ, ସଂସ୍କାରୀ ଏବଂ ପରମ ବୈଭବଶାଳୀ ଭାରତ ଗଠନ ଦିଗରେ ମହିଳାମାନଙ୍କର ସବୁଠାରୁ ବଡ ଭୂମିକା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସାଧ୍ୱୀ ଦେବପ୍ରିୟା ଏବଂ ଡ.ଏନ.ପି ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଓଆଇର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୮।୫**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ୪ର୍ଥ ତ୍ରୈମାସିକରେ ବ୍ୟାଙ୍କ ମୋଟ ୧,୩୫୦ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଥିବା ବେଳେ ବ୍ୟାଙ୍କର ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ତୁଳନାରେ ୧୨୩% ଅଭିବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବ୍ୟାଙ୍କର ନେଟ୍ ଲାଭ ୩,୪୦୫ କୋଟିରୁ ୪,୦୨୩ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପ୍ରାୟ ୩୮% ଅଭିବୃଦ୍ଧି ହାରରେ ୫,୪୯୩ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ପୂର୍ବ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ୧,୫୮୭ କୋଟି ଟଙ୍କା ରହିଥିବା ବେଳେ ଏହା ଚଳିତ ବର୍ଷ ଏହି ସମୟରେ ପାଖାପାଖି ଦ୍ୱିଗୁଣିତ ହୋଇ ୩,୦୯୯କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କ ରିଟେଲ୍, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ (ରାମ୍) ପୋର୍ଟଫୋଲିଓକୁ ୫୫ ରୁ ୫୮%କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୯.୯୮ ରୁ ୭.୩୧%କୁ ହ୍ରାସ ପାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୬.୨୮%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଗ୍ଲୋବାଲ ଡିପୋଜିଟ୍ ୬.୬୪% ଅଭିବୃଦ୍ଧି ହାରରେ ୬,୬୯,୫୮୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ଲୋବାଲ ଆଡଭାନ୍ସରେ ୧୨.୮୭ % ବୃଦ୍ଧି ଘଟି ୫,୧୫,୮୫୨ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ବିଭିନ୍ନ ଯୋଜନାବଦ୍ଧ ସ୍ଥାନରେ ଶାଖା ଖୋଲି ବ୍ୟାଙ୍କ ଏହାର ବ୍ୟବସାୟିକ କାର୍ଯ୍ୟକୁ ଆହୁରି ବିସ୍ତାର କରିବାକୁ ଯାଉଛି ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।

## ଫୁର୍‌ସତ୍

# ଶାଢ଼ିରେ ମହିଳାଙ୍କ ସ୍କେଟିଂ

**ନୂଆଦିଲ୍ଲୀ**

ବରଫାବୃତ ଅଞ୍ଚଳକୁ ଗଲେ ସମସ୍ତେ ସ୍କେଟିଂ କରିବାକୁ ବହୁତ ପସନ୍ଦ କରନ୍ତି। ସେଠାରେ ଥିବା ବରଫର ମଜା ମଧ୍ୟ ନେଇଥାନ୍ତି। ସ୍କେଟିଂ କରିବାବେଳେ ସେମାନେ ସ୍ୱତନ୍ତ୍ର ଧରଣର ପୋଷାକ ପିନ୍ଧିଥାନ୍ତି। ନିକଟରେ ଜଣେ ମହିଳାଙ୍କୁ ଶାଢ଼ିରେ ସ୍କେଟିଂ କରୁଥିବା ନେଇ ଏକ ଏକ ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ମହିଳାଙ୍କ ଆତ୍ମବିଶ୍ୱାସକୁ ଲୋକେ ଅଧିକ ପ୍ରଶଂସା କରିଛନ୍ତି। ରିପୋର୍ଟ ମୁତାବକ, ଦିବ୍ୟା ମୈୟା ତାଙ୍କର ଏହି ଆଡଭେଞ୍ଚର ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ମହାରାଷ୍ଟ୍ର ଷ୍ଟାଇଲରେ ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳିଛି। ସେ ଏକ ଗୀତ ଲଗାଇ ଶୁଣିବା ସହ ବରଫରେ ସ୍କେଟିଂର ମଜା ନେଉଛନ୍ତି। ଏହା ପୂର୍ବରୁ ମଧ୍ୟ ତାଙ୍କର ଲମ୍ବା ଡ୍ରେସ ପିନ୍ଧି ସ୍କେଟିଂ କରୁଥିବା ଏକ ଭିଡିଓ ଦେଖିବାକୁ





ମିଳିଥିଲା। ତାଙ୍କୁ ଶାଢ଼ି ପିନ୍ଧିବାକୁ ବେଶୀ ଭଲ ଲାଗେ ବୋଲି ସେ କହିଛନ୍ତି। ସ୍ପୋର୍ଟ୍ସ ଏବଂ ଟ୍ରାଭଲିଂ ଦିବ୍ୟାଙ୍କୁ ବେଶ ପସନ୍ଦ। ଏଥିସହ ସେ ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନଶର ମଧ୍ୟ। ତାଙ୍କର ଏହି ଭିଡିଓରେ ଅନେକ ଲୋକେ ବହୁତ ଭଲ ଭଲ କମେଣ୍ଟ କରିଛନ୍ତି। ସେ ନାରୀଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଅନେକ କମେଣ୍ଟ ଆସିଛି।

# ଶେହନାଜଙ୍କ ସହ ଡେଟିଂ ଗୁଜବ



ରାଘବ ଜୁଏଲ

**ମୁମ୍ବାଇ:** ଅଭିନେତା, ଆଙ୍କର ତଥା ଡ୍ୟାନ୍ସର ରାଘବ ଜୁଏଲ ଅଭିନେତ୍ରୀ ଶେହନାଜ ଗିଲଙ୍କ ସହ ଡେଟିଂ କରୁଥିବା ନେଇ କିଛି ସମୟ ଧରି ଚର୍ଚ୍ଚା ଜୋର ଧରିଛି। ଏବେ ଏହାକୁ ନେଇ ରାଘବ ମୁହଁ ଖୋଲିଛନ୍ତି। ସେ ଏହି ଡେଟିଂ ଖବରକୁ ଗୁଜବ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ସେମାନେ କେବଳ ଭଲ ସାଙ୍ଗ। ଏହି ଖବରରେ କୌଣସି ସତ୍ୟତା ନାହିଁ। ସେ ବଲିଉଡ୍‌ଭାଇଜାନ୍‌ସଲମାନ୍‌ଖାନଙ୍କ ଭଳି ସିଙ୍ଗଲ ଅଛନ୍ତି ବୋଲି କହିଛନ୍ତି। ସଲମାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ରେ ରାଘବ ଏବଂ ଶେହନାଜଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ଏହି ସିନେମାର ଶୁଟିଂ ଆରମ୍ଭ ହେବାବେଳୁ ସେମାନଙ୍କ ମିଳାମିଶା ବଢିବା ଦୁହେଁ ଏକାଠି ବୁଲାବୁଲି କରୁଛନ୍ତି। ଯେଉଁଥିପାଇଁ ଏପରି ଏକ ଗୁଜବ ଖବର ଶୁଣିବାକୁ ମିଳୁଛି। ଶେହନାଜ ବିଗ୍‌ବସ୍- ୧୩ର ଫେମ୍। ସେଥିପାଇଁ ଲୋକେ ତାଙ୍କ ସହ ମିଶିବାକୁ ପସନ୍ଦ କରନ୍ତି। ରାଘବ ମଧ୍ୟ ତାଙ୍କୁ ଭଲ ସାଙ୍ଗ ହିସାବରେ ବେଶ ପସନ୍ଦ କରୁଥିବା କହିଛନ୍ତି।

# ପରୀକ୍ଷାରେ ଫେଲ୍ ହେବାରୁ ମିଛ ଅପହରଣ ନାଟକ

**ୱାଶିଂଟନ**

ଅନେକ ସମୟରେ ପରୀକ୍ଷା ରେଜଲ୍ଟ ଖରାପ ହୋଇଥାଏ। ସେତେବେଳେ ପିଲା ମାତା-ପିତାଙ୍କୁ ମିଛ ସତ କହିଥାନ୍ତି। ହେଲେ ନିକଟରେ ଜଣେ ଝିଅ ପରୀକ୍ଷାରେ ଫେଲ ହେବାରୁ ଏପରି କାମ କରିଛନ୍ତି, ଯାହା ଆଶ୍ଚର୍ଯ୍ୟଜନକ। କଲେଜ ପଢୁଥିବା ଏକ ଝିଅଙ୍କ ପରୀକ୍ଷା ରେଜଲ୍ଟ ଖରାପ ହେବାରୁ ସେ ତାଙ୍କ ପରିବାର ସମେତ ପୋଲସକୁ ମଧ୍ୟ ବୋକା ବନେଇଛି। ରିପୋର୍ଟ ମୁତାବକ, ୨୩ ବର୍ଷୀୟା କ୍ଲୋଏ ଷ୍ଟିନ ନିଜର ମିଛ କିଡନାପ କରି ପ୍ରଶାସନକୁ ହଇରାଣ କରିଛନ୍ତି। ୨ ମେ'ରେ ଘଟିଥିବା ଏହି ମିଛ ଘଟଣାକୁ ପୋଲିସ ଜାଣିପାରି ତାଙ୍କୁ କାବୁ କରିଥିଲା। ଏବେ ତାଙ୍କ ଉପରେ



୪ଟି ଦଫା ଲଗାଯିବା ସହ ମାମଲାର ତଦନ୍ତ ଚାଲିଛି। ରିପୋର୍ଟ ମୁତାବକ, କ୍ଲୋଏ ପୋଲିସକୁ କହିଛନ୍ତି, ସେ ଗ୍ରାଜୁଏଶନରେ ଫେଲ ହୋଇଛନ୍ତି। ସେ ଏହି ଲଜ୍ୟାରୁ ବର୍ତ୍ତିବାକୁ ନିଜର ମିଛ କିଡନାପିଂ କରିଥିଲେ। ମେ' ୧ ତାରିଖ ରାତି ୧୦ଟା ୩୦ରେ ସେ ତାଙ୍କ ପରିବାରକୁ ଫୋନ କରି କେହି ତାଙ୍କୁ କିଡନାପ କରାଯାଇଥିବା କହିଥିଲେ। ପରେ ତାଙ୍କ ପାର୍ଟନର ତାଙ୍କଠାରୁ ଫୋନ ଛଡାଇ ନେଇଥିଲେ। ଖବରପାଇ ପୋଲିସ ତାଙ୍କ ଖୋଜାଖୋଜି କରିବାରେ ତାଙ୍କ ଗାଡ଼ି ମିଳିଥିଲା। ହେଲେ କ୍ଲୋଏ ମିଳି ନ ଥିଲେ। ପରେ ପୋଲିସ ତାଙ୍କୁ ନିଖୋଜ ଘୋଷଣା କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଅଭିଯାନରେ ପୋଲିସ ହଜାର ଡଲାର ଖର୍ଚ୍ଚ କରିଥିଲା। ଏଥିସହ ପୋଲିସ ହେଲିକପ୍ଟରର ମଧ୍ୟ ସାହାଯ୍ୟ ନେଇଥିଲା। ପରେ କ୍ଲୋଏଙ୍କୁ ପୋଲିସ ତାଙ୍କ ସାଙ୍ଗ ଘରୁ ସୁରକ୍ଷିତ କାବୁ କରିଥିଲା। ଆସନ୍ତା ୨୫ ତାରିଖରେ ଏହି ମାମଲାର ପ୍ରଥମ ଶୁଣାଣି ଅଛି।

# ୨୦୦ କିଗ୍ରାର କେକ୍ ପ୍ୟାଲେସ

**ମହାରାଷ୍ଟ୍ର:** ବିଭିନ୍ନ ସ୍ଥାନରେ ଅନେକ ପ୍ୟାଲେସ ରହିଛି, ଯାହା କି ଦେଖିବାକୁ ବହୁତ ସୁନ୍ଦର ହୋଇଥାଏ। ଯେପରିକି ଆଗ୍ରାରେ ଅବସ୍ଥିତ ତାଜମହଲ। ହେଲେ ପ୍ୟାଲେସ ଯାହାକି କେକ୍‌ରେ ପ୍ରସ୍ତୁତ, ତାହା କେବେ ଦେଖିଛନ୍ତି କି? ନିକଟରେ ଜଣେ କେକ୍ ଆର୍ଟିଷ୍ଟ



ଏପରି ଏକ ରାଜକୀୟ ପ୍ୟାଲେସ ପ୍ରସ୍ତୁତ କରି ୱାର୍ଲ୍ଡ ରେକର୍ଡ କରିଛନ୍ତି। ରିପୋର୍ଟ ମୁତାବକ, ପୁଣେର ୩୭ ବର୍ଷୀୟା ପ୍ରାଚୀ ଧବଳ ଦେବ ଜଣେ କେକ୍ ଆର୍ଟିଷ୍ଟ ଭାବେ ଏହି ପ୍ୟାଲେସ୍‌କୁ ପ୍ରସ୍ତୁତ କରିଛନ୍ତି। ଏହାର ଲମ୍ବ ୧୦ ଫୁଟ ୧ ଇଞ୍ଚ ହୋଇଥିବାବେଳେ ଉଚ୍ଚତା ୪ ଫୁଟ ୭ ଇଞ୍ଚ ଏବଂ ମୋଟେଇ ୩ ଫୁଟ ୮ ଇଞ୍ଚ। ଉକ୍ତ କେକ୍‌ର ଓଜନ ୨୦୦ କିଗ୍ରା। ଏହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଏବଂ ସ୍ୱାଦିଷ୍ଟ। ବଡ଼ ନିରାମିଷ କେକ୍‌ରେ ପ୍ୟାଲେସ ପ୍ରସ୍ତୁତ କରିଥିବା ନେଇ ପ୍ରାଚୀଙ୍କ ଏହା ୩ୟ ୱାର୍ଲ୍ଡ ରେକର୍ଡ। ଏଥିରେ ସେ ଅନେକ ଭାରତୀୟ ସ୍ଥାପତ୍ୟକୁ ତାଙ୍କର ଏହି କେକ୍‌ରେ ସ୍ଥାନ ଦେଇଛନ୍ତି, ଯାହାର ରଙ୍ଗ ରହିଛି ସମ୍ପୂର୍ଣ୍ଣ ଧଳା। ସେ ଏହାକୁ ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କୀର୍ତ୍ତିରାଜିରୁ ଅନୁପ୍ରାଣିତ ହୋଇ ଏହି କେକ୍ ପ୍ୟାଲେସ ପ୍ରସ୍ତୁତ କରିଥିବା କହିଛନ୍ତି। ତାଙ୍କୁ ଏହି କେକ୍ ପ୍ୟାଲେସ ପାଇଁ ୩ ସପ୍ତାହ ସମୟ ଲାଗିଥିଲା। କିନ୍ତୁ ଏହା କୌଣସି ପ୍ୟାଲେସର ଅବିକଳ ନୁହେଁ। ସେ ୨୦୨୨ରେ କରିଥିବା ନିଜ ରେକର୍ଡକୁ ବର୍ତ୍ତମାନ ଭାଙ୍ଗିଛନ୍ତି। ସେତେବେଳେ ସେ ୧୦୦ କିଗ୍ରାର ଏକ କେକ୍ ପ୍ୟାଲେସ ପ୍ରସ୍ତୁତ କରିଥିଲେ। ପ୍ରାଚୀ ସବୁବେଳେ ତାଙ୍କ କେକ୍ ସାହାଯ୍ୟରେ କିଛି ନୂଆ କରିବାକୁ ପ୍ରୟାସ କରିଥା'ନ୍ତି। ପ୍ରଥମ ପ୍ରୟାସରେ ସେ ୩ ଇଞ୍ଚ ଲମ୍ବର ଏକ ପ୍ୟାଲେସ ପ୍ରସ୍ତୁତ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୀପ୍‌ଗ୍ରେସ୍ ଉପଅଧିନାୟିକା

ନୂଆଦିଲ୍ଲୀ,୮।୫(ପି.ଟି.)

ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ପାଇଁ ୨୦ ଜଣିଆ ଦଳ ସୋମବାର ଘୋଷଣା କରାଯାଇଛି। ଗୋଲ କିପର ସବିତା ପୁନିଆ ଏହି ଦଳର ଅଧିନାୟକ ରହିଛନ୍ତି। ଓଡ଼ିଆ ଝିଅ ତଥା ଡିଫେଣ୍ଡର ଦୀପଗ୍ରେସ୍ ଏକ୍କାଙ୍କୁ ତାଙ୍କର ଡେପୁଟି ଚୟନ କରାଯାଇଛି। ହାଙ୍ଗ ଝୌରେ ଖେଳା ଯିବାକୁ ଥିବା ଏସିଆନ୍ ଗେମ୍ସର

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା

ପ୍ରସ୍ତୁତି ପାଇଁ ଭାରତୟ ଦଳ ଏହି ଗସ୍ତରେ ଯାଉଛି। ଆସନ୍ତା ମେ ୧୮ ତାରିଖରେ ଆଡିଲେଡରେ ଭାରତ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ୨୦୨୨ ବର୍ଷରେ ଶ୍ରେଷ୍ଠ ଖେଳାଳି ଭାବରେ ବଲବୀର ସିଂ ସିନିୟର ପୁରସ୍କାର ପାଇଥିବା ସବିତା ଅଧିନାୟିକା ରହିଥିବା ବେଳେ ଗୋଲକିପିଂ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଦ୍ୱିତୀୟ ଗୋଲକିପର ଭାବରେ ବିଚ୍ଚୁ ଦେବୀ ଖରିବାମ ଦଳରେ ସ୍ଥାନ ପାଇଛନ୍ତି। ଡିଫେଣ୍ଡର ଭାବରେ ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା ଓ ଗୁରଜିତ କୌର ଏହି ଦଳରେ ସ୍ଥାନ ପାଇଛନ୍ତି।

ନିଶା, ନଭଜୋତ କୌର, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର୍, ସୋନିକା, ଜ୍ୟୋତି ଓ ବଲଜିତ୍ କୌରଙ୍କୁ ମିଡଫିଲ୍ଡର ଭାବରେ ସାମିଲ କରାଯାଇଛି। ଫରୱାର୍ଡ ଲାଇନ୍‌ରେ ୨୫୦ରୁ ଅଧିକ ମ୍ୟାଚ୍ ଖେଳିଥିବା ଭାରତର ଅନୁଭବୀ ଖେଳାଳି ବନ୍ଦନା କାଟାରିୟା ସ୍ଥାନ ପାଇଛନ୍ତି। ତାଙ୍କ ସହିତ ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ଶର୍ମିଳା ଦେବୀ ଫରୱାର୍ଡ ଖେଳାଳି ଭାବରେ ସ୍ଥାନ ପାଇଛନ୍ତି। ଦଳ ଚୟନକୁ ନେଇ କୋଚ୍ ଜାନିକ୍ ଶପ୍‌ମ୍ୟାନ୍ ଖୁସି ଜାହିର କରିଛନ୍ତି। ଦୁଇ ଦୁଇଟି ପ୍ରଶିକ୍ଷଣ ଶିବିର ପରେ ଖେଳାଳିଙ୍କୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ସୁଯୋଗ ମିଳୁଥିବାରୁ ସମ୍ପୂର୍ଣ୍ଣ ଦଳ ଉତ୍ସାହିତ ଅଛି। ଅଷ୍ଟ୍ରେଲିଆ ସର୍ବଦା ଆକ୍ରମଣାତ୍ମକ ଓ ସ୍ପିଡ୍ ହକି ଖେଳିଥାଏ ଯାହାକି ଆମ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ଭାବରେ ଉଭା ହେବ। ମେ ୧୮, ୨୦ ଓ ୨୧ରେ ଅଷ୍ଟ୍ରେଲିଆକୁ ଦଳ ଭେଟିବାକୁ ଯାଉଥିବା ବେଳେ ଅଷ୍ଟ୍ରେଲିଆ ଏ ସହିତ ୨୫ ଓ ୨୭ ତାରିଖରେ ମ୍ୟାଚ୍ ଖେଳିବ। ମେଟ୍ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବ।


ଭାରତୀୟ ମହିଳା ହକି ଦଳ।

### ଭାରତୀୟ ଦଳ

ଗୋଲକିପର: ସବିତା ପୁନିଆ, ବିଚ୍ଚୁ ଦେବୀ ଖରିବାମ। ଡିଫେଣ୍ଡର: ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା ଓ ଗୁରଜିତ କୌର। ମିଡ ଫିଲ୍ଡର: ନିଶା, ନଭଜୋତ କୌର, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର୍, ସୋନିକା, ଜ୍ୟୋତି ଓ ବଲଜିତ୍ କୌର। ଫରୱାର୍ଡ: ବନ୍ଦନା କାଟାରିୟା, ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ଶର୍ମିଳା ଦେବୀ।

## ସ୍ପାଇଡରମ୍ୟାନ୍‌ରେ ଭଏସ୍ ଦେବେ ଗିଲ୍

**ନୂଆଦିଲ୍ଲୀ, ୮।୫:** ଭାରତୀୟ ଦଳର ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ହଲିଉଡ୍ ଫିଲ୍ମ ସ୍ପାଇଡର ମ୍ୟାନ୍ ପାଇଁ ନିଜର ଭଏସ୍ ଦେବେ। ବିଶ୍ୱର ପ୍ରଥମ କ୍ରୀଡାବିତ୍ ଭାବରେ ସେ ଏଭଳି ସୌଭାଗ୍ୟ ଅର୍ଜନ କରିବାକୁ ଯାଉଛନ୍ତି। ସୋନୀ ପିକଚର୍ସ ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଥିବା ବେଳେ ଶୁବମନଙ୍କ ଏକ



ଭିଡିଓ ଜାରି କରାଯାଇଛି। ସ୍ପାଇଡରମ୍ୟାନ୍ ସିରଜ୍‌ର ଆଗାମୀ ଫିଲ୍ମ ସ୍ପାଇଡରମ୍ୟାନ୍: ଆକ୍ରସ୍ ଦ ସ୍ପାଇଡର୍‌ଭର୍ସରେ ଭଏସ୍ ଦେବେ। ଭାରତୀୟ ସ୍ପାଇଡରମ୍ୟାନ ଚରିତ୍ର ପବିତ୍ର ପ୍ରଭାକର ପାଇଁ ସେ ଉଭୟ ହିନ୍ଦି ଓ ପଞ୍ଜାବୀ ଭାଷାରେ ସ୍ୱର ଦେବେ। ଅନ୍ୟ ପକ୍ଷରେ ଇଂରାଜୀରେ ପିଟର ପାର୍କର ଚରିତ୍ର ପାଇଁ କରଣ ସୋନୀ ଭଏସ୍ ପ୍ରଦାନ କରିବେ। ପ୍ରଥମ ଥର ପାଇଁ ସ୍ପାଇଡରମ୍ୟାନ ଚଳଚ୍ଚିତ୍ରରେ ପବିତ୍ର ପ୍ରଭାକର ଚରିତ୍ର ପଦାର୍ପଣ କରିବାକୁ ଯାଉଛି।

# ଓଡ଼ିଶା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ୫ମ ଇଣ୍ଡିଆନ ଓପନ୍ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ଜିତିଛି। ପଦକ ବିଜେତା ପାରା ଆଥଲେଟ ମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜୟନ୍ତୀ ବେହେରା ୧୦୦, ୨୦୦, ୪୦୦ ମିଟରରେ ୩ଟି ସ୍ୱର୍ଣ୍ଣ, ପଙ୍କଜ ଭୁଏ ୨୦୦ ମିଟର ଓ ଲଙ୍ଗଜମ୍ପ୍‌ରେ ୨ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ସୁଚିତ୍ରା ପରିଡ଼ାଙ୍କୁ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ମିଳିଥିଲା। ସେହିପରି ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଟିମ୍ ସହିତ କୋଚ୍ ମାର୍କଣ୍ଡ ରେଡ୍ଡୀ(ପାରା ଅଲିମ୍ପିଆନ୍) ଫେରିଥିବା ବେଳେ ସ୍ୱାଗତ ପାଇଁ କ୍ରୀଡା ଓ ଯୁବ ସେବା ବିଭାଗର ଓଏସ୍‌ଡି ସ୍ୱରୂପ ନନ୍ଦନ ବେହେରା ଓ ପାରା ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭୁବନେଶ୍ୱରରେ ପହଞ୍ଚିବା ପରେ ପାରା ଆଥ୍‌ଲେଟ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେଡ୍‌ବୁଲ୍‌କୁ ଅପରାଜେୟ ରଖିଲେ ଭର୍ଷ୍ଟାପେନ୍

ମାୟାମି ଗାର୍ଡେନ୍ସ (ଫ୍ଲୋରିଡା), ୮।୫ (ଏପି)

ଗତ ଦୁଇଥର ଫର୍ମୁଲା ୱାନ୍ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ମୟାମି ଗ୍ରାଁପ୍ରି ମୋଟର ରେସ୍ ଜିତିବା ଦ୍ୱାରା ରେଡ୍‌ବୁଲ ଚଳିତ ସିଜନରେ ଅପରାଜେୟ ରହିଛି। ରେଡବୁଲ୍ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିବା ସମସ୍ତ ୫ଟି ରେସ୍‌ରେ ବିଜୟ ଲାଭ କରିଛି। ଏଠାରେ ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଜିଓ ପେରେଜ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଡ୍ରାଇଭରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ସିଜନରେ ରେଡ୍‌ବୁଲ୍ ଏଥରକୁ ମିଶାଇ ଚତୁର୍ଥ ଥର ପ୍ରଥମ-ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ସିଜନରେ ଭର୍ଷ୍ଟାପେନ ୩ଟି ରେସ୍ ଜିତିଥିବା ବେଳେ ୨ଟି ପେରେଜ ବିଜୟୀ ହୋଇଛନ୍ତି। ଭର୍ଷ୍ଟାପେନଙ୍କର ଏହା ହେଉଛି କ୍ୟାରିୟରର ୩୮ତମ ବିଜୟ। ରେଡ୍‌ବୁଲ ପାଇଁ ସବୁଠାରୁ ଅଧିକ ବିଜୟ ଆଣିଦେବାରେ ସେ ସେବାଷ୍ଟିଆନ ଭେଟେଲଙ୍କ ସମକକ୍ଷ ହୋଇପାରିଛନ୍ତି। ଆଷ୍ଟନ ମାର୍ଟିନ ପାଇଁ ଚଳିତ ସିଜନରେ ଫର୍ନାଣ୍ଡୋ ଆଲୋଁସୋଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ୫ଟି ରେସ୍‌ରେ ଏହା ଥିଲା ତାଙ୍କୁ ଚତୁର୍ଥ ପୋଡିୟମ ଫିନିଶ। ମର୍ସିଡିଜର ଜର୍ଜ ରସେଲ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରେସ୍‌ରେ ଯଥାକ୍ରମେ ପଞ୍ଚମରୁ ଦଶମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲୁଇସ୍ ହାମିଲଟନ (ମର୍ସିଡିଜ୍), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ପିଏରେ ଗାସ୍‌ଲି (ଅଲ୍‌ପାଇନ୍), ଏଷ୍ଟିବାନ ଓକନ (ଅଲ୍‌ପାଇନ) ଓ କେଭିନ ମାଗ୍ନସେନ୍। ସୂଚନାଯୋଗ୍ୟ, ଏଠାରେ ବିଜୟ ଦ୍ୱାରା ଭର୍ଷ୍ଟାପେନ୍ ଷ୍ଟାଣ୍ଡିଂରେ ପେରେଜଙ୍କ ମଧ୍ୟରେ ବ୍ୟବଧାନ ବର୍ତ୍ତମାନ ୧୪ ପଏଣ୍ଟ ରହିଛି। ପେରେଜ ଏଠାରେ ମାତ୍ର ୫.୩ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।




# କଟକ-କନ୍ଧମାଳ ମ୍ୟାଚ ଅମୀମାଂସିତ


କଟକ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ସାହାଣୀ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)

୬୨ତମ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍-୨୦୨୩ର ୭ମ ଓ ୮ମ କ୍ୱାର୍ଟରଫାଇନାଲ ଲିଗ୍ ମ୍ୟାଚ ସୋମବାର ଖେଳାଯାଇଛି। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ କଟକ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ବିଜୟ ମୁଖୀ ୨୦ତମ ମିନିଟରେ ଏକ ଗୋଲ ସ୍କୋର କରି କନ୍ଧମାଳକୁ ୧-୦ରେ ଅଗ୍ରଣୀ କରିଥିଲେ। କଟକର ପିଣ୍ଟୁ ସାମଲ ୪୨ତମ ମିନିଟ୍‌ରେ ଏକ ଗୋଲ୍ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ପରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ମାଚ ଡ୍ର ଭାବେ ଶେଷ ହୋଇଥିଲା। ଶ୍ରୀକାନ୍ତ ବହିଦାର, ସୁବ୍ରତ ପୁରୋହିତ, ପ୍ରଦୀପ୍ତ ନାୟକ ଓ ପ୍ରଶାନ୍ତ ପାଲ୍ ମ୍ୟାଚ ଅଫସିଆଲ ଏବଂ ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ରାଉରକେଲା ୩-୦ ଗୋଲ୍‌ରେ ଖୋର୍ଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବେତାଳ ଲଖୱା ତିନୋଟି ଯାକ ଗୋଲ୍ ଯଥାକ୍ରମେ ୯ମ, ୮୩ମ ଓ ୮୬ତମ ମିନିଟ୍‌ରେ ସ୍କୋର କରିଥିଲେ। ବିପୁଳ କୁମାର ବିଦ୍ୟାଧର, ଶଶିକାନ୍ତ ଦାସିଆ, ଲିଙ୍ଗରାଜ ପ୍ରଧାନ ଓ ଲକ୍ଷ୍ମଣ ସେଠ୍ ମ୍ୟାଚ ଅଫିସିଆଲ ଏବଂ ଜୁଗଲ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

**Classified Everyday** 0674-2580101, 2549949


REAL ESTATE
SALE

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ତମାଣ୍ଡୋ ମୌଜା ବିଡିଏ ଟାଉନ୍ ପ୍ଲାନିଙ୍ଗ ସ୍କିମ୍-୨ରେ ଏ୦.୬୬୩ ଡିସିମିଲ କ୍ଷେତ୍ରର ଗୋଟିଏ ପ୍ଲଟ୍ ବିକ୍ରିହେବ। କେବଳ ଆଗ୍ରହୀ କ୍ରେତା ଯୋଗାଯୋଗ କରନ୍ତୁ। ନଂ.-୮୦୯୩୩୫୯୧୪୫, (8093359145. D-0303

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ପୁରୀ ବାଟଗାଁ ମଉଜାରେ sqft.-900/- ହିସାବରେ 1000 sqft.ର ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ କରନ୍ତୁ: 8144462229, 9090301002. D-69082

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-0263

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74677

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

**AFFIDAVIT**
I, Tapas Kumar Kunar S/o Shiba Prasad Kunar (31 Years) R/o Village - Mapada, Kanut, Belpada, Balangir, Odisha have changed my surname from "KUNAR" to "KUANR" vide Affidavit before the Executive Magistrate on Dt.03/05/2023. Henceforth, I shall be known as "TAPAS KUMAR KUANR" for all purposes. D-0285

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୋତ୍ସବ

ସ୍ୱର୍ଗତ ସଦାନନ୍ଦ ସାହୁ (ବିଚୁଳି ନନା)
ବିଶାଣିଖରିଦା, ଏରେଇଁ, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୦।୦୬।୧୯୩୮
ତିରୋଧାନ: ୩୦।୦୫।୨୦୨୧
ଆପଣ ଆମମାନଙ୍କୁ ଦୁଇବର୍ଷ ହେଲା ସବୁଦିନ ପାଇଁ ଛାଡ଼ି ଚାଲିଗଲେଣି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ । ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା । ଆପଣଙ୍କର ହତଭାଗ୍ୟ: ସ୍ତ୍ରୀ: ଗଙ୍ଗାରାଣୀ, ଝିଅ: ଚଗଲି, ଟିକନ, ଜ୍ୱାଇଁ: ବିଜୟ, ଦେବ, ନାତି: ତପା, ବାପୁନା, ନାତୁଣୀ: ମାମୁନି, କୁନୁରୁ ଓ ବାବୁଲି, ବୁଲୁ, ସନା ସମସ୍ତ ପରିବାର ଏବଂ ବନ୍ଧୁବାନ୍ଧବଗଣ। ଧ-୦୩୦୨

ଦଶାହ ଉପଲକ୍ଷେ

ସ୍ୱର୍ଗତା କୁନ୍ତଳା ପଟ୍ଟନାୟକ
ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୩୦।୦୪।୨୦୨୩
ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ । ଧ-୭୪୦୬୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰କୈଳାସ ଚନ୍ଦ୍ର ନାୟକ
ଖାଟିକିଆ, ଖଣ୍ଡଗିରିବାରି, ଭୁବନେଶ୍ୱର
ତିରୋଧାନ- ୦୯।୦୫।୨୦୦୯ (ବୁଦ୍ଧ ପୂର୍ଣ୍ଣିମା)
ବାପା, ଆଜି ତୁମର ୧୩ତମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ମୀନା, ବୀଣା, ପୁଅ: ମୋହନ, ନାତୁଣୀ: ଡିଡି ଧ-୦୨୯୭

# ଗ୍ରୀନ୍ ହୋମ୍

ଘରକୁ ସବୁଜ ସୁନ୍ଦର କରିବାକୁ ଅନେକେ ଭଲ ପାଆନ୍ତି। ହେଲେ ପର୍ଯ୍ୟାପ୍ତ ସ୍ଥାନ ଅଭାବରୁ କେହି କେହି ଇଚ୍ଛା ଥିଲେ ବି ଗଛ ଲଗାଇପାରନ୍ତି ନାହିଁ। ହେଲେ ଆପଣ ଚାହିଁଲେ ଅଳ୍ପ ସ୍ଥାନରେ ବି ମନିପ୍ଲାଣ୍ଟ ଏବଂ ଅନ୍ୟ ଇନ୍‌ଡୋର ପ୍ଲାଣ୍ଟ ଲଗାଇ ନିଜ ଗ୍ରୀନ୍ ହୋମ୍ ସ୍ୱପ୍ନ ସାକାର କରିପାରିବେ .....



✶ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର ଅଧିକ ଆକର୍ଷଣୀୟ ହୋଇପାରିବ।

✶ଝାଲେରି, ଚଢ଼େଇ ବସା, ଚା କେଟିଲ୍ ଷ୍ଟାଇଲ୍‌ର ବିଭିନ୍ନ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଭଳିକି ଭଳି ଇନ୍‌ଡୋର ପ୍ଲାଣ୍ଟ ରଖି ଘରକୁ ଆର୍ଟିଷ୍ଟିକ୍ ଟଚ୍ ଦେଇପାରିବେ।

✶ବିଭିନ୍ନ ଶୋ ପ୍ଲାଣ୍ଟକୁ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଲଗାଇ ଛାତ କିମ୍ବା ବାଲ୍‌କୋନିରେ ହୁକ୍ ଲଗାଇ ମଧ୍ୟ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।

✶ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନିପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ ଆଦି ଲଗାଇପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ୍ୟ ଆକର୍ଷଣୀୟ ଡିଜାଇନ୍ କରି ସେଥିରେ ପ୍ଲାଣ୍ଟ ଲଗାଇପାରିବେ। ଆପଣ ଚାହିଁଲେ ଏହାକୁ ହ୍ୟାଙ୍ଗିଙ୍ଗ୍ ପଟ୍ ଭାବେ ବି ବ୍ୟବହାର କରିପାରିବେ।

✶ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ। ତା'ଛଡ଼ା ବିଭିନ୍ନ ସକୁଲାଣ୍ଟ ଭେରାଇଟିର ପ୍ଲାଣ୍ଟ ବି ଘର ସଜାଇବା ଲାଗି ବେଷ୍ଟ ଅପ୍ସନ।

✶ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ପ୍ଲାଣ୍ଟଲଗାଇବାରଆଇଡିଆଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

# ପିଲାଙ୍କୁ ରଖନ୍ତୁ ଫିଟ୍

ବର୍ତ୍ତମାନ ମେଦବହୁଳତା ଅନେକ ପିଲାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ପାଲଟିଛି। ତେଣୁ ପିଲାଙ୍କୁ ସ୍ଲିମ୍ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ....



– ବର୍ତ୍ତମାନ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅନେକ ପିଲାଙ୍କ ଠାରେ ମେଦବହୁଳତା ଦେଖାଦେବାର ସବୁଠାରୁ ବଡ କାରଣ। ସେମାନେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ଏଥିରେ ଥିବା ତେଲ, ମସଲା, ମଇଦା ଇତ୍ୟାଦି ସେମାନଙ୍କ ଶରୀରରେ ଚର୍ବି ଥିବାରୁ ମେଦବହୁଳତା ପାଇଁ କେତେକଙ୍କ ଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ବଦଳରେ ଘରେ ରନ୍ଧା ଖାଦ୍ୟ ଦିଅନ୍ତୁ।

– ପିଲାଙ୍କୁ ଚକ୍‌ଲେଟ୍, ଆଇସ୍‌କ୍ରିମ୍, ବିଭିନ୍ନ ମିଠା ଭଳି ମିଠା ଖାଦ୍ୟ ଅଧିକ ଦିଅନ୍ତୁ ନାହିଁ। ଏହା ମଧ୍ୟ ପିଲାଙ୍କ ଠାରେ ମେଦବହୁଳତାର କାରଣ ସାଜିଥାଏ।

– ପିଲାର ସକାଳେ ଅଧିକ ସମୟ ଶୋଇବା ଏବଂ ଜଳଖିଆ ନ ଖାଇବାର ବଦଭ୍ୟାସ ଥିଲେ ବଦଳାନ୍ତୁ। ନଚେତ୍ ପିଲା ସକାଳର ଜଳଖିଆ ମିସ୍ କଲେ ତା'କୁ ସାରା ଦିନ ଏନର୍ଜେଟିକ୍ ଲାଗି ନ ଥାଏ। କେବଳ ଏତିକି ନୁହେଁ ଏହାଦ୍ୱାରା ଭୋକ ଅଧିକ ହେବା ଦ୍ୱାରା ମଧ୍ୟାହ୍ନ ଭୋଜନରେ ଆବଶ୍ୟକରୁ ଅଧିକ ଖାଇବା ଦ୍ୱାରା ମେଦବହୁଳତା ହୁଏ। ତେଣୁ ଫିଟ୍ ରହିବା ଲାଗି ପିଲାଙ୍କୁ ସକାଳ ଜଳଖିଆ ଖାଇବାକୁ ଦିଅନ୍ତୁ।

– ଖାଇବା ସମୟରେ ଟିଭି, ମୋବାଇଲ୍ ଆଦି ଦେଖିବା ଅନେକ ପିଲାଙ୍କର ଏକ ନିଶା। ହେଲେ ଏହାଦ୍ୱାରା ଅଜାଣତରେ ଆବଶ୍ୟକରୁ ଖାଇହୋଇଯାଏ। କେହି କେହି ଟିଭି ଦେଖିବା ବେଳେ ଚିପ୍ସ, କୁର୍‌କୁରେ ଭଳି ବିଭିନ୍ନ ଚଟ୍‌ପଟା ଖାଦ୍ୟ ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଏସବୁ ଅଭ୍ୟାସ ଯୋଗୁ ଶରୀରକୁ ଅଧିକ ପରିମାଣରେ କ୍ୟାଲୋରୀ ଚାଲିଯାଏ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

– ପିଲାଙ୍କୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ କିଛି ସମୟ ବାହାରେ ଖେଳିବାକୁ କୁହନ୍ତୁ ଏବଂ ଯୋଗ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦିଅନ୍ତୁ।

# ଯାତ୍ରା ବେଳେ...











ମହିଳାମାନେ ସାଧାରଣତଃ ପାରିବାରିକ କର୍ମଜଞ୍ଜାଳ ଭିତରେ ଛନ୍ଦିହୋଇ ରହିଥାନ୍ତି। ଏମିତିରେ ଯଦି କେଉଁଆଡ଼େ ବୁଲିଯିବାର ପ୍ଲାନିଂ ହୁଏ ସେମାନଙ୍କ ମନରେ ଉତ୍କଣ୍ଠା କହିଲେ ନ ସରେ। ହେଲେ କାହା କାହା ଠାରେ ଗାଡ଼ିରେ ବସିବା ମାତ୍ରେ ବାରମ୍ବାର ବାନ୍ତିର କଷ୍ଟ ବୁଲିବାର ମଜାକୁ ଫିକା କରିଦିଏ ତ ଆଉ କେହି ବାନ୍ତି ଡରରେ ମନ ମାରି ଘରେ ରହି ବୁଲିବା ଖୁସି ସାଉଣ୍ଟିବାରୁ ହୁଅନ୍ତି ବଞ୍ଚିତ। ତେବେ ଏହି ସମସ୍ୟାର ବି ରହିଛି ପ୍ରତିକାର...

ପ୍ରତିଦିନର ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବିରତି ନେଇ ନୂଆ ନୂଆ ସ୍ଥାନକୁ ବୁଲିଯିବାର ଆନନ୍ଦ ନେବାକୁ କିଏ ବା ନ ଚାହେଁ। ବିଶେଷକରି ଅଧିକାଂଶ ସମୟ ଘରେ ରହୁଥିବା ମହିଳାମାନେ ପରିବାର ସହ ଏହି ଖୁସିର ମୁହୂର୍ତ୍ତ ବିତେଇବାକୁ ଅପେକ୍ଷାକରି ରହିଥାନ୍ତି। ହେଲେ ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କଠାରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତି ହେବା ଭଳି ସମସ୍ୟା ଅନେକଙ୍କୁ ଏଭଳି ଖୁସିରୁ ବଞ୍ଚିତ କରିଥାଏ। ତେବେ ଏହା ଏକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଯାହାକୁ ମୋସନ ସିକ୍‌ନେସ୍ ବୋଲି କୁହାଯାଏ। ଏହି ସମସ୍ୟା କେତେକଙ୍କ ଠାରେ ବଂଶଗତ ମଧ୍ୟ ହୋଇପାରେ। ହେଲେ ଏହାକୁ ଡରି କେଉଁଆଡ଼େ ନ ଯିବା କିମ୍ବା କଷ୍ଟରେ ଯାତ୍ରାକରି ବୁଲିବାର ମଜାକୁ ଏଞ୍ଜୟ ନ କରିବା ଏହାର ସମାଧାନ ନୁହେଁ। କେତେକ ଦିଗ ପ୍ରତି ଦୃଷ୍ଟିଦେଲେ ଏହି ସମସ୍ୟା ଦୂର କରାଯାଇପାରିବ...

**ପେଟ ଖାଲି ଠିକ୍ ନୁହେଁ:** ଖାଇବା ପରେ ଗାଡ଼ିରେ ବସିଲେ ବାନ୍ତି ହୁଏ, ଏଭଳି ଧାରଣା ଅନେକଙ୍କ ମନରେ ରହିଛି। ତେଣୁ କେଉଁ ଆଡ଼େ ଯିବା ପୂର୍ବରୁ ସେମାନେ ଖାଲିପେଟରେ ରହିଥାନ୍ତି। ହେଲେ ଆପଣ ଜାଣନ୍ତିକି ଖାଲି ପେଟରେ ରହିବା ଦ୍ୱାରା ଗ୍ୟାସ୍, ଏସିଡିଟି ହୋଇ ମୁଣ୍ଡ ବୁଲେଇବା ସହ ଅଧିକ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ କିଛି ଖାଇବା ଭଲ। ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ଏ ସମୟରେ ନ ଖାଇ କିଛି ହାଲୁକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

**ନିଅନ୍ତୁ ଡାକ୍ତରଙ୍କ ପରାମର୍ଶ:** ଅନେକ ମହିଳା ଗାଡ଼ିରେ ବାନ୍ତିହେବା ଭୟରେ ବାନ୍ତି ମେଡିସିନ୍ ଖାଇଦିଅନ୍ତି। ହେଲେ ଏହା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ କେବେ କେବେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିପାରେ। ତେଣୁ ଯଦି ମୋସନ ସିକ୍‌ନେସ୍ ସମସ୍ୟା ବେଶି ଥାଏ ତେବେ ଯାତ୍ରା ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇନେବା ଭଲ।

**ଆପଣାନ୍ତୁ ଘରୋଇ ଉପଚାର:** ଗାଡ଼ିରେ ଯିବା ବେଳେ ପାଖରେ ଅଦା ଖଣ୍ଡ ଏବଂ ଲେମ୍ବୁ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋସନ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ। ଅନେକଙ୍କ ଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ, ଡିଜେଲ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।

**ସିଧା ବସନ୍ତୁ:** ଯାତ୍ରା ବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ। କାରଣ ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁକରି କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସିଲେ ମୋସନ ସିକ୍‌ନେସ୍ ହୋଇ ବାନ୍ତି ହେବାର ଆଶଙ୍କା ବେଶି।

**ଖୋଲା ପବନ ଭଲ:** ଅନେକଙ୍କୁ ଗାଡ଼ି ଭିତରେ ଏସି ଲଗାଇ ବସିବା ଦ୍ୱାରା ବି ବାନ୍ତି ହୋଇଥାଏ, ଏମିତିରେ ଆପଣ କିଛି ସମୟ ଗ୍ଲାସ୍ ଖୋଲା ରଖିପାରିବେ। ବାହାର ଖୋଲା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ମଧ୍ୟ ବାନ୍ତିହୋଇ ନ ଥାଏ।

**ଆପଣାନ୍ତୁ ମ୍ୟୁଜିକ୍ ଥେରାପି:** ଗୀତରେ ଯାଦୁକରୀ ଶକ୍ତି ରହିଛି। ତେଣୁ ଏହାକୁ ମ୍ୟୁଜିକ୍ ଥେରାପି ଭଳି ବ୍ୟବହାର କରାଯାଏ। ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ ତେବେ ଏହି ସମସ୍ୟା ଦୂରକରିବା ଲାଗି ଭଲ ଗୀତ ଶୁଣନ୍ତୁ। ନିଜ ମନକୁ ଭୁଲାଇବା ଲାଗି ଏହା ସବୁଠୁ ଭଲ ମାଧ୍ୟମ। ଦେଖିବେ ଏହାଦ୍ୱାରା ଆପଣଙ୍କ ଧ୍ୟାନ ଗୀତ ଆଡକୁ ଯିବ ଏବଂ ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟା ଦୂର ହୋଇଯିବ।

**ପକାନ୍ତୁନି ପର୍‌ଫ୍ୟୁମ୍ :** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ ତେବେ ଯାତ୍ରା ସମୟରେ ଟାଇଟ୍ ବଦଳରେ ହାଲୁକା ଏବଂ ଢିଲା କଟନ ପୋଷାକ ପିନ୍ଧିବା ସବୁଠୁ ଭଲ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ କିମ୍ବା ଗାଡ଼ି ଭିତରେ କଡ଼ା ସୁଗନ୍ଧଯୁକ୍ତ ଏୟାର ଫ୍ରେସ୍‌ନର ପକାନ୍ତୁ ନାହିଁ।

## ଏମାନେ କ'ଣ କରନ୍ତି



**ପିଙ୍କି ମହାପାତ୍ର**(ଗୃହିଣୀ, ଖୋର୍ଦ୍ଧା)– ଗାଡିରେ ବସିଲେ ଦେହ ଥରିବା ଆରମ୍ଭ ହୁଏ, ମୁଣ୍ଡ ବୁଲାଏ ଏବଂ ବାନ୍ତି ଲାଗେ। ଆଉ ଏହି ମୋଶନ ସିକ୍‌ନେସ୍ ମୋର ପିଲାବେଳୁ ରହିଛି। ବିଶେଷ କରି ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମୋତେ ବେଶି କଷ୍ଟ ଦିଏ। ଯାହାକୁ ଦୂର କରିବା ଲାଗି ଲେମ୍ବୁ ଶୁଙ୍ଘେ। ସେହିପରି ଗାଡିରେ ଯିବା ବେଳେ ପର୍‌ଫ୍ୟୁମ୍ ଆଦୌ ବ୍ୟବହାର କରେ ନାହିଁ। ଦୂରବାଟ ଯିବାର ଥିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଏ। ତେବେ ଯାତ୍ରା ସମୟରେ ଏସି ଗାଡି ବଦଳରେ ଗ୍ଲାସ୍ ଖୋଲା ରଖି କଡ ସିଟ୍‌ରେ ବସିଲେ ଏବଂ ଇୟରଫୋନ୍ ଲଗାଇ ଗୀତ ଶୁଣିଲେ ବାନ୍ତିରୁ ଧ୍ୟାନ ହଟିବା ସହ ସାମାନ୍ୟ ଆରାମ ଲାଗେ।



**ବାସନ୍ତିଲତା ନାୟକ**(ଗୃହିଣୀ, ଯାଜପୁର)– ଗାଡ଼ିରେ ବସିଲେ ବାନ୍ତି ହେବା ଭୟରେ ଇଚ୍ଛା ଥାଇ ମଧ୍ୟ ଅନେକ ସ୍ଥାନକୁ ଯାଇ ପାରେନି। ଦୁଇ ଚକିଆ ଗାଡ଼ି ବ୍ୟତୀତ କାର୍, ବସ୍ କିମ୍ବା ଅନ୍ୟ ଗାଡ଼ିରେ ଗଲେ ଏହିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ତେଣୁ ନିହାତି ଆବଶ୍ୟକ ଥିଲେ ଯିବା ପୂର୍ବରୁ ବାନ୍ତି ନ ହେବା ପାଇଁ ଔଷଧ ଖାଏ। ଗାଡିରେ ଡୋର୍ ଗ୍ଲାସ୍ ଖୋଲା ରଖେ, ଯାହାଦ୍ୱାରା ମୁହଁରେ ଖୋଲାପବନ ବାଜିଲେ ମୁଣ୍ଡ ବୁଲେଇବା ଏବଂ ବାନ୍ତି ହେବା ଅପେକ୍ଷାକୃତ କମ୍ ହୋଇଥାଏ। ତା'ଛଡା ହାଲୁକା ଖାଦ୍ୟ ଖାଏ ଏବଂ ଥଣ୍ଡା ପାଣି ପିଏ।

ସୌନ୍ଦର୍ଯ୍ୟ

# ରହିବନି ଆଖି ତଳ କଳାଦାଗ





ଆଖି ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ହେଲେ କେବେ କେବେ ବିଭିନ୍ନ କାରଣରୁ ଆଖିତଳେ କଳାଦାଗ ପଡ଼ିଯିବାରୁ ମୁହଁର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ତେଣୁ ଏହାକୁ ପ୍ରାକୃତିକ ଉପାୟରେ ବ୍ୟବହାରକରି କିପରି ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ଜାଣିରଖନ୍ତୁ ଟିପ୍ସ...

**ଟି ବ୍ୟାଗ୍:** ଟି ବ୍ୟାଗ୍‌କୁ ପାଣିରେ ବୁଡ଼ାଇ କିଛି ସମୟ ଫ୍ରିଜ୍‌ରେ ରଖିଦିଅନ୍ତୁ। ଏହାକୁ ବାହାରକରି ଆଖିତଳେ ଲଗାଇ ୧୦–୧୫ ମିନିଟ୍ ରଖନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବ।

**ଆଳୁ ଏବଂ କାକୁଡ଼ି:** କଞ୍ଚା ଆଳୁ କିମ୍ବା କାକୁଡ଼ିକୁ ପତଳା ପତଳା କରି କାଟି ଆଖି ଉପରେ ଲଗାନ୍ତୁ ଯେପରି କଳାଦାଗ ଉପରେ ଏହା ରହୁଥିବ। ନଚେତ୍ ଆପଣ ଚାହିଁଲେ ଏହାକୁ ଭଲଭାବେ କୋରି ରସ ବାହାର କରିପାରିବେ। ଏକ ତୁଳା ସାହାଯ୍ୟରେ ଏହି ରସକୁ ଆଖି ତଳେ ଭଲ ଭାବେ ଲଗାଇ ଦିଅନ୍ତୁ। ୫–୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବା ସହ ଖରାଦିନେ ହେଉଥିବା ଟ୍ୟାନିଂ ସମସ୍ୟା ମଧ୍ୟ ଦୂର ହୋଇଥାଏ।

**ଆଲୋଭେରା:** ଏହା ଏକ ପ୍ରାକୃତିକ ମଶ୍ଚରାଇଜର ଭଳି କାମ କରିଥାଏ। ଏହାର ଜେଲ୍ ବାହାରକରି ଆଖି ତଳେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୫–୭ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଡାର୍କ ସର୍କଲ, ରିଙ୍କଲ୍ ମାର୍କ, ଏଜ୍‌ଲାଇନ୍ ଆଦି ଦୂରକରିବାରେ ସାହାଯ୍ୟ କରିଥାଏ।

**ଆଲମଣ୍ଡ ତେଲ, ଲେମ୍ବୁରସ:** ଏହି ପାତ୍ରରେ ଅଳ୍ପ ଆଲମଣ୍ଡ ତେଲ ନେଇ ସେଥିରେ ୪–୫ ବୁନ୍ଦା ଲେମ୍ବୁରସ ମିଶାଇ ଧୀରେ ଧୀରେ ଆଖି ତଳେ ମସାଜ କରନ୍ତୁ। ଆଖିତଳ ଫୁଲା, କଳାଦାଗ ଆଦି ଦୂର କରିବାରେ ସାହାଯ୍ୟ କରେ।

**ଜୀବନଶୈଳୀ:** ସୁଷମ ଖାଦ୍ୟ ଖାଆନ୍ତୁ, ଦିନକୁ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ। ଅତି କମ୍‌ରେ ଅଧଘଣ୍ଟା ଯୋଗ, ପ୍ରାଣାୟମ କଲେ ଅଧିକ ଉପକୃତ ହେବେ।

ଖାଦ୍ୟରୁଚି

# ଜେଲି କୁକିଜ୍

**ଆବଶ୍ୟକ ସାମଗ୍ରୀ:** ୨.୫ କପ୍ ମଇଦା, ୨୫୦ ଗ୍ରାମ୍ ବଟର, ୧/୪କପ୍ ଚିନି, ଗୋଟିଏ ଅଣ୍ଡା, ୮୫ ଗ୍ରାମ୍‌ର ଗୋଟିଏ ଲେଖାଏଁ ଲାଇମ୍, ରାସ୍ପବେରି, ଅରେଞ୍ଜ ଫ୍ଲେଭରଯୁକ୍ତ ଜେଲି କ୍ରିଷ୍ଟାଲ ପ୍ୟାକେଟ୍, ୧/୪ ଲିଟର ଗରମ ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଟର ଏବଂ ଚିନିକୁ ଭଲଭାବେ ଗ୍ରାଇଣ୍ଡକରି କ୍ରିମ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଣ୍ଡା ମିଶାଇ ପୁନର୍ବାର ଗୋଳାନ୍ତୁ। ଭଲ ଭାବେ ମିଶିଯିବା ପରେ ମଇଦା ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ଧ୍ୟାନଦିଅନ୍ତୁ ଯେପରି ମଇଦା ଗୁଳା ରହି ନ ଯାଏ। ଏହାକୁ ୩ ଭାଗ କରିଦିଅନ୍ତୁ। ବର୍ତ୍ତମାନ ତିନୋଟି ପାତ୍ରରେ ଅଲଗା ଅଲଗା କରି ଜେଲି କ୍ରିଷ୍ଟାଲ୍ ରଖନ୍ତୁ ଏବଂ ପ୍ରତିଟି ପାତ୍ରରେ ଏକ ଚାମଚ ଗରମପାଣି ପକାଇ ଚାମଚ ସାହାଯ୍ୟରେ ଗୋଳାଇ ଦିଅନ୍ତୁ। ଏଥିରେ ପୂର୍ବରୁ ଭାଗକରି ରଖିଥିବା କୁକିଜ୍ ମିକ୍ସ ପେଷ୍ଟ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ତିନୋଟି ଅଲଗା ଫ୍ଲେବରର କୁକିଜ୍ ମିକ୍ସକୁ ଏହାକୁ ଅଲଗା ଅଲଗା ପ୍ଲାଷ୍ଟିକ୍ ର୍‌ୟାପ୍ ସିଟ୍‌ରେ ରଖି ୩୦ ମିନିଟ୍ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖିଦିଅନ୍ତୁ। ବର୍ତ୍ତମାନ ଓଭନ୍‌କୁ ୧୮୦° ସେଲ୍‌ସିଅସ୍‌ରେ ହିଟ୍ କରନ୍ତୁ। ତିନୋଟି ବଡ଼ ବେକିଂ ଟ୍ରେ ଉପରେ ବେକିଂ ପେପର ପକାନ୍ତୁ। ଫ୍ରିଜ୍‌ରୁ ପ୍ୟାକେଟ୍‌ଗୁଡ଼ିକୁ କାଢ଼ନ୍ତୁ। ଏହାକୁ ଛୋଟ ଛୋଟ ଗୁଳାକରି ହାତରେ ଚାପି ବରା ଆକୃତିର କରନ୍ତୁ ଏବଂ ଟ୍ରେରେ ରଖନ୍ତୁ। ସମସ୍ତ ଗୁଳା ଏଭଳି ରଖି ଦେବା ପରେ ୧୨ ମିନିଟ୍ ପର୍ଯ୍ୟନ୍ତ ମାଇକ୍ରୋୱେଭ୍‌ରେ ରଖନ୍ତୁ। ଏହାର ରଙ୍ଗ ସମାନ୍ୟ ବ୍ରାଉନ୍ ହୋଇଗଲେ ୫ ମିନିଟ୍ କୁଲ୍ କରନ୍ତୁ। ଟ୍ରେଗୁଡିକୁ ବାହାରକୁ ଆଣି କେକ୍‌କୁ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି ଜେଲି କୁକିଜ୍। ଏହାକୁ ସଭିଙ୍କୁ ଖୁଆଇବାର ମଜା ନିଅନ୍ତୁ।





# କୋଲକାତାର ପଞ୍ଚମ ବିଜୟ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆନ୍ଦ୍ରେ ରସେଲ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ମୁମ୍ବାଇ ବନାମ ବାଙ୍ଗାଲୋର
ସ୍ଥାନ:ମୁମ୍ବାଇ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**କୋଲକାତା,୮।୫**
ମ୍ୟାଚ୍‌ର ଶେଷ ବଲରେ ଚୌକା ମାରି ରିଙ୍କୁ ସିଂ କୋଲକାତାକୁ ବିଜୟୀ କରଛନ୍ତି। ସୋମବାର ଆଇପିଏଲ୍‌ର ୫୩ ତମ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ୫ ଉଇକେଟରେ ହରାଇ ଏହାର ୫ମ ବିଜୟ ହାସଲ କରିଛି କୋଲାକାତା ନାଇଟ ରାଇଡର୍ସ (କେକେଆର୍)। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଶିଖର ଧାୱନଙ୍କ ୫୭ ରନ୍ ବଳରେ ୨୦ ଓଭରରେ ୭ ଉଇକେଟ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ କେକେଆର୍ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ରନ୍ କରିଥିଲା। ପଞ୍ଜାବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୯ ରନ୍‌ରେ ୨ ଉଇକେଟ ହରାଇଥିଲା। ଗୋଟିଏ ପାର୍ଶ୍ୱରୁ ଶିଖର ଧାୱନ୍ ୫୭ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଶେଷ ଆଡକୁ ରିଷି ଧାୱନ ୧୯, ଶାହରୁଖ୍ ଖାନ୍ ୨୧* ଓ ହରପ୍ରୀତ ବ୍ରାର ୧୭* ରନ୍ କରିବାରୁ ପଞ୍ଜାବ ୧୭୯ ରନ୍‌ରେ ପହଞ୍ଚିଥିଲା। ବରୁନ ଚକ୍ରବର୍ତ୍ତୀ ୩, ହର୍ଷିତ ରାଣା ୨ ଓ ନୀତୀଶ ରାଣା ଓ ସୁୟାଶ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ୧୮୦ ରନ୍ ପିଛା କରୁଥିବା କେକେଆର୍ ପକ୍ଷରୁ ନୀତୀଶ ରାଣା ୫୧, ଜାସନ୍ ରୟ ୩୮ ଓ ଆନ୍ଦ୍ରେ ରସେଲ ୪୨ ରନ୍ କରିଥିଲେ। ୧୦ ବଲ୍‌ରୁ ୨୧ ରନ୍ କରିଥିବା ରିଙ୍କୁ ସିଂ ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ। ପଞ୍ଜାବ ପକ୍ଷରୁ ରାହୁଲ ଚହର ୨, ହରପ୍ରୀତ ବ୍ରାର ଓ ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**
ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୭୯/୭ (ଶିଖର ଧାୱନ-୫୭, ଜିତେଶ ଶର୍ମା-୨୧, ଶାହରୁଖ୍ ଖାନ୍-୨୧*, ବରୁନ୍ ଚକ୍ରବର୍ତ୍ତୀ-୩/୨୬, ହର୍ଷିତ ରାଣା-୨/୩୩, ନୀତୀଶ ରାଣା-୧/୭)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୨/୫ (ନୀତୀଶ ରାଣା-୫୧, ଆନ୍ଦ୍ରେ ରସେଲ-୪୨, ଜାସନ୍ ରୟ-୩୮, ରାହୁଲ ଚହର-୨/୨୩, ହରପ୍ରୀତ୍ ବ୍ରାର-୧/୪, ନାଥାନ ଏଲିସ୍-୧/୨୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | -୦.୦୭୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୨୦୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୫ | ୫ | ୧୦ | -୦.୪୫୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ’ ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ରାହୁଲଙ୍କ ସ୍ଥାନରେ ଇଶାନ

**ନୂଆଦିଲ୍ଲୀ,୮।୫**
ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି ଇଶାନ୍ କିଶନ୍। ଆହତ ହୋଇ ବାଦ ପଡିଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ଇଶାନଙ୍କୁ ସାମିଲ କରାଯାଇଛି। ଆଇପିଏଲ୍ ମ୍ୟାଚ୍ ଖେଳୁଥିବା ସମୟରେ ଲୋକେଶ ରାହୁଲ ଆହତ ହୋଇଥିବା ବେଳେ ତାଙ୍କର ସର୍ଜରୀ କରାଯିବ। ସେ ଅବଶିଷ୍ଟ ଆଇପିଏଲ୍ ସମେତ ଡବ୍ଲ୍ୟୁଟିସି ଫାଇନାଲରୁ ମଧ୍ୟ ବାଦ ପଡିଥିଲେ। ତାଙ୍କ ସ୍ଥାନରେ କାହାକୁ ଦଳରେ ସାମିଲ କରାଯିବ ସେ ନେଇ ଆଲୋଚନା ଲାଗି ରହିଥିଲା। ଇଶାନ୍ କିଶନ୍, ସଞ୍ଜୁ ସାମସନ୍, ଜୀତେଶ ଶର୍ମାଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଯିବା ନେଇ ଆଶା କରାଯାଉଥିଲା। ସୋମବାର ବିସିସିଆଇ ପକ୍ଷରୁ ସଂଶୋଧିତ ଦଳ ତାଲିକାରେ ଇଶାନଙ୍କ ନାମ ସାମିଲ କରାଯାଇଛି। ଏହା ବ୍ୟାତିତ ଦଳର ଅନ୍ୟ ସମସ୍ତ ଖେଳାଳି ସମାନ ରହିଛନ୍ତି। ରାହୁଲଙ୍କୁ ମିଶାଇ ଭାରତର ପ୍ରମୁଖ ଖେଳାଳିଙ୍କ ମଧ୍ୟ ୪ ଜଣ ଆହତ ହୋଇ ଡବ୍ଲ୍ୟୁଟିସିରୁ ବାଦ ପଡିଛନ୍ତି। ପୂର୍ବରୁ ରିଷଭ ପନ୍ତ, ଯଶପ୍ରୀତ୍ ବୁମରା ଓ ଶ୍ରେୟସ୍ ଆୟାର ଆହତ ହୋଇ ଭାରତୀୟ ଦଳରୁ ବାଦ ପଡିଥିଲେ। ବାମହାତୀ ପେସ୍ ବୋଲର ଜୟଦେବ ଉନାଡକଟ ମଧ୍ୟ ଆହତ ଅଛନ୍ତି। ତେବେ ଉନାଡକଟଙ୍କ ରିହାବ୍ ଆରମ୍ଭ ହୋଇଥିବା ବେଳେ ସେ ଫାଇନାଲ ପୂର୍ବରୁ ସୁସ୍ଥ ହେବା ନେଇ ଆଶା କରାଯାଉଛି। ଅନ୍ୟତମ ପେସ୍ ବୋଲର ଉମେଶ ଯାଦବଙ୍କ ବାମ ହାର୍ମଷ୍ଟ୍ରିଙ୍ଗରେ ସାମାନ୍ୟ ଲାଗିଥିବା ବେଳେ ସେ କୋଲକାତା ନାଇଟ୍ ରାଇଡର୍ସ ଦଳର ମେଡିକାଲ ଟିମ୍ ସହିତ ଚିକିତ୍ସିତ ହେଉଛନ୍ତି। ଋତୁରାଜ ଗାଏକ୍ୱାଡ, ମୁକେଶ କୁମାର ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବରେ ସାମିଲ କରାଯାଇଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ଇଶାନ କିଶନ୍, ଶ୍ରୀକର ଭରତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଡ୍‌କଟ।


ଇଶାନ କିଶନ

# ମେସିଙ୍କୁ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ


ଟ୍ରଫି ସହ ଲିଓନେଲ ମେସି।

**ପ୍ୟାରିସ ୮।୫:** ଲିଓନେଲ ମେସି ଏବଂ ତାଙ୍କ ବିଶ୍ୱକପ୍ ବିଜୟୀ ଆର୍ଜେଣ୍ଟିନା ଫୁଟବଲ ଦଳ ଯଥାକ୍ରମେ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ ଶ୍ରେଷ୍ଠ ଦଳ ଭାବେ ଏଥର ସମ୍ମାନଜନକ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଜିତିଛନ୍ତି। ଗତ ଡିସେମ୍ବରରେ କାତାରରେ ମେସିଙ୍କ ଅଧିନାୟକତ୍ୱରେ ଆର୍ଜେଣ୍ଟିନା ୨୦୨୨ ବିଶ୍ୱକପ ଜିତିଥିଲା। ଏଥିରେ ସେ ୭ ଗୋଲ୍ ସ୍କୋର କରିଥିଲେ। ଗୋଟିଏ ବର୍ଷ ଉଭୟ ବ୍ୟକ୍ତିଗତ ଓ ଟିମ୍ ଆୱାର୍ଡ ପାଇବାରେ ମେସି ପ୍ରଥମ ଆଥଲେଟ। ସ୍ପୋର୍ଟ୍ସ ଓମେନ ଅଫ୍ ଦି ଇୟର ପୁରସ୍କାର ଜାମାଇକା ସ୍ପ୍ରିଣ୍ଟର ଶେଲି-ଆନ୍ ଫ୍ରେଜର ପ୍ରାଇସ୍‌ଙ୍କୁ ମିଳିଛି। ସେ ଗତବର୍ଷ ଜୁଲାଇରେ ଓରେଗନଠାରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମହିଳା ୧୦୦ ମିଟର ବିଶ୍ୱ ଟାଇଟଲ ଜିତିଥିଲେ। ଚାମ୍ପିୟନଶିପ୍‌ରେ ଏକ ବ୍ୟକ୍ତିଗତ ଟ୍ରାକ୍ ଇଭେଣ୍ଟରେ ୫ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ବ୍ୟକ୍ତି। ଅନ୍ୟପକ୍ଷରେ ଲୌରିଅସ୍ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର ଆୱାର୍ଡ ୨୦ ବର୍ଷୀୟ ଟେନିସ ଖେଳାଳି କାର୍ଲୋସ ଅଲ୍‌କାରାଜଙ୍କୁ ମିଳିଛି।

# ମ୍ୟାଟ୍‌କୁ ଓହ୍ଲାଇଲେ ବଜରଙ୍ଗ, ଭିନେଶ

**ନୂଆଦିଲ୍ଲୀ, ୮।୫ (ପି.ଟି.):** ଏସିଆନ ଗେମ୍ସ ଟ୍ରାଏଲ୍ସ ପାଇଁ ପ୍ରସ୍ତୁତି ସକାଶେ ଷ୍ଟାର ରେସ୍‌ଲର ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ ୧୫ ଦିନରେ ପ୍ରଥମ ଥର ମ୍ୟାଟ୍‌କୁ ଓହ୍ଲାଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଆଡହକ୍ ପ୍ୟାନେଲ ଇତିମଧ୍ୟରେ ସାମୟିକ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଦାୟିତ୍ୱ ଗ୍ରହଣ କରିଛି। ଏସିଆନ ଚାମ୍ପିୟନଶିପ୍ (୧୭ ବର୍ଷ ଓ ୨୩ ବର୍ଷରୁ କମ୍) ପାଇଁ ଟ୍ରାଏଲ୍ସ ଆସନ୍ତା ୧୭ରୁ ୧୯ତାରିଖରୁ କରିବା ସ୍ଥିର କରିଛି। ସୂଚନାଯୋଗ୍ୟ, ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କୁ ଗିରଫ ଦାବିରେ ଏହି ଅଗ୍ରଣୀ କୁସ୍ତିଯୋଦ୍ଧାମାନେ ଯନ୍ତର ମନ୍ତରଠାରେ ଧାରଣାରେ ବସିଥିଲେ। ସେମାନେ ଅଭ୍ୟାସ ଆରମ୍ଭ କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଜରଙ୍ଗ ଓ ଭିନେଶ ଗତ ଜାନୁୟାରୀଠାରୁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାଗ ନେଇ ନାହାନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବଜରଙ୍ଗ ଓ ଭିନେଶଙ୍କ ଅନୁରୋଧ କ୍ରମେ ବିଦେଶରେ ଟ୍ରେନିଂ ଓ ପ୍ରତିଯୋଗିତାରେ ଭାଗ ନେବା ଲାଗି ପାଇଁ ଆର୍ଥିକ ସହାୟତା ମଞ୍ଜୁର କରିଥିଲେ ମଧ୍ୟ ସେମାନେ ଏଥରୁ ଓହରିଯାଇଥିଲେ। ଦାବି ପୂରଣ ନ ହେଲେ ସେମାନେ ଟ୍ରେନିଂ ନେବେ ନାହିଁ କିମ୍ବା କୌଣସି ଟୁର୍ନାମେଣ୍ଟରେ ଭାଗ ନେବେ ନାହିଁ ବୋଲି ଜିଦ୍ ଧରିଥିଲେ। ଆଗକୁ ଏସିଅନ ଗେମ୍ସ ଏବଂ ର୍‍ୟାଙ୍କିଙ୍ଗ ସିରିଜ ଟୁର୍ନାମେଣ୍ଟ ମଧ୍ୟ ରହିଛି।

# ରଜ କପ୍‌ରେ ଭାଗନେବେ ଓଡ଼ିଶାର ଶ୍ରେଷ୍ଠ ୨୪ ଦଳ

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଟେନିସ ବଲ କ୍ରିକେଟ ଖେଳାଳିଙ୍କ ପାଇଁ ଆଗାମୀ ରଜ ପର୍ବ ଉପଲକ୍ଷେ ଗୋପବନ୍ଧୁ କ୍ରିକେଟ କ୍ଲବ ପକ୍ଷରୁ ଜୁନ ୧୦ରୁ ଆରମ୍ଭ ହେବାକୁ ଯାଉଛି ନକ ଆଉଟ ଟି-୧୦ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା। ୧୦ ଓଭର୍ ବିଶିଷ୍ଟ ଏହି ଦିବାରାତ୍ର ମ୍ୟାଚରେ ଭୁବନେଶ୍ୱର ବ୍ୟତିତ ବିଭିନ୍ନ ଜିଲାର ୨୪ ଦଳ ଅଂଶଗ୍ରହଣ କରିବେ। ଏଣ୍ଟ୍ରି ଫି ମାଗଣା ରହିଥିବା ବେଳେ ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୬୦ ହଜାର୍ ଟଙ୍କା ପ୍ରଦାନ କରାଯିବ। ସୋମବାର ଖବରଦାତା ସମ୍ମିଳନୀରେ ଗୋପବନ୍ଧୁ କ୍ଲବ ପକ୍ଷରୁ ସମସ୍ତ ସୂଚନା ଦିଆଯାଇଥିଲା। ଟୁର୍ନାମେଣ୍ଟ ଜୁନ ୧୦ରୁ ଆରମ୍ଭ ହୋଇ ଜୁନ ୧୪ରେ ସମାପ୍ତ ହେବ।

# ତାମିଲନାଡୁ, ଉତ୍ତରାଖଣ୍ଡ, ଛତିଶଗଡ଼ ବିଜୟୀ

**ଜାତୀୟ ସବ୍‌ଜୁନିୟର ମହିଳା ହକି**

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**
ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ହକି ଇଣ୍ଡିଆ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍‌ରେ ତାମିଲନାଡୁ, ହକି ଉତ୍ତରାଖଣ୍ଡ ଓ ଛତିଶଗଡ଼ ଦଳ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ତ୍ରିପୁରା ହକି ବିପକ୍ଷ ମ୍ୟାଚରେ ହକି ୟୁନିଟ୍ ତାମିଲନାଡୁ ୨୦-୧ ଗୋଲ୍‌ରେ ବୃହତ୍ ବିଜୟ ହାସଲ କରିଛି। ହକି ୟୁନିଟ୍ ତାମିଲନାଡୁ ପକ୍ଷରୁ ଅଧିନାୟିକା ଅନୁସୂୟା (୨ୟ, ୧୩ମ, ୩୫ତମ ମିନିଟ), ଜୟଶ୍ରୀ ଏମ୍ (୯ମ, ୨୦ତମ ଓ ୩୮ତମ), ନାଭ୍ୟା ଆର୍ (୧୬ତମ, ୩୯ତମ ଓ ୫୪ତମ) ତିନୋଟି ଲେଖାଏଁ ଗୋଲ୍ ଦେଇଥିବା ବେଳେ, ପ୍ରିୟଦର୍ଶିନୀ କେ ୬, ମୁଥୁ ଲକ୍ଷ୍ମୀ ୪ ଏବଂ ଦୀପିକା ଡି (୫୦ତମ) ଗୋଟିଏ ଗୋଲ୍ ସ୍କୋର କରିଥିଲେ। ତ୍ରିପୁରା ହକି ପକ୍ଷରୁ ସୁପ୍ରିୟା ଚୌହାନ ମାତ୍ର ଗୋଟିଏ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଉତ୍ତରାଖଣ୍ଡ ମଧ୍ୟ ଏକତରଫା ୧୪-୦ ଗୋଲ୍‌ରେ ହକି ବେଙ୍ଗଲକୁ ପରାସ୍ତ କରିଛି। ଦଳପକ୍ଷରୁ ଅଧିନାୟିକା ଆରତୀ ୫ଟି ଗୋଲ୍ ଦେଇଥିବା ବେଳେ ପୂଜା କାଲୁରା ୩, ମିନାକ୍ଷୀ ଓ ମୁକ୍ତା ଦୁଇଟି ଲେଖାଏଁ ଏବଂ ଭାନ୍‌ସୀ ଓ କବିତା ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ତୃତୀୟ ମ୍ୟାଚରେ ଛତିଶଗଡ଼ ହକି ଦୃଢ ପ୍ରତ୍ୟାବର୍ତ୍ତନ ସହ ୩-୧ ଗୋଲ୍‌ରେ ଦିଲ୍ଲୀ ହକିକୁ ହରାଇ ଦେଇଛି। ଦ୍ୱାଦଶ ମିନିଟ୍‌ରେ ଦୀପିକା ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରିବା ଦ୍ୱାରା ଦିଲ୍ଲୀ ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ପରେ ଛତିଶଗଡ଼ ହକି ଦଳ ଯଶୋଦା (୨୫ତମ ଓ ୪୩ ତମ ମିନିଟ)ଙ୍କ ଡବଲ ଗୋଲ୍ ଏବଂ ନନ୍ଦିନୀ ଯାଦବ (୨୯ତମ)ଙ୍କ ଗୋଟିଏ ଗୋଲ ସହାୟତାରେ ୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା।


ତାମିଲନାଡୁ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ